# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜୁଲାଇ ୧୯/୨୦୨୩ (୧୬ ପୃଷ୍ଠା) | Bhubaneswar, Wednesday, July 19/2023 | Page 16 | ₹ 7.00 | SAMBALPUR

୪୯ଶ ଭାଗ ୨୩୪ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 234 | ମୂଲ୍ୟ ₹୭/-




**ସାତ୍ତ୍ୱିକଙ୍କ ଗିନିଜ ରେକର୍ଡ**

ଭାରତର ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଦ୍ରୁତତମ ସ୍ମାଶ୍ ପାଇଁ ଗିନିଜ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଛନ୍ତି।

୧୬

୧୨

**ୱାର୍-୨ରେ କିଆରାଙ୍କ ଏଣ୍ଟ୍ରି ନେଇ ଆଲୋଚନା**

ଆର୍ଯ୍ୟନ୍ ମୁଖାର୍ଜୀଙ୍କ ନିର୍ଦ୍ଦେଶିତ ଫିଲ୍ମ 'ୱାର୍-୨'ରେ ଅଭିନେତ୍ରୀ କିଆରା ଆଡଭାନୀଙ୍କ ଏଣ୍ଟ୍ରି ନେଇ ଅନେକ ଆଲୋଚନା ହେଉଛି।



# ଏନ୍‌ଡିଏ ବନାମ ଇଣ୍ଡିଆ

## ନୂଆ ମେଣ୍ଟର ନାମ ଘୋଷଣା କଲେ ୨୬ ବିରୋଧୀ ଦଳ

**ବେଙ୍ଗାଲୁରୁ,୧୮।୭**

୨୦୨୪ ଲୋକ ସଭା ନିର୍ବାଚନରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)କୁ ଟକ୍କର ଦେବ ବିରୋଧୀ ମେଣ୍ଟ 'ଇଣ୍ଡିଆନ୍ ନ୍ୟାଶନାଲ ଡେଭେଲପ୍‌ମେଣ୍ଟାଲ୍ ଇନ୍‌କ୍ଲୁସିଭ୍ ଆଲାଏନ୍ସ' (ଇଣ୍ଡିଆ)। ଏଥିସକାଶେ ମୁମ୍ବାଇରେ ହେବାକୁ ଥିବା ବିରୋଧୀଙ୍କ ପରବର୍ତ୍ତୀ ବୈଠକରେ ଏକ ୧୧ ସଦସ୍ୟ ବିଶିଷ୍ଟ ସମନ୍ୱୟ ସମିତି ଗଠନ କରାଯିବ। ମୁମ୍ବାଇ ବୈଠକ ତାରିଖ ଶୀଘ୍ର ଘୋଷଣା କରାଯିବ। ନିର୍ବାଚନୀ ରଣନୀତି ପରିଚାଳନା ଲାଗି ନୂଆଦିଲ୍ଲୀରେ ଏକ କମନ୍ ସେକ୍ରେଟାରିଏଟ୍ ମଧ୍ୟ ପ୍ରତିଷ୍ଠା ସହ ପୃଥକ୍ ପ୍ରସଙ୍ଗଗୁଡ଼ିକ ପାଇଁ ସ୍ୱତନ୍ତ୍ର କମିଟି ଗଢ଼ାଯିବ ବୋଲି ମଙ୍ଗଳବାର କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ସ୍ପଷ୍ଟ କରିଛନ୍ତି। ଖାର୍ଗେ ଆହୁରି କହିଛନ୍ତି, ଆମ ଭିତରେ କିଛି ମତଭେଦ ରହିଛି, ଯାହାକୁ ଆମେ ପଛରେ ଛାଡ଼ିଦେଇଛୁ। ଦେଶର ସ୍ୱାର୍ଥ ପାଇଁ ଏକାଠି ହୋଇଛୁ। ୨୦୨୪ ଲୋକ ସଭା ନିର୍ବାଚନ ମିଳିତ ଭାବେ ଲଢ଼ି ସଫଳତା ପାଇବୁ।

ସୂତ୍ରରୁ ଜଣାପଡ଼ିଛି ଯେ, ୨୬ ବିରୋଧୀ ଦଳକୁ ନେଇ ବେଙ୍ଗାଲୁରୁଠାରେ ଅନୁଷ୍ଠିତ ବୈଠକର ଦ୍ୱିତୀୟ ଦିନରେ ମେଣ୍ଟର ନାମ ଇଣ୍ଡିଆ ☞ପୃଷ୍ଠା-୪

**ବିଜେଡି ସଂସଦୀୟ ଦଳ ବୈଠକ**

**ରାଜ୍ୟ ସ୍ୱାର୍ଥ ବିଷୟକୁ ଜୋରଦାର ଉଠାଅ: ନବୀନ**

ପୃଷ୍ଠା-୩

**ଆଜିର ସମ୍ପାଦକୀୟ**

**ନିଶା ନିଶା ଦେଶ**



ଯାଜପୁର ଜିଲା ରସୁଲପୁର ବ୍ଲକ କାର୍ଯ୍ୟାଳୟ ନିକଟ ୧୬ନଂ ଜାତୀୟ ରାଜପଥର ବ୍ରିଜ୍ ଭୁଶୁଡ଼ିପଡ଼ିଛି।

# ଭୁଶୁଡ଼ିଲା ଜାତୀୟ ରାଜପଥ ବ୍ରିଜ୍

**ଗୁଣବତ୍ତାକୁ ନେଇ ପ୍ରଶ୍ନବାଚୀ** | **ତଦନ୍ତ କରିବ ୩ ଜଣିଆ ଏକ୍ସପର୍ଟ କମିଟି** | **ଅଳ୍ପକେ ବର୍ତ୍ତିଲା ଯାତ୍ରୀବାହୀ ବସ**

**ଯାଜପୁର/ରସୁଲପୁର,୧୮।୭**
**(ହର୍ଷବର୍ଦ୍ଧନ ବେହେରା/ରଞ୍ଜିତ ରାଉତ)**

୧୬ ନମ୍ବର ଜାତୀୟ ରାଜପଥର ଯାଜପୁର ଜିଲା ରସୁଲପୁର ନିକଟରେ ଥିବା ଏକ ଓଭରବ୍ରିଜ ମଙ୍ଗଳବାର ସକାଳ ପ୍ରାୟ ୬ଟା୧୦ ମିନିଟ ସମୟରେ ଭୁଶୁଡ଼ି ପଡ଼ିଛି। ପାଣିକୋଇଲି ପଟୁ ରାସ୍ତାର ବାମ ପାର୍ଶ୍ୱ ବ୍ରିଜ୍‌ର ଏକ ଗାର୍ଡର ଭାଙ୍ଗିଯିବାରୁ ବ୍ରିଜ୍‌ଟି ପ୍ରାୟ ୧୦ଫୁଟ ତଳକୁ ଦବିଯାଇଛି। ଏଥିରେ କେହି ମୃତାହତ କିମ୍ବା ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇନାହିଁ। ତେବେ ଏକ ଯାତ୍ରୀବାହୀ ବସ୍ 'ମା' ଅତିକ୍ରମ କରିବାର ମାତ୍ର ୫ମିନିଟ୍ ପରେ ଏହି ଦୁର୍ଘଟଣା ଘଟିଲା ବୋଲି ଦେଖଣାହାରୀଙ୍କଠାରୁ ଜଣାପଡ଼ିଛି। ବସ୍ ବ୍ରିଜ ଉପର ଦେଇ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ପଛରେ ଆସୁଥିବା ଟ୍ରାକ୍ଟର ଓ ଟ୍ରକ ଡ୍ରାଇଭରଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ☞ପୃଷ୍ଠା-୪







# ସୁସ୍ଥ ଗଣତନ୍ତ୍ର ପାଇଁ ଗଣମାଧ୍ୟମ, ଯୁବପିଢ଼ିଙ୍କ ଭୂମିକା ସମାନ






ଜଗତ୍‌ସିଂହପୁର ଜିଲା ନାଉଗାଁ ହାଟ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟଠାରେ ମଙ୍ଗଳବାର ଧରିତ୍ରୀର ୫୦ ବର୍ଷ ପାଳନ ଅବସରରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ଅତିଥି ଓ ବିଚାରକ (ବାମ)। ପ୍ରତିଯୋଗିତାରେ ଉପସ୍ଥିତ ଛାତ୍ରୀଛାତ୍ର।

## ଧରିତ୍ରୀର ୫୦ ବର୍ଷ ପାଳନ ଅବସରରେ ବକ୍ତୃତା ପ୍ରତିଯୋଗିତା

**ଜଗତ୍‌ସିଂହପୁର, ୧୮।୭**
**(ପ୍ରମୋଦ କୁମାର ନାୟକ)**

ଭାରତ ହେଉଛି ବିଶ୍ୱର ଶ୍ରେଷ୍ଠ ଓ ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର। ଏ ରାଷ୍ଟ୍ରରେ ଗଣତନ୍ତ୍ରକୁ ବଞ୍ଚାଇ ରଖିବାକୁ ହେଲେ ଗଣମାଧ୍ୟମ ସହ ଯୁବପିଢ଼ି ମଧ୍ୟ ସମାନ ଭୂମିକା ନିର୍ବାହ କରିବାର ଅଛି। ଗଣମାଧ୍ୟମ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ। ଏହା ଉତ୍ତମ ଖବର ପରିବେଷଣ ସାଙ୍ଗକୁ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥାଏ। ସମାଜର ଟିକିନିଖି ଖବର ପରିବେଷଣ କରିଥାଏ। ଗଣମାଧ୍ୟମ ଜରିଆରେ ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ଯୁବପିଢ଼ି ପ୍ରୟାସ ଜାରି ରଖିବା ଉଚିତ। ଗଣତନ୍ତ୍ରର ସୁରକ୍ଷା ସହ ତା'ର ସମୃଦ୍ଧି ପାଇଁ ଧରିତ୍ରୀ ପକ୍ଷରୁ ଯେଉଁ ପ୍ରୟାସ ଆରମ୍ଭ ହୋଇଛି ତାହା ବାସ୍ତବିକ ପ୍ରଶଂସନୀୟ। ମଙ୍ଗଳବାର ଜଗତ୍‌ସିଂହପୁର ଜିଲା ନାଉଗାଁ ହାଟସ୍ଥିତ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ଧରିତ୍ରୀର ୫୦ ବର୍ଷ ପାଳନ ଅବସରରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଚାଇନା ପ୍ରଧାନ ଏହା କହିଛନ୍ତି। ଗଣତନ୍ତ୍ର, ଗଣମାଧ୍ୟମ ଓ ଯୁବପିଢ଼ି ଶୀର୍ଷକ ବକ୍ତୃତା ପ୍ରତିଯୋଗିତା ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନୂଆ ଦିଗ୍‌ଦର୍ଶନ ଦେଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ବିଚାରକ ନିରଞ୍ଜନ ମହାନ୍ତି କହିଛନ୍ତି, ଧରିତ୍ରୀ ପକ୍ଷରୁ ଏଭଳି ବକ୍ତୃତା ପ୍ରତିଯୋଗିତା ଯୁବପିଢ଼ିଙ୍କୁ ସଚେତନ କରାଇବ। ଏହାଦ୍ୱାରା ଯୁବପିଢ଼ି ଗଣତନ୍ତ୍ରରେ ସେମାନଙ୍କ ଭୂମିକା ନିର୍ବାହ ପାଇଁ ପ୍ରେରିତ ହେବେ। ସୁସ୍ଥ ଓ ସଚେତନ ସମାଜ ଗଢ଼ିବାକୁ ହେଲେ ଖବରଦାତାଙ୍କୁ ସହଯୋଗ କରିବା ଆବଶ୍ୟକ। ପିଲାମାନେ ପଥଭ୍ରଷ୍ଟ ନ ହୋଇ ମା, ବାପାଙ୍କ ସ୍ୱପ୍ନ ସାକାର ପାଇଁ ଚେଷ୍ଟିତ ହେବା ଦରକାର। ଏହା ହେଲେ ଯୁବପିଢ଼ି ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ସେ କହିଛନ୍ତି। ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ସହକାରୀ ଶିକ୍ଷକ ତଥା ବିଚାରକ ହିମାଂଶୁ କୁମାର ମହାନ୍ତି କହିଥିଲେ, ଧରିତ୍ରୀ ଏକ ନିର୍ଭିକ ଏବଂ ନିରପେକ୍ଷ ଓଡ଼ିଆ ଦୈନିକ ଖବରକାଗଜ। ଯୁବପିଢିଙ୍କ ମାଧ୍ୟମରେ ଧରିତ୍ରୀ ଯେଉଁ ପ୍ରୟାସ ଆରମ୍ଭ କରିଛି ତାହା ଅଭିନବ ଏବଂ ସୁଦୂରପ୍ରସାରୀ। ଏଭଳି ଅଭିଯାନ ନିଶ୍ଚିତ ଭାବେ ଦେଶକୁ ଆଗକୁ ନେବାରେ ସହାୟତା କରିବ। ତେଣୁ ପିଲାମାନେ ନିଜର ତଥା ଗଣତନ୍ତ୍ରର ସମୃଦ୍ଧି ପାଇଁ ଗଣମାଧ୍ୟମକୁ ଦେଖି ନିଜ ବୁଦ୍ଧି ଓ ବିବେକ ଅନୁଯାୟୀ ପଦକ୍ଷେପ ନେବାକୁ ହେବ। ସେହିପରି ଅନ୍ୟତମ ବିଚାରକ ପ୍ରଭାତ କୁମାର ଶତପଥୀ କହିଥିଲେ, ଯୁବପିଢ଼ି ଠିକ ରାସ୍ତାରେ ଗଲେ ଗଣତନ୍ତ୍ର ଠିକ୍ ଭାବେ ପରିଚାଳିତ ହୋଇପାରିବ। କେବଳ ସାର୍ଟିଫିକେଟ୍ ପାଇଗଲେ ଶିକ୍ଷିତ ହୁଅନ୍ତି ନାହିଁ। ବାସ୍ତବରେ ଅନ୍ତର୍ନିହିତ ଗୁଣାବଳୀର ବିକାଶ କଲେ ତାହା ବାସ୍ତବ ଶିକ୍ଷା ହୋଇଥାଏ। ତେଣୁ ପ୍ରତ୍ୟେକେ ଶିକ୍ଷିତ ହେବା ପାଇଁ ଶପଥ ନେବାକୁ ପଡ଼ିବ। ବକ୍ତୃତା ପ୍ରତିଯୋଗିତାରେ ସମୁଦାୟ ୧୩ଜଣ ଭାଗ ନେଇଥିବାବେଳେ ସେମାନଙ୍କ ମଧ୍ୟରେ ପ୍ରଜ୍ଞାସିନୀ ପାଢ଼ୀ ପ୍ରଥମ, ଅଙ୍କିତା ପ୍ରିୟଦର୍ଶନୀ ରାଉତ ଦ୍ୱିତୀୟ ଓ ଜ୍ୟୋତିର୍ମୟୀ ଲେଙ୍କା ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରତିଯୋଗିତାରେ ଛାତ୍ରୀଛାତ୍ରମାନେ ପ୍ରସଙ୍ଗର ଗମ୍ଭୀରତା ଉପରେ ଗୁରୁତ୍ୱାରୋପ କରିଥିଲେ। ଆମ ଦେଶକୁ ଉନ୍ନତି ଆଡ଼କୁ ଆଗେଇ ନେବାକୁ ହେଲେ ଯୁବସମାଜ ଗୁରୁଦାୟିତ୍ୱ ବହନ କରିବା ଉଚିତ୍। ନିଶା କବଳରୁ ମୁକ୍ତ ହୋଇ ନିଜ ପରିବାର, ରାଜ୍ୟ ଓ ଦେଶ ପ୍ରଗତି ପାଇଁ ଦାୟିତ୍ୱବାନ ହେବା ଜରୁରୀ। ପ୍ରାରମ୍ଭରେ ଧରିତ୍ରୀ ଜଗତ୍‌ସିଂହପୁର ଜିଲା ପ୍ରତିନିଧି ପ୍ରମୋଦ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଧରିତ୍ରୀର ଉପବାର୍ତ୍ତା ସମ୍ପାଦକ ଲାଲା ସୁନୀଲ କୁମାର ରଥ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିବାବେଳେ ଉପବାର୍ତ୍ତା ସମ୍ପାଦକ ମିହିର କାନ୍ତ ଦାସ ପ୍ରତିଯୋଗିତା ପରିଚାଳନା କରିଥିଲେ। ଏଥିରେ ଧରିତ୍ରୀ ନାଉଗାଁ ବ୍ଲକ ପ୍ରତିନିଧି ସୁଧା ବେଉରା ସହଯୋଗ କରିଥିବାବେଳେ ଜିଲାର ସମସ୍ତ ବ୍ଲକ ପ୍ରତିନିଧି ଉପସ୍ଥିତ ଥିଲେ। ଓଡ଼ିଆ ବିଭାଗ ଅଧ୍ୟାପକ ଚୈତନ୍ୟ କୁମାର ପରିଡ଼ା ଧନ୍ୟବାଦ ଦେଇଥିଲେ। ପରିଶେଷରେ ମହାବିଦ୍ୟାଳୟ ପରିସରରେ ଅତିଥିମାନଙ୍କ ଦ୍ୱାରା ଚାରା ରୋପଣ କରାଯାଇଥିଲା।

### କେବଳ ବ୍ୟକ୍ତିଗତ ନୁହେଁ, ଦେଶ କଥା ଭାବନ୍ତୁ



ପ୍ରତିଯୋଗିତା ମାଧ୍ୟମରେ ଧରିତ୍ରୀର ପ୍ରୟାସ ପ୍ରଶଂସାଯୋଗ୍ୟ। ଏଥିରେ ଭାଗନେଇ କୃତିତ୍ୱ ଅର୍ଜନ କରିଥିବାରୁ ମୁଁ ଗର୍ବିତ। ଯୁବପିଢ଼ି କିପରି ଗଣତାନ୍ତ୍ରିକ ରାଷ୍ଟ୍ର ଗଠନରେ ସହଯୋଗ କରିପାରିବେ ଅର୍ଥାତ୍ ଆଗକୁ ବଢ଼ିପାରିବେ ସେ ବିଷୟରେ ଆମେ ଅନେକ କଥା ଶୁଣି ପ୍ରଭାବିତ ହେଲୁ। ଯୁବ ସମାଜକୁ ମୋର ବାର୍ତ୍ତା ହେଲା ସେମାନେ ବ୍ୟକ୍ତିଗତ ସ୍ୱାର୍ଥ ଅପେକ୍ଷା ରାଜ୍ୟ ଓ ଦେଶ କଥା ଭାବନ୍ତୁ। ନିଜ ପରିବାର ସମେତ ଦେଶ ଓ ଜାତି ପାଇଁ ସମର୍ପିତ ହୁଅନ୍ତୁ।

**-ପ୍ରଜ୍ଞାସିନୀ ପାଢ଼ୀ, ଯୁକ୍ତ ୩ ଦ୍ୱିତୀୟ ବର୍ଷ, ପ୍ରାଣୀ ବିଜ୍ଞାନ ସମ୍ମାନ**

### 'ଗଣତନ୍ତ୍ରକୁ ସୁଦୃଢ଼ କରିପାରିବେ ଯୁବପିଢ଼ି'



ଧରିତ୍ରୀର ୫୦ ବର୍ଷ ପାଳନ ଅବସରରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ମୁଁ ଅଂଶଗ୍ରହଣ କରି ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାରୁ ନିଜକୁ ଗୌରବାନ୍ୱିତ ମନେକରୁଛି। ପ୍ରତିଯୋଗିତାରେ ଗଣତନ୍ତ୍ରକୁ ସୁଦୃଢ଼ କରିବା କ୍ଷେତ୍ରରେ ଯୁବପିଢ଼ିର ଭୂମିକା ଉପରେ ଅନେକ କିଛି ଆଲୋଚନା କରାଯାଇଥିଲା। ବାସ୍ତବିକ ଏଭଳି ପ୍ରୟାସ ଯୁବପିଢ଼ିଙ୍କୁ ପ୍ରଭାବିତ କରୁଛି। ଆଗାମୀ ଦିନରେ ଏହି ଅଭିଯାନ ସଫଳତା ଆଡ଼କୁ ନେଇଯିବ ବୋଲି ମୋର ବିଶ୍ୱାସ।

**-ଅଙ୍କିତା ପ୍ରିୟଦର୍ଶନୀ ରାଉତ, ଯୁକ୍ତ ୩ ପ୍ରଥମ ବର୍ଷ, ପ୍ରାଣୀ ବିଜ୍ଞାନ ସମ୍ମାନ**

### ସଂସ୍କୃତିକୁ ବଞ୍ଚାଇବା ସହ ଦେଶକୁ ଆଗକୁ ନେବା



ଧରିତ୍ରୀର ଏହି ପ୍ରତିଯୋଗିତାରେ ତୃତୀୟ ସ୍ଥାନ ଅଧିକାର କରିଥିବାରୁ ମୁଁ ବହୁତ ଖୁସି ଅନୁଭବ କରୁଛି। ଏହି ଅବସରରେ ମୁଁ ଛାତ୍ର ଓ ଯୁବ ସମାଜକୁ ବାର୍ତ୍ତା ଦେବାକୁ ଚାହେଁ, ଆମେ କେମିତି ଆମ ଦେଶକୁ ଉନ୍ନତି ଆଡକୁ ଅଗ୍ରସର କରାଇବା। ସେଥିପାଇଁ ଚିନ୍ତା କରିବାର ସମୟ ଆସିଯାଇଛି। ଏଥିସହ ଆମ କଳା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାକୁ ମଧ୍ୟ ବଜାୟ ରଖିବା। ଯୁବ ସମାଜ ଠିକ୍ ରାସ୍ତାରେ ଚାଲିଲେ ଗଣତାନ୍ତ୍ରିକ ରାଷ୍ଟ୍ର ଗଠନରେ ନିଶ୍ଚିତ ସହାୟକ ହେବ ବୋଲି ଆଶା।

**-ଜ୍ୟୋତିର୍ମୟୀ ଲେଙ୍କା, ଯୁକ୍ତ ୩ ଦ୍ୱିତୀୟ ବର୍ଷ, ପ୍ରାଣୀ ବିଜ୍ଞାନ ସମ୍ମାନ**


ସାଇଶ୍ରୀ ମହାନ୍ତି


ସ୍ୱର୍ଣ୍ଣଲତା ସାହାଣୀ


ଆଶା ଭୋଇ


ସୁଶ୍ରୀ ଅପର୍ଣ୍ଣା ନାୟକ


ଈପ୍‌ସିତା ବରାଳ


ସାଇ ସ୍ନେହା ମହାନ୍ତି


ପ୍ରଜ୍ଞା ପାରମିତା ସ୍ୱାଇଁ


ରାଜଶ୍ରୀ ଦଳାଇ


ସୁପ୍ରିୟା ମଲ୍ଲିକ


ବର୍ଷା ପ୍ରିୟଦର୍ଶିନୀ ମହାନ୍ତି

## ଏମ୍‌କେସିଜି ମେଡିକାଲରେ ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ

**ବ୍ରହ୍ମପୁର, ୧୮।୭ (ସୁବାସ ଚନ୍ଦ୍ର ପାଢ଼ୀ)**

ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଚିକିତ୍ସାଧୀନ ଥିବା ଜଣେ ବିଚାରାଧୀନ ବନ୍ଦୀଙ୍କ ମଙ୍ଗଳବାର ମୃତ୍ୟୁ ଘଟିଛି। ସେ ହେଲେ କନ୍ଧମାଳ ଜିଲା ଗୋଛାପଡ଼ା ଥାନା ଅନ୍ତର୍ଗତ କଦମପଙ୍କା ଗ୍ରାମର ରବୀନ୍ଦ୍ର କୁମାର ସାହୁ(୫୫)। ମେଡିକାଲ ଫାଣ୍ଡି ପୋଲିସ ମୃତଦେହ ଜବତ କରିଛି। ମୃତକଙ୍କ ପୁଅ ବଳରାମ ସାହୁ, ଭାଇ ସୁରେନ୍ଦ୍ର କୁମାର ସାହୁ, ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୋଲିସ ମୃତଦେହ ପଞ୍ଚନାମା କରିଛି। ପରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଜଳାନ୍ତକ ରୋଗରେ ରବୀନ୍ଦ୍ରଙ୍କ ମୃତ୍ୟୁ ଘଟିଥିବା ପ୍ରାଥମିକ ତଦନ୍ତରୁ ପୋଲିସ ସନ୍ଦେହ କରୁଛି। ଓଡ଼ଗାଁ ନିକଟସ୍ଥ ବାହାଡ଼ାଖୋଳ ଗ୍ରାମର ମୂଳ ନିବାସୀ ରବୀନ୍ଦ୍ର ବହୁ ବର୍ଷ ପୂର୍ବରୁ ବ୍ୟବସାୟ କରିବାକୁ କନ୍ଧମାଳର କଦମପଙ୍କା ଯାଇ ସେଠାରେ ରହୁଥିଲେ। ୨୦୨୧ରେ ଗଞ୍ଜେଇ ଚୋରାଚାଲାଣ ବେଳେ ଗୋଛାପଡ଼ା ଥାନା ପୋଲିସ ହାବୁଡ଼ରେ ପଡି ଗିରଫ ହୋଇଥିଲେ। ପରେ ପୋଲିସ ତାଙ୍କୁ କୋର୍ଟ ଚାଲାଣ କରିଥିଲା। ସେବେଠାରୁ ରବୀନ୍ଦ୍ର କନ୍ଧମାଳ ଜିଲା କାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ଥିଲେ। କିଛିଦିନ ପାଇଁ ତାଙ୍କୁ ଅନ୍ତରୀଣ ଜାମିନ ମିଳିଥିଲା। ୨୦୨୩ ଫେବୃୟାରୀ ୨୦ରେ ଜାମିନ ଅବଧି ଶେଷପରେ କୋର୍ଟରେ ହାଜର ହୋଇ ପୁଣି କନ୍ଧମାଳ ଜିଲା କାରାଗାରରୁ ଯାଇଥିଲେ। ରବୀନ୍ଦ୍ର ଜେଲରେ ଥିବା ବେଳେ ଗତ ୧୭ ତାରିଖ ସନ୍ଧ୍ୟାରେ ଗୁରୁତର ହୋଇପଡ଼ିଥିଲେ। ଜେଲରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ ସ୍ଥାନାନ୍ତର କରାଯାଇଥିଲା ବୋଲି କନ୍ଧମାଳ ଜିଲା କାରାଗାର ଅଧୀକ୍ଷକ ଶର୍ମିଷ୍ଠା ପୃଷ୍ଟି ସୂଚନା ଦେଇଛନ୍ତି। ଏମକେସିଜି ମେଡ଼ିସିନ ୱାର୍ଡର ୯୮ ବେଡ଼ରେ ରହିଥିବା ରବୀନ୍ଦ୍ରଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବା ନେଇ ଡାକ୍ତର ଘୋଷଣା କରିଥିବା ପୋଲିସ କହିଛି।

## ସ୍ତ୍ରୀଙ୍କୁ ହାଣି ହତ୍ୟା କଲେ ସ୍ୱାମୀ

**ଜଳେଶ୍ୱର, ୧୮।୭, (ରବିନାରାୟଣ ପାତ୍ର)**

ପାରିବାରିକ କଳହରୁ ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅନ୍ତର୍ଗତ ମହମ୍ମଦନଗର ପାଟଣା ପଞ୍ଚାୟତ ଚାଲନ୍ତି ଗାଁରେ ଏକ ହତ୍ୟାକାଣ୍ଡ ଘଟିଛି। ସୋମବାର ରାତିଅଧରେ ସ୍ତ୍ରୀଙ୍କୁ ଏକ ଧାରୁଆ ମାରଣାସ୍ତ୍ରରେ ହାଣି ହତ୍ୟା କରିଛନ୍ତି ସ୍ୱାମୀ। ଏ ସମ୍ପର୍କରେ ପ୍ରତ୍ୟକ୍ଷଦର୍ଶୀ ଥିବା ତାଙ୍କ ୯ ବର୍ଷର ଝିଅ ଜଣାଇଛନ୍ତି। ୧୦ବର୍ଷ ପୂର୍ବେ ଚାଲନ୍ତି ଗାଁର ଅର୍ଜୁନ ଦଣ୍ଡପାଟ ଦେବକୁମାର ଗାଁର ଲିଲିଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ଅନେକ ସମୟରେ ବିଭିନ୍ନ କାରଣରୁ ପାରିବାରିକ ଗଣ୍ଡଗୋଳ ଲାଗି ରହୁଥିଲା। ମଙ୍ଗଳବାର ରାତିରେ ଅର୍ଜୁନ ଓ ଲିଲି ମଧ୍ୟରେ ପାଟିତୁଣ୍ଡ ହୋଇଥିବା ପଡୋଶୀ କହିଛନ୍ତି। ମଧ୍ୟରାତ୍ରରେ ଏହି ଗଣ୍ଡଗୋଳ ଉଗ୍ରରୂପ ଧାରଣ କରିଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଏକ ଧାରୁଆ ମାରଣାସ୍ତ୍ରରେ ଅର୍ଜୁନ ତାଙ୍କ ସ୍ତ୍ରୀଙ୍କ ମୁଣ୍ଡ ପଛପଟ ଓ ଆଗପଟକୁ ହାଣି ପକାଇଥବା ଝିଅ କହିଛନ୍ତି । ଲିଲିଙ୍କ ପରିବାର ଲୋକେ ଖବର ପାଇ ଆସି ରକ୍ତ ଜୁଡୁବୁଡୁ ମୃତଦେହ ଚଟାଣରେ ପଡିଥିବା ଦେଖିବାକୁ ପାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିବା ବେଳେ ସ୍ୱାମୀ ଅର୍ଜୁନଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ମୃତଦେହ ବ୍ୟବଚ୍ଛେଦ ହୋଇଥିବା ବେଳେ ସାଇଣ୍ଟିଫିକ ଟିମ୍ ପହଞ୍ଚି ଫିଙ୍ଗରପ୍ରିଣ୍ଟ ସଂଗ୍ରହ କରିଛି।

## ୨ଲକ୍ଷରୁ ଅଧିକ ସିଟ୍ ବଳିଲା: ସରିଲା +୩ ପ୍ରଥମ ପର୍ଯ୍ୟାୟ ନାମଲେଖା

**ଭୁବନେଶ୍ୱର, ୧୮।୭ (ଅନୁରାଧା ମହାରଣା)**

ରାଜ୍ୟର ବିଭିନ୍ନ ଡିଗ୍ରୀ କଲେଜ ଓ ବିଶ୍ୱବିଦ୍ୟାଳୟରେ ଯୁକ୍ତ ୩ ପ୍ରଥମ ପର୍ଯ୍ୟାୟ ନାମଲେଖା ମଙ୍ଗଳବାର ଶେଷ ହୋଇଛି। ଚଳିତବର୍ଷ ନାମଲେଖା ପାଇଁ ୨ଲକ୍ଷ ୭୦ ହଜାର ୫୪୭ ଜଣ ଛାତ୍ରୀଛାତ୍ର ଆବେଦନ କରିଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୧ ଲକ୍ଷ ୭୪ହଜାର ୧୯୫ ଜଣ ମନୋନୀତ ହୋଇଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ଜିଲ୍ଲା ସ୍ତରୀୟ ନିଯୁକ୍ତି
ନିଜ ଅଞ୍ଚଳରେ OFFICIAL JOB କରିବାକୁ ପ୍ରାର୍ଥୀ ଆବଶ୍ୟକ।
Salary : (8,000 - 25,000)
ଯୋଗ୍ୟତା : 9th to Graduate
9124128389

GANG ONE SECURITY
ଆବଶ୍ୟକ କରୁଛି ୧୦୦ ଜଣ ସୁରକ୍ଷା କର୍ମୀ, ୨ ଜଣ ସୁପରଭାଇଜର, ୧ ଜଣ ମାର୍କେଟିଙ୍ଗ ମ୍ୟାନେଜର । ରହିବା ଖାଇବା ସୁବିଧା ଅଛି ।
ଦରମା-8,000 ରୁ 15,000
ଯୋଗାଯୋଗ-
ନୟାଚୌକ, ମଧୁପାଟଣା, କଟକ
7540970968,9124010568

Jawaharlal Nehru Higher Secondary School
Balianta, Khordha
E-mail:jawaharlal93384@gmail.com, Ph.No.-7008428656
WALK-IN-INTERVIEW
Candidates having minimum 55% Mark in PG can Walk-in-Interview for **Lecturer in Odia (One Post)** and **Jr. Clerk (One Post)** (Any Graduate having computer knowledge) on Dt.24.07.23, Monday from 10 AM onwards. M.Phil & Ph.D qualification will be preferable for Lecturer Post.
Sd./- Principal

नालको NALCO
National Aluminium Company Limited
(A Government of India Enterprise)
NALCO Bhawan, Plot No-P/1, Nayapalli, Bhubaneswar-751013, Odisha
(CIN : L27203OR1981GOI000920)
A NAVRATNA COMPANY
NEEDS
SECURITY CONSULTANT
Advt. No. 10230101 Date: 07/07/2023
Navratna CPSE National Aluminium Company Limited (NALCO) requires an outstanding and dynamic **Security Consultant** with proven track record, to be located and take care of all security related activities of Company's Mines & Refinery Complex, Damanjodi in Koraput District of Odisha. Interested candidates may visit the Career Section of Company's website at **www.nalcoindia.com** for details.

KALYANI LABORATORIES PVT. LTD.
APPOINTMENT

| Sl. No. | Post | Qualification |
|---|---|---|
| 1 | Food Analyst | B. Sc/ M.Sc in Chemistry/ Food Science |
| 2 | Chemist | B. Sc/ M.Sc. (Chemistry/ Environment Science/ Chemical Engg. |
| 3 | Accountant | B.Com with relevant experience |
| 4 | Microbiologist | M. Sc. Microbiology, Biotechnology |
| 5 | Data Entry Operator | BA/B.Com/ B. Sc. with computer proficiency |

*Note : Minimum 1 year experience is preferable.*
Please submit your resume to:
kalyanilaboratories_pvt.ltd@yahoo.com | Mob - 9861463904

ଜଳସମ୍ପଦ ବିଭାଗ
ବନ୍ୟା ଓ ବର୍ଷାଋତୁ ପାଇଁ ସତର୍କ ସୂଚନା
ଏହାଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଚଳିତ ବର୍ଷାଋତୁରେ ବିଭିନ୍ନ ନଦୀଗୁଡ଼ିକର ଜଳସ୍ତର ଯେକୌଣସି ସମୟରେ ବଢ଼ିବାର ସମ୍ଭାବନା ଅଛି । ତେଣୁ ଜନସାଧାରଣ ନଦୀ ବା ଜଳଭଣ୍ଡାର ମଧ୍ୟକୁ ଯିବା ସମୟରେ ନିମ୍ନଲିଖିତ ସତର୍କତା ଅବଲମ୍ବନ କରନ୍ତୁ ;
DSPL-154

ଏହା କରନ୍ତୁ
- ଗଭୀର ଜଳ ଓ ପ୍ରଖର ସ୍ରୋତଠାରୁ ଦୂରେଇ ରୁହନ୍ତୁ ।
- ସ୍କୁଲ ଓ କଲେଜ ଯାଉଥିବା ପିଲାମାନଙ୍କ ପ୍ରତି ତଥା ବୃଦ୍ଧ ଓ ବୟସ୍କ ବ୍ୟକ୍ତିମାନଙ୍କ ପ୍ରତି ଅଧିକ ଧ୍ୟାନ ଦିଅନ୍ତୁ ।
- ବନ୍ୟା ସମୟରେ ବୁଡ଼ି ଯିବାକୁ ଥିବା ସ୍ଥାନରୁ ଯଥାଶୀଘ୍ର ଆବଶ୍ୟକୀୟ ଜିନିଷପତ୍ର ଧରି ଉଚ୍ଚ ସ୍ଥାନକୁ ଚାଲି ଯାଆନ୍ତୁ ।
- ନଦୀ, ନାଳ, ହ୍ରଦ ଓ ଜଳଭଣ୍ଡାର ମଧ୍ୟରେ ଯାତାୟତ ସମୟରେ ଜୀବନସୁରକ୍ଷା ଜ୍ୟାକେଟ୍ (Life Jacket) ନିଶ୍ଚିତ ବ୍ୟବହାର କରନ୍ତୁ ।
- ଟେଲିଭିଜନ, ରେଡ଼ିଓ, ବିଭିନ୍ନ ଖବର କାଗଜ ଏବଂ ଡାକବାଜି ଯନ୍ତ୍ର ସାହାଯ୍ୟରେ ଦିଆଯାଉଥିବା ବନ୍ୟା ସମ୍ପର୍କିତ ସୂଚନା ଜାଣନ୍ତୁ ଏବଂ ଆବଶ୍ୟକୀୟ ସତର୍କତା ଅବଲମ୍ବନ କରନ୍ତୁ ।
- ନଦୀବନ୍ଧରେ ଘଳିଆ ହେଲେ କିମ୍ବା ଘାଇ ହେବାର ସମ୍ଭାବନା ଦେଖିଲେ ଜଳସମ୍ପଦ ବିଭାଗର ଅଧିକାରୀଙ୍କ ସହ ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ବନ୍ଧ ମରାମତି କାର୍ଯ୍ୟରେ ସମ୍ପୂର୍ଣ୍ଣ ସହଯୋଗ କରନ୍ତୁ ।

ଏଭଳି କରନ୍ତୁ ନାହିଁ
- ବୁଡି ଯାଇଥିବା ନଦୀବନ୍ଧ ଉପରେ ଯାତାୟତ କରନ୍ତୁ ନାହିଁ ।
- ପହଁରା ଜାଣିଥିଲେ ମଧ୍ୟ ସୁଅ ଥିବା ପାଣିରେ ପ୍ରବେଶ କରନ୍ତୁ ନାହିଁ ।
- ଚପଳମତି କିଶୋର/କିଶୋରୀମାନଙ୍କୁ ଦୁଃସାହସିକ ଭାବେ ବନ୍ୟା ଦେଖିବାକୁ ବା ମାଛ ଧରିବାକୁ ଛାଡ଼ନ୍ତୁ ନାହିଁ ।
- ଅଣଲାଇସେନ୍ସପ୍ରାପ୍ତ ନୌକାରେ ଯାତାୟତ କରନ୍ତୁ ନାହିଁ ତଥା ଧାର୍ଯ୍ୟ କ୍ଷମତାଠାରୁ ଅଧିକ ସଂଖ୍ୟକ ଯାତ୍ରୀ ଯାତାୟତ କରିବାରୁ କ୍ଷାନ୍ତ ରୁହନ୍ତୁ ।
- ଜଳଭଣ୍ଡାରରୁ ପାଣି ଛଡ଼ା ଯାଉଥିବା ସୂଚନା ଥିଲେ ନଦୀ ଶଯ୍ୟା ଭିତରକୁ ନିଜେ ପ୍ରବେଶ କରନ୍ତୁ ନାହିଁ ଓ ଗୃହପାଳିତ ପଶୁମାନଙ୍କୁ ଛାଡ଼ନ୍ତୁ ନାହିଁ ।
- ବୁଡ଼ି ଯାଇଥିବା ପୋଲ ଉପରେ ଯାତାୟାତ କରନ୍ତୁ ନାହିଁ ।
- ଅତଡ଼ା ଖାଉଥିବା ବନ୍ଧ ଉପରେ ଛିଡ଼ା ହୁଅନ୍ତୁ ନାହିଁ ।
- ଜୀବନସୁରକ୍ଷା ଜ୍ୟାକେଟ୍ ବିନା ଯାତ୍ରା କରନ୍ତୁ ନାହିଁ ।



ସର୍ବୋଚ୍ଚ ଯନ୍ତ୍ରୀ, ଜଳସମ୍ପଦ ବିଭାଗ
OIPR-32465/13/0010/2324

BADRIPRASAD
Group of Institutions
NURSING PROGRAMMES
B.Sc Nursing
Eligibility : +2 Science PCB with 45% Genral, 40% ST/SC
PB BSc Nursing
Eligibility : GNM Pass with onmrc Registration
BADRIPRASAD Institute of Medical Science SAMBALPUR
9937380097, 9238400140, 8908119285
AT- DEBAIPALI, MAJHIPALI CHOWK, PO - SASON, DIST-SAMBALPUR, PIN-768200
Web : www.bitsambalpur.org / Email : bitechsbp@gmail.com / bcotsbp@gmail.com
BADRIPRASAD College of Nursing BARGARH
7504241329, 7978356289, 9668822600
At - Ambapali, Ward No. 17, Po/PS/ Dist - Bargarh, PIN - 768028,
Email : badriprasad.nursing@gmail.com




# ରାଜ୍ୟ ସ୍ୱାର୍ଥ ବିଷୟକୁ ଜୋରଦାର ଉଠାଅ: ନବୀନ

**ବିଜେଡି ସଂସଦୀୟ ଦଳ ବୈଠକ**

- ମହିଳା ସଂରକ୍ଷଣ, ପ୍ରଧାନମନ୍ତ୍ରୀ ଆବାସରେ ଅଧିକ ଘର, ବଳକା ଚାଉଳ ଉଠାଣ, ଜାତୀୟ ରାଜପଥ ନିର୍ମାଣ ବିଳମ୍ବ ହେବ ମୁଖ୍ୟ ପ୍ରସଙ୍ଗ
- ଭିଡିଓ କନ୍‌ଫରେନ୍ସରେ ଯୋଗଦେଲେ ଏମ୍‌ପି

ଭୁବନେଶ୍ୱର, ୧୮।୭(ଅନିଲ ଦାସ)

ଆସନ୍ତା ୨୦ ତାରିଖରେ ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ଏହା ପୂର୍ବରୁ ବିଜେଡି ଏହାର ରଣନୀତି ପ୍ରସ୍ତୁତ କରିଛି। ଏହି ଅଧିବେଶନରେ ବିଜେଡି ରାଜ୍ୟ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଉତ୍ଥାପନ କରିବାକୁ ନିଷ୍ପତ୍ତି ନେଇଛି। ପାର୍ଲାମେଣ୍ଟରେ ରାଜ୍ୟ ସ୍ୱାର୍ଥ ପ୍ରସଙ୍ଗକୁ ଜୋରଦାର ଢଙ୍ଗରେ ଉଠାଇବାକୁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଂସଦୀୟ ଦଳ ବୈଠକରେ ଏମ୍‌ପିମାନଙ୍କୁ ପରାମର୍ଶ ଦେଇଛନ୍ତି।

ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସଂସଦୀୟ ଦଳ ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ଅଧିବେଶନରେ ଦଳ ପକ୍ଷରୁ 'ମହିଳା ସଂରକ୍ଷଣ' ପ୍ରସଙ୍ଗ ସମେତ କେନ୍ଦୁପତ୍ର ଉପରୁ ଜିଏସ୍‌ଟି ହ୍ରାସ, ପ୍ରଧାନମନ୍ତ୍ରୀ ଆବାସରେ ଅଧିକ ଘର, ଏମ୍‌ଏସ୍‌ପି ବୃଦ୍ଧି ପ୍ରସଙ୍ଗରେ ସ୍ୱାମୀନାଥନ୍ କମିଟି ସୁପାରିସକୁ ଲାଗୁ, କୋଷ୍ଟାଲ ହାଇୱେ ନିର୍ମାଣ, ଜାତୀୟ ରାଜପଥ ନିର୍ମାଣରେ ବିଳମ୍ବ, ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ହୋ, ମୁଣ୍ଡାରି ଓ ଭୂମିଜ ଭାଷାକୁ ସାମିଲ ସହ ବହୁ ଆଦିବାସୀ ସମୁଦାୟକୁ ଅନୁସୂଚିତ ଜନଜାତି ତାଲିକାରେ ସାମିଲ, ବଳକା ଉଷୁନା ଚାଉଳ ଉଠାଣ, ଚାଷୀଙ୍କୁ ଫସଲବୀମା ସୁବିଧା ନ ମିଳିବା, କେନ୍ଦ୍ରୀୟ ଅନୁଦାନ ଓ ରାଜ୍ୟର ଅଂଶ ମିଳିବାରେ ଅବହେଳା, ବ୍ୟାଙ୍କିଙ୍ଗ୍ ଓ ଟେଲିଫୋନ ସେବା ସମସ୍ୟା ଆଦି ପ୍ରସଙ୍ଗକୁ ପାର୍ଲାମେଣ୍ଟରେ ଉଠାଇବାକୁ ବୈଠକରେ ନିଷ୍ପତ୍ତି ହୋଇଛି।

ବୈଠକରେ ଏମ୍‌ପିମାନଙ୍କୁ ସମ୍ବୋଧିତ କରି ନବୀନ କହିଛନ୍ତି, ଓଡ଼ିଶା କ୍ରମାଗତ ଭାବେ ରାଜ୍ୟର ଅଂଶଧନ ଓ କେନ୍ଦ୍ରୀୟ ପାଣ୍ଠି ପାଇବାରେ ଅବହେଳାର ସମ୍ମୁଖୀନ ହେଉଛି। 'ସ୍ୱେଶାଲ ଫୋକସ ଷ୍ଟେଟ୍' ଦାବିକୁ ଦୃଢ଼ତାର ସହ ଉତ୍ଥାପନ କରିବାକୁ ନବୀନ ପରାମର୍ଶ ଦେଇଛନ୍ତି। ଏଥିସହିତ ବିଧାନସଭା ଓ ପାର୍ଲାମେଣ୍ଟରେ ମହିଳାଙ୍କୁ ସଂରକ୍ଷଣ ଦେବା ପ୍ରସଙ୍ଗକୁ କେନ୍ଦ୍ର ସରକାର ଭୁଲି ଯାଇଛନ୍ତି। ଓଡ଼ିଶାରେ ରୂପାନ୍ତରିତ ପରିବର୍ତ୍ତନ ପାଇଁ ଆମ ସରକାର ନିଜର ସମସ୍ତ ଶକ୍ତି ଲଗାଇ ଦେଇଛନ୍ତି। ୫-ଟି ଉପକ୍ରମ ମାଧ୍ୟମରେ ସବୁକ୍ଷେତ୍ରରେ ସ୍ୱଳ୍ପ ଅବଧି ମଧ୍ୟରେ ଆଖିଦୃଶିଆ ପରିବର୍ତ୍ତନ ସୁନିଶ୍ଚିତ ହୋଇପାରିଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ୫-ଟି ସ୍କୁଲ ରୂପାନ୍ତରଣରେ ଏହି ପରିବର୍ତ୍ତନ ଦେଖିବାକୁ ମିଳିଛି। ରାଜ୍ୟ ସରକାର ଏବେ ଭିତ୍ତିଭୂମି, କୃଷି କ୍ଷେତ୍ରରେ ବ୍ୟାପକ ପୁଞ୍ଜିନିବେଶ କରିବା ସହ ଗ୍ରାମାଞ୍ଚଳ ଅର୍ଥନୀତିର ଉତ୍ଥାନ ଉପରେ ଧ୍ୟାନ କେନ୍ଦ୍ରିତ କରିଛନ୍ତି। ନୀତି ଆୟୋଗ ରିପୋର୍ଟରେ ଓଡ଼ିଶା ୫ଟି ଦ୍ରୁତ ଦାରିଦ୍ର୍ୟ ହ୍ରାସ ରାଜ୍ୟ ମଧ୍ୟରେ ରହିଛି। ରାଜ୍ୟର ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ୨୦୧୫-୧୬ରେ ୩୨.୬୪ ପ୍ରତିଶତ ଥିବାବେଳେ ୨୦୧୯-୨୦ରେ ଏହା ୧୭.୭୨ ପ୍ରତିଶତକୁ ହ୍ରାସ ପାଇଛି। ଆମେ ଆମର ଲକ୍ଷ୍ୟ ହାସଲ ପାଇଁ ଠିକ୍ ମାର୍ଗରେ ଚାଲିଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବୈଠକ ଶେଷରେ ଲୋକ ସଭା ସଦସ୍ୟ ପିନାକୀ ମିଶ୍ର କହିଛନ୍ତି, ରାଜ୍ୟର ସ୍ୱାର୍ଥ ସମ୍ବଳିତ ଯେକୌଣସି ପ୍ରସଙ୍ଗ ପାର୍ଲାମେଣ୍ଟରେ ଉଠାଇବାକୁ ଚାହିଁଲେ ଜାତୀୟ ରାଜନୈତିକ ଦଳ ଭାଜପା ଏବଂ କଂଗ୍ରେସ ପାର୍ଲାମେଣ୍ଟକୁ ଚଳାଇ ଦେଉନାହାନ୍ତି। ୨୦୦୯ରୁ ୨୦୧୪ ପର୍ଯ୍ୟନ୍ତ ଭାଜପା ପାର୍ଲାମେଣ୍ଟକୁ ଅଚଳ କରୁଥିବା ବେଳେ ୨୦୧୪ରୁ ଏ ପର୍ଯ୍ୟନ୍ତ କଂଗ୍ରେସ ଅଚଳ କରୁଛି। ରାଜ୍ୟ ସମ୍ବନ୍ଧୀୟ କୌଣସି ପ୍ରସଙ୍ଗ ଉତ୍ଥାପନ କରିବାକୁ ସୁଯୋଗ ମିଳୁନାହିଁ।

ମହତ୍ୱାକାଂକ୍ଷୀ ପ୍ରକଳ୍ପକୁ ରାଜ୍ୟର ସମସ୍ତ ଏମ୍‌ପି ମିଳିମିଶି କାମ କରିବା ବଦଳରେ ଭାଜପାର କେତେଜଣ ଏମ୍‌ପି ନିଜର ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ତାହାକୁ ଭଣ୍ଡୁର କରୁଛନ୍ତି। ଶ୍ରୀମନ୍ଦିର ଐତିହ୍ୟ ପ୍ରକଳ୍ପଠାରୁ ଆରମ୍ଭ କରି ଲିଙ୍ଗରାଜ ପ୍ରକଳ୍ପକୁ ଜାଣିଶୁଣି ବନ୍ଦ କରୁଛନ୍ତି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ପିନାକୀ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିଛନ୍ତି। ପାର୍ଲମେଣ୍ଟରେ ସୁଯୋଗ ମିଳୁ ନ ଥିବା ବେଳେ କେନ୍ଦ୍ରମନ୍ତ୍ରୀଙ୍କୁ ଦେଖାକରି କହିଲେ ମଧ୍ୟ ସେସବୁକୁ ରୋକାଯାଉଛି। ମୁଖ୍ୟମନ୍ତ୍ରୀ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ କେନ୍ଦ୍ର ସରକାର ରାଜ୍ୟର ଅଂଶଧନକୁ ଠିକ୍ ସମୟରେ ଦେଉ ନ ଥିବା କହିଛନ୍ତି। ମହିଳା ସଂରକ୍ଷଣ ବିଲ୍, ସ୍ୱେଶାଲ ଫୋକସ ଷ୍ଟେଟ୍ ଷ୍ଟାଟସ ଦେବାକୁ ବାରମ୍ବାର ଉତ୍ଥାପନ କରାଗଲେ ମଧ୍ୟ କେନ୍ଦ୍ର ସରକାର କର୍ଣ୍ଣପାତ କରୁନାହାନ୍ତି। ୫-ଟି ବ୍ୟବସ୍ଥା କିପରି ପ୍ରତ୍ୟେକ ବ୍ୟକ୍ତି ଓ କ୍ଷେତ୍ରକୁ ଛୁଇଁଛି ଓ ଏହା ଏକ ସଫଳ ମଡେଲ ହୋଇପାରିଛି ସେ ସମ୍ପର୍କରେ ଦିଲ୍ଲୀରେ ଲୋକମାନଙ୍କୁ ଜଣାଇବାକୁ ସଭାପତି ପରାମର୍ଶ ଦେଇଥିବା ପିନାକୀ କହିଛନ୍ତି। ଦଳୀୟ ଏମ୍‌ପିମାନେ ଭିଡିଓ କନ୍‌ଫରେନ୍ସ ଜରିଆରେ ବୈଠକରେ ଯୋଗଦେଇଥିଲେ।

# ଲୁପ୍‌ଲାଇନ୍‌ରେ ପଶିଗଲା ଭଦ୍ରକ-ବାଲେଶ୍ୱର ମେମୁ


ବାଲେଶ୍ୱର ରେଳଷ୍ଟେଶନରେ ପହଞ୍ଚିଥିବା ବାଲେଶ୍ୱର-ଭଦ୍ରକ ମେମୁ ଟ୍ରେନ୍।


ଲୋକୋ ପାଇଲଟଙ୍କୁ ଯାତ୍ରୀମାନେ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦେଉଛନ୍ତି।

- ବଡ଼ ଦୁର୍ଘଟଣାରୁ ବର୍ତ୍ତିଲା
- ଲୋକୋ ପାଇଲଟ୍‌ଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ରକ୍ଷା ପାଇଗଲେ ଯାତ୍ରୀ
- ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କଲେ

ବାଲେଶ୍ୱର(ମାନସ ବିଶ୍ୱାଳ)/ବାହାନଗା (ଅରୂପ ଦାସ), ୧୮।୭

ବାହାନଗା ଟ୍ରେନ୍ ଦୁର୍ଘଟଣା ମନରୁ ଲିଭି ନ ଥିବା ବେଳେ ଆଉ ଏକ ନିଶ୍ଚିତ ଦୁର୍ଘଟଣା ପରିସ୍ଥିତିକୁ ଏଡ଼ାଇ ଦିଆଯାଇପାରିଛି। ଲୋକୋ ପାଇଲଟ୍‌ଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଭଦ୍ରକ-ବାଲେଶ୍ୱର ମେମୁ ଟ୍ରେନ୍ (ନଂ.୦୮୦୩୨) ଦୁର୍ଘଟଣାରୁ ବର୍ତ୍ତିଯାଇଛି। ଫଳରେ ପାଖାପାଖି ୧ହଜାର ଯାତ୍ରୀଙ୍କ ଜୀବନ ରକ୍ଷା ପାଇଯାଇଛି। ସୂଚନା ଅନୁଯାୟୀ, ମଙ୍ଗଳବାର ଭଦ୍ରକରୁ ମେମୁ ଟ୍ରେନ ବାଲେଶ୍ୱର ଆସୁଥିଲା। ନୀଳଗିରି ରୋଡ୍‌ରେ ସିଗନାଲ୍ କିମ୍ବା ଟ୍ରାକ୍‌ର ତ୍ରୁଟି ଜଣାପଡ଼ି ନ ଥିବା ବେଳେ ମଧ୍ୟାହ୍ନ ୧୨ଟା ୪୮ମିନିଟ୍‌ରେ ଟ୍ରେନ୍ ଲୁପ୍‌ଲାଇନ୍ ଭିତରକୁ ପଶିଯାଇଥିଲା। ଲୋକୋ ପାଇଲଟ ଟ୍ରାକ୍‌ରେ କୌଣସି ତ୍ରୁଟି ଥିବା ସନ୍ଦେହ କରିଥିଲେ। ହଠାତ୍ ଟ୍ରେନ୍‌କୁ ବ୍ରେକ୍ କରି ଅଟକାଇଥିଲେ। ଟ୍ରେନ୍‌ରୁ ଓହ୍ଲାଇ ଟ୍ରାକ୍ ଆଗକୁ ନ ଥିବା ଦେଖିଥିଲେ। ପରେ ଟ୍ରେନ୍‌କୁ ପଛକୁ ବ୍ରେକ୍ କରି ଘଟଣା ସମ୍ପର୍କରେ କଣ୍ଟ୍ରୋଲ ରୁମ୍‌କୁ ଜଣାଇଥିଲେ। ଟ୍ରେନ ପଛକୁ ଫେରୁଥିବା ଦେଖି ଯାତ୍ରୀମାନେ ଅସ୍ତବ୍ୟସ୍ତ ହୋଇପଡ଼ିଥିଲେ। ୨ ଘଣ୍ଟା ବିଳମ୍ବରେ ମେମୁ ଟ୍ରେନ୍ ବାଲେଶ୍ୱର ରେଳଷ୍ଟେଶନର ୪ ନମ୍ବର ଟ୍ରାକ୍‌ରେ ପହଞ୍ଚିଥିଲା। ଟ୍ରେନରୁ ଯାତ୍ରୀମାନେ ଓହ୍ଲାଇ ଲୋକୋ ପାଇଲଟ୍‌ଙ୍କୁ ଜୀବନ ରକ୍ଷା ଲାଗି ଧନ୍ୟବାଦ ଦେବା ସହ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରି ପ୍ରଶଂସା କରିଥିଲେ।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ନୀଳଗିରି ରୋଡ୍ ଷ୍ଟେଶନ ଛାଡ଼ିବାର ପ୍ରାୟ ୧୦୦ ମିଟର ପରେ ଏକ ବଡ଼ ଧରଣର ଶବ୍ଦ ହୋଇଥିଲା। ଏହାପରେ ଟ୍ରେନ ଜୋର୍‌ରେ ବ୍ରେକ୍ ମାରି ରହିଥିଲା। କିଛି ସମୟ ମଧ୍ୟରେ ଟ୍ରେନ୍ ଟ୍ରାକ୍‌ରେ ତ୍ରୁଟି ଥିବା ଜଣାପଡ଼ିଥିଲା। ପରେ ଟେକ୍ନିକାଲ ଟିମ୍ ଆସି ତ୍ରୁଟି ସଜାଡ଼ିବା ପରେ ମେମୁ ଟ୍ରେନ ବାଲେଶ୍ୱରରେ ପହଞ୍ଚିଥିଲା। ତେବେ ପଏଣ୍ଟ ରିଭର୍ସ ସେଟରେ ସମସ୍ୟା ଥିବା ବେଳେ ସିଗନାଲ ଷ୍ଟାଫ୍‌ଙ୍କ ଅବହେଳା ଯୋଗୁ ଏକ ବଡ଼ ଦୁର୍ଘଟଣାର ଶିକାର ହୋଇଥାନ୍ତା ମେମୁ ଟ୍ରେନ। ଆଉ ଟିକେ ଆଗକୁ ଯାଇଥିଲେ ପଏଣ୍ଟ ଫାଟି ଯାଇ ଅନେକ ଲୋକଙ୍କ ଜୀବନ ଯିବାର ସମ୍ଭାବନା ଥିଲା।

# ଦେବେନ୍ଦ୍ର ସ୍ୱାଇଁ ମୁଖ୍ୟ ଅଗ୍ନିଶମ ଅଧିକାରୀ

କଟକ,୧୮।୭ (କାର୍ତ୍ତିକ ସାହୁ)

ବରିଷ୍ଠ ଅଗ୍ନିଶମ ଅଧିକାରୀ ଦେବେନ୍ଦ୍ର କୁମାର ସ୍ୱାଇଁ ମୁଖ୍ୟ ଅଗ୍ନିଶମ ଅଧିକାରୀ ବରିଷ୍ଠ ପ୍ରଶାସନିକ ସ୍ତର (ଏସ୍‌ଏଜି) ଭାବେ ନିଯୁକ୍ତ ହୋଇଛନ୍ତି। ତାଙ୍କୁ ପଦୋନ୍ନତି ମିଳିବା ପରେ ସେ ଓଡ଼ିଶା ଅଗ୍ନିଶମ ଏବଂ ଜରୁରିକାଳୀନ ସେବା ନିର୍ଦ୍ଦେଶାଳୟରେ ମଙ୍ଗଳବାର ଯୋଗଦାନ କରିଛନ୍ତି। ୨୦୦୦ ଫେବୃୟାରୀ ୨୧ରେ ସେ ଓଡ଼ିଶା ଅଗ୍ନିଶମ ଏବଂ ଜରୁରିକାଳୀନ ସେବା ସଂସ୍ଥାରେ ଜଣେ ଅଧିକାରୀ ଭାବେ ଯୋଗଦେଇଥିଲେ। ନିଜର କାର୍ଯ୍ୟ କୁଶଳତା ଓ ଉଲ୍ଲେଖନୀୟ ସେବା ନିମନ୍ତେ ସେ ପୂର୍ବରୁ ରାଷ୍ଟ୍ରପତିଙ୍କ ଦ୍ୱାରା ବିଶିଷ୍ଟ ଅଗ୍ନିଶମ ସେବା ପଦକରେ ସମ୍ମାନିତ ହୋଇଛନ୍ତି। ତାଙ୍କର କାର୍ଯ୍ୟକାଳ ମଧ୍ୟରେ ସେ ରାଜ୍ୟ ଅଗ୍ନିଶମ ସେବାର ବିଭିନ୍ନ ପଦବୀରେ ସଫଳତାର ସହ କାର୍ଯ୍ୟ କରିଛନ୍ତି। ସେ ଜଣେ ଉତ୍ସର୍ଗୀକୃତ, ପ୍ରତିଶ୍ରୁତିବଦ୍ଧ ଏବଂ ଅସାଧାରଣ ଦକ୍ଷତା ସମ୍ପନ୍ନ ଅଧିକାରୀ ଭାବେ ସୁପରିଚିତ। ପୁରୀ ଜିଲା ନିମାପଡ଼ା ବ୍ଲକ ଅନ୍ତର୍ଗତ ଲଙ୍କା ବାରିମୂଳ ଗ୍ରାମର ସ୍ୱର୍ଗତ ଭରତ ଚନ୍ଦ୍ର ସ୍ୱାଇଁଙ୍କର କନିଷ୍ଠ ପୁତ୍ର ଭାବରେ ସେ ୧୯୭୨ରେ ଜନ୍ମ ଗ୍ରହଣ କରିଥିଲେ।



# ବିଜାଖମନ ଜଙ୍ଗଲରେ ଭାଲୁ ଆତଙ୍କ

## ଜଣେ ବନ କର୍ମଚାରୀ ମୃତ, ୩ ଗୁରୁତର



- ଭାଲୁକୁ ଧରି ଅନ୍ୟତ୍ର ଛାଡ଼ିବା ଦାବିରେ ଏନ୍‌ଏଚ୍ ଅବରୋଧ

ନୂଆପଡ଼ା,୧୮।୭(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବିଜାଖମନ ଜଙ୍ଗଲରେ ୪ଜଣ ବନ କର୍ମଚାରୀଙ୍କୁ ଭାଲୁ ଆକ୍ରମଣ କରିଛି। ଆକ୍ରମଣରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ କୋମନା ବ୍ଲକ ବିରୁନପଦର ଗାଁର ୱାଚର ସନ୍ତୋଷ ଡୁଣ୍ଡି (୫୪)। ଫରେଷ୍ଟର ଗୋପାଳ ମହାନନ୍ଦ, ଫରେଷ୍ଟ ଗାର୍ଡ ଶଶିଧର ଟାଣି ଓ ୱାଚର ସାଗର ଠେଲା ଗୁରୁତର ଆହତ ହୋଇଛନ୍ତି। କୋମନା ବିଜାଖମନ ଜଙ୍ଗଲରେ ବନ ବିଭାଗ କର୍ମଚାରୀମାନେ ମଙ୍ଗଳବାର ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଭାଲୁ ଆକ୍ରମଣରେ ୪ଜଣ ବନ କର୍ମଚାରୀ ଆହତ ହୋଇଥିଲେ। ଆହତ ୪ଜଣ ବନ କର୍ମଚାରୀଙ୍କୁ ଉଦ୍ଧାର କରି କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ସନ୍ତୋଷଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଫରେଷ୍ଟର ଗୋପାଳ ଓ ଫରେଷ୍ଟଗାର୍ଡ ଶଶିଧରଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ରାୟପୁର ସ୍ଥାନାନ୍ତର କରାଯାଇଛି। ୱାଚର ସାଗର ନୂଆପଡା ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଗତ ରବିବାର ବିରୁନପଦର ଗାଁରେ ଭାଲୁ ଆକ୍ରମଣରେ ବାପାଙ୍କ ଜୀବନ ଚାଲିଯାଇଥିବା ବେଳେ ପୁଅ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ରବିବାର ଆକ୍ରମଣ ପରେ ଭାଲୁକୁ ଧରି ଅନ୍ୟତ୍ର ଛାଡ଼ିବାକୁ ଦାବି କରି ଗ୍ରାମବାସୀ ରାସ୍ତାରୋକୋ କରିଥିଲେ। ଏହାକୁ ନଜରରେ ରଖି କୋମନା ବନ ବିଭାଗ ଭାଲୁ ଗତିବିଧି ଉପରେ ଅନୁଧ୍ୟାନ କରୁଥିଲେ। ଶେଷରେ ବନ ବିଭାଗ କର୍ମଚାରୀମାନେ ଭାଲୁ ଆକ୍ରମଣର ଶିକାର ହୋଇଛନ୍ତି। ଏଭଳି ଘଟଣା ପରେ ମଙ୍ଗଳବାର ପୁଣି ଭାଲୁକୁ ଅନ୍ୟତ୍ର ଛାଡ଼ିବା ଏବଂ ସ୍ଥାନୀୟ ଲୋକଙ୍କୁ ସୁରକ୍ଷା ଦେବା ଦାବି କରି ୩୫୩ ନମ୍ବର ଜାତୀୟ ରାଜପଥ କୋମନା ବସ୍‌ଷ୍ଟାଣ୍ଡଠାରେ ୧ ଘଣ୍ଟା ଅବରୋଧ କରିଥିଲେ। ଘଟଣାସ୍ଥଳରେ କୋମନା ବିଡିଓ ସୁଶାନ୍ତ ରଣା, ତହସିଲଦାର ରବୀନ୍ଦ୍ର ରାଉତ ଓ ପୋଲିସ କର୍ମଚାରୀ ଆସି ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା।

# ବିଦ୍ୟାଳୟରେ ଆରମ୍ଭ ହେଲା 'ହାଉସ୍ ସିଷ୍ଟମ୍'

ଭୁବନେଶ୍ୱର,୧୮।୭(ଅନୁରାଧା ମହାରଣା)

ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚବିଦ୍ୟାଳୟରେ 'ହାଉସ୍ ସିଷ୍ଟମ୍' ଆରମ୍ଭ ହୋଇଛି। ଏହିକ୍ରମରେ ନାଲି, ହଳଦିଆ, ସବୁଜ ଓ ନୀଳ ରଙ୍ଗର ବନ୍ଦୋବସ୍ତ କରାଯାଇଛି। ପିଲାମାନଙ୍କୁ ଶାରୀରିକ ଓ ମାନସିକ ଭାବେ ସମୃଦ୍ଧ କରିବା ଉଦ୍ଦେଶ୍ୟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ 'ହାଉସ ସିଷ୍ଟମ' ଆରମ୍ଭ କରିଛି। 'ହାଉସ ସିଷ୍ଟମ' ଅନୁସାରେ, ପ୍ରତି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଦଳଗତ କାର୍ଯ୍ୟ କରିବାକୁ ଉତ୍ସାହିତ କରାଯାଉଛି । ଅନ୍ତର୍ନିହିତ ଗୁଣର ବିକାଶ, ବିଭିନ୍ନ ସମସ୍ୟାର ସମାଧାନ କରିବା, ପାରସ୍ପରିକ ସମ୍ପର୍କ, ସୃଜନଶୀଳତା, ସହାନୁଭୂତି ମନୋଭାବ, ଦଳଗତ କାର୍ଯ୍ୟ, ସହଯୋଗ ମନୋବୃତ୍ତି, ନିଷ୍ପତ୍ତି ନେବାର କ୍ଷମତା, ସମାଲୋଚନାତ୍ମକ ଚିନ୍ତାଧାରା, କର୍ତ୍ତବ୍ୟ ପରାୟଣତା, ଆତ୍ମ ସଚେତନତା, ଆତ୍ମବିଶ୍ୱାସ ବୃଦ୍ଧି, ବିଫଳତାରୁ ଶିକ୍ଷାଲାଭ କରିବାର କ୍ଷମତା ଆଦି ବିଭିନ୍ନ ମୌଳିକ ଗୁଣକୁ ବିକାଶ କରିବାରେ 'ହାଉସ୍ ସିଷ୍ଟମ' ସହାୟକ ହେବ ବୋଲି ଆଶା କରାଯାଉଛି। 'ହାଉସ୍ ସିଷ୍ଟମ' ଉଭୟ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ଲାଗୁ ହୋଇଛି। ୧୦୦ରୁ ଅଧିକ ଛାତ୍ରୀଛାତ୍ର ଥିବା ବିଦ୍ୟାଳୟଗୁଡ଼ିକରେ ୪ଟି ହାଉସ ଗଠନ କରାଯାଉଛି। ପ୍ରତି ଶ୍ରେଣୀର ଛାତ୍ରୀଛାତ୍ର, ପ୍ରତିଭା ଏବଂ ଲିଙ୍ଗଗତ ସାମଞ୍ଜସ୍ୟକୁ ଦୃଷ୍ଟିରେ ରଖି ସମାନ ଅନୁପାତରେ ୪ଟି ଦଳ ଗଠନ କରାଯାଉଛି। ୧୦୦ରୁ କମ୍ ଥିବା ବିଦ୍ୟାଳୟରେ ଦୁଇଟି ହାଉସ୍ ବା ଦଳ ଗଠନ ହେଉଛି।

# ବଢ଼ିଲା ଖବରଦାତାଙ୍କ ସ୍ୱାସ୍ଥ୍ୟବୀମା

**୨ରୁ ହେଲା ୫ ଲକ୍ଷ**

ଭୁବନେଶ୍ୱର, ୧୮।୭ (ଅନିଲଦାସ)

ରାଜ୍ୟରେ କାର୍ଯ୍ୟରତ ଖବରଦାତାମାନଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ରାଶି ରାଜ୍ୟ ସରକାର ବୃଦ୍ଧି କରିଛନ୍ତି। ଏହି ବୀମା ରାଶିର ପରିମାଣ ୨ ଲକ୍ଷ ଟଙ୍କାରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘୋଷଣା କରିଛନ୍ତି। ଏହା ଦ୍ୱାରା ରାଜ୍ୟର ୮୭୧୭ କାର୍ଯ୍ୟରତ ଖବରଦାତା ଓ ତାଙ୍କ ପରିବାର ଉପକୃତ ହେବେ। ସୂଚନାଯୋଗ୍ୟ ଯେ, ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ କାର୍ଯ୍ୟରତ ଖବରଦାତା ଓ ତାଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଥିଲା । ବର୍ତ୍ତମାନ ଏହା ୫ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇବା ଦ୍ୱାରା ଖବରଦାତା ଓ ତାଙ୍କ ପରିବାର ଉନ୍ନତ ଚିକିତ୍ସା ସେବା ପାଇ ପାରିବେ।






## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜଳ ପାଖରେ ବାସ କରି**
**କୁମ୍ଭୀର ସଙ୍ଗେ କିମ୍ପା କଳି**

ଜଳ ମଧ୍ୟରେ କୁମ୍ଭୀର ରହୁଥିବାବେଳେ ସେଥିପ୍ରତି ସତର୍କ ରହିବା ଉଚିତ ହୋଇଥାଏ । ସେହିପରି ବିପଦସଙ୍କୁଳ ସ୍ଥାନ ପାଖରେ ରହି ବିପଦକର୍ତ୍ତା ସଙ୍ଗେ ବିବାଦରେ ଲିପ୍ତ ରହିବା ଆଦୌ ଉଚିତ ହୋଇ ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି ।

**ଜଳକୁ କଣ୍ଟେ ଶତ୍ରୁକୁ ଆଣ୍ଟେ**
**ସାଙ୍ଗ ହୋଇଥାଇ ଜଣେ**
**ହଉ ପଛକେ ଆମ୍ବ ଡିମିରି**
**ତାକୁ ନ ଛାଡ଼ିବ କ୍ଷଣେ।**

ବାଡ଼ିଟିଏ ବ୍ୟକ୍ତିର ବହୁ ଉପକାରରେ ଆସିଥାଏ । ଯେକୌଣସି ପ୍ରକାର ବାଡ଼ି ହେଲେ ମଧ୍ୟ ବିପଦରେ ପଡ଼ିଥିବାବେଳେ ହାତରେ ବାଡ଼ିଟିଏ ଥିଲେ ବ୍ୟକ୍ତି ନିଜକୁ ନିରାପଦ ମନେକରିଥାଏ । ପରୋକ୍ଷରେ ବନ୍ଧୁ ଯେତେ ନଗଣ୍ୟ ହୋଇଥିଲେ ମଧ୍ୟ ତାକୁ କେବେହେଲେ ପାଖଛଡ଼ା କରିବା ଉଚିତ ହୋଇ ନ ଥାଏ । କାରଣ ବେଳ ପଡିଲେ ଏଭଳି ଅନୁରକ୍ତ ବନ୍ଧୁ ଯଥେଷ୍ଟ ଉପକାରରେ ଆସିଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ଓଡ଼ିଶାର ୧୯ ଜିଲାକୁ 'ଭୂମି ସମ୍ମାନ'

**■ ଡିଆଇଏଲ୍ଆର୍ଏମ୍ପି ଲକ୍ଷ୍ୟ ପୂରଣ ନେଇ ଓଡ଼ିଶାର ୧୯ ଜିଲାକୁ ମିଳିଲା ଏହି ସମ୍ମାନ**

**■ ଦିଲ୍ଲୀର ବିଜ୍ଞାନ ଭବନରେ ରାଷ୍ଟ୍ରପତି ଦେଲେ ଏହି ପୁରସ୍କାର**

ଭୁବନେଶ୍ୱର, ୧୮ା୭(ସୁନିତ୍ ମିଶ୍ର)

ଡିଜିଟାଲ୍ଇଣ୍ଡିଆ ଲ୍ୟାଣ୍ଡ ରେକର୍ଡସ ମଡର୍ନାଇଜେଶନ ପ୍ରୋଗ୍ରାମ (ଡିଆଇଏଲ୍ଆର୍ଏମ୍ପି)ର ଲକ୍ଷ୍ୟଗୁଡ଼ିକୁ ପୂରଣ କରିବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଓଡ଼ିଶାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭାରତର ଶ୍ରେଷ୍ଠ ରାଜ୍ୟ ଭାବେ 'ଭୂମି ସମ୍ମାନ' ପ୍ରଦାନ କରିଛନ୍ତି । ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଏହି ପୁରସ୍କାର ଦିଆଯାଇଛି । ଦେଶର ସମୁଦାୟ ୭୬୬ଜିଲାରୁ ୬୮ଟିକୁ ଡିଆଇଏଲ୍ଆର୍ଏମ୍ପି ଅନ୍ତର୍ଗତ ୬ଟି ବର୍ଗରେ ପ୍ଲାଟିନମ୍ ପୁରସ୍କାର ମିଳିଛି । ସେଥିମଧ୍ୟରୁ ଓଡ଼ିଶାର ୧୯ ଜିଲା ଏହି ପୁରସ୍କାର ପାଇବା ସମଗ୍ର ରାଜ୍ୟବାସୀଙ୍କ ପାଇଁ ଗୌରବର ବିଷୟ ହୋଇଛି । ସେହି ଜିଲାଗୁଡ଼ିକ ହେଉଛି ଅନୁଗୋଳ, ବୌଦ୍ଧ, ବରଗଡ଼, ଭଦ୍ରକ, ଦେଓଗଡ଼, ଢେଙ୍କାନାଳ, ଗଜପତି, ଗଞ୍ଜାମ, ଜଗତ୍‌ସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ନବରଙ୍ଗପୁର, ନୟାଗଡ଼, ନୂଆପଡ଼ା, ରାୟଗଡ଼ା ଓ ସମ୍ବଲପୁର । ରାଷ୍ଟ୍ରପତି ଏହି ଜିଲାଗୁଡ଼ିକର ଜିଲାପାଳ ବା ଅତିରିକ୍ତ ଜିଲାପାଳମାନଙ୍କୁ 'ଭୂମି ସମ୍ମାନ' ପୁରସ୍କାର ପ୍ରଦାନ କରିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦିଗ୍‌ଦର୍ଶନରେ ୫-ଟି କାର୍ଯ୍ୟାନ୍ୱୟନ ତଥା ମୋ ସରକାର ନିୟମାବଳୀ ମାଧ୍ୟମରେ ଜମିଜମା ରେକର୍ଡ ଏବଂ ଜନସେବାକୁ ଡିଜିଟାଇଜେଶନ୍ କରିବାରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ହୋଇପାରିଛି । ରାଜସ୍ୱ କାର୍ଯ୍ୟାଳୟଗୁଡ଼ିକରେ ନାଗରିକଙ୍କ ବ୍ୟକ୍ତିଗତ ଉପସ୍ଥିତିକୁ ଯଥାସମ୍ଭବ କମାଇବା ସହ ମଧ୍ୟସ୍ଥମାନଙ୍କ ଭୂମିକାକୁ ନ୍ୟୂନ କରିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି । ବିଭାଗ ଦ୍ୱାରା ନାଗରିକଙ୍କୁ ଯୋଗାଇ ଦିଆଯାଉଥିବା ୩୪ଟି ପ୍ରମୁଖ ସେବାକୁ ଅନ୍‌ଲାଇନ୍ କରାଯିବା ଦ୍ୱାରା ଲୋକମାନେ ଅନ୍‌ଲାଇନ ମାଧ୍ୟମରେ ଆବେଦନ ଏବଂ ସ୍ଥିତି ଜାଣିପାରୁଛନ୍ତି । ଭର୍ଚୁଆଲ୍ କୋର୍ଟ ମାଧ୍ୟମରେ ୧୩ ହଜାରରୁ ଊର୍ଦ୍ଧ୍ୱ ମାମଲାର ଫଇସଲା ହୋଇଛି ।

# ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଉପରେ ଅଧିକ ଗୁରୁତ୍ୱ

ଭୁବନେଶ୍ୱର, ୧୮ା୭(ସୁନିତ୍ ମିଶ୍ର)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୨୫ରୁ ୨୭ ତାରିଖ ପର୍ଯ୍ୟନ୍ତ ୩ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି । ସେ ଯୋଗଦେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ସୁରେଶ ଚନ୍ଦ୍ର ଦଲାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ନିରବଚ୍ଛିନ୍ନ ବିଦ୍ୟୁତ୍ ବ୍ୟବସ୍ଥା ନେଇ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି । ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କ ଅଧ୍ୟକ୍ଷତାରେ ସୋମବାର ରାଷ୍ଟ୍ରପତିଙ୍କ ଗସ୍ତ ନେଇ ହୋଇଥିବା ବୈଠକରେ ବିଦ୍ୟୁତ୍ ଯୋଗାଣ କଥାକୁ ବିଶେଷ ଗୁରୁତ୍ୱ ଦିଆଯାଇଥିବା ବେଳେ ଆଜିର ବୈଠକରେ ମଧ୍ୟ ସମାନ କଥା ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇଛି । ସ୍ଥାନୀୟ ସ୍ୱତନ୍ତ୍ର ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ କରାଯାଇଥିବା ବିଭିନ୍ନ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା ହୋଇଛି । ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ ସମୟରେ ସ୍ଥିରୀକୃତ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ଆସନ୍ତା ୨୫ରେ ରାଜଭବନଠାରେ ଓଡ଼ିଶାର ଆପଦଗ୍ରସ୍ତ ଜନଜାତି ଗୋଷ୍ଠୀ(ପିଭିଟିଜି) ପ୍ରତିନିଧିଙ୍କ ସହ ସାକ୍ଷାତ୍ ଆଲୋଚନା କରିବାକୁ ଥିବାବେଳେ ୨୭ରେ ଭୁବନେଶ୍ୱର ତମାଣ୍ଡୋର ଦଶବାଟିଆଠାରେ ବ୍ରହ୍ମାକୁମାରୀ କେନ୍ଦ୍ର ଲାଇଟ୍ ହାଉସ କମ୍ପ୍ଲେକ୍ସର ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗଦେବାର ଅଛି ।



ବୈଠକରେ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ସୁରେଶ ଚନ୍ଦ୍ର ଦଲାଇ ଏବଂ ଅନ୍ୟମାନେ।

**■ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଅଧ୍ୟକ୍ଷତାରେ ବସିଲା ବୈଠକ**

**■ ୩ ଦିନିଆ ଗସ୍ତ ବେଳେ ସମସ୍ତେ ଦାୟିତ୍ୱ ସୁଚାରୁରୂପେ ତୁଲାଇବାକୁ ପରାମର୍ଶ**

ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ସୁରକ୍ଷା ବ୍ୟବସ୍ଥା ଏବଂ ଖୋର୍ଦ୍ଧା ଜିଲା ପ୍ରଶାସନର ଅନ୍ୟାନ୍ୟ ଆନୁଷଙ୍ଗିକ ପ୍ରସ୍ତୁତି ସମ୍ପର୍କରେ ବୈଠକରେ ଆଲୋଚନା ହୋଇଛି । ରାଷ୍ଟ୍ରପତି ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା, ରାଜଭବନ ଓ ତମାଣ୍ଡୋଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବାଠାରୁ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ ପର୍ଯ୍ୟନ୍ତ ସବୁକିଛି ଯେପରି ତ୍ରୁଟିଶୂନ୍ୟ ଏବଂ ସୁଚାରୁରୂପେ ସମ୍ପାଦିତ ହେବ ସେନେଇ ଯତ୍ନବାନ ହେବାକୁ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଉପସ୍ଥିତ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । କାର୍ଯ୍ୟକ୍ରମ ସମୟରେ ସଭାସ୍ଥଳୀକୁ ନିରବଚ୍ଛିନ୍ନ ବିଦ୍ୟୁତ୍ ସରବରାହ ସୁନିଶ୍ଚିତ କରିବା ପାଇଁ ଶକ୍ତି ବିଭାଗ, ଟିପିସିଓଡିଏଲ ଏବଂ ଓପିଟିସିଏଲକୁ ସମସ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି ।

# ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ପ୍ରବୋଧ ରାଉତଙ୍କ ପରଲୋକ

ଭୁବନେଶ୍ୱର,୧୮ା୭(ଶର୍ମିଷ୍ଠା ପାଣିଗ୍ରାହୀ)



ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ପ୍ରବୋଧ କୁମାର ରାଉତଙ୍କର ମଙ୍ଗଳବାର ସନ୍ଧ୍ୟା ୭ଟାରେ କଟକସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି । ତାଙ୍କୁ ୫୩ ବର୍ଷ ବୟସ ହୋଇଥିଲା । ଗତ ରବିବାର କଟକର ବିଜୁ ପଟ୍ଟନାୟକ ଛକଠାରେ ସେ ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ । ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଥିବାବେଳେ ଓଡ଼ିଆ ଭାଷା, ସାହିତ୍ୟ ସଂସ୍କୃତି ବିଭାଗର ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ନିର୍ଦ୍ଦେଶକ ଦିଲୀପ ରାଉତରାଏ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଡ. ହୃଷୀକେଶ ମଲ୍ଲିକ, ଉପସଭାପତି ସଂଗ୍ରାମ ଜେନାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି । ତାଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି ।

ଧର୍ମାନନ୍ଦ ରାଉତ ଓ ପ୍ରମିଳା ଦେବୀଙ୍କ ପୁତ୍ର ପ୍ରବୋଧ ଏକାଧାରରେ ଜଣେ କବି, ଗୀତିକାର ଓ ନାଟ୍ୟକାର ଥିଲେ । ସେ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ପଦ ସହିତ ଓକାକ୍‌ରେ ପ୍ରଶାସନିକ ଅଧିକାରୀ ଭାବେ ଦାୟିତ୍ୱରେ ଥିଲେ । ସେ ଜଗତ୍‌ସିଂହପୁର ଜିଲାର କାଦୁଆପଡ଼ା ଗ୍ରାମ ନିକଟସ୍ଥ ଗୋପାଳପୁର ଗ୍ରାମରେ ୧୯୭୦ ମସିହା ମେ ୧୫ରେ ଜନ୍ମଗ୍ରହଣ କରିଥିଲେ । ସେ କଟକଠାରେ ସହଧର୍ମିଣୀ, ପୁଅ ଓ ଝିଅଙ୍କ ସହିତ ରହୁଥିଲେ । ରାଉତ ରେଭେନ୍‌ଶା ମହାବିଦ୍ୟାଳୟରୁ ଅର୍ଥନୀତିରେ ସ୍ନାତକୋତ୍ତର ଶିକ୍ଷା ପରେ ଆଇନ, ସମବାୟ ପରିଚାଳନା ଓ ରପ୍ତାନି ପରିଚାଳନାରେ ଉଚ୍ଚତର ଶିକ୍ଷା ଲାଭ କରିଥିଲେ । ସେ କବିତା ପୁସ୍ତକ 'ଅଳ୍ପ ଅଶିଣ ପାପ' ଏବଂ ଏକାଙ୍କିକା ପୁସ୍ତକ 'ଦ ମିଷ୍ଟ୍ରି ଅଫ୍ ଦ ବ୍ରୋକନ ଟ୍ରଙ୍କ୍' ଏବଂ ଗଳ୍ପ ସଙ୍କଳନ 'ଅଜନ୍ତା ଏଲୋରା ପରି' ପ୍ରଭୃତି ରଚନା କରିଥିଲେ । ସେ ବେତାର ନାଟକ ପୁରସ୍କାର-୨୦୦୪, ରାଜ୍ୟ କୃଷି ବିପଣନ ପରିଷଦ ପକ୍ଷରୁ କିଷାନ ପରିବାର ସମ୍ମାନ, ଫକୀରମୋହନ ସ୍ମୃତି ସଂସଦ ସମ୍ମାନ, ରାଷ୍ଟ୍ରୀୟ କିଷାନ ପରିବାର ସମ୍ମାନ, ଆଦିକବି ସାରଳା ଦାସ ସାରସ୍ୱତ ସମ୍ମାନ, ଶ୍ରେଷ୍ଠ ଯୁବ ସାହିତ୍ୟିକ ସମ୍ମାନ, ଜାତୀୟ ସାହିତ୍ୟ ରତ୍ନ ସମ୍ମାନ-୨୦୧୭ ଆଦି ବିଭିନ୍ନ ସମ୍ମାନରେ ସମ୍ମାନିତ ହୋଇଥିଲେ ।

# ପଥର ଖନନ ବେଳେ ଡ୍ରିଲିଂ ମେଶିନ ଜବତ

ଖୁଣ୍ଟା,୧୮ା୭(ଦେବରଞ୍ଜନ ବେହେରା)

ମୟୂରଭଞ୍ଜ ଜିଲା ଖୁଣ୍ଟା ତହସିଲ ଅଧୀନ ସୁବର୍ଣ୍ଣମଞ୍ଜରୀ ଗ୍ରାମରେ ବେଆଇନ ଭାବେ ପଥର ଖନନ ପାଇଁ ପ୍ରୟାସ ଜାରି ରହିଥିବା ବେଳେ ସ୍ଥାନୀୟ ତହସିଲ କର୍ତ୍ତୃପକ୍ଷ ଚଢ଼ାଉ କରି ଏକ ଡ୍ରିଲିଂ ମେଶିନ ଜବତ କରିଛନ୍ତି । ତହସିଲଦାର ଅଙ୍କୁର ଅଭିଳାଷ ଓ ଅତିରିକ୍ତ ତହସିଲଦାର ସୌମ୍ୟ ରଞ୍ଜନ ବେହେରା ଘଟଣାସ୍ଥଳରେ ପହଞ୍ଚି ଏହାକୁ ଜବତ କରିଥିଲେ । ଉଲ୍ଲେଖଯୋଗ୍ୟ, ଶିମିଳିପାଳର ସୁରକ୍ଷାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ କୌଣସି ପଥର ଖାଦାନ ନିଲାମ ହେଉ ନ ଥିଲେ ମଧ୍ୟ ଚୋରା ପଥର ବେପାରୀଙ୍କ ଦ୍ୱାରା ବେଆଇନ ଭାବେ ପଥର ଉତ୍ତୋଳନ କରାଯାଉଛି । ଏନେଇ ଶିମିଳିପାଳ ପଦଦେଶ ତଥା ଖୁଣ୍ଟା ତହସିଲ ଅଧୀନ କେତେକ ଅଞ୍ଚଳରେ ସୋମବାର ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଯାଇଥିଲେ ମଧ୍ୟ ଚୋରା ପଥର ବେପାରୀମାନେ ବେଆଇନ କାର୍ଯ୍ୟ ଚଳାଇ ଆସୁଥିବା ଦେଖିବାକୁ ମିଳିଛି ।

**ପ୍ରଥମ ପୃଷ୍ଠାରୁ...**

## ଏନ୍‌ଡିଏ ବନାମ...

ରଖିବା ପାଇଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ବାନାର୍ଜୀ ପ୍ରସ୍ତାବ ଦେଇଥିଲେ । ଏହାର ଫୁଲ୍ ଫର୍ମ ବାହାର କରିବା ଉପରେ ଦୀର୍ଘ ସମୟ ଧରି ଆଲୋଚନା ହୋଇଥିଲା । ମମତା କହିଛନ୍ତି, ଭାଜପା, ତୁମେ କ'ଣ ଇଣ୍ଡିଆକୁ ଚ୍ୟାଲେଞ୍ଜ କରିପାରିବ? ଆମେ ଆମ ମାତୃଭୂମିକୁ ଭଲପାଉ । ଆମେ ହେଉଛୁ ଦେଶଭକ୍ତ । ଆମେ ଚାଷୀ, ଦଳିତଙ୍କ ପାଇଁ ଅଛୁ। ଆମେ ଦେଶ ଓ ବିଶ୍ୱ ପାଇଁ ଏକାଠି ହୋଇଛୁ। ବର୍ତ୍ତମାନ କେନ୍ଦ୍ର ଗୋଟିଏ କାମ କରୁଛି। ତାହା ହେଲା, ସରକାର କିଣାବିକା। ଇଣ୍ଡିଆ ଜିତିବ ଏବଂ ଭାଜପା ହାରିବ ବୋଲି ମମତା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସେହିପରି ମିଳିତ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ଖାର୍ଗେ କହିଛନ୍ତି, ବିରୋଧୀ ବ୍ଲକ୍‌ର ଏହି ଦ୍ୱିତୀୟ ବୈଠକ ଦେଶବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଗଣତନ୍ତ୍ର ଓ ସମ୍ବିଧାନକୁ ବଞ୍ଚାଇବା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆମେ ଏକାଠି ହୋଇ ବିଭିନ୍ନ ବିନ୍ଦୁ ଉପରେ ଆଲୋଚନା କରିଛୁ। ସବୁ ଦଳ ଗୋଟିଏ ସ୍ୱରରେ ସଂକଳ୍ପନାମାକୁ ସମର୍ଥନ କରି ଗୃହୀତ କରାଇଛନ୍ତି। ଆମ ମେଣ୍ଟ 'ଭାରତୀୟ ଜାତୀୟ ବିକାଶମୂଳକ ସମାବେଶୀ ମେଣ୍ଟ' (ଇଣ୍ଡିଆ) ନାମରେ ପରିଚିତ ହେବ। କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କହିଛନ୍ତି, ଏକ କାର୍ଯ୍ୟ ଯୋଜନା ପ୍ରସ୍ତୁତି ପାଇଁ ନିଷ୍ପତ୍ତି ନିଆଯାଇଛି। ଏହା ଉପରେ ବିଚାରଧାରା ଓ କାର୍ଯ୍ୟକ୍ରମ ଆଗକୁ ବଢ଼ାଯିବ। ଭାଜପା ଦେଶକୁ ଆକ୍ରମଣ କରୁଛି, ବେରୋଜଗାରି ସର୍ବୋଚ୍ଚ ସ୍ତରକୁ ଉଠିଛି। ଦେଶର ସମ୍ପତ୍ତି ଅନେକ କୋଟି ଭାରତୀୟଙ୍କ ହାତରୁ ଛଡ଼ାଇନେଇ ଅଳ୍ପ କେତେଜଣଙ୍କୁ ହସ୍ତାନ୍ତର କରାଯାଉଛି। ଏନ୍‌ଡିଏ ଏବଂ ଇଣ୍ଡିଆ ମଧ୍ୟରେ ଲଢ଼େଇ ହେବାକୁ ଯାଉଛି। ଭାରତ ବିରୋଧରେ ଲଢ଼ିଲେ କ'ଣ ହୁଏ ସମସ୍ତେ ଜାଣନ୍ତି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଜାତୀୟ ଆବାହକ ଅରବିନ୍ଦ କେଜ୍‌ରିୱାଲ ନିଜ ବକ୍ତବ୍ୟ ରଖି କହିଛନ୍ତି, ଗତ ୯ ବର୍ଷ ମଧ୍ୟରେ ଦେଶ ପାଇଁ ବହୁତ କିଛି କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୁଯୋଗ ପାଇଥିଲେ। କିନ୍ତୁ କୌଣସି କ୍ଷେତ୍ରରେ କିଛି ବିକାଶ ହୋଇନାହିଁ। ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଶିବସେନା ୟୁବିଟି ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ କହିଛନ୍ତି, ବିଚାରଧାରା ଅଲଗା ହୋଇପାରେ, କିନ୍ତୁ ଆମ ପାଇଁ ଦେଶ ହେଉଛି ସର୍ବୋଚ୍ଚ ପ୍ରାଥମିକତା। ଭାଜପା କହୁଛି, ଆମେ ପରିବାର ପାଇଁ ଲଢ଼ୁଛୁ। ସେମାନେ ଜାଣିବା ଉଚିତ ଯେ, ଦେଶ ହେଉଛି ଆମ ପରିବାର, ଯାହା ପାଇଁ ଆମେ ଲଢ଼େଇ କରୁଛୁ। ଆମ ଲଢ଼େଇ କୌଣସି ବ୍ୟକ୍ତିଙ୍କ ବିରୁଦ୍ଧରେ ନୁହେଁ, ବରଂ ଏକଛତ୍ରବାଦ ବିରୋଧରେ।

୨୬ ବିରୋଧୀ ଦଳର ନେତାମାନେ ଜାତିଗତ ଜନଗଣନା କାର୍ଯ୍ୟକାରୀ କରିବାକୁ ଦାବି କରିଛନ୍ତି। ବୈଠକ ପରେ ଜାରି କରାଯାଇଥିବା ସାମୂହିକ ସଂକଳ୍ପରେ ସମ୍ବିଧାନ ଅନୁସାରେ ଭାରତକୁ ସୁରକ୍ଷା ଦେବା ନେଇ ପ୍ରସ୍ତାବ ରହିଛି। ଦେଶକୁ ଭାଜପା ଦ୍ୱାରା ବିଭିନ୍ନ ପ୍ରକାରେ ଆକ୍ରମଣ କରାଯାଇଛି। ଆମେ ଇତିହାସର ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଛିଡ଼ା ହୋଇଛେ। ଧର୍ମନିରପେକ୍ଷ ଗଣତନ୍ତ୍ର, ଆର୍ଥିକ ସାର୍ବଭୌମତ୍ୱ, ସାମାଜିକ ନ୍ୟାୟ ଓ ସଂଘୀୟ ସହଯୋଗିତା ଭଳି ଭାରତୀୟ ସମ୍ବିଧାନର ସ୍ତମ୍ଭଗୁଡ଼ିକୁ ଉଦ୍ଦେଶ୍ୟମୂଳକ ଭାବେ ନ୍ୟୂନ କରିଦିଆଯାଉଛି ବୋଲି ସେମାନେ ଅଭିଯୋଗ ଆଣିଛନ୍ତି। ବିରୋଧୀ ଦଳଗୁଡ଼ିକ ମଣିପୁର ହିଂସା ଯୋଗୁ ସୃଷ୍ଟି ହୋଇଥିବା ମାନବୀୟ ସଙ୍କଟକୁ ନେଇ ଗଭୀର ଚିନ୍ତାବ୍ୟକ୍ତ କରିଛନ୍ତି। ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀଙ୍କ ଅଭୂତପୂର୍ବ ନୀରବତା ସମସ୍ତଙ୍କୁ ଚକିତ କରିଦେଇଛି। ଏଥିଲାଗି ଶାନ୍ତି ପ୍ରତିଷ୍ଠା ଉଦ୍ୟମ ଉପରେ ବିରୋଧୀ ଜୋର୍ ଦେଇଛନ୍ତି। ସମ୍ବିଧାନ ଏବଂ ଗଣତାନ୍ତ୍ରିକ ଉପାୟରେ ନିର୍ବାଚିତ ସରକାର ବିରୋଧରେ ହେଉଥିବା ଆକ୍ରମଣକୁ ଦୃଢ଼ ନିନ୍ଦା କରିବା ସହ ଏହାର ମୁକାବିଲା ପାଇଁ ବିରୋଧୀ ପ୍ରସ୍ତୁତ ହୋଇଛନ୍ତି। ଅଣଭାଜପା ଶାସିତ ରାଜ୍ୟଗୁଡ଼ିକରେ ରାଜ୍ୟପାଳ ଓ ଉପରାଜ୍ୟପାଳ(ଏଲ୍‌ଜି)ମାନେ ସାମ୍ବିଧାନିକ ନିୟମ ଉଲ୍ଲଂଘନର ସବୁ ସୀମା ଉଲ୍ଲଂଘନ କରିଛନ୍ତି। ଭାଜପା ନିଜ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀମାନଙ୍କ ବିରୋଧରେ ଅଗଣତାନ୍ତ୍ରିକ ଭାବେ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକୁ ଲଗାଉଛି। ଅଣଭାଜପା ଶାସିତ ରାଜ୍ୟଗୁଡ଼ିକୁ କେନ୍ଦ୍ର ବୈଧ ଆବଶ୍ୟକତା ଓ ଅଧିକାରରୁ ବଞ୍ଚିତ କରୁଛି ବୋଲି ସଂକଳ୍ପନାମାରେ ଉଲ୍ଲେଖ କରାଯାଇଛି। ରୁଦ୍ଧଦ୍ୱାର ବୈଠକରେ ହୋଇଥିବା ଆଲୋଚନା ଅନୁସାରେ କଂଗ୍ରେସ ସଂସଦୀୟ ଦଳ ନେତ୍ରୀ ତଥା ପୂର୍ବରୁ ଉପା ଅଧ୍ୟକ୍ଷା ଥିବା ସୋନିଆ ଗାନ୍ଧୀଙ୍କୁ ନୂଆ ମେଣ୍ଟ ଇଣ୍ଡିଆର ମଙ୍ଗ ସମ୍ଭାଳିବାକୁ ଦାୟିତ୍ୱ ଦିଆଯିବ। ସେହିପରି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ଆବାହକ କରାଯିବ। ବୈଠକରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍, ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ମୁଖ୍ୟ ଲାଲୁ ପ୍ରସାଦ ଯାଦବ, ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି ଶରଦ ଗୋଷ୍ଠୀ) ମୁଖ୍ୟ ଶରଦ ପାୱାର, ସମାଜବାଦୀ ପାର୍ଟି (ଏସ୍‌ପି) ମୁଖ୍ୟ ଅଖିଳେଶ ଯାଦବ, ସିପିଆଇଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ, ଜମ୍ମୁ-କଶ୍ମୀରର ୩ ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବ୍‌ଦୁଲ୍ଲା, ତାଙ୍କ ପୁଅ ଓମାର ଅବ୍‌ଦୁଲ୍ଲା (ଏନ୍‌ସି) ଏବଂ ମେହବୁବା ମୁଫ୍‌ତି (ପିଡିପି) ପ୍ରମୁଖ ଯୋଗଦେଇଥିଲେ।

## ଭୁଶୁଡ଼ିଲା ଜାତୀୟ....

ସେମାନେ ବଡ଼ ବିପଦରୁ ବର୍ତ୍ତିଯାଇଥିବା ଚର୍ଚ୍ଚାହେଉଛି। ଗତ ୨ ବର୍ଷ ହେବ ଏହି ରାଜପଥ ସମ୍ପ୍ରସାରଣ ଓ ମରାମତି ସମୟରେ ଉକ୍ତ ବ୍ରିଜର ଗୁଣବତ୍ତା ଉପରେ ଅଣଦେଖା କରାଯାଇଥିବାରୁ ତାହା ଦବି ଯାଇଥିବା ମତପ୍ରକାଶ ପାଇଛି। ଅନ୍ୟପକ୍ଷରେ ୨୦୦୭ରେ ନିର୍ମିତ ଏହି ବ୍ରିଜ ନିର୍ମାଣରେ ଅନେକ ବୈଷୟିକ ତ୍ରୁଟି କାରଣରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଏଥିପାଇଁ ଏକ ୩ ଜଣିଆ ତଦନ୍ତ କମିଟି ଗଠନ କରାଯାଇଛି। କମିଟିରେ ଅବସରପ୍ରାପ୍ତ ବିଶେଷଜ୍ଞ ଇଞ୍ଜିନିୟର ଏ.କେ. ଶ୍ରୀବାସ୍ତବ, ଏସ୍.କେ. ଶର୍ମା ଓ ଆଲୋକ ପାଣ୍ଡେ ରହିଛନ୍ତି। ବାଲେଶ୍ୱର ଡିଭିଜନର ପ୍ରକଳ୍ପ ନିର୍ଦ୍ଦେଶକ ଜେ.ପି. ବର୍ମା ବ୍ରିଜ ଭୁଶୁଡିବା ଉପରେ ପ୍ରାଥମିକ ରିପୋର୍ଟ ଦେବାପରେ ଏନ୍‌ଏଚ୍‌ଏଆଇ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ତଦନ୍ତ ରିପୋର୍ଟ ମିଳିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବର୍ମା କହିଛନ୍ତି।

ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓ ରାଜପଥ ନିର୍ମାଣ ଦାୟିତ୍ୱରେ ଥିବା ଠିକାସଂସ୍ଥା ପକ୍ଷରୁ ରାସ୍ତା ଓ ବ୍ରିଜ ନିର୍ମାଣବେଳେ ନିମ୍ନମାନର କାମ ହୋଇଥିବାରୁ ଏଭଳି ଘଟିଲା ବୋଲି ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଅଭିଯୋଗ କରୁଛନ୍ତି। ଏମିତି କି ରାଜପଥ କର୍ତ୍ତୃପକ୍ଷ ଓ ଠିକାସଂସ୍ଥା ବିରୋଧରେ ସାମାଜିକ କର୍ମୀ ଧୀରେନ୍ଦ୍ର କୁମାର ପଣ୍ଡା ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ ୨୦୦୭ରେ ୫ନମ୍ବର ଜାତୀୟ ରାଜପଥ(ଯାହାର ନାମ ଏବେ ୧୬ନମ୍ବର ରଖାଯାଇଛି)କୁ ସମ୍ପ୍ରସାରଣ କରାଯାଇଥିଲା। ସେତେବେଳେ ଜାତୀୟ ରାଜପଥକୁ ୪ ଥାକିଆ ରାସ୍ତାରେ ପରିଣତ କରାଯାଇଥିଲା। ରାଜପଥ ନିର୍ମାଣ ଓ ମରାମତି କାର୍ଯ୍ୟ ଠିକାସଂସ୍ଥା ଗେମନ ଇଣ୍ଡିଆ ଲିମିଟେଡ୍‌କୁ ଦିଆଯାଇଥିଲା। ନିର୍ମାଣର ୧୫ବର୍ଷ ପରେ ବ୍ରିଜ୍ ଭୁଶୁଡ଼ି ଦବି ଯାଇଥିବାବେଳେ ଏହି ରାସ୍ତାରେ ଥିବା ଅନ୍ୟ ବ୍ରିଜଗୁଡ଼ିକର ଗୁଣବତ୍ତା ଉପରେ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ୨୦୨୨ରେ ରାଜପଥକୁ ୬ ଥାକିଆ ସଂପ୍ରସାରଣ ଓ ମରାମତି କାର୍ଯ୍ୟ କରାଯାଇଥିଲା। ଏହି ସମୟରେ ବ୍ରିଜ୍‌ର ଉପରି ଭାଗରୁ କେବଳ ପିଚୁ ତାଡି କିଛିଟା ଉନ୍ନତି କାମ ହୋଇଥିଲା। ସେତେବେଳେ ବ୍ରିଜର ସ୍ଲାବ ଓ ଗାର୍ଡରରେ ଥିବା ଫାଟ ଓ ଦୁର୍ବଳ ଅଂଶକୁ ବୈଷୟିକ ଟିମ୍ ଧରିବାରେ ବିଫଳ ହୋଇଥିବା ପ୍ରମାଣିତ ହୋଇଛି। ଏପରି କି ମରାମତି କାର୍ଯ୍ୟକୁ କେବଳ ଉପର ଠାଉରିଆ ଭାବରେ କରାଯାଇଥିବା ସ୍ପଷ୍ଟ ହେଉଛି।

# ଏନ୍‌ଏଚ୍-୧୬ର ଆରଡ଼ିଛକ ଓଭରବ୍ରିଜରେ ବିରାଟ ଗର୍ତ୍ତ

ଭଦ୍ରକ, ୧୮ା୭ (ସନାତନ ରାଉତ)

୧୬ ନଂ. ଜାତୀୟ ରାଜପଥର ଯାଜପୁର ଜିଲା ରସୁଲପୁରଠାରେ ମଙ୍ଗଳବାର ଓଭରବ୍ରିଜ୍ ଦବି ଯାଇଥିବା ବେଳେ ଭଦ୍ରକର ଆରଡ଼ିଛକ ଓଭରବ୍ରିଜ୍‌ରେ ଏକ ବିରାଟ ଗର୍ତ୍ତ ନଜରକୁ ଆସିଛି। ଖବର ପାଇବା ପରେ ଜାତୀୟ ରାଜପଥର ପ୍ରକଳ୍ପ ନିର୍ଦ୍ଦେଶକ ଏ. କେ. ବର୍ମା ଉକ୍ତ ସ୍ଥାନ ପରିଦର୍ଶନ କରିଛନ୍ତି। ଜେସିବି ଦ୍ୱାରା ଉକ୍ତ ଗର୍ତ୍ତକୁ ତାଡ଼ିବା ପରେ ପ୍ରାୟ ୩୦ଫୁଟ୍ ଲମ୍ବ ଏବଂ ୬ ଫୁଟ୍ ଓସାରର ରାସ୍ତା ୧୦ ଫୁଟ ତଳକୁ ଦବି ଯାଇଥିବା ଦେଖାଯାଇଥିଲା। ଏହି ଗର୍ତ୍ତ ଆହୁରି ଅଧିକ ଲମ୍ବା ଥିବା ଅନୁମାନ କରାଯାଉଛି। ଏକା ସମୟରେ ଗର୍ତ୍ତକୁ ଖୋଲିଲେ ସମ୍ପୂର୍ଣ୍ଣ ରାସ୍ତା ଧସିଯିବାର ଆଶଙ୍କା ରହିଛି। ଖୋଲାଯାଇଥିବା ଅଂଶକୁ କଂକ୍ରିଟ ଢଳେଇ ସରିବା ପରେ ବାକି ଅଂଶ ଖୋଲାଯିବ ବୋଲି ଜାତୀୟ ରାଜପଥ ମେଣ୍ଟେନାନ୍ସ ବିଭାଗର ଜନୈକ ଅଧିକାରୀ ପ୍ରକାଶ କରିଛନ୍ତି।



ରାଜପଥରେ ସୃଷ୍ଟି ହୋଇଥିବା ଗର୍ତ୍ତକୁ ଜେସିବି ଦ୍ୱାରା ଖୋଳାଯାଇଛି।

ପ୍ରକାଶଥାଉ କି, ଏହି ଓଭରବ୍ରିଜ୍ ପ୍ରାୟ ୪ ମାସ ତଳେ ନିର୍ମାଣ ସମ୍ପୂର୍ଣ୍ଣ ହୋଇ କାର୍ଯ୍ୟକ୍ଷମ ହୋଇଥିଲା। ନିମ୍ନମାନର କାର୍ଯ୍ୟ ଯୋଗୁ ଏପରି ସ୍ଥିତି ସୃଷ୍ଟି ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଓଭରବ୍ରିଜ୍ କାନ୍ଥରେ କଣା ଥିବା ଯୋଗୁ ସେହି କଣା ବାଟରେ ମ୍ୟାଟେରିଆଲ ବୋହି ଯାଇଥିବାରୁ ଗର୍ତ୍ତ ସୃଷ୍ଟି ହୋଇଥିବା ଜନୈକ ଅଧିକାରୀ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟସାଧନ ସଙ୍ଗକୁ ପାରିବାରିକ ସମସ୍ୟାକୁ ସୁଧାରି ନେବାର ପ୍ରଯତ୍ନ କରିପାରନ୍ତି। ଧାରକରଜ କରିବାକୁ ବନ୍ଧୁଙ୍କୁ ଅନୁରୋଧ କରିବାକୁ ପଡ଼ିପାରେ। ବିଶେଷ ଭ୍ରମଣଜନିତ ଶାରୀରିକ କ୍ଲାନ୍ତି ଓ ଅବସାଦ ଦେଖାଦେବାର ଆଶଙ୍କା ରହିଛି। ବନ୍ଧୁମାନଙ୍କ ଗହଣରେ ନୂତନ ସ୍ଥାନ ପରିଦର୍ଶନରେ ଯିବା ସକାଶେ ମନ ବଳାଇପାରନ୍ତି।

**ବୃଷ**
ଆପଣଙ୍କ ବ୍ୟବହାରରେ କଠୋରତା ପ୍ରଦାନ କରି ସମସ୍ୟା ସୃଷ୍ଟିର କାରଣ ପାଲଟି ଯିବ। ବନ୍ଧୁମାନଙ୍କ କାର୍ଯ୍ୟଶୈଳୀକୁ ନାପସନ୍ଦ କରି ଅପ୍ରିୟତା ଅର୍ଜନ କରିବେ। ଆସନ୍ତାକାଲିର ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁଦଉଡ଼ କରିବାକୁ ପଡ଼ିପାରେ। ନିକଟ ସମ୍ପର୍କୀୟମାନଙ୍କ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ମିଥୁନ**
ସାଧାରଣ କଥାରେ ଉତ୍ତେଜିତ ହେବା ଦ୍ୱାରା କଳହ ଜନିତ ପଡ଼ୋଶୀମାନଙ୍କ ସହ ସମ୍ପର୍କରେ ହ୍ରାସ ଘଟିବ। କର୍ମକ୍ଷେତ୍ରର ସମସ୍ୟାକୁ କେନ୍ଦ୍ରକରି ମାନସିକ ସ୍ଥିରତା ରହି ନ ପାରେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ସାମୟିକ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି। ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ବ୍ୟସ୍ତତା ପ୍ରକାଶ କରିପାରନ୍ତି।

**କର୍କଟ**
ଅତୀତ ଘଟଣା, ବନ୍ଧୁଙ୍କ ଅବିବେକୀ କାମ, ସହକର୍ମୀଙ୍କ କୂଟନୀତି ଓ ଆତ୍ମୀୟଙ୍କ ବେଖାତିର କଥା ସକାଶେ ଅନୁତାପ କରିପାରନ୍ତି। କର୍ମକ୍ଷେତ୍ରସ୍ଥ ବନ୍ଧୁଙ୍କ ଆଶ୍ୱାସନା କ୍ରମେ ଅର୍ଥ ସମ୍ପର୍କୀୟ କୌଣସି ଅନୁଚିନ୍ତା ସାୟାହ୍ନେ ଦୂର ହେବ। କର୍ମକ୍ଷେତ୍ରର ସ୍ଥିତି ଅନୁକୂଳ ହୋଇପାରେ। ପରିବାରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ।

**ସିଂହ**
ଆଜି ମନ ବୁଝିଲାଭଳି କଥା କହି କାମ ହାସଲ କରିପାରିବେ। ଟଙ୍କା ପଇସା ଯୋଗାଡ଼ ସକାଶେ ବିଭିନ୍ନ ଯୋଜନା କରିପାରନ୍ତି। ପରିବାରର ଆକସ୍ମିକ ଭାବରେ କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ଶିଳ୍ପ, ବାଣିଜ୍ୟ ଓ ପରିବହନ, ଏଜେନ୍ସି, ଗଣ ଯୋଗାଯୋଗ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କନ୍ୟା**
ଗତକାଲିର ଘରୋଇ ବ୍ୟାପାରକୁ ନେଇ ମାନସିକ ସ୍ଥିତି ଭଲ ରହି ନ ପାରେ। ତରବର ନ ହୋଇ କାମକଲେ ସମସ୍ୟାର ସରଳ ସମାଧାନ ହେବାରେ କୌଣସି ଅସୁବିଧା ରହିବ ନାହିଁ। ସ୍ୱାର୍ଥର ବଶବର୍ତ୍ତୀ ହୋଇ ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିପାରନ୍ତି। ବନ୍ଧୁଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**ତୁଳା**
ପରିବାରରେ କାହା ମନ କାହା ସଙ୍ଗରେ ନ ମିଶିବା କାରଣରୁ ମନ ଭଲ ରହିବ ନାହିଁ। ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ। କୌଣସି ଜିନିଷ କ୍ରୟ ସକାଶେ ହଠାତ୍ ମୋଟା ଅଙ୍କ ଅର୍ଥର ଆବଶ୍ୟକତା ଅନୁଭବ କରିବେ। ଘରକୁ ଆସିଥିବା ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ।

**ବିଛା**
ସ୍ଥଗିତକାର୍ଯ୍ୟକୁ ତ୍ୱରାନ୍ୱିତ କରିବାରେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ପ୍ରଶାସନିକ ସ୍ତରରେ ଅନ୍ୟମାନଙ୍କୁ ନିଜ କାମରେ ସହଭାଗିତା କରାଇପାରିବେ। ପୂର୍ବରାଗ କ୍ରମରେ ଗୁପ୍ତ ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇବାର ସୂଚନା ରହିଛି। ପାରିବାରିକ କ୍ଷେତ୍ରରେ ଜାଣିଶୁଣି ସବୁ କଥାରେ ନୀରବ ରହିବାକୁ ପଡ଼ିବ।

**ଧନୁ**
କର୍ମକ୍ଷେତ୍ରରେ ପ୍ରତିବନ୍ଧକ ଲାଗି ରହିଥିଲେ ମଧ୍ୟ ଭାବୁଥିବା କଥାଟି ଆଜି ଯଥା ସମୟରେ ହୋଇଯିବ। ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ବ୍ୟବସାୟ, ପରିବହନ, ଅର୍ଥ ସମ୍ପର୍କ ଓ ଆନୁଷ୍ଠାନିକ କାମରୁ ମନ ଖୁସି ରହିବ।

**ମକର**
ସ୍ଥଗିତ ରହିଥିବା କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହୋଇଯିବ କିନ୍ତୁ ବହୁତ ଖର୍ଚ୍ଚାନ୍ତ ହେବାକୁ ପଡ଼ିବ। ବନ୍ଧୁମାନଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡ଼ିବେ। କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ରରେ ଉନ୍ନତି କରିବେ ଓ ସୁନାମ ମଧ୍ୟ ପାଇବେ। ପ୍ରତ୍ୟାବର୍ତ୍ତନ ପଥରେ ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପାରନ୍ତି।

**କୁମ୍ଭ**
ନିଜର ଲୋକମାନେ ଯେତେ ସମସ୍ୟା ସୃଷ୍ଟି କଲେ ମଧ୍ୟ କୌଣସି ଅସୁବିଧା ହେବ ନାହିଁ। ବ୍ୟବସାୟ ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହୋଇପାରେ। ଏକ ଭିନ୍ନ ପରିସ୍ଥିତିରେ ଦୀର୍ଘ ଦିନରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ବନ୍ଧୁଙ୍କ ସମର୍ଥନ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରିବ।

**ମୀନ**
ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ସତର୍କରେ ନ ଚଳିଲେ ବିବାଦ ଭିତରକୁ ଟାଣି ହୋଇପାରନ୍ତି। ପାରିବାରିକ ସମସ୍ୟା ସମାଧାନ କ୍ଷେତ୍ରରେ ବନ୍ଧୁମାନଙ୍କ ହସ୍ତକ୍ଷେପ ଫଳରେ ପରିସ୍ଥିତିକୁ ସୁଧାରି ନେବେ। ଏକାଧିକ କାମରେ ହାତ ଦିଅନ୍ତୁ ନାହିଁ। ସାଂସ୍କୃତିକ କାର୍ଯ୍ୟରେ ଆତ୍ମୀୟଙ୍କ ପ୍ରେରଣାରୁ ଉପକୃତ ହୋଇପାରନ୍ତି।

ଆଜି ଶ୍ରାବଣ (ମଳ) ଶୁକ୍ଳପକ୍ଷ ଦ୍ୱିତୀୟା ବୁଧବାର, ଜୁଲାଇ ୧୯ ତାରିଖ, ରାଶି ନକ୍ଷତ୍ର-ଅଶ୍ଳେଷା/କର୍କଟ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୨୧ମି. ଗତେ ଘ.୦୭.୦୫ମି. ମଧ୍ୟେ, ଘ.୧୦.୧୫ମି. ଗତେ ଘ.୧୧.୨୬ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧.୫୨ମି. ଗତେ ଘ.୦୧.୩୦ମି. ମଧ୍ୟେ ରାହୁ କାଳ ।


DSPL-153
OPTCL
Lifeline of Odisha
ଓଡ଼ିଶା ସରକାର
"ମୁଁ ଚାହେଁ, ମୋ ରାଜ୍ୟବାସୀଙ୍କୁ ଗୁଣାତ୍ମକ ଏବଂ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ମିଳୁ ।"
ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା
୬୫୦ କୋଟି ଟଙ୍କା ବ୍ୟୟରେ
୮ଟି ଉଚ୍ଚ କ୍ଷମତାସମ୍ପନ୍ନ
ଗ୍ରୀଡ୍ ସବ୍‌ଷ୍ଟେସନ୍
ରାଜ୍ୟ ସରବରାହ ବ୍ୟବସ୍ଥାରେ ୧୮୫୦ ଏମ୍‌ଭିଏ ଟ୍ରାନ୍ସଫର୍ମେସନ୍ କ୍ଷମତା ବୃଦ୍ଧି
ଶିଳ୍ପ, କୃଷି ଓ ସାଧାରଣ ଉପଭୋକ୍ତାଙ୍କୁ ମିଳିବ ଗୁଣାତ୍ମକ ଓ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା
ଲାଭାନ୍ୱିତ ହେବେ ୨.୨ ଲକ୍ଷ ଉପଭୋକ୍ତା
୪୦୦/୨୨୦ କେ.ଭି. ଜିଆଇଏସ୍ ଗ୍ରୀଡ୍ ମେରାମୁଣ୍ଡଳୀ, ଅନୁଗୋଳ
ବ୍ୟୟ ୧୭୧ କୋଟି
୨୨୦/୩୩ କେ.ଭି. ଜିଆଇଏସ୍ ଗ୍ରୀଡ୍ କଣ୍ଟାବାଡ, ଖୋର୍ଦ୍ଧା
ବ୍ୟୟ ୬୮.୯୨ କୋଟି
୨୨୦/୧୩୨/୩୩ କେ.ଭି. ଗ୍ରୀଡ୍ ବାଲିମୁଣ୍ଡା, ଭଦ୍ରକ
ବ୍ୟୟ ୮୯.୭୮ କୋଟି
୧୩୨/୩୩ କେ.ଭି. ଗ୍ରୀଡ୍ ବୋରିଗୁମ୍ମା, କୋରାପୁଟ
ବ୍ୟୟ ୩୨.୧୧ କୋଟି
୧୩୨/୩୩ କେ.ଭି. ଗ୍ରୀଡ୍ ଲଖନପୁର, ଝାରସୁଗୁଡା
ବ୍ୟୟ ୩୬.୯୭ କୋଟି
୨୨୦/୧୩୨/୩୩ କେ.ଭି. ଗ୍ରୀଡ୍ କୁଆଁରମୁଣ୍ଡା, ସୁନ୍ଦରଗଡ
ବ୍ୟୟ ୭୫.୭ କୋଟି
୨୨୦/୧୩୨/୩୩ କେ.ଭି. ଗ୍ରୀଡ୍ ବାମ୍ରା, ସମ୍ବଲପୁର
ବ୍ୟୟ ୧୨୯.୮୯ କୋଟି
୧୩୨/୩୩ କେ.ଭି. ଗ୍ରୀଡ୍ ଭଟ୍‌ଲି, ବରଗଡ
ବ୍ୟୟ ୪୫.୩ କୋଟି
ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
ଦ୍ୱାରା
ଲୋକାର୍ପଣ
୧୯ ଜୁଲାଇ ୨୦୨୩ || ଅପରାହ୍ନ ୫.୩୦
OIPR-04011/13/0063/2324
optcl.odisha
@OPTCL_Odisha
@EnergyOdisha
ଶକ୍ତି ବିଭାଗ
ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ

# ନିଶା ନିଶା ଦେଶ

ସୋମବାର ନ୍ୟାଶନାଲ ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ଦ୍ୱାରା ସାରା ଦେଶରେ ଆନୁମାନିକ ୨,୩୮୧ କୋଟି ଟଙ୍କା ମୂଲ୍ୟର ୧.୪୪ ଲକ୍ଷ କେ.ଜି. ନିଶାଦ୍ରବ୍ୟ ନଷ୍ଟ କରାଯାଇଛି। ନୂଆଦିଲ୍ଲୀରେ ଆୟୋଜିତ ଡ୍ରଗ୍ସ ଟ୍ରାଫିକିଂ ଆଣ୍ଡ୍ ନ୍ୟାଶନାଲ ସିକ୍ୟୁରିଟି ସମ୍ମିଳନୀରେ ସମସ୍ତ ରାଜ୍ୟର ଆଣ୍ଟି ନାର୍କୋଟିକ୍ସ ଟାସ୍କଫୋର୍ସ ସହ ସମନ୍ୱୟ ରକ୍ଷାକରି ଏହାକୁ ନଷ୍ଟ କରାଯାଇଥିଲା ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଭର୍ଚୁଆଲି ଏହାକୁ ନିରୀକ୍ଷଣ କରିଥିଲେ। ଏହି ପଦକ୍ଷେପ ସହ ଗତ ବର୍ଷକ ମଧ୍ୟରେ ଦେଶରେ ୧୨,୦୦୦ କୋଟି ଟଙ୍କା ମୂଲ୍ୟର ମୋଟ ୧୦ ଲକ୍ଷ କେ.ଜି. ଡ୍ରଗ୍ସ ନଷ୍ଟ କରାଯାଇଛି ଓ ଏହା ଏକ ବଡ଼ ସଫଳତା ବୋଲି ଶାହା କହିଥିଲେ। ତାଙ୍କ ମତରେ, ଯୁବକଙ୍କୁ ନିଶା ପ୍ରଭାବରୁ ମୁକ୍ତ କରିବା ସହ ଦେଶକୁ ବେଆଇନ ନିଶାଦ୍ରବ୍ୟରୁ ସୁରକ୍ଷିତ ରଖିବାକୁ ଉକ୍ତ ଡ୍ରଗ୍ସ ବିରୋଧୀ ଯୁଦ୍ଧ ଚାଲିଛି। ଗୋଟିଏପଟେ ଡ୍ରଗ୍ସ ନଷ୍ଟ କରିବା ପ୍ରକ୍ରିୟା ଚାଲିଥିବାବେଳେ ଅନ୍ୟପଟେ ଏହାର ବେପାର ତା'ସହ ତାଳ ଦେଇ ବଢ଼ିଚାଲିଛି। ଭାରତ ଅନ୍ତର୍ଜାତୀୟ ସ୍ତରରେ ନିଶାଦ୍ରବ୍ୟ ଚୋରା କାରବାରର ଏକ ସୁବିଧା ପଥ ପାଲଟିଗଲାଣି। ଆଫଗାନିସ୍ତାନ, ପାକିସ୍ତାନ, ଇରାନ୍ ଆଦି ଦେଶରୁ ହେରୋଇନ୍, ଅଫିମ ଏବଂ ବ୍ରାଉନ୍‌ସୁଗାର ପ୍ରଚୁର ପରିମାଣରେ ଭାରତକୁ ଆସୁଛି, ଯାହାର ପ୍ରମାଣ ବାରମ୍ବାର ଜବତ ଘଟଣାରୁ ଜଣାପଡୁଛି। ବର୍ଷକ ମଧ୍ୟରେ ୧୨,୦୦୦ କୋଟି ଟଙ୍କା ମୂଲ୍ୟର ଡ୍ରଗ୍ସ ନଷ୍ଟ କରାଯିବାକୁ ନେଇ ସରକାର ପାରିବାପଣିଆ ଦେଖାଉଛନ୍ତି। କିନ୍ତୁ ୨୦୨୧ ସେପ୍ଟେମ୍ବରରେ ଆଦାନୀଙ୍କ ମାଲିକାନାରେ ଥିବା ମାନ୍ଦ୍ରା ବନ୍ଦରରୁ ଜବତ ହୋଇଥିବା ପ୍ରାୟ ୨୧,୦୦୦ କୋଟି ଟଙ୍କା ମୂଲ୍ୟର ୩,୦୦୦ କେ.ଜି. ହେରୋଇନ୍ ତୁଳନାରେ ସରକାରଙ୍କ ଏବକାର ଦାବି ଗୌଣ ଲାଗୁଛି। ସେ ସମୟରେ ବାହୁସ୍ଫୋଟ ନ ମାରି ବରଂ ସରକାର ଏହି କଥାକୁ ଚାପି ଦେବାର ଚେଷ୍ଟା କରିଥିଲେ। ଏହାର କାରଣ ବୁଝିବା କଷ୍ଟକର ନୁହେଁ। ସୁନାପୁଅ ଆଦାନୀର ସେତେବେଳଯାଏ ଖରାପ ସମୟ ପଡ଼ି ନ ଥିଲା। ମାନ୍ଦ୍ରା ବନ୍ଦର ଜବତ ଘଟଣାକୁ ଦେଖିଲେ ଭାରତକୁ ଗୋଟିଏ ସମୟରେ ଯଦି ଏତେ ପରିମାଣର ଓ ମୂଲ୍ୟର ନିଶାଦ୍ରବ୍ୟ ଆସିପାରୁଛି, ତେବେ ସାମଗ୍ରିକ ଚାଲାଣର ପରିମାଣ କେତେ ଅଧିକ ହେବ ତାହା ଅନୁମାନ କରାଯାଇପାରେ।

ଅମିତ୍ ଶାହା ଏହା ମଧ୍ୟ ଦାବି କରିଛନ୍ତି ଯେ, ଉପା ସରକାରଙ୍କ ତୁଳନାରେ ଭାଜପା ସରକାରଙ୍କ ଅମଳରେ ଡ୍ରଗ୍ସ ଜବତ ହେବା, ମାମଲା ରୁଜୁ କରାଯିବା ଏବଂ ଗିରଫଦାରି ଢେର ବଢ଼ିଛି। ଶାହାଙ୍କ ମନ୍ତବ୍ୟ ପରୋକ୍ଷରେ ନିଶାଦ୍ରବ୍ୟର ବ୍ୟାପକ ଚୋରା କାରବାରକୁ ମଧ୍ୟ ଇଙ୍ଗିତ କରୁଛି, ଯାହାକୁ ନିୟନ୍ତ୍ରଣ କରିବାରେ ସରକାର ବିଫଳ ହେବା ଭଳି ମନେହେଉଛି। ୨୦୧୭ରେ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ଦ୍ୱାରା ଉପସ୍ଥାପିତ ସର୍ଭେ ରିପୋର୍ଟରେ କୁହାଯାଇଥିଲା ଯେ, ୨୦୦୪ ତୁଳନାରେ ଭାରତରେ ଡ୍ରଗ୍ସ ବ୍ୟବହାର ବୃଦ୍ଧି ପାଇଛି। ୨୦୨୨ରେ ଏନ୍‌ସିବିର ଏକ ରିପୋର୍ଟ ଦର୍ଶାଇଥିଲା ଯେ, ବିଗତ ୮ ବର୍ଷରେ ନିଶା ଦ୍ରବ୍ୟ ବ୍ୟବହାରରେ ୭୦% ବୃଦ୍ଧି ଘଟିବା ସହ ୧୦ କୋଟି ଲୋକ ଏହା କବଳରେ ଅଛନ୍ତି। ସେହି ସମାନ ବର୍ଷ ନଭେମ୍ବରରେ ଜାତିସଂଘର ଡ୍ରଗ୍ସ ଆଣ୍ଡ୍ କ୍ରାଇମର ୱାର୍ଲ୍ଡ ଡ୍ରଗ୍ସ ରିପୋର୍ଟ ପ୍ରକାଶ ପାଇଥିଲା। ଏଥିରେ ଦର୍ଶାଯାଇଛି ଯେ, ନିଶାଦ୍ରବ୍ୟ ବ୍ୟବହାର ଦୃଷ୍ଟିକୋଣରୁ ଭାରତ ବିଶ୍ୱର ସବୁଠୁ ବଡ଼ ବଜାର ଓ ଏସବୁ ଆଫଗାନିସ୍ଥାନରୁ ଅଧିକ ଆସୁଛି। ବିଶେଷକରି ଜଳପଥରେ ବନ୍ଦର ଦେଇ ଅତ୍ୟଧିକ ନିଶାଦ୍ରବ୍ୟ ଭାରତରେ ପ୍ରବେଶ କରୁଥିବା ଏନ୍‌ସିବି ମଧ୍ୟ ସ୍ୱୀକାର କରିଛି। ଏଣୁ କେବଳ ଡ୍ରଗ୍ସ ନଷ୍ଟ କରି ପୂର୍ବ ସରକାର ତୁଳନାରେ ଏବକାର ପ୍ରଚାର ସର୍ବସ୍ୱ ସରକାର ବାହାବା ନେବା ପରିବର୍ତ୍ତେ ଏହାର ଚୋରା ଚାଲାଣ ଉପରେ କଠୋର ପଦକ୍ଷେପ ନେବା ଦରକାର। ନିଶାଦ୍ରବ୍ୟ ମାଫିଆଙ୍କ ସଙ୍ଗେ ଲଢ଼ିବା ପାଇଁ ଏକ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରାଯାଇ ତା' ପାଇଁ ପୃଥକ୍ ବଜେଟର ପ୍ରାବଧାନ ଏବଂ ମିଲେଟାରି ଓ ପାରାମିଲେଟାରି ବ୍ୟବସ୍ଥା କରାଯିବା ଆବଶ୍ୟକ। ଡ୍ରଗ୍ସ କାରବାରକୁ ଅନେକ ବିଲିୟନ ଡଲାର ଇଣ୍ଡଷ୍ଟ୍ରି ଭାବେ ଧରାଯାଇପାରେ। ଏଣୁ ଏହି କାରବାର ପଛରେ ଅର୍ଥ ଓ ବାହୁବଳ ସେହି ପରିମାଣରେ ରହିବା ସ୍ୱାଭାବିକ। ଏବେ ପାରମ୍ପରିକ ପଦ୍ଧତି ପରିବର୍ତ୍ତେ ସିକ୍ରେଟ ୱେବ୍‌ସାଇଟ୍, କ୍ରିପ୍ଟୋକରେନ୍ସି ପେମେଣ୍ଟ ଓ କୋରିୟର ସେବା ଏପରିକି ସୀମାରେ ଡ୍ରୋନ୍ ମାଧ୍ୟମରେ ଡ୍ରଗ୍ସ କାରବାର ବଢୁଥିବାରୁ ଏହାର ମୁକାବିଲା ପାଇଁ ନୂତନ ଜ୍ଞାନକୌଶଳ ପ୍ରୟୋଗ ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। କିନ୍ତୁ ଏ ସବୁଥିରେ ଭାରତର ଡ୍ରଗ୍ସ ନିୟନ୍ତ୍ରଣ ବ୍ୟବସ୍ଥା ପଛରେ ପଡ଼ିଯାଇଛି। ଅନ୍ୟପକ୍ଷରେ ବିଶ୍ୱର ପ୍ରମୁଖ ଡ୍ରଗ୍ସ ବିରୋଧୀ ଦେଶ ଭାବେ ପରିଚିତ ଥାଇଲାଣ୍ଡ ନିକଟରେ ଗଞ୍ଜେଇ ବେପାରକୁ ଆଇନସମ୍ମତ କରି ଏହାର ଚୋରା ଚାଲାଣକୁ ଅନେକାଂଶରେ ନିୟନ୍ତ୍ରଣ କରିପାରିଛି। ମନେରଖିବାକୁ ହେବ ଯେ, ଥାଇଲାଣ୍ଡରେ ପୂର୍ବରୁ ନିଶାଦ୍ରବ୍ୟ କାରବାରରେ ଜଡ଼ିତ ବ୍ୟକ୍ତିଙ୍କୁ ପାଶୀଦଣ୍ଡ ଦିଆଯାଉଥିଲା। ଥାଇଲାଣ୍ଡ ପରି ଭାରତରେ ଗଞ୍ଜେଇ ଭଳି ବହୁଳ ବେପାରକୁ ସୀମିତ ଭାବେ ଆଇନ ପରିସରକୁ ଅଣାଯାଇପାରିଲେ ତାହାର ନିୟନ୍ତ୍ରଣ କରିବା ସହଜ ହୋଇପାରନ୍ତା।



# କୃତ୍ରିମ ବୁଦ୍ଧିମତ୍ତା ଓ ନିଯୁକ୍ତି ସଙ୍କଟ

ରୁଦ୍ର ପ୍ରସନ୍ନ ରଥ

୨୦୨୩ରେ ସାରା ବିଶ୍ୱରେ କୃତ୍ରିମ ବୁଦ୍ଧିମତ୍ତା (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା ଏଆଇ)କୁ ନେଇ ଏକ ବଡ଼ ଧରଣର ଆନ୍ଦୋଳନ ସାଧାରଣ ଜନତାଙ୍କ ଦୃଷ୍ଟି ଆଢୁଆଳରେ ବେଶ୍ ଜୋର୍‌ସୋରରେ ଚାଲିଛି। କୃତ୍ରିମ ବୁଦ୍ଧିମତ୍ତା କ'ଣ ଏବଂ ବର୍ତ୍ତମାନ ପରିପ୍ରେକ୍ଷୀରେ ଏହାର ଆବଶ୍ୟକତା କ'ଣ ଏହାକୁ ତଥାପି ସାଧାରଣ ଲୋକ ଏଯାଏ ବୁଝିପାରି ନ ଥିବେ। ସିଧାସଳଖ କହିବାକୁ ଗଲେ କୃତ୍ରିମ ବୁଦ୍ଧିମତା ହେଉଛି ଏପରି ଏକ ବ୍ୟବସ୍ଥା ଯାହା କମ୍ପ୍ୟୁଟର ମାଧ୍ୟମରେ ତଥ୍ୟର ଅନୁଶୀଳନ ଏବଂ ବିଶ୍ଳେଷଣ କରି ଏପରି ଏକ ନୂଆ ବ୍ୟବସ୍ଥା ତିଆରିକରେ ଯାହା ମଣିଷର ପରିବର୍ଦ୍ଧିତ ଆବଶ୍ୟକତା ପୂରଣ କରିବାକୁ ସକ୍ଷମ। ଇଣ୍ଟରନେଟ୍ ଥିବା ଲକ୍ଷ ଲକ୍ଷ ୱେବ୍‌ସାଇଟ୍‌ରୁ ନିମିଷକ ମଧ୍ୟରେ ତଥ୍ୟ ସଂଗ୍ରହକରି ଏହାର ସାରାଂଶକୁ ଆପଣଙ୍କ ଆଗରେ ଥୋଇବାକୁ ସକ୍ଷମ। ପୁଣି ଏହି କୃତ୍ରିମ ବୁଦ୍ଧିମତ୍ତାକୁ ଆଧାରକରି ତିଆରି ହେଉଥିବା ଚାଟ୍ ବଟ୍ ବା ଚାଟ୍ ଜିପିଟି ଏତେ ତ୍ୱରିତ ବେଗରେ କାମ କରୁଛି ଯେ ଏହା ଲୋକଙ୍କର ଜୀବିକା ପାଇଁ ସଙ୍କଟ ସୃଷ୍ଟି କଲାଣି। ଏହା ଲୋକଙ୍କର ଜୀବିକାକୁ କିପରି ପ୍ରଭାବିତ କରିବାର କ୍ଷମତା ରଖିଛି ତାହା ଗୋଟିଏ ଛୋଟିଆ ଉଦାହରଣ ଦ୍ୱାରା ବୁଝିହେବ।

କୌଣସି ଗୋଟିଏ କମ୍ପାନୀ ନିଜ ଉତ୍ପାଦର ବିଜ୍ଞାପନ ଖବରକାଗଜରେ ଦେବା ପାଇଁ ଚାହିଁଲା। ଏଥିପାଇଁ ପ୍ରଥମେ କ'ଣ ଲେଖାଯିବ ତାହା ସ୍ଥିର କରାଯିବ, ପୁଣି ଏଥିରେ କେଉଁ ଫଟୋ ବ୍ୟବହାର ହେବ ତାହା ବି ସ୍ଥିର କରିବାକୁ ପଡ଼ିବ। ଆଗ ଫଟୋ ଉଠାହେବ ଏବଂ ତାହା ପରେ ଫଟୋ ଅନୁଯାୟୀ ପାଠ ଲେଖାହେବ। ପୁଣି ଏକାଧିକ ଭାଷାରେ ଏହି ବିଜ୍ଞାପନଟିକୁ ତିଆରି କରିବାକୁ ହେଲେ ଆପଣଙ୍କୁ ବହୁଭାଷା ଜାଣିଥିବା ଲୋକ ଖୋଜିବାକୁ ପଡ଼ିବ। ମୋଟ ଉପରେ ଏହିପରି ଗୋଟିଏ ବିଜ୍ଞାପନ ତିଆରି କରିବାକୁ ଏକାଧିକ ଲୋକ କିଛି ଘଣ୍ଟାର ସମୟ ନେବେ। ପୁଣି ଯଦି ତିଆରି ବେଳେ ସେ ବିଜ୍ଞାପନରେ ତ୍ରୁଟି ରହିଲା ତେବେ ଏହାକୁ ବଦଳାଇବାକୁ ସେହି ବ୍ୟକ୍ତିମାନେ ରାଜି ହୋଇ ନ ପାରନ୍ତି। ଏପରି କ୍ଷେତ୍ରରେ ଆପଣ ଯଦି ମୁଖ୍ୟ ପରିଚାଳକ ଏହି ବିଜ୍ଞାପନଟିକୁ କରି ଛପାଇବାକୁ ହେଲେ ଆପଣଙ୍କୁ ନାକେଦମ୍ ହେବାକୁ ପଡ଼ିବ। ଏପରି କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା ବିଶିଷ୍ଟ ସଫ୍ଟୱେର କିମ୍ବା ଆପ୍ ବ୍ୟବହାରକରି ଆପଣ ଏହି କାମକୁ ମାତ୍ର କେଇ ମିନିଟ୍ ଭିତରେ କରିଦେବେ। ଆପଣ କ'ଣ କରିବାକୁ ଚାହୁଁଛନ୍ତି ତାହା ସ୍ପଷ୍ଟକଲେ କୃତ୍ରିମ ବୁଦ୍ଧିମତ୍ତା ବଳରେ ବଳୀୟାନ କମ୍ପ୍ୟୁଟର ଏବଂ ଇଣ୍ଟରନେଟ୍ ଏହି କାମ ମାତ୍ର କେଇ ମିନିଟ୍‌ରେ କରିଦେବେ। କେବଳ ଏହି ଗୋଟିଏ କାମ ନୁହେଁ, ବରଂ ଏହି ବିଜ୍ଞାପନକୁ ଆପଣ ଯେତେ ପ୍ରକାର ସମ୍ଭବ ଆପଣ ଅଦଳବଦଳ କରି ତିଆରି କରିପାରିବେ ଏବଂ ଏଥିପାଇଁ ସେହି ଆପ୍ ବା ସଫ୍ଟୱେର ବ୍ୟସ୍ତ ହେବ ନାହିଁ। ଏବେ ଆପଣ ନିଜର କର୍ମଚାରୀଙ୍କ ଉପରେ ବିରକ୍ତି ପ୍ରକାଶକରି ସେମାନଙ୍କୁ ଚାକିରିରୁ ବିଦା କରି ସମ୍ପୂର୍ଣ୍ଣରୂପେ କୃତ୍ରିମ ବୁଦ୍ଧିମତ୍ତା ଉପରେ ଭରସା କରିବା ବେଶ୍ ସମୀଚୀନ।



ଠିକ୍ ଏହିପରି ଘଟଣା ଆଗକୁ ଘଟିବାକୁ ଯାଉଛି। କୃତ୍ରିମ ବୁଦ୍ଧିମତ୍ତାର ବ୍ୟାପକ ବଜାର ପ୍ରବେଶ ଫଳରେ ଏବେ ହଜାର ହଜାର ଲୋକ ନିଜର ଜୀବିକା ହରାଇବାକୁ ଯାଉଛନ୍ତି। ନିବେଶ ଫାର୍ମ ଗୋଲ୍ଡମ୍ୟାନ୍ ସାଚ୍ ରିପୋର୍ଟ ଅନୁଯାୟୀ ଆଗାମୀ କିଛି ବର୍ଷ ମଧ୍ୟରେ ସାରା ବିଶ୍ୱରେ ପ୍ରାୟ ୩୦ କୋଟି ଚାକିରି ପ୍ରଭାବିତ ହେବ। ଶିକ୍ଷକତା, ଲେଖକ, ପରିଚାଳକ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ କାମ କରୁଥିବା ଅନେକ ଲୋକ ଏଥିରେ ପ୍ରଭାବିତ ହେବେ। ମୋଟ୍ ଉପରେ ଲୋକ ସିଧାସଳଖ କାମ ଏବଂ ଜ୍ଞାନ କୃତ୍ରିମ ବୁଦ୍ଧିମତ୍ତା ବିଶିଷ୍ଟ ଆପ୍ କିମ୍ବା ସଫ୍ଟୱେରଠାରୁ ହାସଲ କରିନେବେ ଏବଂ ଏଥିପାଇଁ ଆଉ ମାଧ୍ୟମର ଆବଶ୍ୟକତା ରହିବ ନାହିଁ। ସାରା ବିଶ୍ୱରେ ମୋଟାମୋଟି ୯୫% ଚାକିରି କୌଣସି ନା କୌଣସି ଉପାୟରେ ପ୍ରଭାବିତ ହେବ। ଏଥିପାଇଁ ଏବେ ସାରା ପୃଥିବୀରେ କୋକୁଆ ଭୟ ଖେଳିଯାଇଛି। ଆଇଟି ପରି କ୍ଷେତ୍ରରେ କାମ କରୁଥିବା ଲୋକ ଯେଉଁମାନେ କୋଡିଂ ଇତ୍ୟାଦି କରନ୍ତି ସେମାନଙ୍କ କ୍ଷେତ୍ରରେ ବ୍ୟାପକ ଛଟେଇ ଦେଖାଦେଉଛି। ମୋଟ ଉପରେ ଆଗାମୀ ୬ମାସ ପରେ ନିଯୁକ୍ତି କ୍ଷେତ୍ର ସଙ୍କୁଚିତ ହେବ ଏବଂ ସାରା ଦୁନିଆକୁ ଏଆଇ କବଳିତ କରିବ ବୋଲି ଜଳଜଳ ଦେଖାଦେଲାଣି।

ତେବେ ଦୁର୍ଯୋଗ ଯେଉଁଠି ସୁଯୋଗ ବି ସେଇଠି ଥାଏ। କୁହାଯାଉଛି ଯେଉଁମାନେ ଏଆଇ ସମ୍ପର୍କିତ ବିଷୟବସ୍ତୁ ଉପରେ ତାଲିମ ପାଇଥିବେ ସେମାନେ ଏଆଇର ସହାୟତାରେ ଏଆଇକୁ ହରାଇପାରିବେ। ଘୋଡ଼ା କିମ୍ବା ହାତୀ ମଣିଷଠୁ ଶକ୍ତିଶାଳୀ ହେଲେ ବି ସେମାନଙ୍କୁ କାଇଦାରେ ରଖିବାକୁ ତାଲିମ ପାଇଥିବା ମଣିଷ ଆଗରେ ସେମାନେ ବୋଲମାନି ରହିବାକୁ ବାଧ୍ୟ ହୁଅନ୍ତି। ସେହିପରି ଏବେଠୁ ଯେଉଁମାନେ ଏଆଇକୁ ନେଇ ଭୟଭୀତ ସେମାନେ ଯଦି ସେନେଇ ତାଲିମ ନେବେ ଏବଂ ଦ୍ରୁତଭାବେ ପରିବର୍ତ୍ତନଶୀଳ ପୃଥିବୀରେ ନିଜକୁ ଆଗରେ ରଖିପାରିବେ ତେବେ ସେମାନେ ଏ ଯୁଦ୍ଧରେ ବିଜୟଲାଭ କରିପାରିବେ।

କୁହାଯାଏ, ମଣିଷର ମସ୍ତିଷ୍କର କ୍ଷମତାକୁ ଆହ୍ୱାନ କଲା ପରି କୌଣସି ଶକ୍ତି ଏଯାଏ ଆତ୍ମପ୍ରକାଶ କରିପାରିନାହିଁ। ଏଆଇକୁ କୌଣସି ପ୍ରସଙ୍ଗରେ ନିର୍ଦ୍ଦେଶ ଦେବା, ସେଥିରୁ ତଥ୍ୟ ବାହାର କରିବା ଏବଂ ତଥ୍ୟର ଉପଯୋଗକରି ମାନବ କଲ୍ୟାଣ ପାଇଁ ନୂଆ ନୂଆ ଯୋଜନା କରିବା ନିମନ୍ତେ ଶେଷରେ ମଣିଷର ମସ୍ତିଷ୍କଟିଏ ଦରକାର। ଏଣୁ ଯେଉଁମାନେ ଏବେ ବି ମଣିଷ ସମାଜ ପାଇଁ ଚିନ୍ତା କରନ୍ତି, ଯୋଜନା କରନ୍ତି ଏବଂ ନିଜର ଜୀବନକୁ ସେଦିଗରେ ସମର୍ପିତ ବୋଲି ଭାବନ୍ତି ସେମାନଙ୍କୁ ଏବେ ଏଆଇ କର୍ମକ୍ଷେତ୍ରରୁ ହଟାଇ ପାରିବନାହିଁ। ଏଠାରେ କମ୍ପ୍ୟୁଟରର ଉଦାହରଣ ଅନେକେ ଦେଇପାରନ୍ତି ଯେ କମ୍ପ୍ୟୁଟରର ଆବିର୍ଭାବ ପରେ ଭାରତବର୍ଷରେ ଲୋକଙ୍କର ଚାକିରି ଗଲାନାହିଁ। ମାତ୍ର ଅନେକ ନୂତନ ଚାକିରି ସୃଷ୍ଟି ହେଲା। ଏଣୁ ଏଆଇ ଆସିବା ପରେ ବି ସମାନ କଥା ଘଟିବ। କିନ୍ତୁ ପ୍ରକୃତ କଥା ହେଉଛି, କମ୍ପ୍ୟୁଟର କ୍ରମ ବିବର୍ତ୍ତନ ପ୍ରଥମ କିଛି ବର୍ଷ ଧରି ବେଶ୍ ଧୀର ଥିଲା ଏବଂ ଭାରତ ବର୍ଷ ଏହାକୁ ବହୁ ବିଳମ୍ବରେ ଗ୍ରହଣ କରିଥିଲା। ଏଣୁ ଆମ ଦେଶରେ ଆଜି କମ୍ପ୍ୟୁଟର ଏବଂ ଇଣ୍ଟରନେଟ୍‌ର ପ୍ରଚଳନ ଅନେକ ଜାଗାରେ ହୋଇପାରିନାହିଁ। ଅପରପକ୍ଷରେ ଦୁବାଇ ଏବଂ ଜାପାନ ଭଳି ଦେଶରେ ସବୁ କାମ କମ୍ପ୍ୟୁଟରରେ ହେଉଛି। ସେମାନଙ୍କର କର୍ମଦକ୍ଷତା ଆମ ଦେଶ ତୁଳନାରେ କାହିଁ କେତେ ଆଗରେ। ତେବେ ଏଆଇର ବିବର୍ତ୍ତନ ବେଶ୍ ଦ୍ରୁତ ଏବଂ ଏହା ଖୁବ୍ ଦ୍ରୁତ ଗତିରେ ବ୍ୟାପୁଛି। ଏହାକୁ ନଜର ନ ଦେଲେ ଭାରତ ବିଶ୍ୱ ମାନଚିତ୍ରରେ ପଛରେ ରହିଯିବେ।

ଏହି ପରିପ୍ରେକ୍ଷୀରେ ଗୋଟିଏ କଥା ଶେଷକଥା ଭାବେ କୁହାଯାଇପାରେ। ପ୍ରତି ପରିବର୍ତ୍ତନ ସମାଜ ଏବଂ ବ୍ୟବସ୍ଥା ଉପରେ ପ୍ରଭାବ ପକାଏ। ଏହି ପରିବର୍ତ୍ତନର ଆହ୍ୱାନକୁ ସ୍ୱୀକାର କରି ଏଥିରେ ସାମିଲ ହୋଇ ନିଜକୁ ପ୍ରସ୍ତୁତ କରିବା ହିଁ ଆମ ସମସ୍ତଙ୍କ ପାଇଁ ବେଶ୍ ଉପଯୋଗୀ ହେବ। ଯଦି ଏଆଇର କ୍ଷମତା ଏବଂ ଦକ୍ଷତାକୁ ନଜର ଅନ୍ଦାଜ କରି ଆମେ ନିଜକୁ ପ୍ରସ୍ତୁତ ନ କରିବା ତେବେ ଆଗାମୀ ଦିନରେ ଆମ ଚାକିରି କେବଳ ଆମ ପାଇଁ ହିଁ ଯିବ। ତେବେ ଏବେଠୁ ନିଜକୁ ପ୍ରସ୍ତୁତ କରିନେବାର ସମୟ ଆସି ପହଞ୍ଚିଛି।

**ଧବଳଗିରି, ଯାଜପୁର ରୋଡ୍**
**ମୋ– ୭୯୭୮୬୭୧୭୭୬**



# ମିଛ ପରଦା ଅବଶ୍ୟ ହଟିବ

ବୈକୁଣ୍ଠନାଥ ମିଶ୍ର

ଅର୍ଥ, କ୍ଷମତା ଓ ପ୍ରତିପତ୍ତି ଏକତ୍ର ବ୍ୟକ୍ତିର ଜୀବନ ପରିଧିକୁ ପଶିଆସି ତାକୁ ଏପରି ମୋହାଚ୍ଛନ୍ନ କରିଦିଏ ଯେ ସେ ଶ୍ରେଷ୍ଠତ୍ୱର ଅହଂକାର ବୋଧରେ ହୋଇଉଠେ ଗର୍ବିତ ଓ ଉତ୍‌ଫୁଲ୍ଲିତ। ସେ ଧରିନିଏ ଯେ ଏସବୁ ତା'ଠାରେ ଚିରକାଳ ରହିଥିବେ ଓ ସେ ଅନ୍ୟର ପ୍ରଭୁସାଜି ନିଜ କର୍ତ୍ତୃତ୍ୱ ସାବ୍ୟସ୍ତ କରୁଥିବେ। ସେ ଚାହେଁ ତା'ର ପ୍ରଭୁତ୍ୱକୁ ସର୍ବାନ୍ତଃକରଣରେ ଗ୍ରହଣ କରନ୍ତୁ। ବାସ୍ତବରେ ସେ ବିସ୍ମୃତ ହୋଇଥାଏ ଯେ, ସେ ଅନ୍ୟମାନଙ୍କ ପରି ନିହାତି ସାଧାରଣ ଓ ତୁଚ୍ଛ। ତଥାପି ଅନ୍ୟଠାରୁ ପୂଜା ପାଇବାକୁ ସେ କେତେ ଯେ ବ୍ୟାକୁଳ ସତେ! ଏଇଠି ବିଶିଷ୍ଟ କଥାକାର ପଦ୍ମବିଜେତା ମନୋଜ ଦାସଙ୍କ ଏକ କାହାଣୀର ଶ୍ରେଷ୍ଠାଂଶ ପ୍ରାସଙ୍ଗିକ ମନେହୁଏ। ରୁଷ୍ ଦେଶର ରାଜରାସ୍ତା ପାର୍ଶ୍ୱରେ ଏକ ଭିକାରି ଶୋଇଥିବା ସମୟରେ ସୈନ୍ୟ ବାହିନୀର ଯୁଦ୍ଧଯାତ୍ରାର ପଦଧ୍ୱନିରେ ତା'ର ସକାଳୁଆ ନିଦଟା ଭାଙ୍ଗିଗଲା ଓ ଶୋଇବା ସ୍ଥାନରେ ସେ ଉଠି ବସିଲା। ହଠାତ୍ ସେନାନାୟକ ତାକୁ ସାମରିକ ଅଭିବାଦନ ଜଣାଇଲେ ଓ ପରେ ପରେ ସୈନ୍ୟମାନେ ମଧ୍ୟ ତାକୁ ଅଭିବାଦନ ଜଣାଉଥାନ୍ତି। ଭିକାରିଟି ପ୍ରତିନମସ୍କାର ଜଣାଉଥାଏ ଓ ମନେମନେ ଉଲ୍ଲସିତ ହେଉଥାଏ ଯେ ତା'ଠାରେ ଏପରି କିଛି ଶକ୍ତି ଅଛି, ନଚେତ୍ ଦେଶର ସୈନ୍ୟବାହିନୀ କାହିଁକି ତାକୁ ଅଭିବାଦନ ଜଣାନ୍ତେ। ତା'ର ଏତାଦୃଶ ବ୍ୟବହାରରେ ଅଦୂରରେ ଥିବା ତା'ସାଥୀମାନେ ତାଚ୍ଛଲ୍ୟଭରା ହସ ହସୁଥିଲେ। ଜଣେ ସାଥୀ ତାକୁ ପଛକୁ ଚାହିଁବାକୁ ଠାରିଦେଲା, ତା'ର ମୋହ ଭଗ୍ନ ହେଲା ; ଯେତେବେଳେ ସେ ଜାଣିଲା ଯେ ତାକୁ ନୁହେଁ ତା' ପଛରେ ଥିବା ଲେନିନ୍‌ଙ୍କର ପ୍ରତିମୂର୍ତ୍ତିକୁ ସେନା ଅଭିବାଦନ ଜଣାଉ ଥିଲେ। ଲଜ୍ଜା ଓ ଅପମାନର ତୀବ୍ର ଜ୍ୱାଳାରେ ସେ ଜର୍ଜରିତ ହୋଇପଡ଼ିଲା। ମୋହାନ୍ଧତା ଅପସରି ଗଲେ ବ୍ୟକ୍ତିର ଅନୁଭବ ହୁଏ ଯେ ସେ କେତେ ସାମାନ୍ୟ ଠିକ୍ ଏହି ରୁଷୀୟ ଭିକାରିଟି ପରି।

ପୃଥିବୀ ଇତିହାସରେ ପ୍ରସିଦ୍ଧି ଅର୍ଜନ କରିଥିବା ଜଣେ ଜନନାୟକଙ୍କ ଅନ୍ତିମ ପରିଣତି ଥିଲା ଅତ୍ୟନ୍ତ ଶୋଚନୀୟ। ଜର୍ମାନୀର ସିଂହ କୁହାଯାଉଥିବା ଆଡଲଫ୍ ହିଟଲର, ଯେ କି ଦ୍ୱିତୀୟ ବିଶ୍ୱଯୁଦ୍ଧର ଶ୍ରେଷ୍ଠ ଖଳନାୟକ ଓ ଯାହାଙ୍କ ନାଁ ଶୁଣିଲେ ପୃଥିବୀରେ କମ୍ପନ ସୃଷ୍ଟି ହେଉଥିଲା ତାଙ୍କ ଶେଷଜୀବନ ଥିଲା ଅତ୍ୟନ୍ତ କରୁଣାସିକ୍ତ। ଯୁଦ୍ଧ ଅପରାଧୀ ଭାବେ ତାଙ୍କୁ ଫାଶୀଖୁଣ୍ଟରେ ଝୁଲାଇବାର ନିଶ୍ଚିତତାକୁ ଅନୁଭବ କରି ସେ ଗୁପ୍ତ ବଙ୍କର ମଧ୍ୟରେ ପୋଟାସିୟମ ସିଆନାଇଡ୍ ବଟିକା ଖାଇ ଚିର ନିଦ୍ରାରେ ଶୋଇଗଲେ। ମୃତ୍ୟୁର ଅବ୍ୟବହିତ ପୂର୍ବରୁ ନିଜ ପ୍ରିୟ କୁକୁର ଓ ତାଙ୍କୁ ପ୍ରାଣଭରି ଭଲପାଉଥିବା ପ୍ରିୟ ବାନ୍ଧବୀଙ୍କୁ ଏହି ବିଷାକ୍ତ ବଟିକା ଖୁଆଇ ତାଙ୍କ ସହ ଆଲିଙ୍ଗନାବଦ୍ଧ ଭାବେ ଶେଷ ନିଃଶ୍ୱାସ ତ୍ୟାଗ କଲେ। ଜୀବନରେ କେବେ ଆଖିରୁ ଲୁହଗଡ଼ାଇ ନ ଥିବା ହିଟଲରଙ୍କ ଗଣ୍ଡ ଦେଶର ଶୁଷ୍କ ଲୋତକ ଧାରକୁ ଆବିଷ୍କାର କରାଯାଇଥିଲା ତାଙ୍କ ପ୍ରାଣହୀନ ନିଷ୍ପନ୍ଦ ଶରୀର ଠାବ କରାଯିବା ସମୟରେ। ଉଇଲିୟମ ସେକ୍ସପିୟରଙ୍କ ଭାଷାରେ ଯେଉଁମାନେ ଉଚ୍ଚତମ ସୋପାନକୁ ଉନ୍ନୀତ ହୋଇ ଗର୍ବର ସୀମା ଲଙ୍ଘନ କରନ୍ତି, ସେମାନଙ୍କ ପତନ କେବଳ ନିୟତି ଦ୍ୱାରା ହିଁ ସମ୍ଭବ।



ଗ୍ରୀକ୍‌ବୀର ଆଲେକ୍‌ଜାଣ୍ଡର ଭାରତ ଆକ୍ରମଣ ଉଦ୍ଦେଶ୍ୟରେ ନିଜ ବିଶାଳ ସୈନ୍ୟ ବାହିନୀ ସହ ଏଥେନ୍ସ ନଗରୀର ରାଜରାସ୍ତା ପ୍ରକମ୍ପିତ କରି ଅଗ୍ରସର ହେଉଥିବା ସମୟରେ ଜଣେ ସନ୍ଥ ନିଜ ଭିକ୍ଷାଲବ୍ଧ ଏକ ଟଙ୍କାର ମୁଦ୍ରାଧରି ତାଙ୍କ ପଥରୋଧ କଲେ। ଆଲେକଜାଣ୍ଡର ତାଙ୍କୁ ପାଗଳ ଭିକାରି ବୋଲି ସମ୍ବୋଧନ କରି ଏଡ଼ାଇ ଚାଲିଯିବା ସମୟରେ ସନ୍ଥ ପଛରୁ ଡାକି କହିଲେ, ରାଜନ୍! ଏ ମୁଦ୍ରାଟି ଗ୍ରହଣ କର ମୁଁ ଏହାକୁ ଭିକ୍ଷାକରି ଲାଭକରିଛି ସତ ; ହେଲେ ତୁମେ ତ ମୋଠାରୁ କେଉଁ ଗୁଣରେ କମ୍ ଭିକାରି ନୁହଁ। ତୁମର ଧନ, ପ୍ରତିପତ୍ତି, ପ୍ରଭୁତ୍ୱ ସହ ବିଶାଳ ସାମ୍ରାଜ୍ୟ ଥାଇ ମଧ୍ୟ ତୁମେ ଅନ୍ୟ ରାଜ୍ୟ ଓ ତା'ର ଧନ ସମ୍ପତ୍ତି ଅଧିକାର କରିବା ଲୋଭରେ କାହିଁକି ମନବଳାଇଛ? ଭିକାରିର କିଛି ନ ଥିବାରୁ ସେ ଅନ୍ୟର ଅର୍ଥ ଆଶା କରେ। ହେଲେ ତୁମେ ଯେତେବେଳେ ପରଧନ, ସମ୍ପତ୍ତି ଏପରି କି ସାମ୍ରାଜ୍ୟ ଆଶା କରୁଛ ତୁମେ ଭିକାରିଠାରୁ କେଉଁ ଗୁଣରେ ଉଚ୍ଚ? ଯେଉଁଦିନ ଏହି ତେତିଶ ବର୍ଷୀୟ ଉଦ୍ଧତ ଯୁବକ ଭାରତ ଜୟ କରି ନ ପାରି ସୈନ୍ୟହରା ହୋଇ ଅନାହାର ଓ ରୁଗ୍ଣ ଅବସ୍ଥାରେ ପ୍ରତ୍ୟାବର୍ତ୍ତନ ମାର୍ଗରେ ଆସନ୍ନ ମୃତ୍ୟୁକୁ ଅପେକ୍ଷା କରୁଥିଲେ, ସେହିଦିନ ତାଙ୍କ ମନୋରାଜ୍ୟକୁ ଆନ୍ଦୋଳିତ କରିଥିଲା ସନ୍ଥଙ୍କର ସେହି ଶେଷ ବାଣୀ– 'ଏ ମୁଦ୍ରାଟି ନିଅ ଦିନେ ତୁମର କାମରେ ଲାଗିବ।' ''ଆଜି ସତରେ ସେ ଏକ ଭିକାରିଠାରୁ ବି ଊଣା। ସେ ଘୋଷଣା କଲେ ତାଙ୍କ ହାତ ଦୁଇଟି ତାଙ୍କ ଶବାଧାରର ଉଭୟ ପାର୍ଶ୍ୱରେ ଝୁଲି ରହିବ ଯେପରି ବିଶ୍ୱ ଦେଖିବ ଯେ ସେ ନିଃସ୍ୱ ଏବଂ ପୃଥିବୀରୁ ରିକ୍ତ ହସ୍ତରେ ବିଦାୟ ନେଉଛି।'

ପାକିସ୍ତାନ କଥା ଚିନ୍ତାକଲେ ଦେଖିବା ସେ ଦେଶର ବହୁଶାସନ ମୁଖ୍ୟଙ୍କର ଉତ୍ତର ଜୀବନ ଯନ୍ତ୍ରଣାସିକ୍ତ। ରାଷ୍ଟ୍ରପତି ଜୁଲଫିକର ଅଲ୍ଲୀ ଭୁଟ୍ଟୋ ଦୋଷୀ ସାବ୍ୟସ୍ତ ହୋଇ ଫାଶୀ ଦଣ୍ଡରେ ଦଣ୍ଡିତ ହୋଇ ଶେଷ ନିଃଶ୍ୱାସ ତ୍ୟାଗକଲେ। ଜେନେରାଲ ମୁଶାରଫ ଦେଶାନ୍ତର ହୋଇ ଅତି କରୁଣଭାବେ ଶେଷ ପରିଣତି ଭୋଗକଲେ। ଇମ୍ରାନ ଖାଁ ଦିନେ ଥିଲେ କ୍ରିକେଟ ଆକାଶର ଏକ ଉଜ୍ଜ୍ୱଳ ତାରକା। ପାକିସ୍ତାନବାସୀ ତ ତାଙ୍କୁ ସ୍ନେହ ଶ୍ରଦ୍ଧାରେ ପୋତି ପକାଇଥିଲେ। ସେହି ସ୍ନେହ, ଶ୍ରଦ୍ଧାକୁ ପୁଞ୍ଜିକରି ଇମ୍ରାନ ପାକିସ୍ତାନ ରାଜନୀତିରେ ପ୍ରବେଶ କଲେ ଓ ପ୍ରଧାନମନ୍ତ୍ରୀ ଆସନ ମଧ୍ୟ ଅଳଂକୃତ କଲେ। ହେଲେ କୁଆଡ଼େ ଗଲା ତାଙ୍କ ଅମଳିନ ପ୍ରତିଭା ସମ୍ପନ୍ନ ଲୋକପ୍ରିୟତା? ଗୁରୁତର ଦୁର୍ନୀତି ଅଭିଯୋଗରେ ତାଙ୍କୁ ଗିରଫ କରାଯାଇ ବିଚାରାଳୟକୁ ନିଆଗଲା। କାଠଗଡ଼ାରେ ଠିଆ ହୋଇ ଅତି କରୁଣ ଭାବେ ସେ ଯେତେବେଳେ କହୁଥାନ୍ତି ଯେ, ତାଙ୍କୁ ପ୍ରବଳ ମାଡ଼ ମରାଯାଇଛି, ବିଚାରପତି ମଧ୍ୟ କ୍ଷଣକ ପାଇଁ ବିହ୍ୱଳିତ ହୋଇ ଉଠିଲେ। ସୁପ୍ରିମକୋର୍ଟ ଇମ୍ରାନଙ୍କ ଗିରଫଦାରିକୁ ନାପସନ୍ଦ କରି ତାଙ୍କ ସୁରକ୍ଷା ପ୍ରତି ନଜର ଦେବାକୁ ପାକିସ୍ତାନ ସରକାରକୁ ନିର୍ଦ୍ଦେଶ ଦେଇଛନ୍ତି। ତଥାପି ବିପଦର ଖଣ୍ଡା ତାଙ୍କ ମୁଣ୍ଡ ଉପରେ ଝୁଲୁଛି। ଯଦି ରାଜନୀତି ପ୍ରତି ଆସକ୍ତ ନ ହୋଇ ଜଣେ କ୍ରିକେଟ ତାରକା ଭାବେ ଜୀବନ ଅତିବାହିତ କରିଥାନ୍ତେ ତେବେ କେବଳ ପାକିସ୍ତାନ କାହିଁକି ସାରା ବିଶ୍ୱବାସୀଙ୍କ ହୃଦୟରେ ସେ ମହାନ୍ ହୋଇ ରହିଥାନ୍ତେ। କ୍ଷମତା ଲିପ୍ସା ଆଜି ତାଙ୍କୁ ଆଣି ଦେଇଛି ଏ ଚରମ ଦୁର୍ଗତି।

**ସିଦ୍ଧଳ, ଜଗତସିଂହପୁର,**
**ମୋ:୯୯୩୭୪୫୦୫୪୦**

## ଏଇ ଭାରତରେ

ବୟସ ୧୬। କିନ୍ତୁ ଚିନ୍ତାଧାରା ପ୍ରେରଣାଦାୟକ। ଦିଲ୍ଲୀର ଅନନ୍ତ ବାଗ୍ରୋଡିଆ ଭଲ୍ୟୁଣ୍ଟିୟର ଫର୍ ଏମ୍‌ସିଡି ସ୍କୁଲ ଆପ୍ ଖୋଲି ତା' ମାଧ୍ୟମରେ ସ୍ୱେଚ୍ଛାକୃତ ଭାବେ ଅସହାୟ ଗରିବ ପିଲାମାନଙ୍କୁ ପଢାଇବା ଲାଗି କଲେଜ ଛାତ୍ରମାନଙ୍କୁ ଏଥିରେ ଯୋଡ଼ିପାରିଛନ୍ତି। ଏହି ଆପ୍ ମାଧ୍ୟମରେ ବି ସେ ଶିକ୍ଷାଦାନକୁ ସଞ୍ଚାଳିତ କରୁଛନ୍ତି। ଦିଲ୍ଲୀର ବିଭିନ୍ନ ଅଞ୍ଚଳରୁ ଛାତ୍ରମାନେ ଅନନ୍ତଙ୍କ ଉକ୍ତ ଅଭିଯାନରେ ସାମିଲ ହୋଇଛନ୍ତି। ଏପରିକି ଅନନ୍ତଙ୍କ ମା' ମଧ୍ୟ ଏହି ସ୍କୁଲରେ ପଢାଉଛନ୍ତି। ଏହି ସ୍କୁଲରେ ଅସହାୟ ପିଲାମାନେ ପଢିବା ସହ ମ୍ୟୁଜିକ, ନାଚ ଓ ବିଭିନ୍ନ ଖେଳ ଶିଖୁଛନ୍ତି। ଏବେ ଦିଲ୍ଲୀର ବିଭିନ୍ନ ସ୍ଥାନରେ ୧୯ଟି ଏଭଳି ସ୍କୁଲ ଚାଲିଛି। ଏମ୍‌ସିଡି ସ୍କୁଲ ଆପ୍‌ରେ ଏବେ ୧୦୦ ସ୍ୱେଚ୍ଛାସେବୀ କଲେଜ ଛାତ୍ର ପିଲାମାନଙ୍କୁ ପଢାଇବା ଲାଗି ସମୟ ଦେବା ଲାଗି ପଞ୍ଜୀକୃତ ହୋଇଛନ୍ତି। ଏମାନେ ପିଲାମାନଙ୍କୁ ଗଣିତ,ଇଂଲିଶ, ବିଜ୍ଞାନ, ଇତିହାସ ଏବଂ ଅନ୍ୟ ବିଷୟ ପଢାଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୧୯ ଜୁଲାଇ ୧୯୯୮**

- ୮୦ତମ ଜନ୍ମଦିବସ ପାଳନ ଅବସରରେ ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ନେଲସନ ମଣ୍ଡେଲା ତାଙ୍କ ପ୍ରେମିକା ଗ୍ରାସା ମାଚେଲଙ୍କୁ ବିବାହ କରିଛନ୍ତି।
- ଲୋକସଭାର ଉପବାଚସ୍ପତି ପଦ କଂଗ୍ରେସକୁ ଛାଡ଼ିଦେବା ପାଇଁ ବିରୋଧୀ ପକ୍ଷର ଦାବିକୁ ଶାସକ ଭାଜପା ମେଣ୍ଟର ପ୍ରତ୍ୟାଖ୍ୟାନ।
- ଚାଇନାର ବିଭିନ୍ନ ଅଞ୍ଚଳରେ ବନ୍ୟା ଆସିବା ଯୋଗୁ ୨.୯ ନିୟୁତ ଘର ଭାସିଯାଇଥିବା ବେଳେ ୧୦୦୦ ଲୋକଙ୍କ ମୃତ୍ୟୁ।

## ଚିରନ୍ତନୀ

ଧ୍ୱଂସର ଡାକ ଭାସି ଆସେ ଦଶ ଦିଶୁଁ
ରଣଭେରୀ ତୋର ସେ ଭୀମ
ଶବଦେ ମିଶୁ
ମରଣ ତୋହର ମୁକତିରେ ବୀର ଶିଶୁ!
ତିନି କାଳ ତୋର ଜୀବନର ଅନୁଯାୟୀ
ପଥ କାହିଁ? ପଥ କାହିଁ?

(ପଥ କାହିଁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku
Puzzles by Srikant Ghosh

ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | | | 1 | 2 | | 5 | | |
| 8 | | 7 | | 5 | | 4 | 1 | |
| | | | | | | | 6 | 8 |
| | 2 | 1 | | | 7 | | | |
| | | | | | | | 7 | |
| | | | 9 | 8 | 5 | | | |
| | | 2 | | | | | | 3 |
| | | | | | | 6 | | |
| 6 | 9 | | 2 | | | | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 6 | 9 | 1 | 7 | 4 | 5 | 2 | 8 |
| 7 | 2 | 1 | 5 | 8 | 9 | 4 | 6 | 3 |
| 5 | 8 | 4 | 6 | 2 | 3 | 9 | 1 | 7 |
| 6 | 1 | 3 | 9 | 4 | 2 | 8 | 7 | 5 |
| 8 | 4 | 7 | 3 | 6 | 5 | 2 | 9 | 1 |
| 2 | 9 | 5 | 7 | 1 | 8 | 6 | 3 | 4 |
| 9 | 7 | 6 | 8 | 5 | 1 | 3 | 4 | 2 |
| 4 | 3 | 8 | 2 | 9 | 7 | 1 | 5 | 6 |
| 1 | 5 | 2 | 4 | 3 | 6 | 7 | 8 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଏକକ ନାଗରିକ ସଂହିତାକୁ ବିରୋଧ କରା ନ ଯାଉ

ମହାଶୟ,

ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଆମେ ସମସ୍ତେ ଭାରତୀୟ ବୋଲି କହି ଗର୍ବିତ ହେଉଥିବା ବେଳେ ବିଭିନ୍ନ ଜାତି ବର୍ଗର ନାଗରିକଙ୍କ ପାଇଁ ପୃଥକ ଆଇନ୍, ଚାକିରି ଓ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ତଥା କେତେକ ରାଜ୍ୟକୁ ସ୍ୱତନ୍ତ୍ର ମର୍ଯ୍ୟାଦା ପ୍ରଦାନ ଯୋଗୁ ଭାରତୀୟଙ୍କ ମଧ୍ୟରେ ଅଶାନ୍ତ ବାତାବରଣ ସୃଷ୍ଟି ହୋଇ ଅସ୍ଥିରତା ଦେଖାଦେଉଛି। ଏପରିକି ସାମାଜିକ ନ୍ୟାୟ ପ୍ରତିଷ୍ଠାରେ ପକ୍ଷପାତିତା ଯୋଗୁ ଅସ୍ଥିରତା ଦ୍ୱିଗୁଣିତ ହେଉଛି। ସମ୍ବିଧାନର ଅନୁଚ୍ଛେଦ–୪୪ କ୍ରମେ ନାଗରିକଙ୍କ ପାଇଁ ସାମାଜିକ ନ୍ୟାୟ ପ୍ରଦାନରେ ପ୍ରତ୍ୟେକ ରାଜ୍ୟ ସମାନ ନାଗରିକ ସଂହିତାର ପ୍ରଣୟନ ଓ କାର୍ଯ୍ୟକାରିତା ଦିଗରେ ପ୍ରୟାସ କରିବାକୁ ଚେଷ୍ଟିତ ହେବେ ବୋଲି ଦର୍ଶାଯାଇଛି। ମାତ୍ର, ବାସ୍ତବ କ୍ଷେତ୍ରରେ କିଛି ପ୍ରତିଫଳିତ ହେଉନାହିଁ। ଓଲଟା ବିପରୀତ କାର୍ଯ୍ୟ ଯୋଗୁ ଅଧିକ ଅସ୍ଥିରତା ଦେଖାଦେଉଛି। ବିଳମ୍ବରେ ହେଲେ ମଧ୍ୟ ଦେଶରେ ଏକକ ନାଗରିକ ସଂହିତା କାର୍ଯ୍ୟକାରୀ ପାଇଁ ପ୍ରୟାସ ଆରମ୍ଭ ହୋଇଥିବାରୁ ଏହା ସ୍ୱାଗତଯୋଗ୍ୟ। ଏହି ସଂହିତା ଲାଗୁ କରାଗଲେ ଦେଶରେ ସମସ୍ତ ଭେଦଭାବ ଦୂର ହୋଇ ସବୁଧର୍ମ ପାଇଁ ସମାନ ଆଇନ ଲାଗୁ ହୋଇପାରିବ ; ଯଦ୍ୱାରା ଭାରତବର୍ଷର ପ୍ରତ୍ୟେକ ନାଗରିକଙ୍କୁ ସମାନ ଆଇନଗତ ଅଧିକାର ମିଳିପାରିବ। ଏପରି କି ଏହାଦ୍ୱାରା ନାଗରିକଙ୍କ ମଧ୍ୟରେ ଏକତା ଜାଗ୍ରତ ହେବ। ଏଣୁ ସମସ୍ତ ରାଜ୍ୟର ରାଜନୈତିକ ଦଳର ନେତାମାନେ କୌଣସି ସ୍ୱାର୍ଥ ଓ ଭେଦଭାବ ନ ରଖି, ବିରୋଧ ନ କରି ଏଥିପାଇଁ ଆଗଭର ହେବା ଉଚିତ।

**– ବିଷ୍ଣୁ ପ୍ରସାଦ ମହାରଣା, ବାଳିଚ୍ଛକ, ଢେଙ୍କାନାଳ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ହସ୍ପିଟାଲରେ ନିଆଁ: ୩୦ ପିଲା ସ୍ଥାନାନ୍ତର**
ରାଜସ୍ଥାନର ଜେକେ ଲୋନ୍ ହସ୍ପିଟାଲରେ ନିଆଁ ଲାଗିବାରୁ ୩୦ ଜଣ ପିଲାଙ୍କୁ ସୁରକ୍ଷିତ ଭାବେ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ସୋମବାର ରାତିରେ ଶିଶୁମାନେ ଚିକିତ୍ସିତ ହେଉଥିବା ଦୁଇଟି ୱାର୍ଡର ଏସି ଡକ୍ ଲାଇନରୁ ଧୂଆଁ ଉଠୁଥିବା ଦେଖି କର୍ମଚାରୀମାନେ ଜଣାଇବା ପରେ ଡାକ୍ତର ଓ ନର୍ସିଂ ଷ୍ଟାଫ୍ ସତର୍କ କରାଇଦେଇଥିଲେ। ସଙ୍ଗେ ସଙ୍ଗେ ପିଲାମାନଙ୍କୁ ସ୍ଥାନାନ୍ତର କରାଯାଇଥିଲା ବୋଲି ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ଡା. କୈଳାସ ମୀନା କହିଛନ୍ତି। ଅଗ୍ନିକାଣ୍ଡରେ କେହି ମୃତାହତ ହୋଇନାହାନ୍ତି।






ବେଙ୍ଗାଲୁରୁରେ ଏକାଠି ହୋଇଥିବା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ(ମଝି), ଏନ୍‌ସିପି ମୁଖ୍ୟ ଶରଦ ପାୱାର, କଂଗ୍ରେସ ନେତା ରାହୁଲ ଗାନ୍ଧୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ଏଏପି ଆବାହକ ଅରବିନ୍ଦ କେଜରିୱାଲ ଏବଂ ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକରେଙ୍କ ସମେତ ୨୬ ବିରୋଧୀ ଦଳର ନେତା।




ନୂଆଦିଲ୍ଲୀରେ ଏନ୍‌ଡିଏ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡା,ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ, ଏଆଇଏଡିଏମ୍‌କେ ମୁଖ୍ୟ ଇ.କେ. ପାଲାନିସ୍ୱାମୀ, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ, ନାଗାଲାଣ୍ଡ ମୁଖ୍ୟମନ୍ତ୍ରୀ ନେଫିଓ ରିଓ, ଏନ୍‌ସିପିର ପ୍ରଫୁଲ୍ଲ ପଟେଲ, ଏଲ୍‌ଜେପି(ରାମବିଳାସ) ନେତା ଚିରାଗ ପାଶ୍ୱାନ ପ୍ରମୁଖ।

## ସଂକ୍ଷେପରେ

### ସୋନିଆ, ରାହୁଲଙ୍କ ବିମାନର ଜରୁରୀ ଅବତରଣ

**ନୂଆଦିଲ୍ଲୀ,୧୮।୭:**ବେଙ୍ଗାଲୁରୁରେ ୨୬ ବିରୋଧୀ ଦଳର ମାନସ ମନ୍ଥନ ବୈଠକରେ ଯୋଗଦେଇ ଦିଲ୍ଲୀ ଫେରୁଥିବାବେଳେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ତାଙ୍କ ମାଆ ସୋନିଆ ଗାନ୍ଧୀଙ୍କ ବିମାନ ମଙ୍ଗଳବାର ରାତି ୭ଟା ୪୫ ମିନିଟ ସମୟରେ ଭୋପାଳ ବିମାନବନ୍ଦରରେ ଜରୁରୀ ଅବତରଣ କରିଛି। ଖରାପ ପାଗ ଯୋଗୁ ବିମାନକୁ ଜରୁରୀ ଅବତରଣ କରାଇବାକୁ ପଡ଼ିଥିବା କୁହାଯାଇଛି। ଭୋପାଳ ପୋଲିସ କମିଶନର ହରିନାରାୟଣ ଚାରି ମିଶ୍ରା ବିମାନର ଜରୁରୀ ଅବତରଣ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ତେବେ ଜରୁରୀ ଅବତରଣର ସବିଶେଷ କାରଣ ଜଣାପଡ଼ି ନାହିଁ। ଜରୁରୀ ଅବତରଣ ଖବର ପାଇ ବିମାନବନ୍ଦରକୁ ଯାଉଥିବା ବରିଷ୍ଠ କଂଗ୍ରେସ ନେତା ଶୋଭା ଓଜା କହିଛନ୍ତି।

### ଆଜି ସର୍ବଦଳୀୟ ବୈଠକ

**ନୂଆଦିଲ୍ଲୀ,୧୮।୭:** ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ୨୦ ତାରିଖରୁ ଆରମ୍ଭ ହେବାକୁ ଥିବାବେଳେ କେନ୍ଦ୍ର ସରକାର ବୁଧବାର ସର୍ବଦଳୀୟ ବୈଠକ ଡାକିଛନ୍ତି। ଉକ୍ତ ବୈଠକରେ ଅଧିବେଶନକୁ ନେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହେବ। ଅଧିବେଶନ ଆରମ୍ଭର ପୂର୍ବ ସନ୍ଧ୍ୟାରେ ବିଭିନ୍ନ ଦଳର ନେତା ଏକାଠି ହେବା ପାରମ୍ପରିକ ଘଟଣା। ବୈଠକରେ କେତେଜଣ ବରିଷ୍ଠ ମନ୍ତ୍ରୀ ମଧ୍ୟ ଉପସ୍ଥିତ ରହିବେ। ସେହିପରି ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ୍ ଧନକର ମଙ୍ଗଳବାରକୁ ସର୍ବଦଳୀୟ ବୈଠକ ଡାକିଥିଲେ ମଧ୍ୟ ଅନେକ ଦଳର ନେତା ଉପଲବ୍ଧ ନ ହେବାରୁ ଏହାକୁ ଘୁଞ୍ଚାଇ ଦିଆଯାଇଛି। ମଙ୍ଗଳବାର ୨୬ ବିରୋଧୀ ଦଳର ନେତାମାନେ ବେଙ୍ଗାଲୁରୁ ବୈଠକରେ ଏକାଠି ହୋଇଥିବାବେଳେ ଶାସକ ଏନ୍‌ଡିଏର ବୈଠକ ନୂଆଦିଲ୍ଲୀରେ ଅନୁଷ୍ଠିତ ହେଉଛି। ତେବେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ତାଙ୍କର କ୍ୟାବିନେଟ ସହକର୍ମୀ ପ୍ରହ୍ଲାଦ ଜୋଷୀ ଏବଂ ପୀୟୂଷ ଗୋୟଲଙ୍କ ସହ ଅଧିବେଶନକୁ ନେଇ ଆଲୋଚନା କରିଛନ୍ତି। ଗୋୟଲ ରାଜ୍ୟ ସଭାରେ ଗୃହର ନେତା ଥିବାବେଳେ ଜୋଷୀ ସଂସଦୀୟ ବ୍ୟାପାର ମନ୍ତ୍ରୀ ଅଛନ୍ତି।

### ୪ ବିଦେଶୀ ଆତଙ୍କବାଦୀ ନିହତ

**ପୁଞ୍ଛ, ୧୮।୭(ପି.ଟି.):** ଜମ୍ମୁ-କଶ୍ମୀରର ପୁଞ୍ଛ ଜିଲାରେ ମଙ୍ଗଳବାର ସୁରକ୍ଷା ବଳ ସହ ଗୁଳିବିନିମୟ ବେଳେ ୪ ବିଦେଶୀ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନଙ୍କଠାରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ରବିବାର ରାତିରେ ପୁଞ୍ଛର କ୍ରିଷ୍ଣା ଘାଟି ସେକ୍ଟର ଏଲ୍‌ଓସିରେ ଆତଙ୍କବାଦୀଙ୍କ ଅନୁପ୍ରବେଶ ଉଦ୍ୟମକୁ ସୁରକ୍ଷା ବଳ ପଣ୍ଡ କରିଦେଇଥିଲା। ସୁରାନକୋଟ୍‌ର ସିନ୍ଦରା ଜଙ୍ଗଲରେ ସେନାର ଅପରେଶନ ତ୍ରିନେତ୍ର ବେଳେ ୪ ଆତଙ୍କବାଦୀ ନିହତ ହୋଇଥିବା ପୋଲିସ କହିଛି।

## ଏନ୍‌ଡିଏରେ ୩୮ ଦଳ

# ସହଜ ହେବନି ଭାଗବଣ୍ଟା

**ନୂଆଦିଲ୍ଲୀ,୧୮।୭**

କେନ୍ଦ୍ରରେ ଭାଜପାକୁ କ୍ଷମତାଚ୍ୟୁତ କରିବା ପାଇଁ ବେଙ୍ଗାଲୁରୁରେ ୨୬ ବିରୋଧୀ ଦଳ ଏକାଠି ହୋଇ ରଣନୀତି ପ୍ରସ୍ତୁତିରେ ବ୍ୟସ୍ତ ଥିବାବେଳେ ମଙ୍ଗଳବାର ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ମଧ୍ୟ ଶକ୍ତି ପ୍ରଦର୍ଶନ କରିବାକୁ ପଛାଇନାହିଁ। ନୂଆଦିଲ୍ଲୀର ଅଶୋକା ହୋଟେଲରେ ଭାଜପା ପକ୍ଷରୁ ଡକାଯାଇଥିବା ଏନ୍‌ଡିଏ ବୈଠକରେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଶିବସେନା ନେତା ତଥା ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ, ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଏଆଇଏଡିଏମ୍‌କେ ନେତା କେ. ପାଲାନିସ୍ୱାମୀ, ନାଗାଲାଣ୍ଡ ମୁଖ୍ୟମନ୍ତ୍ରୀ ନେଫିଓ ରିଓ ଏବଂ ଅନ୍ୟ ନେତାମାନଙ୍କୁ ସ୍ୱାଗତ କରିଛନ୍ତି। ଏହି ଅବସରରେ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଏନ୍‌ଡିଏ ସହଯୋଗୀ ଦଳଗୁଡ଼ିକ ଏକାଠି ହେବା ଅତ୍ୟନ୍ତ ଖୁସିର ବିଷୟ। ଆମ ମେଣ୍ଟ ଆଗକୁ ମଧ୍ୟ ଜାତୀୟ ପ୍ରଗତି ଓ ଆଞ୍ଚଳିକ ଆକାଂକ୍ଷାଗୁଡ଼ିକୁ ସାକାର କରିବାକୁ ଉଦ୍ୟମ କରିବ। ୨୦୨୪ ଲୋକ ସଭା ନିର୍ବାଚନକୁ ପ୍ରାୟ ୮ ମାସ ବାକି ଥିବାବେଳେ ବିରୋଧୀ ମହାମେଳିକୁ ପ୍ରତିହତ କରିବା ପାଇଁ ଶାସକ ଦଳ ଏହି ଯୋଜନା କରିଥିବା କୁହାଯାଉଛି। ତେବେ କେତେକ ରାଜ୍ୟରେ ଆସନ ବୁଝାମଣାକୁ ନେଇ ଏନ୍‌ଡିଏରେ ମତଭେଦ ରହିଥିବାରୁ ଏଥିରେ ଶାସକ ମେଣ୍ଟ କେତେ ସଫଳ ହେବ ତାହା ଏବେଠୁ କହିହେବ ନାହିଁ।

ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଅମଳରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏରେ ୨୪ ଦଳ ଥିଲେ। ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶାସନ କାଳରେ ଏହି ସଂଖ୍ୟା ୩୮କୁ ବୃଦ୍ଧି ପାଇଲାଣି। କିନ୍ତୁ ଆଗାମୀ ଲୋକ ସଭା ନିର୍ବାଚନରେ ଏହି ୩୮ ଦଳ କିପରି ଭାବେ ମିଳିତ ହୋଇ ଲଢ଼ିବେ ତାହା ଏବେ ବଡ଼ ପ୍ରଶ୍ନ। ବିଶେଷକରି ବିହାର ଓ ମହାରାଷ୍ଟ୍ରରେ କେଉଁ ଦଳ କେତେ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବେ ତାକୁ ନେଇ ହିସାବକିତାବ ଏତେ ସହଜରେ ଛିଣ୍ଡି ନ ପାରେ।

**ବିହାର:** ୨୦୧୯ରେ ନୀତୀଶ କୁମାରଙ୍କ ସଂଯୁକ୍ତ ଜନତା ଦଳ (ଜେଡିୟୁ) ଏବଂ ଭାଜପା ମିଳିତ ଭାବେ ନିର୍ବାଚନ ଲଢ଼ିଥିଲେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ରାମବିଳାସ ପାଶ୍ୱାନଙ୍କ ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି) ମଧ୍ୟ ଏନ୍‌ଡିଏରେ ରହିଥିଲା। ଭାଜପା, ଜେଡିୟୁ ୧୭ଟି ଲେଖାଏ ଆସନରେ ଲଢ଼ିଥିବାବେଳେ ଏଲ୍‌ଜେପିକୁ ୬ ଆସନ ମିଳିଥିଲା। ପାଶ୍ୱାନଙ୍କ ଦଳ ରାଜ୍ୟ ସଭା ପାଇଁ ମଧ୍ୟ ଏକ ଆସନ ପାଇଥିଲା। ପାଶ୍ୱାନ ରାଜ୍ୟ ସଭାକୁ ଯାଇଥିଲେ। ଏନ୍‌ଡିଏ ବିହାରର ୪୦ରୁ ୩୯ ଆସନ ଦଖଲ କରିଥିଲା। ସେଥିରୁ ଭାଜପା ୧୭, ଜେଡିୟୁ ୧୬ ଏବଂ ଏଲ୍‌ଜେପିର ୬ ଆସନ ରହିଥିଲା। ସେବେଠୁ ରାଜନୀତିର ସ୍ରୋତରେ ଅନେକ ପାଣି ବହିଗଲାଣି। ଜେଡିୟୁ ଲାଲୁ ପ୍ରସାଦ ଯାଦବଙ୍କ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ଏବଂ କଂଗ୍ରେସକୁ ନେଇ ମହାମେଣ୍ଟ ଗଢ଼ିଛି। ୨୦୨୦ରେ ପାଶ୍ୱାନଙ୍କ ପରଲୋକ ପରେ ଏଲ୍‌ଜେପିରେ ବିଭାଜନ ଘଟିଛି। ପାଶ୍ୱାନଙ୍କ ଭାଇ ପଶୁପତି ପାରସଙ୍କ ନେତୃତ୍ୱରେ ଗୋଟିଏ ଗୋଷ୍ଠୀର ଏମ୍‌ପି ଥିବାବେଳେ ପୁଅ ଚିରାଗ ଅନ୍ୟ ଗୋଷ୍ଠୀର ନେତୃତ୍ୱ ନେଉଛନ୍ତି। ଭାଜପା ବର୍ତ୍ତମାନ ଦୁଇଗୋଷ୍ଠୀର ମିଶ୍ରଣ ଚାହୁଁଛି। କିନ୍ତୁ ପୁତୁରା ଚିରାଗ ପାଶ୍ୱାନଙ୍କ ସହ ମିଶିବାକୁ କେନ୍ଦ୍ରମନ୍ତ୍ରୀ ପଶୁପତି ଅନିଚ୍ଛୁକ। ଅନ୍ୟପକ୍ଷେ ଚିରାଗ ୨୦୧୯ ଭଳି ୬ ଲୋକ ସଭା ଓ ଗୋଟିଏ ରାଜ୍ୟ ସଭା ଆସନ ମାଗୁଛନ୍ତି। ଏହାର ସମାଧାନ କରିବା ଭାଜପା ପାଇଁ ବଡ଼ ଚ୍ୟାଲେଞ୍ଜ ହେବ। କାରଣ ଉପେନ୍ଦ୍ର କୁଶୱାହ ଓ ଜିତନ୍‌ରାମ ମାଞ୍ଝିଙ୍କ ଭଳି ଆଞ୍ଚଳିକ ପ୍ଲେୟାର ମଧ୍ୟ ସିଟ୍ ବୁଝାମଣା ବେଳେ ଭଲ ଶେୟାର ଚାହୁଁଛନ୍ତି। ଭାଜପା ମଧ୍ୟ ସର୍ବାଧିକ ଆସନରେ ଲଢ଼ିବାକୁ ଉଦ୍ୟମ କରିବ।

**ମହାରାଷ୍ଟ୍ର:** ୨୦୧୯ ଲୋକ ସଭା ନିର୍ବାଚନରେ ଭାଜପା ଏବଂ ଶିବସେନା ଏକାଠି ଲଢ଼ିଥିଲେ। ରାଜ୍ୟର ୪୮ ଲୋକ ସଭା ଆସନ ମଧ୍ୟରୁ ଭାଜପା ୨୫ ଆସନରେ ଲଢ଼ି ୨୩ରେ ଜିତିଥିଲା। ଶିବସେନା ୨୩ରେ ଲଢ଼ି ୧୮ ଆସନ ଦଖଲ କରିଥିଲା। ସେହିବର୍ଷ ରାଜ୍ୟ ବିଧାନସଭା ନିର୍ବାଚନ ପରେ ଶିବସେନା ଭାଜପା ସହ ଦୀର୍ଘ ୨୫ ବର୍ଷର ସମ୍ପର୍କ ତୁଟାଇ କଂଗ୍ରେସ ଏବଂ ଶରଦ ପାୱାରଙ୍କ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ସହ ମହାବିକାଶ ଅଘାଡ଼ି (ଏମ୍‌ଭିଏ) ମେଣ୍ଟ ସରକାର ଚଳାଇଲା। ପରବର୍ତ୍ତୀ ସମୟରେ ଏକନାଥ ଶିନ୍ଦେ ଗୋଷ୍ଠୀ ବିଦ୍ରୋହ କରି ଭାଜପା ସହ ହାତ ମିଳାଇଲେ। ୨୦୧୯ରେ ଉଦ୍ଧବଙ୍କ ଶିବସେନା ଲଢ଼ିଥିବା ସମସ୍ତ ୧୮ ଆସନରେ ୨୦୨୪ରେ ଶିନ୍ଦେଙ୍କ ଶିବସେନା ପ୍ରାର୍ଥୀ ଦେବାକୁ ଚାହୁଁଛି। ପାୱାରଙ୍କ ପୁତୁରା ଅଜିତ ପାୱାର ଗୋଷ୍ଠୀ ଶିନ୍ଦେ-ଭାଜପା ମେଣ୍ଟରେ ସାମିଲ ହୋଇଛି। ୨୦୨୪ରେ ସହଯୋଗୀଙ୍କ ସହ ୪୮ ଆସନକୁ ନେଇ ଭାଗବଣ୍ଟା ଭାଜପା ପାଇଁ କାଠିକର ହେବ।

**ଉତ୍ତର ପ୍ରଦେଶ:** ୨୦୧୯ ଲୋକ ସଭା ନିର୍ବାଚନ ବେଳେ ଅନୁପ୍ରିୟା ପଟେଲଙ୍କ ଅପ୍‌ନା ଦଳ ଭାଜପାଠାରୁ ପାଇଥିବା ଦୁଇଟିଯାକ ଆସନରେ ବିଜୟୀ ହୋଇଥିଲା। ବର୍ତ୍ତମାନ ଓମ୍‌ପ୍ରକାଶ ରାଜଭରଙ୍କ ସୁହେଲଦେବ ସମାଜ ପାର୍ଟି ଏବଂ ନିଷାଦ ପାର୍ଟି ଏନ୍‌ଡିଏରେ ସାମିଲ ହୋଇଛନ୍ତି। ଏହି ଦୁଇଦଳ ରାଜ୍ୟର ଯୋଗୀ ଆଦିତ୍ୟନାଥ ସରକାରରେ ମଧ୍ୟ ଯୋଗଦେବା ନେଇ ଚର୍ଚ୍ଚା ହେଉଛି। ଜୟନ୍ତ ଚୌଧରୀଙ୍କ ରାଷ୍ଟ୍ରୀୟ ଲୋକ ଦଳ (ଆର୍‌ଏଲ୍‌ଡି) ସହ ମଧ୍ୟ ଭାଜପା ଆଲୋଚନା ଜାରି ରଖିଛି। ଆର୍‌ଏଲ୍‌ଡିକୁ ଭାଜପା ସହ ମିଶ୍ରଣ ଉଦ୍ୟମ ଜାରି ରହିଥିବାବେଳେ ଜୟନ୍ତ ମଙ୍ଗୁନାହାନ୍ତି। ଯଦି ଆର୍‌ଏଲ୍‌ଡି ଏନ୍‌ଡିଏରେ ସାମିଲ ହୁଏ ତେବେ ଜୟନ୍ତ ଅଧିକ ଆସନ ଦାବି କରିପାରନ୍ତି।

**ତାମିଲନାଡୁ:** ତାମିଲନାଡୁରେ ଭାଜପା ଏଆଇଏଡିଏମ୍‌କେ ସମେତ କେତେକ ଛୋଟ ଦଳ ସହ ମେଣ୍ଟ କରିଛି। ୨୦୧୯ରେ ଏଆଇଏଡିଏମ୍‌କେ ରାଜ୍ୟର ୩୦ ଆସନ ମଧ୍ୟରୁ ୨୦ଟିରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲା। ପିଏମ୍‌କେ ୭, ଭାଜପା ୫, ଡିଏମ୍‌ଡିକେ ୪, ତାମିଲ ମାନିଲା କଂଗ୍ରେସ ୧, ପୁଥିୟା ତାମିଲଗାମ୍ ୧ ଏବଂ ପିଏନ୍‌କେ ଗୋଟିଏ ଆସନରେ ଲଢ଼ିଥିଲା। ଏଥର ଭାଜପା ସହ ଆହୁରି କେତେକ ଦଳ ହାତ ମିଳାଇଥିବାରୁ ଆସନ ଭାଗବଣ୍ଟା ହିସାବ ଛିଣ୍ଡାଇବା ସହଜ ହେବ ନାହିଁ।

**ହରିୟାଣା:**ହରିୟାଣାରେ ଭାଜପା ଏବଂ ଦୁଷ୍ୟନ୍ତ ଚୌଟାଲାଙ୍କ ଜନନାୟକ ଜନତା ପାର୍ଟି (ଜେଜେପି) ମେଣ୍ଟ ସରକାର ଚାଲିଛି। ଏଥର ଭାଜପା ରାଜ୍ୟର ସମସ୍ତ ୧୦ ଲୋକ ସଭା ଆସନରେ ଲଢ଼ିବା ନେଇ ସ୍ପଷ୍ଟ କରିଛି। ଏପରି ହେଲେ ଜେଜେପି ମଧ୍ୟ ଏକାକୀ ଲଢ଼ିବ। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଭାଜପା-ଜେଜେପି ପରସ୍ପରକୁ ଛାଡ଼ପତ୍ର ଦେଇପାରନ୍ତି ବୋଲି କୁହାଯାଉଛି।

**ଝାଡ଼ଖଣ୍ଡ:** ଝାଡ଼ଖଣ୍ଡରେ ଅଲ୍ ଝାଡ଼ଖଣ୍ଡ ଷ୍ଟୁଡେଣ୍ଟ୍‌ସ ୟୁନିୟନ୍ (ଏଜେଏସ୍‌ୟୁ) ସହ ମିଶି ୨୦୧୯ ନିର୍ବାଚନ ଲଢ଼ିଥିଲା ଭାଜପା। ସେତେବେଳେ ଭାଜପାକୁ ରାଜ୍ୟର ୧୪ରୁ ୧୧ ଲୋକ ସଭା ଆସନରେ ସଫଳତା ମିଳିଥିବାବେଳେ ଏଜେଏସ୍‌ୟୁ ୧ରେ ସୀମିତ ରହିଥିଲା। ଆସନ୍ତା ନିର୍ବାଚନରେ ଦୁଇଦଳ ଏକାଠି ଲଢ଼ିପାରନ୍ତି।

**ଆସାମ:**୨୦୧୯ରେ ଭାଜପାର ସହଯୋଗୀ ଥିଲେ ଆସୋମ ଗଣ ପରିଷଦ (ଏଜିପି) ଏବଂ ବୋଡୋଲାଣ୍ଡ ପିପୁଲ୍ସ ଫ୍ରଣ୍ଟ (ବିପିଏଫ୍)। ଭାଜପା ରାଜ୍ୟର ୧୪ ଆସନରୁ ୧୦ରେ ଲଢ଼ି ୯ଟିରେ ଜିତିଥିଲା। ଏଜିପି ୩ ଏବଂ ବିପିଏଫ୍ ଗୋଟିଏରେ ଲଢ଼ି ହାରିଯାଇଥିଲେ। ଆସାମ ସମେତ ଉତ୍ତର-ପୂର୍ବରେ ଭାଜପାର ମୂଳଚାଲ କ୍ଷମତା ହ୍ରାସ ସହ ଆଞ୍ଚଳିକ ଦଳଗୁଡ଼ିକର ବଳ ବୃଦ୍ଧି ଘଟିଥିବାରୁ ଏଥରର ରଣନୀତି ଉପରେ ନଜର ରହିବ।

### ଏନ୍‌ଡିଏ ଯୋଡୁଛି, ବିରୋଧୀ ବିଭାଜନ କରୁଛନ୍ତି: ମୋଦି

କ୍ଷମତା ରାଜନୀତିର ବାଧ୍ୟବାଧକତାରେ ଏବଂ ଜାତିବାଦ ତଥା ଆଞ୍ଚଳିକବାଦକୁ ଦୃଷ୍ଟିରେ ରଖି ଗଢ଼ାଯାଇଥିବା ବିରୋଧୀ ମେଣ୍ଟ ଭାରତ ପାଇଁ ଅତ୍ୟନ୍ତ ହାନିକାରକ ବୋଲି ଏନ୍‌ଡିଏ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମାଲୋଚନା କରିଛନ୍ତି। ଭାଜପା ନେତୃତ୍ୱାଧୀନ ମେଣ୍ଟର ସହଯୋଗୀ ଦଳଗୁଡ଼ିକୁ ସମ୍ବୋଧିତ କରି ମୋଦି କହିଛନ୍ତି, ଏନ୍‌ଡିଏ ଦେଶବାସୀଙ୍କୁ ଯୋଡୁଥିବାବେଳେ ବିରୋଧୀ ସେମାନଙ୍କୁ ବିଭାଜିତ କରୁଛନ୍ତି। ନିକଟରେ ଏନ୍‌ଡିଏ ଦେଶର ପ୍ରଗତି ଓ ଆଞ୍ଚଳିକ ଆକାଂକ୍ଷାକୁ ଗତି ଦେଇ ୨୫ ବର୍ଷ ପୂରଣ କରିଛି। ଆଞ୍ଚଳିକ ଆକାଂକ୍ଷା ପାଇଁ ଏହା ହେଉଛି ଏକ ସୁନ୍ଦର ଇନ୍ଦ୍ରଧନୁ। ଅନ୍ୟପକ୍ଷେ ବିରୋଧୀ ଦଳଗୁଡ଼ିକର ମେଣ୍ଟ କେବେ ସଫଳ ହୋଇନାହିଁ। ସେହିପରି ଭାଜପା ଆଇଟି ସେଲ୍ ମୁଖ୍ୟ ଅମିତ ମାଲବ୍ୟ କହିଛନ୍ତି, ମେଣ୍ଟର ନାମ ପରିବର୍ତ୍ତନ କରିଦେଲେ ବିରୋଧଙ୍କ ଚରିତ୍ର ବଦଳି ନ ଥାଏ।



### ଅଷ୍ଟ୍ରେଲିଆ ଉପକୂଳରେ ଲାଗିଥିବା ବସ୍ତୁ ଇସ୍ରୋ ରକେଟ ଭଗ୍ନାବଶେଷ ହୋଇଥାଇପାରେ

**ମେଲ୍‌ବୋର୍ନ,୧୮।୭(ପି.ଟି.)**

ସମୁଦ୍ରରୁ ଭାସିଆସି ଅଷ୍ଟ୍ରେଲିଆ ଉପକୂଳରେ ଲାଗିଥିବା ଗମ୍ବୁଜ ଆକୃତିର ଏକ ରହସ୍ୟମୟ ବସ୍ତୁ ୨୦ ବର୍ଷ ପୁରୁଣା ଭାରତୀୟ ରକେଟର ଭଗ୍ନାବଶେଷ ହୋଇପାରେ ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଛି। ପର୍ଥ ସହରର ୨୫୦ କି.ମି. ଉତ୍ତରରେ ଥିବା ଗ୍ରୀନ୍ ହେଡ୍ ବେଳାଭୂମିରୁ ଉକ୍ତ ବସ୍ତୁ ମିଳିଛି। ଅଷ୍ଟ୍ରେଲିଆ ମହାକାଶ ସଂସ୍ଥା ଏ ସମ୍ପର୍କରେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)କୁ ଜଣାଇଛି। ଉକ୍ତ ମହାକାଶ ବର୍ଜ୍ୟର ମୂଳ ଖୋଜି ବାହାର କରିବାକୁ ଅଷ୍ଟ୍ରେଲିଆ ସ୍ପେସ୍ ଏଜେନ୍ସି ଉଦ୍ୟମ ଚଳାଇଛି। ମହାକାଶକୁ ସାଟେଲାଇଟ୍ ପ୍ରେରଣ ପାଇଁ ବ୍ୟବହୃତ ବିଦେଶୀ ରକେଟର ଏହା ଅଂଶବିଶେଷ ଏବଂ ବହୁ ବର୍ଷ ସମୁଦ୍ର ମଧ୍ୟରେ ପଡ଼ିରହିଥିଲା ବୋଲି କୁହାଯାଉଛି।

### ଓମାନ ଚାଣ୍ଡିଙ୍କ ପରଲୋକ

**ବେଙ୍ଗାଲୁରୁ/ଥିରୁଭାନନ୍ତପୁରମ୍, ୧୮।୭**



ବରିଷ୍ଠ କଂଗ୍ରେସ ନେତା ତଥା କେରଳର ପୂର୍ବତନ ମୁଖ୍ୟମନ୍ତ୍ରୀ ଓମାନ ଚାଣ୍ଡିଙ୍କର ମଙ୍ଗଳବାର ଭୋର ସମୟରେ ବେଙ୍ଗାଲୁରୁର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୭୯ ବର୍ଷ ହୋଇଥିଲା। ଦୁଇଥର ମୁଖ୍ୟମନ୍ତ୍ରୀ ହୋଇଥିବା ଚାଣ୍ଡିଙ୍କ ପରଲୋକରେ କେରଳ ସରକାର ମଙ୍ଗଳବାରକୁ ଛୁଟି ଘୋଷଣା କରିବା ସହ ଦୁଇଦିନିଆ ଶୋକ ପାଳନ କରିବା ଲାଗି ଘୋଷଣା କରାଯାଇଛି। ଚାଣ୍ଡି ୨୦୦୪ରୁ ୨୦୦୬ ଏବଂ ୨୦୧୧ରୁ ୨୦୧୬ ମୁଖ୍ୟମନ୍ତ୍ରୀ ଥିଲେ। ଏହା ପୂର୍ବରୁ ସେ କେ. କରୁଣାକରନ ଏବଂ ଏ.କେ. ଆଣ୍ଟୋନି ସରକାରରେ ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ରହିଥିଲେ। କେରଳ ବିଧାନସଭାର ବିରୋଧୀ ଦଳ ନେତା ଭାବେ ମଧ୍ୟ ସେ କାର୍ଯ୍ୟ କରିଥିଲେ। ତାଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ସେ ଜଣେ ଦୂରଦ୍ରଷ୍ଟା ନେତା ଥିଲେ ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି। ଚାଣ୍ଡି ତୃଣମୂଳ ସ୍ତରର କଂଗ୍ରେସ ନେତା। କେରଳ ଜନସାଧାରଣଙ୍କ ପ୍ରତି ତାଙ୍କର ସେବା ଲାଗି ସେ ସ୍ମରଣୀୟ ହୋଇ ରହିବେ ବୋଲି ପୂର୍ବତନ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଟୁଇଟ୍ କରିଛନ୍ତି।

## ସାହାରା ଜମାକାରୀଙ୍କୁ ଅର୍ଥ ଫେରସ୍ତରେ ସହାୟତା ପାଇଁ ପୋର୍ଟାଲ ଲଞ୍ଚ୍ ହେଲା

**ନୂଆଦିଲ୍ଲୀ,୧୮।୭**

ଦୀର୍ଘଦିନ ଧରି ଅପେକ୍ଷା କରିଥିବା ୧୦ କୋଟି ସାହାରା ଜମାକାରୀଙ୍କୁ ଅର୍ଥ ଫେରାଇବାରେ ସହାୟତା ପାଇଁ ସିଆର୍‌ସିଏସ୍-ସାହାରା ରିଫଣ୍ଡ ପୋର୍ଟାଲ ମଙ୍ଗଳବାର ଶୁଭାରମ୍ଭ ହୋଇଛି। ସାହାରା ଗ୍ରୁପ୍‌ର ୪ଟି କୋଅପରେଟିଭ୍ ସୋସାଇଟିରେ ଜମାକାରୀମାନେ ରଖିଥିବା ଟଙ୍କା ଫେରିପାଇବା ପ୍ରକ୍ରିୟାକୁ ଏହି ପୋର୍ଟାଲ ସହଜ କରାଇବ ବୋଲି ଏହାର ଲଞ୍ଚ୍ ବେଳେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କହିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଜମାକାରୀଙ୍କୁ ପରୀକ୍ଷାମୂଳକ ଭାବେ ୧୦ ହଜାର ଟଙ୍କା ଫେରସ୍ତ କରାଯିବ। ଏହା ସଫଳ ହେଲେ ଧୀରେ ଧୀରେ ଉକ୍ତ ପରିମାଣକୁ ବଢ଼ାଯିବ। ପ୍ରଥମ ପର୍ଯ୍ୟାୟରେ ୧୦ ହଜାର ଟଙ୍କା ଫେରିପାଇବା ପାଇଁ ୧.୭ କୋଟି ଜମାକାରୀ ରିଫଣ୍ଡ ପୋର୍ଟାଲରେ ନିଜକୁ ପଞ୍ଜୀକୃତ କରିପାରିବେ। ଜମାକାରୀଙ୍କ ଟଙ୍କା ସୁରକ୍ଷିତ ଏବଂ ସେମାନେ ପଞ୍ଜୀକରଣ କରିବାର ୪୫ ଦିନ ମଧ୍ୟରେ ଏହାକୁ ଫେରିପାଇବେ ବୋଲି ଶାହା କହିଛନ୍ତି। ସିଆର୍‌ସିଏସ୍-ସାହାରା ରିଫଣ୍ଡ ପୋର୍ଟାଲ ଗ୍ରାହକଙ୍କ ଆଧାର ନମ୍ବରକୁ ସେମାନଙ୍କ ମୋବାଇଲ ଫୋନ୍ ନମ୍ବର ଏବଂ ବ୍ୟାଙ୍କ ଆକାଉଣ୍ଟ ସହ ଲିଙ୍କ୍ କରିବ। ଆପଣ ପାଇଥିବା ଟଙ୍କା ସମ୍ପର୍କରେ ସବିଶେଷ ତଥ୍ୟ ଦେବାକୁ ହେବ। ଏହା କରିବା ପରେ ଗ୍ରାହକ ଏକ ଫର୍ମ ଡାଉନ୍‌ଲୋଡ୍ କରିପାରିବେ। ଏହାକୁ ପୂରଣ କରି ପୋର୍ଟାଲରେ ଅପ୍‌ଲୋଡ୍ କଲେ ରିଫଣ୍ଡ ପ୍ରକ୍ରିୟା ଆରମ୍ଭ ହେବ। ଏଥିପାଇଁ ଗ୍ରାହକ ଜନସେବା କେନ୍ଦ୍ରର ଡିଜିଟାଲ ସେବାକୁ ବ୍ୟବହାର କରିପାରିବେ ବୋଲି ଶାହା କହିଛନ୍ତି।

## ଜାଲ୍ ଜାତି ପ୍ରମାଣପତ୍ର ବିରୋଧରେ ଉଲଗ୍ନ ପ୍ରତିବାଦ

**ରାୟପୁର,୧୮।୭**

ଛତିଶଗଡ଼ ରାଜଧାନୀ ରାୟପୁରରେ ମଙ୍ଗଳବାର ଜାଲ୍ ଜାତିଗତ ପ୍ରମାଣ ପତ୍ର ବିରୋଧରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର କେତେଜଣ ଉଲଗ୍ନ ହୋଇ ପ୍ରତିବାଦ କରିଛନ୍ତି। ମିଛ ଜାତିଗତ ପ୍ରମାଣପତ୍ରରେ ସରକାରୀ ଚାକିରି ପାଇଥିବା ଲୋକଙ୍କ ବିରୋଧରେ ସରକାର କଡ଼ା କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ସେମାନଙ୍କ ଦାବି ରହିଛି। ଯୁବକଙ୍କ ଉଲଗ୍ନ ପ୍ରତିବାଦ ବେଳର ଫଟୋ ଏବଂ ଭିଡିଓ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହେବାରେ ଲାଗିଛି। ବିକ୍ଷୋଭକାରୀମାନେ ପ୍ଲାକାର୍ଡ ଧରି ବିଧାନସଭା ଅଭିମୁଖେ ଯାତ୍ରା କରୁଥିବାବେଳେ ପୋଲିସ ସେମାନଙ୍କୁ ଅଟକାଇଥିଲା। ଅମା ସେଓନି ଛକ ନିକଟରେ ୧୨ରୁ ଊର୍ଦ୍ଧ୍ୱ ପ୍ରଦର୍ଶନକାରୀଙ୍କୁ ଗିରଫ କରାଯାଇଛି। ଜାଲ୍ ଜାତି ପ୍ରମାଣପତ୍ର ଦ୍ୱାରା ଅନେକ ସରକାରୀ କର୍ମଚାରୀ ଚାକିରି ପାଇବ ନେଇ ଅଭିଯୋଗ ହେବା ପରେ ଏହାର ତଦନ୍ତ ସକାଶେ ସରକାରଙ୍କ ତରଫରୁ ଏକ ଯାଞ୍ଚ ଏଜେନ୍ସି ଗଠନ କରାଯାଇଥିଲା। ୨୬୭ ଜଣ କର୍ମଚାରୀ ମିଛ ଜାତିଗତ ପ୍ରମାଣପତ୍ରରେ ଚାକିରି ପାଇଥିବା ଜଣାପଡ଼ିବା ପରେ ମଧ୍ୟ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଜଣେ ଆନ୍ଦୋଳନକାରୀ କହିଛନ୍ତି। ପୂର୍ବରୁ ମଧ୍ୟ ବିକ୍ଷୋଭକାରୀ ଅନଶନ କରିଥିଲେ। ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ଯାଇ ନ ଥିଲା। ଜାଲିଆତି କରି ଚାକିରି ପାଇଥିବା ବ୍ୟକ୍ତିଙ୍କୁ ଗିରଫ ସହ ସେମାନଙ୍କ ସମ୍ପତ୍ତି ବାଜ୍ୟାପ୍ତ କରିବା ବିକ୍ଷୋଭକାରୀଙ୍କ ଦାବି ରହିଛି।




ମିଛ ଜାତି ପ୍ରମାଣପତ୍ରରେ ସରକାରୀ ଚାକିରି ପାଇଥିବା ଲୋକଙ୍କୁ ଗିରଫ ଦାବିରେ ରାୟପୁରରେ ଯୁବକଙ୍କ ଉଲଗ୍ନ ବିକ୍ଷୋଭ ପ୍ରଦର୍ଶନ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୯ ଜୁଲାଇ, ୨୦୨୩

**ଭାଉଜଙ୍କୁ ଟାଙ୍ଗିଆରେ ଆକ୍ରମଣ ଘଟଣା: ଦିଅର କୋର୍ଟ ଚାଲାଣ**

ଭବାନୀପାଟଣା,(ଉତ୍ତମ କୁମାର ଦାଶ): କଳାହାଣ୍ଡି ଜିଲା ଜୟପାଟଣା ଥାନା ଲୁହାବାହାଲ ଗ୍ରାମରେ ଗତ ୧୨ ତାରିଖରେ ସୁମନ୍ତୀ ଶବର (୫୦) ଜଣେ ମହିଳାଙ୍କୁ ତାଙ୍କ ସମ୍ପର୍କୀୟ ଦିଅର ଧନେଶ୍ୱର ଶବର ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଏ ନେଇ ସୁମନ୍ତୀଙ୍କ ସ୍ୱାମୀ ଜୟପାଟଣା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୧୫୯/୨୩) ରୁଜୁ କରିବା ସହ ଏହି ଘଟଣାରେ ଅଭିଯୁକ୍ତ ଦିଅର ଧନେଶ୍ୱରଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି।



## ସଂକ୍ଷେପରେ

### ଜନବସତି ଦେଇ ଟଣାଯାଇଛି ୧୧କେଭି ବିଦ୍ୟୁତ୍ ତାର



**ଲୋଇସିଂହା,୧୮।୭(ସୁଶାନ୍ତ ବାରିକ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ରତାଖଣ୍ଡି ପଞ୍ଚାୟତ ଅନ୍ତର୍ଗତ ଡୁମେରଝରନ ଗ୍ରାମର ଜନବସତି ଦେଇ ୧୧ହଜାର କେଭି ବିଦ୍ୟୁତ୍ ତାର ଟଣାଯାଇ ଖେତକୁ ନିଆଯାଇଛି। ବିକଳ୍ପ ରାସ୍ତା ଦେଇ ଉଚ୍ଚ କ୍ଷମତା ସମ୍ପନ୍ନ ଉକ୍ତ ତାର ନେବାକୁ ଗ୍ରାମବାସୀ ଦାବି କରି ଆସୁଛନ୍ତି। ଏଦିଗରେ ଉଠା ଜଳ ସେଚନ ବିଭାଗ ଶୁଣୁ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅଭିଯୋଗ ଅନୁଯାୟୀ, କିଛି ବର୍ଷ ପୂର୍ବରୁ ଉଠା ଜଳ ସେଚନ ବିଭାଗ ପକ୍ଷରୁ ଗଭୀର ନଳକୂପ ଖନନ ପାଇଁ ଆହ୍ୱାନ କରାଯିବାରୁ ଗ୍ରାମର କେତେକ ଆବେଦନ କରି ଖେତରେ ଖନନ କରଛନ୍ତି। ପ୍ରକଳ୍ପକୁ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିଲା। ଚାଷୀଙ୍କ ଦାବି ପରେ ଚଳିତ ବର୍ଷ ଖେତକୁ ବିଦ୍ୟୁତ ତାର ଟଣା ଯାଇଛି। ଗ୍ରାମର ଜଣେ ବ୍ୟକ୍ତିଙ୍କ ଗୋଦାମ ଘର ପଛପଟ ଦେଇ ନେଲେ ଲୋକେ ସୁରକ୍ଷିତ ରହିବେ ବୋଲି ଗ୍ରାମବାସୀ କହିଥିଲେ। ହେଲେ ଉଠା ଜଳ ସେଚନ ବିଭାଗ ଗ୍ରାମବାସୀଙ୍କ କଥା ନଶୁଣି ବଳପୂର୍ବକ ଭାବେ ଉଚ୍ଚ କ୍ଷମତା ସମ୍ପନ୍ନ ତାର ଟାଣିଛନ୍ତି। ଗୋଦାମ ଘର ସମ୍ମୁଖରେ ଗ୍ରାମବାସୀ ପୋଖରୀକୁ ଯାଇଥାନ୍ତି। ଜନବସତି ନିକଟରେ ଏବଂ ଗମନାଗମନ ରାସ୍ତାରେ ତାର ନିଆଯାଇଛି। ଏହା କାର୍ଯ୍ୟକ୍ଷମ ହେଲେ ଜନସାଧାରଣଙ୍କ ପ୍ରତି ବିପଦ ରହିଛି। ସରବରାହ ପୂର୍ବରୁ ତାର ହଟାଇ ବିକଳ୍ପ ରାସ୍ତା ଦେଇ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଘରୁ ବାଇକ୍ ଚୋରି କରିନେଲେ ଦୁର୍ବୃତ୍ତ

**ଜୁନାଗଡ଼,୧୮।୭(ସୁନୀଲ କୁମାର ସିଂହ):** କଳାହାଣ୍ଡି ଜିଲା ଜୁନାଗଡ ସହର ୫ ନଂ. ୱାର୍ଡ ଲକ୍ଷ୍ମୀ ସାଗରପଡା ନିକଟରେ ରହୁଥିବା ଶିକ୍ଷକ ମନୋରଞ୍ଜନ ସିଂହଙ୍କ ବାଇକ୍ (ନଂ.ଓଡି୦୮ଏମ୍-୨୫୦୮) କେହି ଦୁର୍ବୃତ୍ତ ସୋମବାର ରାତିରେ ଘରୁ ଚୋରି କରି ନେଇଥିବା ଜଣାପଡିଛି। ମଙ୍ଗଳବାର ସକାଳେ ଘରେ ବାଇକ୍ ନ ଥିବାରୁ ଚୋରି ହୋଇଥିବା ଜାଣି ଶିକ୍ଷକ ସିଂହ ଜୁନାଗଡ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା(ନଂ.୨୬୨/୨୩) ରୁଜୁ କରି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ସୋମବାର ରାତିରେ ଶିକ୍ଷକ ସିଂହ ଘରେ ଶୋଇଥିବାବେଳେ ରାତିରେ କେହି ଦୁର୍ବୃତ୍ତ ଆସି ମୁଖ୍ୟ ଫାଟକ ଖୋଲି ବାଇକ ଚୋରି କରିନେଇଥିଲେ। ଗତ କିଛି ମାସ ମଧରେ ଜୁନାଗଡ ଥାନା ଅଞ୍ଚଳରେ ଅନେକ ବାଇକ ଚୋରି ହୋଇଥିବାବେଳେ ପୋଲିସ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନେଉ ନ ଥିବାରୁ ଚୋରି ବଢିବାରେ ଲାଗିଛି। ଫଳରେ ପୋଲିସର କାର୍ଯ୍ୟକଳାପ ପ୍ରତି ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି।

# ୧୨ଘଣ୍ଟା କଣ୍ଟାବାଞ୍ଜି ବନ୍ଦ

**କଣ୍ଟାବାଞ୍ଜି, ୧୮।୭(ଗୁରୁଦୟାଲ ହଂସ)**



ବନ୍ଦ ପାଳନ ବେଳେ ସଂଘର୍ଷ ସମିତି ସଦସ୍ୟ।

### କଣ୍ଟାବାଞ୍ଜିକୁ ଜିଲା ମାନ୍ୟତା ଦିଅ

କଣ୍ଟାବାଞ୍ଜିକୁ ସ୍ୱତନ୍ତ୍ର ରାଜସ୍ୱ ଜିଲା ଘୋଷଣା ଦାବି ତେଜିଛି। ଏହି ଦାବିକୁ ଅଧିକ ଶାଣିତ କରିବା ପାଇଁ ମଙ୍ଗଳବାର ଜିଲା ସଂଘର୍ଷ ସମିତି ଡାକରାରେ ୧୨ଘଣ୍ଟିଆ କଣ୍ଟାବାଞ୍ଜି ବନ୍ଦ ପାଳନ କରାଯାଇଥିଲା। ସକାଳ ୬ଟାରୁ ଆରମ୍ଭ ହୋଇଥିବା ବନ୍ଦ ସନ୍ଧ୍ୟା ୬ଟା ଯାଏ ଚାଲିଥିଲା। ବର୍ଷା ସତ୍ତ୍ୱେ ଜିଲା ସଂଘର୍ଷ ସମିତି କାର୍ଯ୍ୟକର୍ତ୍ତାଙ୍କ ସହ ବିଭିନ୍ନ ସଂଗଠନର କର୍ମକର୍ତ୍ତା ବନ୍ଦ ପାଳନକୁ ସମର୍ଥନ କରି ରାସ୍ତାକୁ ଓହ୍ଲାଇଥିଲେ। ଏହାର ପ୍ରଭାବରେ ସହରର ସମସ୍ତ ଦୋକାନ ବଜାର, ବିଭିନ୍ନ ସରକାରୀ, ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା। ଯାନବାହାନ ଚଳାଚଳ ବନ୍ଦ ରହିଥିବାରୁ ରାସ୍ତାଘାଟ ଶୂନଶାନ ହୋଇଯାଇଥିଲା।

ସକାଳ ୬ଟାରେ ସ୍ଥାନୀୟ ଇନ୍ଦିରା ଛକରେ ବନ୍ଦ ପାଳନକାରୀ ବଲାଙ୍ଗୀର-କଣ୍ଟାବାଞ୍ଜି-ବଙ୍ଗୋମୁଣ୍ଡା ୪୨ନଂ ରାଜ୍ୟ ରାଜପଥକୁ ଅବରୋଧ କରିଥିଲେ। ସଂଘର୍ଷ ସମିତି ସଭାପତି ଶେଷଦେବ ପୁଟେଲ, କାର୍ଯ୍ୟକାରୀ ସଭାପତି ବ୍ରଜଶ୍ୟାମ ଗୁରୁ, ସମ୍ପାଦକ ଦୁଃଖିଶ୍ୟାମ ଗୁରୁ, ବିଦେଶୀ ବେହେରା, ନରେନ୍ଦ୍ର ସୁନା, ହେମାଲ ସଂଘ ସମ୍ପାଦକ ବିସର୍ବ ବେହେରା, ମାଳି ସମାଜ, ଅଗ୍ରୱାଲ ସଭା ଟ୍ରଷ୍ଟ, ମାରୱାଡି ଯୁବାମଞ୍ଚ, ଯାଦବ ସମାଜ, ଗଣ୍ଡା ସମାଜ, ଗୋଣ୍ଡ ସମାଜ, ଶୁଣ୍ଢି ସମାଜ ସହ ଅନେକ ସଙ୍ଗଠନ ବନ୍ଦରେ ସାମିଲ ହୋଇଥିଲେ। କଣ୍ଟାବାଞ୍ଜି ଥାନା ତରଫରୁ ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ଛକରେ ପୋଲିସ ମୁତୟନ କରାଯାଇଥିଲା। ଦୀର୍ଘ ଦିନରୁ କଣ୍ଟାବାଞ୍ଜିକୁ ରାଜସ୍ୱ ଜିଲା ପ୍ରଦାନ ଦାବି କରି ଆସୁଛି ଜିଲା ସଂଘର୍ଷ ସମିତି। ଏହି ଦାବିକୁ ତୁରେକେଲା, ବଙ୍ଗୋମୁଣ୍ଡା, ମୁରିବାହାଲ ବ୍ଲକ ସହ ପଡୋଶୀ ବେଲପଡା ଓ ଖପ୍ରାଖୋଲ ବ୍ଲକର କେତେକ ପଞ୍ଚାୟତର ଜନସାଧାରଣ ସମର୍ଥନ ଜଣାଇଛନ୍ତି। ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ଏହି ଦାବି ଘୋଷଣା ନ ହେଲେ ଆନ୍ଦୋଳନକୁ ଅଧିକ ତୀବ୍ରତର କରିବା ପାଇଁ ସମିତି ଚେତାବନୀ ଦେଇଛି।

# ପ୍ରଧାନମନ୍ତ୍ରୀ ଆବାସ, ରାଶନ କାର୍ଡ ବଣ୍ଟନରେ ଅନିୟମିତତା


ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ମୁରିବାହାଲ, ୧୮।୭( ଶ୍ରୀବସ୍ତ ବେହେରା)**

### ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଲେବଡା ଗ୍ରାମ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଓ ରାଶନ କାର୍ଡ ପ୍ରଦାନରେ ଅନିୟମିତତା ହୋଇଛି। ଏହିଭଳି ଅଭିଯୋଗ କରି କଣ୍ଟାବାଞ୍ଜି ଗରିବ ସେନା ଓ ପଞ୍ଚାୟତବାସୀଙ୍କ ତରଫରୁ ମଙ୍ଗଳବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓ ପୂର୍ଣ୍ଣାନନ୍ଦ ପୁଟେଲଙ୍କୁ ପ୍ରଦାନ କରାଯାଇଛି। ପ୍ରଦାନ କରାଯାଇଥିବା ଦାବିପତ୍ରରେ ଲେବଡା ପଞ୍ଚାୟତରେ ୨୦୨୧-୨୨ ଓ ୨୨-୨୩ବର୍ଷରେ ଯୋଗ୍ୟବ୍ୟକ୍ତିଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ତାଲିକାଭୁକ୍ତ କରାଯାଇଥିଲା। ପରେ ଜିଓଟେକ ମଧ କରାଯାଇଥିଲା। ହେଲେ ବର୍ତ୍ତମାନ ପ୍ରଦାନ କରାଯାଉଥିବା ପ୍ରଧାନମନ୍ତ୍ରୀ ଆବାସ ତାଲିକାରେ ପୂର୍ବରୁ ତାଲିକାଭୁକ୍ତ ଥିବା ବ୍ୟକ୍ତିଙ୍କର ନାମ ନାହିଁ। ପକ୍କାଘର ଓ ଧନୀକ ଶ୍ରେଣୀର ବ୍ୟକ୍ତିଙ୍କୁ ପ୍ରଧାନମନ୍ତ୍ରୀ ଆବାସ ପ୍ରଦାନ କରାଯାଇଛି ବୋଲି ସେମାନେ ଅଭିଯୋଗ କାରିଛନ୍ତି। ସେହିପରି ଯୋଗ୍ୟ ବ୍ୟକ୍ତିଙ୍କୁ ରାଶନ କାର୍ଡ ପ୍ରଦାନ କରା ଯାଉନାହିଁ ବୋଲି ମଧ ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଏଣୁ ପ୍ରକୃତ ହିତାଧିକାରୀଙ୍କୁ ଚୟନ କରାଯାଉ ବୋଲି ଦାବି କରାଯାଇଛି। ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଡ଼ିଓ ପୁଟେଲ ପ୍ରତିଶ୍ରୁତି ଦେଇଛନ୍ତି। ଗରିବ ସେନା ସଭାପତି ଦିନେଶ ତାଣ୍ଡି, ଉପସଭାପତି ଯୁବରାଜ ମାଝି, ସମ୍ପାଦକ ଯୋଶବନ୍ତ ସାହୁଙ୍କ ନେତୃତ୍ୱରେ ଲେବଡା ପଞ୍ଚାୟତ କାମନା ସାହୁ, କୁସି ସାହୁ, ମଦନ ସାହୁ, ହରିଚନ୍ଦ୍ର ସାହୁ ନିରୂପମା ସାହୁ, ରୀମା ସାହୁ, ଛବି ସାହୁ, ଭୂମିସୂତା ମହାକୁର ଓ କଏନି ସାହୁଙ୍କ ସହ ଅନେକ ହିତାଧିକାରୀ ଉପସ୍ଥିତ ଥିଲେ।

# ବୃଦ୍ଧାଙ୍କ ପାଖରେ ପହଞ୍ଚିଲା ପ୍ରଶାସନ, ମିଳିଲା ପଲିଥିନ


ବୃଦ୍ଧା କୁନ୍ଦୀଙ୍କ ନିକଟରେ ତହସିଲଦାର ଓ ଜନପ୍ରତିନିଧି।

**ଲୋଇସିଂହା, ୧୮।୭(ସୁଶାନ୍ତ ବାରିକ)**

### ବର୍ଷାରେ ବୃଦ୍ଧାଙ୍କ ଘର ଭାଙ୍ଗିବା ଘଟଣା

■ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରଣ ହେଲେ

**ଧରିତ୍ରୀ ପ୍ରଭାବ**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିମୁଣ୍ଡା ପଞ୍ଚାୟତ ବାଦିମୁଣ୍ଡା ସଦର ଗ୍ରାମର ବିଧବା କୁନ୍ଦୀ ବଗାର(୬୭)ଙ୍କ ମାଟି ଘର ଲଗାଣ ବର୍ଷାରେ ଭାଙ୍ଗି ଯାଇଛି। ବିକଳ୍ପ ନଥିବାରୁ ସେହି ଘରେ ସେ ରହୁଥିଲେ। ପୁଅ ସୁରେନ୍ଦ୍ରଙ୍କ ଅଭିଯୋଗ ଆଧାରରେ ଧରିତ୍ରୀରେ ବର୍ଷାରେ ଭାଙ୍ଗିଲା ବୃଦ୍ଧାଙ୍କ ଘର ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ଖବର ପ୍ରସାରଣ ପରେ ମଙ୍ଗଳବାର ତହସିଲଦାର ସଂଘମିତ୍ରା କାଲୋ କୁନ୍ଦୀଙ୍କ ଘରେ ପହଞ୍ଚିଥିଲେ। ଭଲମନ୍ଦ ପଚାରି ବୁଝିବା ସହ ତାଙ୍କୁ ଏକ ପଲିଥିନ ଦେଇଥିଲେ। ହେଲେ ଘରର ଦୟନୀୟ ଅବସ୍ଥା ଦେଖି ତହସିଲଦାର କାଲୋ କୁନ୍ଦୀଙ୍କୁ ଦୁଇପୁଅ ସେମାନଙ୍କ ପାଖରେ ରଖିବାକୁ କହିଥିଲେ। ପ୍ରଥମ ପର୍ଯ୍ୟାୟରେ ସେମାନେ ଜାଗା ନ ଥିବା ଦର୍ଶାଇ ମା'ଙ୍କୁ ରଖିବାକୁ ମନା କରି ଦେଇଥିଲେ। ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବାକୁ ହେଲେ ବୃଦ୍ଧାଶ୍ରମକୁ ପଠାଇ ଦିଆଯିବ ବୋଲି ତହସିଲଦାର କହିଥିଲେ। ଏହାପରେ ପୁଅମାନେ ମା'ଙ୍କୁ ସେମାନଙ୍କ ପାଖରେ ରଖିଥିବା ସରଗାଡ ରାଜସ୍ୱ ନିରୀକ୍ଷକ ବାଞ୍ଛା ବଗର୍ତ୍ତି କହିଛନ୍ତି। ଏହାସହିତ ସହାୟତା ପାଇଁ ଆବଶ୍ୟକ କାଗଜାତ ସଂଗ୍ରହ କରାଯାଇଛି। ବୁଧବାର ତହସିଲଦାରଙ୍କୁ ଘରଭଙ୍ଗା ବାବଦ ରିପୋର୍ଟ ପ୍ରଦାନ କରିବେ ବୋଲି ସେ କହିଛନ୍ତି। ଏହି ଅବସରରେ ସ୍ଥାନୀୟ ସରପଞ୍ଚ କିରଣ ସାହୁ ଓ ଅନ୍ୟ ଜନପ୍ରତିନିଧି ଉପସ୍ଥିତ ଥିଲେ। ସରପଞ୍ଚ ସାହୁ କହିଛନ୍ତି ଜନପ୍ରତିନିଧି ଚାହିଁଲେ ବି କାହାକୁ ଘର ଦେଇ ପାରବୁ ନାହିଁ। ସେମାନେ କ ଫର୍ମ ଆବେଦନ କରିଛନ୍ତି। ଉକ୍ତ ତାଲିକା ଆସିନାହିଁ। ଏବେ ସରକାର ମୋ ଘର ପାଇଁ ଅନଲାଇନରେ ଆବେଦନ ଚାଲିଛି। ଏଥିରେ ଆବେଦନ କରିବାକୁ ପରାମର୍ଶ ଦିଆ ଯାଇଥିବା ସେ କହିଛନ୍ତି। ସୂଚନାଯୋଗ୍ୟ ଯେ, ଦୁଇ ପୁଅ ବିବାହ କରି ପରିବାର ସହ ଅଲଗା ରହୁଥିବାବେଳେ ସ୍ୱାମୀଙ୍କ ମୃତ୍ୟୁ ପରେ ଏକାକୀ ରହୁଛନ୍ତି କୁନ୍ଦୀ। ବିଧବା ଭତ୍ତା ବାବଦ ୫ ଶହ ଟଙ୍କା ଏବଂ ଖାଦ୍ୟ ସୁରକ୍ଷା ଯୋଜନାରେ ମିଳୁଥିବା ୫ କେଜି ପିଡିଏସ ଚାଉଳ ଆଶାଭରସା। ପରିଣତ ବୟସରେ ଉପନୀତ ହୋଇଥିଲେ ବି ଆବାସ କିମ୍ବା ବିଜୁ ପକ୍କାଘର ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରି ନାହାନ୍ତି। ଫଳରେ ନଡାଛପର ଝାଟିମାଟି ଘରେ ଦିନ ରହୁଥିଲେ। ଲଘୁଚାପ ଜନିତ ଲଗାଣବର୍ଷାରେ ସେହି ଘର ଭାଙ୍ଗି ଯାଇଛି।

# ଶୋକସଭାରେ ଅଚ୍ୟୁତାନନ୍ଦ ଉଦ୍‌ଗାତାଙ୍କ ସ୍ମୃତିଚାରଣ

**ବଲାଙ୍ଗୀର, ୧୮।୭ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀରର ଜଣାଶୁଣା କବି, ଲେଖକ, ଜ୍ୟୋତିର୍ବିଦ, ଅଭିନେତା ଓ ନିର୍ଦ୍ଦେଶକ ଅଚ୍ୟୁତାନନ୍ଦ ଉଦ୍‌ଗାତାଙ୍କ ବିୟୋଗରେ ପୂଜ୍ୟପୂଜା ସେବା ସଙ୍ଗଠନ ପକ୍ଷରୁ ବିଶିଷ୍ଟ ଶିକ୍ଷାବିତ୍ ଗିରିଜା ଶଙ୍କର ରଥଙ୍କ ସଭାପତିତ୍ୱରେ ଏକ ଶୋଭସଭା ଅନୁଷ୍ଠିତ ହୋଇଥିଲା। ଶୋକସଭାରେ ସ୍ୱର୍ଗତ ଉଦ୍‌ଗାତା ବଲାଙ୍ଗୀରର ବିଭିନ୍ନ ସାମାଜିକ ସାଂସ୍କୃତିକ ଅନୁଷ୍ଠାନରେ ସଦସ୍ୟ ରହି ବିଭିନ୍ନ ଉନ୍ନତିମୂଳକ କାମ କରିଯାଇଛନ୍ତି ବୋଲି ବକ୍ତାମାନେ କହିଥିଲେ। ସ୍ୱର୍ଗତ ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଆଇନଜୀବୀ ଜୟରାମ ମିଶ୍ର, ଧର୍ମବ୍ରତ ରଥ, ଡା. ଅଶୋକ କୁମାର ସେଠୀ, କପିଳ ପତି, ସଙ୍ଗଠକ ମଧୁ ସାହୁ, କସ୍ତୁରୀ ରଥ, କବିତା ମିଶ୍ର ଓ ମଦନ ମୋହନ ରଥ, ହୃଷୀକେଶ ପୁରୋହିତ, ରୁଦ୍ରେନ୍ଦ୍ର କୁମାର ବେହେରା ସ୍ୱର୍ଗତ ଉଦ୍‌ଗାତାଙ୍କ ଗୁଣାବଳୀ ଉପରେ ଆଲୋକପାତ କରିଥିଲେ। ସଭାରେ ସୀତାଂଶୁ ଶେଖର ନାୟକ, ତପସ୍ୱିନୀ ପଶାୟତ, ନିହାରିକା ମିଶ୍ର, ଜ୍ୟୋତିରାଣୀ ମିଶ୍ର ଓ ଅରୁଣ ଖୁଆସ ଉପସ୍ଥିତ ଥିଲେ। ଦୁର୍ଗା ଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅଚ୍ୟୁତାନନ୍ଦ ଉଦ୍‌ଗାତାଙ୍କ ବିୟୋଗରେ ଆତ୍ମପ୍ରକାଶନୀ ପକ୍ଷରୁ ଶୋଭ ପ୍ରକାଶ କରାଯାଇଛି। ସ୍ୱର୍ଗତ ଉଦ୍‌ଗାତା ଆତ୍ମପ୍ରକାଶନୀ ସଂସ୍ଥାର ହିସାବ ସମୀକ୍ଷକ ଭାବେ ଦାୟିତ୍ୱ ତୁଲାଇଥିଲେ। ତାଙ୍କ ବିୟୋଗରେ ଆତ୍ମପ୍ରକାଶନୀର ସଭାପତି ପଦ୍ମଶ୍ରୀ ଡ ଶ୍ରୀନିବାସ ଉଦ୍‌ଗାତା, କବୟିତ୍ରୀ ସୌଦାମିନୀ ଉଦ୍‌ଗାତା, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଅଜିତ କୁମାର ମହାନ୍ତି, ବିଜୟ କୁମାର ତ୍ରିପାଠୀ, ବୀରେନ୍ଦ୍ର କୁମାର ଝାଙ୍କର ଶୋକବ୍ୟକ୍ତ କରିଛନ୍ତି।

# ଆମ ଆଦମୀ ପାର୍ଟିର ଜନ ସମାବେଶ


ଭୀମପାହାଡରେ ଅନୁଷ୍ଠିତ ଜନ ସମାବେଶରେ ଉପସ୍ଥିତ ଏଏପି ନେତୃବୃନ୍ଦ।

**ଦେଓଗାଁ,୧୮।୭(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ପର୍ଯ୍ୟଟନସ୍ଥଳୀ ଭୀମପାହାଡ ପାଦଦେଶରେ ମଙ୍ଗଳବାର ଆମ ଆଦମୀ ପାର୍ଟି(ଏଏପି) ପକ୍ଷରୁ ଜନସମାବେଶ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ତଥା ରାଷ୍ଟ୍ରୀୟ ପରିଷଦ ସଦସ୍ୟ ଆଶିଷ କୁମାର ପାଣ୍ଡେଙ୍କ ନେତୃତ୍ୱରେ ଅନୁଷ୍ଠିତ ସମାବେଶରେ ପାର୍ଟିର ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର ଯୋଗଦେଇ ଆମ ଆଦମୀପାର୍ଟି ବର୍ତ୍ତମାନ ଦିଲ୍ଲୀ, ପଞ୍ଜାବରେ ଚାଲିଥିବା ଶାସନରେ ଲୋକଙ୍କ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ତଥା ବେକାରୀ ଯୁବକମାନଙ୍କ ରୋଜଗାର ଉପରେ ନେଉଥିବା ଜନହିତକର ଯୋଜନା ଉପରେ ଅବଗତ କରିଥିଲେ। ଏହାସହ ଉକ୍ତ ରାଜ୍ୟମାନଙ୍କରେ ୨ଶହ ୟୁନିଟ ପର୍ଯ୍ୟନ୍ତ ବିଜୁଳି ମାଗଣାରେ ଦିଆଯାଉଛି। ଓଡିଶା ରାଜ୍ୟ ବିଜୁଳି ବଳକା ରାଜ୍ୟଭାବେ ପରିଗଣିତ ହୋଇ ମଧ ଏଠାରେ ଉପଭୋକ୍ତାଙ୍କୁ ଶୋଷଣ କରାଯାଉଛି ବୋଲି କହିଥିଲେ। ଏହାସହ ଦଳ ଶାସନକୁ ଆସିଲେ ୨ଶହ ୟୁନିଟ ପର୍ଯ୍ୟନ୍ତ ମାଗଣାରେ ବିଜୁଳି, ଶିକ୍ଷା, ସ୍ୱାସ୍ଥ୍ୟକ୍ଷେତ୍ରରେ ବହୁଳ ବିକାଶ ଘଟିବ ବୋଲି କୁହାଯାଇଥିଲା। ଆଗାମୀ ନିର୍ବାଚନରେ ଏଏପିର ବିଧାୟକ ଓ ଏମ୍‌ପି ପ୍ରାର୍ଥୀ ସପକ୍ଷରେ ମତସାବ୍ୟସ୍ତ କରିବାପାଇଁ ନିବେଦନ କରାଯାଇଥିଲା। ସମ୍ମାନୀତ ଅତିଥିଭାବେ ରାୟଗଡା ଜିଲା ସଭାପତି ଜନ୍ମେଜୟ ସ୍ୱାଇଁ ଯୋଗଦେଇ ବିଜେଡି ସରକାରର ବିଫଳତା ଉପରେ ବର୍ଷିଥିଲେ। ସମାବେଶରେ କଣ୍ଟାବାଞ୍ଜି ସଭାପତି ସୁରଥ ବେହେରା, ଶ୍ରୀଧର ସାହୁ, ଅମିୟ ଶର୍ମା, ଲିଗାଲ ସେଲ ଦାୟିତ୍ୱରେ ଥିବା ସୁଶାନ୍ତ ପରୁଆ, ରମାକାନ୍ତ ବେହେରା, ସଦାଶିବ ମେହେର, ସୁରେଶ ମହାନନ୍ଦ, ଅଶୋକ ସୁନା, ପ୍ରଫୁଲ୍ଲ ପଣ୍ଡା, ଘନଶ୍ୟାମ ନନ୍ଦ ତଥା ଶତାଧିକ କର୍ମକର୍ତ୍ତା ଯୋଗଦେଇଥିଲେ।

# ସ୍କୁଲ ଗୃହ ନିର୍ମାଣ ପାଇଁ ପ୍ରସ୍ତାବ ପଠାଗଲା

**ଲାଠୋର, ୧୮।୭(ଭୁବନେଶ୍ୱର ବାରିକ)**

■ପୁଡ଼ାପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀଗୃହ ବିପଦସଙ୍କୁଳ

■ବିଦ୍ୟାଳୟ ପରିଦର୍ଶନ କଲେ କନିଷ୍ଠ ଯନ୍ତ୍ରୀ

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧିନ ଲାଠୋର ପଞ୍ଚାୟତ ପିପଲବାହାଲ ପୁଡ଼ାପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶ୍ରେଣୀ କୋଠରୀ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଏ ନେଇ ଧରିତ୍ରୀରେ ଖବର ପ୍ରକାଶ ପରେ ପ୍ରଶାସନ ତତ୍ପରତା ପ୍ରକାଶ କରିଛି। ମଙ୍ଗଳବାର କନିଷ୍ଠ ଯନ୍ତ୍ରୀ ରାଜକିଶୋର ନାଏକ ବିଦ୍ୟାଳୟ ପରିଦର୍ଶନ କରିଥିବା ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଶକ୍ତି ସେଠ ସୂଚନା ଦେଇଛନ୍ତି। ବିଦ୍ୟାଳୟ ପରିଦର୍ଶନ କାଳରେ ସେ ସଭାପତି ଏବଂ ପ୍ରଧାନଶିକ୍ଷକଙ୍କୁ ଶ୍ରେଣୀ କୋଠରୀ ମରାମତି କରାଯିବା ନେଇ ଆଲୋଚନା କରିଥିଲେ। ହେଲେ ଏଥିରେ ସଭାପତି ରାଜି ନହୋଇ ନୂଆ ଶ୍ରେଣୀ ଗୃହ ଯୋଗାଇ ଦେବା ପାଇଁ ଅଡ଼ି ବସିଥିଲେ। ଘଟଣାକୁ ନେଇ କନିଷ୍ଠ ଯନ୍ତ୍ରୀ ଖପ୍ରାଖୋଲ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଅବଗତ କରିଥିବା କହିଛନ୍ତି। ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସଭାପତିଙ୍କ ଅଧକ୍ଷତାରେ ମଙ୍ଗଳବାର ବିଦ୍ୟାଳୟ ପରିସରରେ ପରିଚାଳନା ସମିତି ଏକ ଜରୁରି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ସଭ୍ୟାସଭ୍ୟଙ୍କ ସହ ସରପଞ୍ଚଙ୍କ ପ୍ରତିନିଧି ସନ୍ତୋଷ ଭଇଁଷାଲ, ଜିଲା ପରିଷଦଙ୍କ ପ୍ରତିନିଧି ସନ୍ତୋଷ ମେହେର, ପ୍ରତିଷ୍ଠାତା ସଭାପତି କପିଳ ମେହେର, ସମାଜସେବୀ ଶଙ୍କରଲାଲ ଅଗ୍ରୱାଲ, ଲାଠୋର ଏବଂ ଜାମଚୁଆ ସାଧନ କେନ୍ଦ୍ର ସଂଯୋଜକ ଚକ୍ରଧର ଭୋଇ ଏବଂ ସତ୍ୟବ୍ରତ ବେହେରା ଯୋଗ ଦେଇଥିଲେ। ବୈଠକରେ ବିଦ୍ୟାଳୟରେ ନୂତନ ଶ୍ରେଣୀଗୃହ ନିର୍ମାଣ ପାଇଁ ଦାବି କରାଯାଇଥିଲା। ବୁଧବାରଠାରୁ ଛାତ୍ରୀଛାତ୍ରମାନେ ସ୍କୁଲ ଆସିବେ, ସମାଜସେବୀ ଅଗ୍ରୱାଲଙ୍କ ଏକ ଗୃହରେ ପାଠପଢା ହେବ। ଏ ସମ୍ପର୍କରେ ଏକ ରେଜୋଲେସନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପ୍ରେରଣ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରୁ ଜିଲା ପରିଷଦ ସଦସ୍ୟା ସଂଯୁକ୍ତା ମେହେର ୪ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ ପାଇଁ ଡ଼ିଆରଡ଼ିଏକୁ ପ୍ରସ୍ତାବ ପଠାଇଥିବା ବେଳେ ଖପ୍ରାଖୋଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମଧ ୯ ଲକ୍ଷ ୫୦ହଜାର ଟଙ୍କାର ପ୍ରସ୍ତାବ ପଠେଇଥିବା ଏକ ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ତେବେ ପ୍ରଶାସନ ପିଲାଙ୍କ ସ୍ୱାର୍ଥ ଦୃଷ୍ଟିରୁ ଶୀଘ୍ର ସମସ୍ୟାର ସମାଧାନ କରିବାକୁ ଦାବି ହେଉଛି।


କନିଷ୍ଠ ଯନ୍ତ୍ରୀ ରାଜକିଶୋର ନାଏକ ସ୍କୁଲ ସମସ୍ୟା ସମ୍ପର୍କରେ ଆଲୋଚନା କରୁଛନ୍ତି।

# ପାଟଣାଗଡ଼ ହିନ୍ଦୁ ସମାଜର ଧାରଣା

**ବଲାଙ୍ଗୀର, (ବୀରେନ୍ଦ୍ର କୁମାର ଝାଙ୍କର)/ପାଟଣାଗଡ, (ପ୍ରହ୍ଲାଦ ପାଢ଼ୀ), ୧୮।୭**


ପାଟଣାଗଡ ବ୍ଲକ ଛକରେ ଭଗବାନ ପର୍ଶୁରାମଙ୍କ ଫଟୋ ହଟାଇ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପ୍ରତିବାଦରେ ଧାରଣା ଦିଆଯାଇଛି।

### ଭଗବାନ ପର୍ଶୁରାମଙ୍କ ଫଟୋ ହଟାଇ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଘଟଣା

ପାଟଣାଗଡ ବ୍ଲକ ଛକଠାରେ ଲଗାଯାଇଥିବା ଭଗବାନ ପର୍ଶୁରାମଙ୍କ ଫଟୋକୁ ହଟାଇ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ମଙ୍ଗଳବାର ବର୍ଷା ସତ୍ତ୍ୱେ ଆନ୍ଦୋଳନକାରୀମାନେ ବ୍ଲକ ଛକରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ତୁରନ୍ତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ହଟାଯାଇ ପୂର୍ବବତ ସେଠାରେ ପର୍ଶୁରାମଙ୍କ ଫଟୋ ଲଗାଯିବାକୁ ସେମାନେ ଦାବି କରିଛନ୍ତି। ପାଟଣାଗଡ ହିନ୍ଦୁ ସମାଜ ପକ୍ଷରୁ ମଙ୍ଗଳବାର ଏହି ଘଟଣା ପ୍ରତିବାଦରେ ବ୍ଲକ୍ ଛକରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଆନ୍ଦୋଳନକାରୀ କହିଛନ୍ତି ଯେ, ୨୦୧୯ ମସିହାରୁ ବ୍ଲକ୍ ଛକଠାରେ ପର୍ଶୁରାମ ଜୟନ୍ତୀରେ ଭଗବାନ ପର୍ଶୁରାମଙ୍କ ଫଟୋ ରଖାଯାଇ ପୂଜା କରାଯାଇ ଆସୁଥିଲା। ଉକ୍ତ ସ୍ଥାନରେ ପର୍ଶୁରାମଙ୍କ ଏକ ମାର୍ବଲ ମୂର୍ତ୍ତି ସ୍ଥାପନ ପାଇଁ ନିଷ୍ପତ୍ତି ନିଆଯିବା ସହ ପ୍ରତିମୂର୍ତ୍ତି ପାଇଁ ବରାଦ କରାଯାଇଥିଲା। ଏଭଳିକି ପାଟଣାଗଡ ଏନଏସିର ଅନୁମତି ପାଇଁ ମଧ ଆବେଦନ କରାଯାଇଥିବା ଆନ୍ଦୋଳନକାରୀ ଜଣାଇଥିଲେ। ତେବେ ସୋମବାର ବ୍ଲକ ଛକଠାରେ ଥିବା ଭଗବାନ ପର୍ଶୁରାମଙ୍କ ଫଟୋକୁ ହଟାଇ ଦିଆଯାଇ ସେହି ସ୍ଥାନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା। କାହାକୁ କିଛି ନ କରି ଭଗବାନ ପର୍ଶୁରାମଙ୍କ ଫଟୋ ହଟାଯିବା ଏବଂ ସେହି ସ୍ଥାନରେ ତରବରିଆ ଭାବେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଘଟଣାକୁ ପାଟଣାଗଡ ହିନ୍ଦୁ ସମାଜ ପକ୍ଷରୁ ଘୋର ନିନ୍ଦା କରାଯାଇଛି। ଏହାର ପ୍ରତିବାଦରେ ମଙ୍ଗଳବାର ସକାଳୁ ଧାରଣା ଦିଆଯାଇଛି। ବୁଧବାର ଧାରଣାକୁ ଆହୁରି ତୀବ୍ରତର କରାଯିବ ବୋଲି ଧାରଣାରତ ବ୍ୟକ୍ତିମାନେ କହିଛନ୍ତି। ଘଟଣା ସମ୍ପର୍କରେ ପାଟଣାଗଡ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରହରି ମହନ୍ତଙ୍କୁ ପଚରାଯିବାରୁ ବ୍ଲକ୍ ଛକରେ ଫଟୋ ହଟାଇ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରାଯିବା ବିଷୟରେ ସେ କିଛି ଜାଣି ନ ଥିବା କହିଛନ୍ତି। ପାଟଣାଗଡ ତହସିଲଦାର ଲକ୍ଷ୍ମଣ ମାଝି ମାଜିଷ୍ଟ୍ରେଟ ଦାୟିତ୍ୱରେ ଆସି ଧାରଣାରତ ଲୋକଙ୍କୁ ବୁଝାଇବା ପାଇଁ ଚେଷ୍ଟା କରିଥିଲେ। ହେଲେ ଧାରଣା ଜାରି ରହିବ ବୋଲି ଆନ୍ଦୋଳନକାରୀ କହିଛନ୍ତି। ଭଗବାନ ପର୍ଶୁରାମଙ୍କ ଫଟୋ ଲଗାଯାଇଥିବା ସ୍ଥାନକୁ ପର୍ଶୁରାମ ଛକ ଭାବେ ୨୦୧୯ରୁ ନାମିତ କରାଯାଇଛି। ସେଠାରେ ପର୍ଶୁରାମଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବା ପ୍ରସ୍ତାବ ରହିଥିଲା। ତେବେ କେତେଜଣ ଲୋକ ତରବରିଆ ଭାବେ ଭଗବାନ ପର୍ଶୁରାମଙ୍କ ଫଟୋ ହଟାଇ ସେଠାରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ଠିକ୍ ହୋଇନାହିଁ ବୋଲି ସଞ୍ଜୀବ ହୋତା, ତ୍ରିନାଥ ଯୋଶୀ ଓ ବିଶ୍ୱଜିତ ହୋତା ଗଣମାଧ୍ୟମକୁ କହିଛନ୍ତି। ଏହି ଘଟଣାରେ ବିଧାୟକଙ୍କ ଭୂମିକାକୁ ନେଇ ସନ୍ଦେହ ଜାତ ହେଉଥିବା ଚର୍ଚ୍ଚାର ବିଷୟ ହୋଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୯ ଜୁଲାଇ ୨୦୨୩



## ରାସ୍ତା ପାର୍ଶ୍ୱରେ ଚାରାରୋପଣ

**ବରଗଡ଼ (ପ୍ରେମାନନ୍ଦ ଖମାରୀ):** ବରଗଡ଼ର ଆମ୍ବେଦକର ଯୁବାସଂଘ ଏବଂ ତୋରା ଆଇଏଏସ ଏକାଡ଼େମୀ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଭୟ ଅନୁଷ୍ଠାନର କର୍ମକର୍ତ୍ତା ଏବଂ ସଭ୍ୟବୃନ୍ଦ ବରଗଡ଼-ଭେଡ଼େନ କେନାଲ ରାସ୍ତା ପାର୍ଶ୍ୱରେ ବିଭିନ୍ନ କିସମର ୪୦ଟି ଚାରାରୋପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଆମ୍ବେଦକର ଯୁବାସଂଘ ସଭାପତି ସଞ୍ଜୀବ କୁମାର ସୁନା, ସମ୍ପାଦକ ଜୁଗୁନୁ ଜଗଦଲା, ଯୁଗ୍ମ ସମ୍ପାଦକ ବିମଳ ନାଗ, ଦିଲୀପ ନାଗ, ଯୁଧିଷ୍ଠିର ବିଭାର, ଅବିନାଶ ବାଗ, ଦିଲୀପ ସୁନା, ପୁରନ୍ଦର ଭୋସାଗର ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ପ୍ରଧାନ ଶିକ୍ଷୟିତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ

**ବରଗଡ଼,୧୮।୭(ପ୍ରେମାନନ୍ଦ ଖମାରୀ)**

ଛାତ୍ରୀଛାତ୍ରଙ୍କୁ ପୋଷଣଯୁକ୍ତ ଆହାର ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକରେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ମାତ୍ର ବିଭିନ୍ନ ପ୍ରାଥମିକ ବିଦ୍ୟାଳୟରେ ଏଥିରେ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି । ବରଗଡ଼ ଜିଲା ଅତାବିରା ବ୍ଲକ ଚକୁଳି ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ନିମ୍ନମାନର ମଧ୍ୟାହ୍ନ ଭୋଜନ ଦେବା ସ୍ଥାନୀୟ ପ୍ରଧାନ ଶିକ୍ଷୟିତ୍ରୀ ସୌଦାମିନୀ ମହାନନ୍ଦଙ୍କୁ ମହଙ୍ଗା ପଡ଼ିଛି। ଜିଲାପାଳ ମୋନିଷା ବାନାର୍ଜୀଙ୍କ ନିର୍ଦ୍ଦେଶକ୍ରମେ ଅତାବିରା ବ୍ଲକ ଶିକ୍ଷାଧିକାରୀ (ବିଇଓ) ମିଶ୍ରାଣୀ କୁମ୍ଭାର ସେ ନେଇ ସ୍ପଷ୍ଟୀକରଣ ଦେବା ପାଇଁ ପ୍ରଧାନ ଶିକ୍ଷୟିତ୍ରୀ ମହାନନ୍ଦଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଅତାବିରା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ଜାରି ହୋଇଥିବା ନୋଟିସ୍ ନଂ-୯୭୧ ତା୧୭।୭।୨୩ରିଖରେ ଉଲ୍ଲେଖ ରହିଛି,



ଜିଲାପାଳ ଛାତ୍ରୀଛାତ୍ରଙ୍କ ମଧ୍ୟାହ୍ନ ଭୋଜନ ଦେଖୁଛନ୍ତି ।

### ନିମ୍ନମାନର ମଧ୍ୟାହ୍ନ ଭୋଜନ

ସୋମବାର ଜିଲାପାଳ ବାନାର୍ଜୀ ଉକ୍ତ ବିଦ୍ୟାଳୟକୁ ପରିଦର୍ଶନରେ ଯାଇଥିଲେ। ସେତେବେଳେ ଛାତ୍ରୀଛାତ୍ର ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ କରୁଥିଲେ। ସୋମବାର ମଧ୍ୟାହ୍ନ ଭୋଜନରେ ଛାତ୍ରୀଛାତ୍ରଙ୍କୁ ଭାତ, ଡାଲମା ଦେବା ଉଦ୍ଦିଷ୍ଟ ରହିଛି। କିନ୍ତୁ ମଧ୍ୟାହ୍ନ ଭୋଜନରେ ଡାଲମା ବଦଳରେ ଛାତୀଛାତ୍ରଙ୍କୁ ଦିଆଯାଇଥିବା ଡାଲି ପାଣିଚିଆ ଥିଲା ଏବଂ କିଛି ଆଳୁ ଅଲଗା ପଡ଼ିଥିଲା। ତେବେ ଛାତ୍ରୀଛାତ୍ରଙ୍କୁ ଏଭଳି ନିମ୍ନମାନର ମଧ୍ୟାହ୍ନ ଭୋଜନ ଦିଆଯାଇଥିବାରୁ ତାଙ୍କ ବିରୋଧରେ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ, ସେ ନେଇ ନୋଟିସ ପାଇବା ପରେ ତୁରନ୍ତ ସ୍ପଷ୍ଟୀକରଣ ଦେବାକୁ ପ୍ରଧାନ ଶିକ୍ଷୟିତ୍ରୀ ମହାନନ୍ଦଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ସଂକ୍ଷେପରେ

### ବସୁଦେବଙ୍କୁ କୋଣାର୍କ ପ୍ରତିଭା ସମ୍ମାନ

**ବରଗଡ଼,୧୮।୭(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ବରପାଲି ବ୍ଲକ ଗୋପେଇପାଲି ପଞ୍ଚାୟତ ଅନ୍ତର୍ଗତ ବଡ଼ଗାଁ ଗ୍ରାମର କଳାକାର ବସୁଦେବ ପ୍ରଧାନଙ୍କୁ ବନ୍ଦେ ଉତ୍କଳ ଲୋକକଳା ଓ ଲୋକ ସଂସ୍କୃତି ଆନୁକୂଲ୍ୟରେ କୋଣାର୍କଠାରେ ଅନୁଷ୍ଠିତ ଏକ ସମାରୋହରେ କୋଣାର୍କ ପ୍ରତିଭା ସମ୍ମାନ ୨୦୨୩ରେ ସମ୍ବର୍ଦ୍ଧିତ କରାଯାଇଛି। ମହାସଂଘ ସଭାପତି ବିଜୟ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ପୂର୍ବତନ ଏମ୍‌ପି ବ୍ରଜକିଶୋର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମ୍ବର୍ଦ୍ଧିତ କଳାକାର ପ୍ରଧାନ ଶବ୍ଦନୃତ୍ୟ ଗୁରୁ ସ୍ୱର୍ଗତ ଭଗବାନ ସାହୁଙ୍କ ନିର୍ଦ୍ଦେଶିତ ବୀର ସୁରେନ୍ଦ୍ର ସାଏ ନାଟକରେ ବୀର ସୁରେନ୍ଦ୍ର ସାଏଙ୍କ ପୁଅ ମିତ୍ରଭାନୁ ଚରିତ୍ରରେ ଚମତ୍କାର ଅଭିନୟ କରିଥିଲେ। ତାଙ୍କୁ କୋଣାର୍କ ପ୍ରତିଭା ସମ୍ମାନ ମିଳିବା ପରେ ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି।

### କୃଷି ସମବାୟ ସମିତି ଉଦ୍‌ଘାଟିତ

**ବରଗଡ଼,୧୮।୭(ପ୍ରେମାନନ୍ଦ ଖମାରୀ):** ବରଗଡ଼ ବ୍ଲକ ଅନ୍ତର୍ଗତ ଖୁଣ୍ଟପାଲି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ) ଉଦ୍‌ଘାଟିତ ହୋଇଛି। ତୁମଗାଁ ଏବଂ ଖୁଣ୍ଟପାଲି ପଞ୍ଚାୟତ ପାଇଁ ଉକ୍ତ ନୂତନ ପ୍ରାଥମିକ କୃଷି ସମବାୟ ସମିତିକୁ ମୁଖ୍ୟ ଅତିଥି ବିଧାୟକ ଦେବେଶ ଆଚାର୍ଯ୍ୟ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ଜୟଦେବ ଗଡ଼ତିଆ, ସରପଞ୍ଚ ପ୍ରଫୁଲ୍ଲ କୁମାର ନାଏକ, ବେଲାର ମେହେର, ସାହେବ ସାହୁ, ପ୍ରମୋଦ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସୂର୍ଯ୍ୟମଣି ସାହୁ, ପିତାମ୍ବର ଦେବତା, ମନୋଜ କୁମାର ଦାଶ, ତ୍ରିବିକ୍ରମ ଦାଶ, ଦିବାକର ମାଝୀ, ଦିଲୀପ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଖୁଣ୍ଟପାଲି ଏବଂ ତୁମଗାଁ ପଞ୍ଚାୟତର ଶତାଧିକ ଚାଷୀ ଉପସ୍ଥିତ ଥିଲେ ।

### ପାଇକମାଳରେ ଭାଜପା ରାଜ୍ୟ ସଭାପତି



**ପାଇକମାଳ,୧୮।୭(ବଡ ଶତପଥି):** ବରଗଡ ଜିଲା ପାଇକମାଳ ସ୍ଥିତ ନୃସିଂହନାଥ ଧର୍ମଶାଳା ପରିସରରେ ମଙ୍ଗଳବାର ଭାଜପା କୃଷକମୋର୍ଚ୍ଚା ରାଜ୍ୟ ସଭାପତି ତଥା ପୂର୍ବତନ ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ପାଇକମାଳର ଅବସରପ୍ରାପ୍ତ କର୍ମଚାରୀ, ବୁଦ୍ଧିଜୀବୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନେ ଯୋଗଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ସମ୍ମାନିତ ଅତିଥି ଭାବେ ବରଗଡ ଏମ୍‌ପି ସୁରେଶ ପୂଜାରୀ, ନୀଳମଣି ପଣ୍ଡା, ଡା. ରାଜୀବ ପଟ୍ଟନାୟକ, ଶଙ୍କର ପ୍ରସାଦ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ୨୦୨୪ରେ ରାଜ୍ୟରେ ଭାଜପା ସରକାର ଆସିଲେ ପାଇକମାଳ ଅଞ୍ଚଳର ବିକାଶ କରାଯିବ ବୋଲି ସଭାପତି ସାମଲ ଓ ଏମ୍‌ପି ପୂଜାରୀ କହିଥିଲେ। ପରେ ସଭାପତି ସାମଲ ନୃସିଂହନାଥ ମନ୍ଦିର ଯାଇ ଭଗବାନ ମାର୍ଜାର କେଶରୀଙ୍କୁ ପୂଜାର୍ଚ୍ଚନା କରିଥିଲେ।

# ବିଦ୍ୟୁତ୍ ତାର ନେଇ ଚାଷୀ ଅସନ୍ତୋଷ

**ବରଗଡ଼,୧୮।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ନୂଆଁଗଡ଼ ଗ୍ରାମର କେତେକ ଚାଷୀଙ୍କ ଜମିରେ ବିଦ୍ୟୁତ ଖୁଣ୍ଟ ସ୍ଥାପନ ସହିତ ଚାଷଜମି ଉପରେ ତାର ଟଣାଯିବା ଘଟଣାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସମ୍ପୃକ୍ତ ଚାଷୀମାନେ ଏ ନେଇ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଫେରାଦ ହୋଇ ବିହିତ ପଦକ୍ଷେପ ନେବା ପାଇଁ ନିବେଦନ ସହିତ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ସେମାନଙ୍କ ବିନା ସହମତିରେ ଚାଷଜମିରେ ବିଦ୍ୟୁତ ଖୁଣ୍ଟ ପୋତାଯିବା ସହିତ ୧୩୨/୩୩କେ.ଭି କ୍ଷମତା ସମ୍ପନ୍ନ ବିଦ୍ୟୁତ ତାର ଟଣାଯାଉଛି। ପାଖରେ ବିଦ୍ୟୁତ ଖୁଣ୍ଟ ପୋତିବା ତଥା ତାର ଟାଣିବା ପାଇଁ ଖାଲିସ୍ଥାନ ଥିବା ସତ୍ତ୍ୱେ ସେଠାରେ ବିଦ୍ୟୁତ ଖୁଣ୍ଟ ପୋତିବା କିମ୍ବା ତାର ଟଣାଯାଉନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଚାଷଜମିରେ ବିଦ୍ୟୁତ ଖୁଣ୍ଟ ପୋତିବା ସହିତ ଚାଷଜମି ଉପରେ ବିଦ୍ୟୁତ ତାର ଟଣାଗଲେ ଆଗାମୀ ଦିନରେ ସମ୍ପୃକ୍ତ ଚାଷୀ କିମ୍ବା ଚାଷଜମିରେ ନିୟୋଜିତ କୃଷି ଶ୍ରମିକମାନେ ବିଦ୍ୟୁତ ଦୁର୍ଘଟଣାର ସମ୍ମୁଖୀନ ହେବାର ଆଶଙ୍କା ରହିଛି ବୋଲି ଚାଷୀ ଦିଲୀପ ସାହୁ, ଅଶୋକ ରଣା, ହରିହର ସାହୁ ପ୍ରମୁଖ କହିଛନ୍ତି ।

# ବରଗଡ଼ ପ୍ରଶାସନକୁ ଭୂମି ସମ୍ମାନ







ରାଷ୍ଟ୍ରପତିଙ୍କଠାରୁ ଅତିରିକ୍ତ ଜିଲାପାଳ ଭୂମି ସମ୍ମାନ ଗ୍ରହଣ କରୁଛନ୍ତି । ବରଗଡ଼ ଜିଲା ପ୍ରଶାସନକୁ ମିଳିଥିବା ଭୂମି ସମ୍ମାନ ।

**ବରଗଡ଼,୧୮।୭(ପ୍ରେମାନନ୍ଦ ଖମାରୀ)**

ଜମି ରେକର୍ଡର କମ୍ପ୍ୟୁଟରୀକରଣ ତଥା ଅଭିନବ ସଂସ୍କାର ଆଣିବା କ୍ଷେତ୍ରରେ ଶ୍ରେଷ୍ଠ ପାରଦର୍ଶିତା ପାଇଁ ବରଗଡ଼ ଜିଲା ପ୍ରଶାସନକୁ ଭାରତ ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର ଭୂମି ସମ୍ମାନରେ ସମ୍ମାନିତ କରାଯାଇଛି। ଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ଅନୁଷ୍ଠିତ ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ସମ୍ମାନ ପ୍ରଦାନ କରିଥିଲେ। ବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀଙ୍କ ଆଦେଶ କ୍ରମେ ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ଏବଂ ଡେପୁଟି କଲେକ୍ଟର ସଞ୍ଜୀବ ମେହେର ସମାରୋହରେ ଯୋଗଦେଇ ରାଷ୍ଟ୍ରପତିଙ୍କଠାରୁ ସେହି ସମ୍ମାନ ଗ୍ରହଣ କରିଥିଲେ।

## ଆବେଦନ ସତ୍ତ୍ୱେ ମିଳିନି ଘର

**ବରଗଡ଼,୧୮।୭(ପ୍ରେମାନନ୍ଦ ଖମାରୀ)**

ବାସହୀନ ତଥା ଗରିବ ପରିବାରକୁ ଘର ଯୋଗାଇ ଦେବା ପାଇଁ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାର ଗୃହ ନିର୍ମାଣ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ମାତ୍ର ଅନେକ ପରିବାର ଏଥିରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଘର ମିଳୁ ନ ଥିବାରୁ କେହି ଭଙ୍ଗା ଦଦରା ଘରେ ଆଶ୍ରୟ ନେଉଛନ୍ତି ତ ଆଉ କେହି ମାଟି, ଛପର ତଳେ ରହୁଛନ୍ତି। ବରଗଡ଼ ବ୍ଲକ ଅଡ଼ଗାଁ ପଞ୍ଚାୟତ ଅନ୍ତର୍ଗତ ସହରାପାଲି ଆମ୍ବେଦକର ନଗରର କିଛି ପରିବାର ବାରମ୍ବାର ଆବେଦନ ସତ୍ତ୍ୱେ ସେମାନଙ୍କୁ ଘର ମିଳି ନ ଥିବା ଅଭିଯୋଗ କରିଛନ୍ତି। ଏଭଳି ଅଭିଯୋଗ ନେଇ ସୋମବାର ଗ୍ରାମର ପୂର୍ଣ୍ଣଚନ୍ଦ୍ର ଦୀପ, ଚଞ୍ଚଳ କୁଅଁର, ରକ୍ମଣ ସୁନା, ପଞ୍ଚା ମହାନନ୍ଦ, ଉମା ଦୀପ ପ୍ରମୁଖ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ସେମାନଙ୍କୁ ସରକାରଙ୍କ ଗୃହ ନିର୍ମାଣ ଯୋଜନାରେ ଘର ଯୋଗାଇ ଦେବା ପାଇଁ ସେମାନେ ଜିଲାପାଳ ମୋନିଷା ବାନାର୍ଜୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

# ଅତାବିରାରେ ଜନ ଅଭିଯୋଗ ଶୁଣାଣି



ଜିଲାପାଳଙ୍କଠାରେ ଲୋକେ ଅଭିଯୋଗ କରୁଛନ୍ତି ।

**ଅତାବିରା,୧୮।୭(ହୃଷୀକେଶ ଖମାରୀ)**

ବରଗଡ଼ ଜିଲା ଅତାବିରା ବ୍ଲକ ପରିସରରେ ସୋମବାର ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲାପାଳ ମୋନିଷା ବାନାର୍ଜୀ, ଏସ୍‌ପି ପି.ଏସ୍ ମୀନା ପ୍ରମୁଖ ଯୋଗଦେଇ ଶିବିରକୁ ଆସିଥିବା ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଅଭିଯୋଗ ଶୁଣିବା ପରେ ସେ ନେଇ ତ୍ୱରିତ ପଦକ୍ଷେପ ନେବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଶିବିରରେ ୧୧୩ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଜିଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ଆଦିତ୍ୟ ଗୋୟଲ, ଉପଜିଲାପାଳ ଲଲାଟ କୁମାର ଲୁହା, ଅତାବିରା ବିଡ଼ିଓ ପ୍ରମୋଦ ମେହେର, ଏବିଡ଼ିଓ ବିରେନ୍ଦ୍ର ସାହୁ, ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ନାଏକ, ଉପାଧ୍ୟକ୍ଷ ଅନନ୍ତ ମେହେର ପ୍ରମୁଖ ଶିବିରରେ ଉପସ୍ଥିତ ଥିଲେ ।

## ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ସମ୍ବର୍ଦ୍ଧନା ସମାରୋହ

**ଅତାବିରା,୧୮।୭(ହୃଷୀକେଶ ଖମାରୀ)**

ବରଗଡ଼ ଜିଲା ଅତାବିରା ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ଲାଦରପାଲିସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ଓଷ୍ଟା ପ୍ରତିଭା ଅନ୍ୱେଷଣ ପରୀକ୍ଷାରେ ସଫଳ ହୋଇଥିବା ଛାତ୍ର ଶୁଭଙ୍କର ସାହୁଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଅନୁଷ୍ଠାନର ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନଙ୍କ କୃତୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବବ୍ରୁବାହନ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଟିକେଲାଲ ଚାନ୍ଦ, ସଭ୍ୟ ଉପେନ୍ଦ୍ର ମହାକୁର, ସରୋଜ କୁମାର ରଥ, ସୁନିଲ ଖମାରୀ ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ ଉକ୍ତ ଅନୁଷ୍ଠାନରେ ୨୫ବର୍ଷ ଶିକ୍ଷକତା କରିଥିବା ଶିକ୍ଷକ ଯତୀନ୍ଦ୍ର ପ୍ରଧାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା ।

# ଚକବନ୍ଦୀ ଧାରା ଉଚ୍ଛେଦ ଦାବିରେ ରିଲେ ଅନଶନ

**ବରପାଲି,୧୮।୭ (ଚିତ୍ତରଞ୍ଜନ ସାହୁ)**

୨୦୨୦ରୁ ଚକବନ୍ଦୀର ଧାରା ୨୨, ୪୧(୧) ଧାରାକୁ ଉଚ୍ଛେଦ କରିବା ସହ ଧାରା ୧୩ (୪) ଅନୁମୋଦନର ବିଜ୍ଞପ୍ତି ପ୍ରକାଶ ଉପରେ ସରକାର ଅବହେଳା କରୁଥିବାରୁ ଏହାର ପ୍ରତିବାଦରେରେ ବରପାଲି ତହସିଲ କାର୍ଯ୍ୟାଳୟରେ ମଙ୍ଗଳବାର ରିଲେ ଅନଶନ କରାଯାଉଛି। ଧାରା ୪୧ ଓ ୨୨ର ଉଚ୍ଛେଦ ଓ ଧାରା ୧୩ (୪) ଉପରେ ବିଜ୍ଞପ୍ତି ପ୍ରକାଶ କରା ନ ଯିବା ପର୍ଯ୍ୟନ୍ତ ଏହି ଅନଶନ ଜାରି ରହିବ ବୋଲି ଆନ୍ଦୋଳନକାରୀ କହିଛନ୍ତି। ପ୍ରକାଶଯୋଗ୍ୟ, ୨୦୨୦ରୁ ତତକାଳୀନ ଚକବନ୍ଦୀ ନିର୍ଦ୍ଦେଶକ ଏହି ଧାରା ଉଚ୍ଛେଦ ପାଇଁ ସୁପାରିଶ କରିଥିଲେ। ବର୍ତ୍ତମାନ ଉକ୍ତ ଫାଇଲ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗରେ ପଡ଼ିରହିଛି। ଏହି ଧାରା ଉଚ୍ଛେଦ କରି ଧାରା ୧୩(୪)କୁ ଅନୁମୋଦନ କଲେ ବରପାଲି ତହସିଲର ୨୦ଟି ଗ୍ରାମର ଚାଷୀଙ୍କ ସମେତ ସମଗ୍ର ଓଡ଼ିଶାର ଚାଷୀ ଉପକୃତ ହେବେ ବୋଲି ଆନ୍ଦୋଳନକାରୀମାନେ ପ୍ରକାଶ କରିଛନ୍ତି। ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ ବେଳେ ଧନପତି ପ୍ରଧାନ, ପୂର୍ବତନ ବ୍ଲକ ଅଧକ୍ଷ ପବିତ୍ର ବାଗଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।



ତହସିଲ ଅଫିସ ଆଗରେ ଅନଶନ କରାଯାଇଛି।

## ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ତାଲିମ ଶିବିର

**ପଦ୍ମପୁର,୧୮।୭(ପ୍ରଦୀପ୍ତ ଦାଶ)**

ବରଗଡ଼ ଜିଲା ରାଜବୋଡ଼ାସମ୍ବର ବ୍ଲକ କାର୍ଯ୍ୟାଳୟ ପରିସରରେ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟର ସ୍ଥାନୀୟକରଣ, ଦାରିଦ୍ର୍ୟ ମୁକ୍ତ ଓ ଉନ୍ନତି ଜୀବିକା ଯୁକ୍ତ ଗ୍ରାମପଞ୍ଚାୟତ ଗଠନ କରିବା ପାଇଁ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ଜଳ ପରିମଳ ସଂଯୋଜକ ଲିଙ୍ଗରାଜ ଦାସ, ଡିପିଏମ ଆରଜିଏସୱାଇ ରୁଦ୍ର ପଣ୍ଡା ତାଲିମ ପ୍ରଦାନ କରିଥିଲେ। ଶିବିରରେ ବ୍ଲକର ୫ଟି ଗ୍ରାମପଞ୍ଚାୟତର ସରପଞ୍ଚ, ଏମ୍‌ବିକେ, ସିଆରପି, ଅଙ୍ଗନୱାଡ଼ି, ଆଶା, ୱାର୍ଡସଭ୍ୟ ଯୋଗଦାନ କରିଥିଲେ। ରାଜବୋଡ଼ାସମ୍ବର ବିଡିଓ ବିଶ୍ୱନାଥ ସାହୁ, ଏବିଡିଓ, ଜିପିଇଓ, ସିଡିପିଓ ସମେତ ଭେଡ଼ଁରିଆ ସରପଞ୍ଚ ଚୈତନ୍ୟ ଲୋହାର, ଲୁହାରପାଲି, ପୁରେନା, ମହୁଲପାଲି, ବରିକେଲ ପଞ୍ଚାୟତର ସମସ୍ତ ସରପଞ୍ଚ ଯୋଗ ଦେଇଥିଲେ ।

## ବୈଷ୍ଣୋଦେବୀ ମନ୍ଦିରରେ କବିତା ପାଠୋତ୍ସବ



କବିତା ପାଠୋତ୍ସବ କାର୍ଯ୍ୟକ୍ରମରେ ଅତିଥିବୃନ୍ଦ ।

**ବରଗଡ଼,୧୮।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସହର ଉପକଣ୍ଠ ଡୁରୁଙ୍ଗାସ୍ଥିତ ମାଁ ବୈଷ୍ଣୋଦେବୀ ମନ୍ଦିର ପରିସରରେ ଜିଲା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ରବିବାର କବିତା ପାଠୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମ ଓଡ଼ିଶା ବରିଷ୍ଠ ନାଗରିକ ସଂଘ ଉପଦେଷ୍ଟା ରକ୍ଷାକାରୀ ବିଶିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାର ବହୁସଂଖ୍ୟକ କବୟିତ୍ରୀ, କବି ଯୋଗଦାନ କରିଥିଲେ। ସଙ୍ଗଠନ ସମ୍ପାଦକ କେଦାର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ନିର୍ମଳ କିଶୋର କର ଗଣେଶ, ସରସ୍ୱତୀ ବନ୍ଦନା କରିଥିଲେ। ଯୁଗ୍ମ ସମ୍ପାଦକ ଗୋବିନ୍ଦ ଦାଶ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଅଶୋକ କୁମାର ପଶାୟତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ନୁରାବତୀ ସାହୁ, ରାଧାରାଣୀ ପଟ୍ଟନାୟକ, ଚନ୍ଦ୍ରଶେଖର ସାହୁ, ଦାମୋଦର ସାହୁ, ଜୟଶ୍ରୀ ଦାଶ, ଦୟାନିଧି ମହାପାତ୍ର, ପ୍ରୀତମ ସିଂ, ସୁଦୃମା ପଣ୍ଡା, ବାସନ୍ତୀ ଗୁରୁ, ନୀଳାମ୍ବର ପତି, କବିତା ଦେବତା, ନିରୁପମା ଶତପଥି ପ୍ରମୁଖ କବିତା ପାଠ କରିଥିଲେ। ସତ୍ୟ ନାରାୟଣ ପଣ୍ଡା, ଦେବୀପ୍ରସାଦ ପଟ୍ଟନାୟକ, ସାଧୁଚରଣ ଦାଶ, ପ୍ରଦୀପ ସାହୁ, ସ୍ୱାଧୀନ ମହାରଣା, ଲୋକନାଥ ଆଚାର୍ଯ୍ୟ ପ୍ରମୁଖ ସ୍ୱରଚିତ କବିତା ପାଠ ସହ ସହଯୋଗ କରିଥିଲେ।

# ୨୩ରେ ସଂକୀର୍ତ୍ତନ ସଂସ୍କୃତି ଜାଗରଣ ଉତ୍ସବ

**ବରଗଡ଼,୧୮।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ସଂକୀର୍ତ୍ତନ ପରିଷଦ ଆନୁକୂଲ୍ୟରେ ଆସନ୍ତା ୨୩ତାରିଖରେ ପାଇକମାଳ ବ୍ଲକ ଅନ୍ତର୍ଗତ ନୃସିଂହନାଥ ମନ୍ଦିର ପରିସରରେ ସଂକୀର୍ତ୍ତନ ସଂସ୍କୃତି ଜାଗରଣ ଉତ୍ସବ ଅନୁଷ୍ଠିତ ହେବ। ଏହି କ୍ରମରେ ସୋମବାର ବରଗଡ଼ ପୌର ପରିଷଦ ଅଧୀନ ଖଜୁରଟିକ୍ରା ନେତାଜୀ କ୍ଲବରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ସଂକୀର୍ତ୍ତନ ଗୁରୁ ରାମଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପରିଷଦର କାର୍ଯ୍ୟକାରୀ ସଭାପତି ପ୍ରମୋଦ ଦାଶ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସମ୍ପ୍ରତି ସଂକୀର୍ତ୍ତନ ସଂସ୍କୃତିରେ ଅଶ୍ଳୀଳ ତଥା ଦ୍ୱିଅର୍ଥବୋଧକ ସଙ୍ଗୀତ ପରିବେଷଣ କରାଯାଉଥିବାରୁ ସଂକୀର୍ତ୍ତନ ଅପସଂସ୍କୃତି ଆଡ଼କୁ ଠେଲି ହୋଇ ଯାଉଛି । ଫଳରେ ସେହି ଉତ୍ସବରେ ତାକୁ ବିରୋଧ ସହିତ ଜାଗରଣ ସୃଷ୍ଟି କରାଯିବ ବୋଲି ସେ ସୂଚନା ଦେଇଥିଲେ। ସଂକୀର୍ତ୍ତନ ସଙ୍ଗଠକ ପଞ୍ଚାନନ ବାଗ, ସଂକୀର୍ତ୍ତନ ସଂରକ୍ଷକ ଲକ୍ଷ୍ମଣ ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ପରିଷଦର ସମ୍ପାଦକ ପଣ୍ଡିତ ଜୟଦେବ ପଣ୍ଡା, ଗୋପବନ୍ଧୁ ପୁରୋହିତ, ଭରତ ପ୍ରଧାନ, ସୁଶିଲ ଠାକୁର, ଅରୁଣ ପ୍ରଧାନ, ସୁନିଲ ପ୍ରଧାନ, ଶେଷଦେବ ସାହୁ, ଦୀପକ ବାରିକ ପ୍ରମୁଖ ଉପସ୍ଥିତ ରହି ନିଜ ମତ ଉପସ୍ଥାପନ କରିଥିଲେ।

# ନାଭାଲ ଏନ୍‌ସିସି କ୍ୟାଡେଟ୍‌ଙ୍କୁ ପ୍ରମାଣପତ୍ର ବଣ୍ଟନ

**ଅତାବିରା,୧୮।୭(ହୃଷୀକେଶ ଖମାରୀ)**

ବରଗଡ଼ ଜିଲା ଅତାବିରା ବ୍ଲକ ଲରମ୍ଭା କଲେଜ ପରିସରରେ ରବିବାର ଚତୁର୍ଥ ଓଡ଼ିଶା ନାଭାଲ୍ ଏନ୍‌ସିସି, ଭବାନୀପାଟଣା ଦ୍ୱାରା ଦକ୍ଷ କ୍ୟାଡେଟ୍‌ମାନଙ୍କୁ ବି ଏବଂ ସି ମାନ୍ୟତା ପ୍ରମାଣପତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଭବାନୀପାଟଣା ନାଭାଲ ୟୁନିଟ୍ ଏନ୍‌ସିସିର ସିପିଓ ହିମାଂଶୁ ଗଡ଼ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ସେହିପରି କଲେଜ ଅଧ୍ୟକ୍ଷ ଡଃ ପ୍ରମୋଦ ଭୋଇ, ପରିଚାଳନା କମିଟି ସଭାପତି ରବିନାରାୟଣ ପଣ୍ଡା, ଅଫିସର ବିନୟ କୁମାର ନାୟକ, ସିଟିଓ ସରୋଜ କୁମାର ନାୟକ ପ୍ରମୁଖ ଯୋଗଦେଇ ପ୍ରମାଣପତ୍ର ବଣ୍ଟନ କରିଥିଲେ। ଦେଶସେବାରେ ନୌସେନାର ଭୂମିକା ଉପରେ ଆଲୋଚନା କରାଯାଇଥିଲା। ଅଧ୍ୟାପକ ପବିତ୍ର ମାହାଣା ଧନ୍ୟବାଦ ଅର୍ପଣ କରିଥିଲେ ।



ଅତିଥିଙ୍କ ଗହଣରେ କୃତୀ ନାଭାଲ ଏନ୍‌ସିସି କ୍ୟାଡେଟ୍‌ମାନେ ।

# ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା, ଜିଲାପାଳଙ୍କୁ ଫେରାଦ

**ବରପାଲି,୧୮।୭ (ଚିତ୍ତରଞ୍ଜନ ସାହୁ)**

ବରଗଡ ଜିଲା ବରପାଲି ସରକାରୀ ଡାକ୍ତରଖାନାରେ ଡାକ୍ତର ଅଭାବ ଯୋଗୁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ବରପାଲି ସରକାରୀ ଡାକ୍ତରଖାନା ଉପରେ ବରପାଲି ବ୍ଲକ ସମେତ ରାମପୁର, ଡୁଙ୍ଗୁରିପାଲି, ବିଜେପୁର ଆଦି ଅଞ୍ଚଳର ଜନସାଧାରଣ ନିର୍ଭର କରନ୍ତି। ଏଠାରେ ଆଉଟ୍‌ଡୋର ରୋଗୀଙ୍କ ସଂଖ୍ୟା ପ୍ରାୟ ଏକ ହଜାରରୁ ଉର୍ଦ୍ଧ୍ୱ ହୋଇଥିବା ବେଳେ ଏଠାରେ ସ୍ଥାୟୀ ଡାକ୍ତର ନାହାନ୍ତି । ଯେଉଁ ବିଶେଷଜ୍ଞ ଡାକ୍ତର ଡେପୁଟେଶନରେ ଆସିଛନ୍ତି କେହି ଠିକ୍‌ରେ ଡ୍ୟୁଟି କରୁ ନ ଥିବାରୁ ରୋଗୀ ଅସୁବିଧା ଭୋଗୁଛନ୍ତି। ଏବେ ବର୍ଷା ଦିନ ପାଇଁ ଥଣ୍ଡା, ଜ୍ୱର, ଝାଡ଼ାବାନ୍ତି ରୋଗୀଙ୍କ ସଂଖ୍ୟା ଅହେତୁକ ବଢ଼ିଯାଇଥିବା ବେଳେ ଡାକ୍ତର ଅଭାବରୁ ରୋଗୀ ନିରାଶ ହୋଇ ଘରୋଇ ଚିକିତ୍ସା କରୁଛନ୍ତି। ସେହିପରି ଜଣେ ଶିଶୁ ରୋଗ ବିଶେଷଜ୍ଞ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଛୁଟି ନେଇ ଘରେ ରୋଗୀ ଚିକିତ୍ସା କରୁଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି। ଏ ନେଇ ଦଳର ଜିଲା ଯୁବ କଂଗ୍ରେସ ସଭାପତି ଅଭିଷେକ ସେଠଙ୍କ ନେତୃତ୍ୱରେ ବରଗଡ଼ ଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ଉପଜିଲାପାଳଙ୍କୁ ମଙ୍ଗଳବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଡାକ୍ତରଖାନା ସମସ୍ୟା ସମାଧାନ ସହ ଉକ୍ତ ଡାକ୍ତରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏବଂ ନିୟମିତ ଡାକ୍ତର ନିଯୁକ୍ତି ପାଇଁ ସ୍ମାରକପତ୍ରରେ ଦାବି କରାଯାଇଛି। ଏହାର ତୁରନ୍ତ ସମାଧାନ କରା ନ ଗଲେ କଂଗ୍ରେସ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ସେଠ ପ୍ରକାଶ କରିଛନ୍ତି।



ଯୁବ କଂଗ୍ରେସ ପକ୍ଷରୁ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।




## ଆଜି କ'ଣ କେଉଁଠି

ରାଉରକେଲା

- ବସ୍ତି ସମସ୍ୟା ନେଇ ଫେରାଦ, ଆର୍‌ଏମ୍‌ସି ଅଫିସ,ପୂର୍ବାହ୍ନ ସାଢେ ୧୦ଟା।
- ସାମୂହିକ ପୁସ୍ତକ ବଣ୍ଟନ, ବେଦବ୍ୟାସ ସଂସ୍କୃତ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ପୂର୍ବାହ୍ନ ୧୧ଟା।
- ବିଦ୍ୟୁତ୍ ଗ୍ରୀଡ୍ ଉଦ୍‌ଘାଟନ, କୁଆଁରମୁଣ୍ଡା, ଅପରାହ୍ନ ୫ଟା ୩୦ମିନଟ୍ ।

## ସଂକ୍ଷେପରେ

### ସାପ କାମୁଡ଼ାରେ ଯୁବକ ମୃତ

**ରାଉରକେଲା,୧୮।୭(ଦିନେଶ ମିଶ୍ର):** ଘର ବାରଣ୍ଡାରେ ଖଟିଆ ଉପରେ ଶୋଇଥିବା ବେଳେ ସାପ କାମୁଡି ଦେବାରୁ ସେକ୍ଟର-୩ ଥାନା ଅନ୍ତର୍ଗତ ଏନ୍‌ଆଇଟି ବସ୍ତିର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ ସଞ୍ଜୟ କୁମାର ବେହୁରିଆ(୪୮)। ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୧୦।୨୩) ରୁଜୁ କରିଛି। ସୂଚନା ଅନୁସାରେ, ଏନ୍‌ଆଇଟି ବସ୍ତିର ସଞ୍ଜୟ ସୋମବାର ରାତିରେ ଖାଇ ସାରି ଘର ବାରଣ୍ଡାରେ ଖଟିଆ ପକାଇ ଶୋଇଥିଲେ। ବିଳମ୍ବିତ ରାତିରେ ଏକ ବିଷଧର ସାପ ତାଙ୍କୁ କାମୁଡି ଦେଇଥିଲା। ମଙ୍ଗଳବାର ସକାଳେ ପରିବାର ଲୋକେ ତାଙ୍କୁ ଆରଜିଏଚ୍‌ରେ ଚିକିତ୍ସା ଲାଗି ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଟ୍ରକ୍ ଧକ୍କାରେ ମହିଳା ମୃତ

**ରାଉରକେଲା,୧୮।୭(ଦିନେଶ ମିଶ୍ର):** ରାୟବଗା ଛକରେ ଏକ ଟ୍ରକ୍ ଧକ୍କା ଦେବାରୁ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତା ମହିଳା ହେଲେ ଗୁରୁବାରୀ ମିର୍ଦ୍ଧା(୩୫)। ସୋମବାର ସନ୍ଧ୍ୟାରେ ରାୟବଗା ପାକତାପୁଦ ଅଞ୍ଚଳର ପୁନିଆ ସ୍ତ୍ରୀ ଗୁରୁବାରୀଙ୍କୁ ଧରି ଏକ ବାଇକ୍ ଯୋଗେ ରାୟବଗା ମାର୍କେଟକୁ ଯାଉଥିଲେ। ଏହି ସମୟରେ ତାଙ୍କ ପଛପଟୁ ଏକ ମାଲବାହୀ ଟ୍ରକ୍ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ପୁନିଆ ଅଳ୍ପକେ ବର୍ତ୍ତି ଯାଇଥିବାବେଳେ ଗୁରୁବାରୀଙ୍କ ମୁଣ୍ଡ ରୋଡ ଡିଭାଇଡରରେ ପିଟି ହୋଇଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଆର୍‌ଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରିପୋର୍ଟ ଲେଖାଯିବା ସୁଦ୍ଧା (ସନ୍ଧ୍ୟା ୬ଟା) ମୃତଦେହ ବ୍ୟବଚ୍ଛେଦ ହୋଇ ନ ଥିଲା।

### ଘରୋଇ କଳିରୁ ଯୁବକଙ୍କ ଆତ୍ମହତ୍ୟା

**ରାଉରକେଲା,୧୮।୭(ଦିନେଶ ମିଶ୍ର):** ପ୍ଲାଣ୍ଟସାଇଟ ଥାନା ଅନ୍ତର୍ଗତ ଲାଲ୍ ବିଲ୍ଡିଂ ଗଳିର ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକ ହେଲେ ଲାଲଜିତ ସିଂ(୩୫)। ଏ ନେଇ ପୋଲିସ ଏକ ମାମଲା (ନଂ.୨୬।୨୩) ରୁଜୁ କରି ମଙ୍ଗଳବାର ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛି। ସୂଚନା ଅନୁସାରେ, ସୋମବାର ରାତିରେ କୌଣସି କଥାକୁ ନେଇ ପରିବାର ଲୋକଙ୍କ ସହ ଲାଲଜିତଙ୍କ ଝଗଡା ହୋଇଥିଲା। ଘରଲୋକ ଶୋଇପଡିବା ପରେ ଲାଲଜିତ ଏକ ପଙ୍ଖାରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିଲେ। ମଙ୍ଗଳବାର ସକାଳେ ପରିବାର ଲୋକେ ତାଙ୍କୁ ଆରଜିଏଚ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ମୋବାଇଲ ଜବତ, ଲୁଟେରା ଗିରଫ

**ରାଉରକେଲା,୧୮।୭(ଦିନେଶ ମିଶ୍ର):** ରାଉରକେଲା ରେଳ ଷ୍ଟେଶନ ପରିସରରୁ ଜିଆର୍‌ପି ପୋଲିସ ଜଣେ ମୋବାଇଲ ଲୁଟେରାଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ରାଜଗାଙ୍ଗପୁର ଅଞ୍ଚଳର ସଞ୍ଜୟ ତିର୍କୀ(୨୧)। ତାଙ୍କଠାରୁ ଚୋରି ମୋବାଇଲ ଜବତ ହୋଇଛି। ଏ ନେଇ ଜିଆରପି ପୋଲିସ ଏକ ମାମଲା (ନଂ.୮୭।୨୩) ରୁଜୁ କରି ଗିରଫ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରିଛି। ସୂଚନା ଅନୁସାରେ, ପାଟନା ଅଞ୍ଚଳର ଅଙ୍କୁଶ ଭାମୁଦେ ଗତ ୧୫ ତାରିଖରେ ପାଟନା-ସୁପରଫାଷ୍ଟ ଏକ୍ସପ୍ରେସ ଯୋଗେ ବିଳାସପୁର ଯାତ୍ରା କରୁଥିଲେ। ରାଜଗାଙ୍ଗପୁର ଷ୍ଟେଶନ ନିକଟରେ ସଞ୍ଜୟ ଟ୍ରେନରେ ଚଢି ଅଙ୍କୁଶଙ୍କ ମୋବାଇଲ ଚୋରି କରି ନେଇଥିଲେ। ଏ ନେଇ ସେ ରାଉରକେଲା ଜିଆରପି ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।



ରାଉରକେଲା ମେହେର ଭବନରେ କ୍ରୀଷ୍ଣମ ନୃତ୍ୟାନୁଷ୍ଠାନ ପକ୍ଷରୁ ଆୟୋଜିତ ୬ଷ୍ଠ ଚକ୍ରଧାରୀ ନୃତ୍ୟ ଉତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ନୃତ୍ୟଶିଳ୍ପୀମାନେ ଶାସ୍ତ୍ରୀୟ ନୃତ୍ୟ ପରିବେଷଣ କରୁଛନ୍ତି। (ଫଟୋ: ବିବେକ)

# ଶାସ୍ତ୍ରୀୟ ନୃତ୍ୟ ଭାରତୀୟ ସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗ

**ରାଉରକେଲା,୧୮।୭(ବିପ୍ଳବ ରଞ୍ଜନ ଦାଶ)**

କଳା ଓ ସଂସ୍କୃତିର ସହର ରାଉରକେଲାରେ ଶାସ୍ତ୍ରୀୟ ନୃତ୍ୟ କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ନୃତ୍ୟାନୁଷ୍ଠାନ କ୍ରୀଷ୍ଣମର ୬ଷ୍ଠ ଚକ୍ରଧାରୀ ନୃତ୍ୟ ଉତ୍ସବ-୨୦୨୩ ମ୍ୟୁଜିକ ସର୍କଲ ମେହେର ଭବନ ପରିସରରେ ଉଦ୍‌ଯାପିତ ହୋଇଯାଇଛି। ୩ ଦିନ ଧରି ଚାଲିଥିବା ଏହି ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ଇଂ. ଅଭୟ କୁମାର ଦାସ ମୁଖ୍ୟ ଅତିଥି, ସାମାଜିକ କର୍ମୀ ଲକ୍ଷ୍ମଣ ନାଥ ଦାସ ଓ ଭୁବନେଶ୍ୱର ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟାପକ ଗୁରୁ ମନୋରଞ୍ଜନ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶାସ୍ତ୍ରୀୟ ନୃତ୍ୟ ଭାରତୀୟ ସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗ ଏବଂ ଏହାର ମହନୀୟତା ଆମ ପୁରାଣ ଶାସ୍ତ୍ର ଓ ଗ୍ରନ୍ଥମାନଙ୍କରେ ଗାନ୍ଧର୍ବ ବିଦ୍ୟା ଭାବେ ଖ୍ୟାତ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଦୀର୍ଘ ୬ ବର୍ଷ ଧରି ଗୁରୁ ଶ୍ୱେତାଂଶୁ ଶେଖର ଷଡଙ୍ଗୀ ଏବଂ ଜ୍ୟୋତି ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ଏହି ନୃତ୍ୟାନୁଷ୍ଠାନ ଶାସ୍ତ୍ରୀୟ ନୃତ୍ୟର ପ୍ରଚାର ପ୍ରସାରରେ ଉଲ୍ଲେଖନୀୟ ସଫଳତା ଲାଭ କରିଥିବାରୁ ଅତିଥିମାନେ ଅଭିନନ୍ଦନ ଜଣାଇଥିଲେ।

### ୬ଷ୍ଠ ଚକ୍ରଧାରୀ ନୃତ୍ୟ ଉତ୍ସବ ଉଦ୍‌ଯାପିତ

ଏହି ଅବସରରେ ଗୁରୁ ମନୋରଞ୍ଜନ ପ୍ରଧାନଙ୍କୁ ଷଷ୍ଠ ଚକ୍ରଧାରୀ ସମ୍ମାନ-୨୦୨୩ରେ ସମ୍ମାନିତ କରାଯାଇଥିଲା। ଉଦ୍‌ଘାଟନୀ ଦିବସରେ ଦୀପ୍ତିଲତା ସାହୁ, ଶୁଚିସ୍ମିତା ବିଶ୍ୱାସ, କଳାଭୂମି ଏବଂ ତ୍ରୀଷା ଗ୍ରୁପ୍ ନୃତ୍ୟ ପରିବେଷଣ କରିଥିବା ବେଳେ ଦ୍ୱିତୀୟ ଦିବସରେ ରିତିକା ରାୟ, ନୃତ୍ୟ ଶାନ୍ତି ଓ ନୃତ୍ୟ ମଧୁରମ୍ ଗ୍ରୁପ୍ ଏବଂ ଉଦ୍‌ଯାପନୀ ସନ୍ଧ୍ୟାରେ ମୋନାଲିସା କୁମାର, ସ୍ୱରାଜ ପରିଡା, ମ୍ୟୁଜିକ ସର୍କଲ ଓ ନୃତ୍ୟଧାରାର କଳାକାର ନୃତ୍ୟ ପରିବେଷଣ କରିଥିଲେ। ଅନୀଲ ମଲ୍ଲିକଙ୍କ ସଂଯୋଜନାରେ ଅନୁଷ୍ଠାନର କଳାକାରମାନେ ଉଭୟ ଏକକ ଏବଂ ସାମୂହିକ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଗୁରୁ ବିବେକାନନ୍ଦ ପଣ୍ଡା, ବାବାଜୀ ଚରଣ ବିଶ୍ୱାଳ, ବିଭୂତି ପତି, ଉମାକାନ୍ତ ବିଶୋଇ, ଜୟନ୍ତ ମହାପାତ୍ର ଓ ସନ୍ତୋଷ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ। ଗୁରୁ ଜ୍ୟୋତିଷ ଷଡଙ୍ଗୀ ଧନ୍ୟବାଦ ଜ୍ଞାପନ କରିଥିଲେ।

# ରାଶନ କେନ୍ଦ୍ର ନ ଖୋଲିଲେ ଆନ୍ଦୋଳନ

**ରାଉରକେଲା,୧୮।୭(ବିପ୍ଳବ ରଞ୍ଜନ ଦାଶ)**


ହିତାଧିକାରୀମାନେ ରାଶନ କେନ୍ଦ୍ର ପାଇଁ ଦାବି କରୁଛନ୍ତି।

ସରକାରଙ୍କ ରାଶନ ସାମଗ୍ରୀ କେନ୍ଦ୍ର ପାଖରେ ନ ଥିବାରୁ ଶହ ଶହ ବସ୍ତିବାସୀ ୩କି.ମି ଦୂର ରାଶନ କେନ୍ଦ୍ରକୁ ଯାଉଛନ୍ତି। ସେମାନେ ଶୀତଦିନେ ରାଶନ ସାମଗ୍ରୀ ଆଣିପାରୁଥିବାବେଳେ ବର୍ଷା ଓ ଖରାଦିନେ ନାନା ଅସୁବିଧା ଭୋଗୁଛନ୍ତି। ସେମାନଙ୍କ ବସ୍ତିରେ ଏହି ସୁବିଧା ଯୋଗାଇ ଦେବାକୁ ସେମାନେ ସରକାରଙ୍କ ନିକଟରେ ବାରମ୍ବାର ଦାବି କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ତୁରନ୍ତ ରାଶନ କେନ୍ଦ୍ର ନ ଖୋଲିଲେ ଆନ୍ଦୋଳନ କରିବାକୁ ରାଉରକେଲା ପ୍ରଧାନପାଲି, ଖାଡିଆଟୋଲ, ବନ୍ଧପୋଷ, ବାଙ୍କିଆ, ପଞ୍ଚବଟୀ ଓ ତୁଳସୀଟୋଲା ବସ୍ତି ବାସିନ୍ଦା ଚେତାବନୀ ଦେଇଛନ୍ତି।

ସରକାରଙ୍କ ଯୋଗାଣ ବିଭାଗ ପରିଚାଳିତ ରାଉରକେଲା ପାନପୋଷ ହାଡପକା ଘାଟରେ ୩ଟି ରାଶନ ସାମଗ୍ରୀ ବିତରଣ କେନ୍ଦ୍ର ରହିଛି। ପ୍ରଧାନପାଲି, ଖାଡିଆଟୋଲ, ବନ୍ଧପୋଷ, ବାଙ୍କିଆ, ପଞ୍ଚବଟୀ ଓ ତୁଳସୀଟୋଲା ଆଦି ଅଞ୍ଚଳର ଶହ ଶହ ରାଶନକାର୍ଡ ହିତାଧିକାରୀ ପ୍ରତି ମାସରେ ୩ କିମି ଦୂର ଏହିସବୁ କେନ୍ଦ୍ରକୁ ଯାଇ ରାଶନ ସାମଗ୍ରୀ ଆଣିଥାନ୍ତି। ତେବେ ବର୍ଷା ଓ ଖରାରେ ସେମାନେ ଏତେବାଟ ଯାଇ ରାଶନ ସାମଗ୍ରୀ ଆଣିବା କଷ୍ଟକର ହୋଇପଡୁଛି। ମୁଣ୍ଡ ପିଛା ୫କିଲୋ ଲେଖାଏଁ ମାଗଣା ଚାଉଳ ମିଳୁଥିଲେ ମଧ୍ୟ ୭ଟି ବସ୍ତିର ବହୁ ହିତାଧିକାରୀ ବୃଦ୍ଧାବୃଦ୍ଧ ପାନପୋଷ ହାଡପକା ଘାଟକୁ ଯାଇପାରୁନାହାନ୍ତି। ବର୍ଷା ସମୟରେ ସେମାନେ ଅଟୋ ଭଡା କରି ରାଶନ ସାମଗ୍ରୀ ଆଣୁଥିବାରୁ ଖର୍ଚ୍ଚାନ୍ତ ହେଉଥିବା ଅଭିଯୋଗ କରିଛନ୍ତି। ମାଗଣା ରାଶନ ପାଇଁ ଗରିବ ହିତାଧିକାରୀ ହଟହଟା ହେବା ନେଇ ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

ପ୍ରକାଶଥାଉକି, ଏହି ସମସ୍ୟା ନେଇ ସ୍ଥାନୀୟ ଅଞ୍ଚଳର ହିତାଧିକାରୀ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକଙ୍କୁ ଭେଟି ପ୍ରଧାନପାଲିରେ ରାଶନ କେନ୍ଦ୍ର ସ୍ଥାପନ କରିବାକୁ ନିବେଦନ କରିଥିଲେ। ଶ୍ରମ ମନ୍ତ୍ରୀଙ୍କ ନାୟକ ରାଉରକେଲା ଯୋଗାଣ ବିଭାଗକୁ ହିତାଧିକାରୀଙ୍କ ସମସ୍ୟା ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଯୋଗାଣ ବିଭାଗ ପ୍ରଧାନପାଲିରେ ରାଶନ ବିତରଣ କେନ୍ଦ୍ର ସ୍ଥାପନ ପାଇଁ ପ୍ରକ୍ରିୟା ଆରମ୍ଭ କଲା। ମାତ୍ର କିଛି ମାସ ପରେ ରାଶନ ବିତରଣ କେନ୍ଦ୍ର ପାଇଁ ପ୍ରଧାନପାଲିରେ ଆବଶ୍ୟକ ହିତାଧିକାରୀ ନାହାନ୍ତି ଦର୍ଶାଇ ସେଥିରୁ ନିବୃତ୍ତ ରହିଗଲା। ତେବେ ୭ଟି ବସ୍ତିର ୫ଶହ କାର୍ଡଧାରୀଙ୍କ ପାଇଁ ପ୍ରଧାନପାଲି କିମ୍ବା ବନ୍ଧପୋଷଠାରେ ରାଶନ ବିତରଣ କେନ୍ଦ୍ର ଖୋଲା ନ ଗଲେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବୁ ବୋଲି ହିତାଧିକାରୀ ରୋହିନୀ ଶିବାନୀ ବାର୍ଲା, ମନୋଜ ଖାଡିଆ, ସୌଦାମିନୀ ଝରା, ମନଜିତ ଲାକ୍ରା, ସୁମିତ୍ରା ଝରା, ତାରା ଝରା, ବୁଦ୍ଧିଜୀବୀ ବୁଟୁ କିଷାନ, ଜଗନ୍ନାଥ ଦାସ ବେହେରା, ପ୍ରମୋଦ କୁମାର ଭଞ୍ଜ, ବାବା ଚରଣ ସାହୁ, ସୁରେନ୍ଦ୍ର ସେଠି, ଅଭିରାମ ସାହୁ ଓ ମୀନକେତନ ସାହୁ ପ୍ରମୁଖ କହିଛନ୍ତି। ଏ ନେଇ ରାଉରକେଲା ଅତିରିକ୍ତ ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁଙ୍କୁ ପଚାରିବାରୁ ସେ କହିଲେ, ପ୍ରଧାନପାଲି ବା ବନ୍ଧପୋଷରେ ରାଶନ କେନ୍ଦ୍ର ସ୍ଥାପନ ପାଇଁ ଆବଶ୍ୟକ ହିତାଧିକାରୀ ନାହାନ୍ତି। ତଥାପି ସ୍ଥାନୀୟ କିଛି ବୃଦ୍ଧାବୃଦ୍ଧ ଓ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ତାଙ୍କ ଘରକୁ ନେଇ ରାଶନ ସାମଗ୍ରୀ ପ୍ରଦାନ କରାଯାଉଛି ବୋଲି ସାହୁ କହିଥିଲେ।

# ସୁନ୍ଦରଗଡ଼ ଜିଲା କଂଗ୍ରେସ ସଭାପତିଙ୍କୁ ସମ୍ବର୍ଦ୍ଧନା

**ରାଉରକେଲା,୧୮।୭(ସଙ୍ଗୀତା ଜେନା)**

ରଘୁନାଥପାଲୀ ନିର୍ବାଚନ ମଣ୍ଡଳୀର ଲାଠିକଟା ବ୍ଲକ୍ ଅଧୀନ ଜଲଦା ଏ ବ୍ଲକ୍‌ରେ ସୁନ୍ଦରଗଡ଼ ଜିଲା କଂଗ୍ରେସର ନବନିଯୁକ୍ତ ସଭାପତି ଜନାର୍ଦ୍ଦନ ଦେହୁରୀଙ୍କୁ ସୋମବାର ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ଗଜେନ୍ଦ୍ର ତନ୍ତୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସୁନ୍ଦରଗଡ ଜିଲା ସଭାପତି ତଥା ବଣେଇଁର ପୂର୍ବତନ ବିଧାୟକ ଦେହୁରୀଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଉରକେଲା ସାଙ୍ଗଠନିକ ଜିଲା ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ ଯୋଗଦାନ କରି ଦଳମତ ନିର୍ବିଶେଷରେ ସମସ୍ତ କର୍ମୀ ଏକଜୁଟ ହେବାକୁ ଆହ୍ୱାନ ଦେଇଥିଲେ। ସୁନ୍ଦରଗଡ ଜିଲା ମହିଳା କଂଗ୍ରେସ କମିଟି ସଭାନେତ୍ରୀ ସରୋଜିନୀ ବାଙ୍କରା, ରାଜ୍ୟ ମହିଳା କଂଗ୍ରେସର ପୂର୍ବତନ ଉପସଭାନେତ୍ରୀ ଦେବସ୍ମିତା ସାମଲ, ଲାଠିକଟା ବ୍ଲକ କଂଗ୍ରେସ ସଭାପତି ଚାମରୁ ତିର୍କୀ ପ୍ରମୁଖ ମଞ୍ଚାସୀନ ଥିଲେ। ଲାଠିକଟା ବ୍ଲକର ବରିଷ୍ଠ କଂଗ୍ରେସ ନେତା ରାଜୁ ଜୟପୁରିଆ ସଭା ପରିଚାଳନା କରିଥିବା ବେଳେ ଅନ୍ୟତମ ବରିଷ୍ଠ ନେତା ଉପେନ୍ଦ୍ର ଦାସ, ଯୋଗେନ୍ଦ୍ର ଲୋହାର, ଗଡବିନ ଟପ୍ପୋ, ସୁଧାକର ମଲ୍ଲିକ, ଲକ୍ଷ୍ମୀ ଜୟପୁରିଆ, ଜିଲା ସେବାଦଳ ମୁଖ୍ୟ ମୁନୁ ସରାଫ ଓ ଶମ୍ଭୁ ସିଂହ, ସୁବାଷ ପାତ୍ର, ରାଜକିଶୋର ପରିଡା ପ୍ରମୁଖ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଦଳର ନେତୃବୃନ୍ଦ ଓ କର୍ମକର୍ତ୍ତାଙ୍କ ସହ ଅନ୍ୟୂନ ୩୦ରୁ ଊର୍ଦ୍ଧ୍ୱ କର୍ମୀ କଂଗ୍ରେସରେ ଯୋଗଦାନ କରିଥିଲେ।



ଜିଲା କଂଗ୍ରେସ ସଭାପତିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

# ଅଭିବ୍ୟକ୍ତିର ସ୍ୱାଧୀନତା ଓ ଗଣମାଧ୍ୟମର ଦାୟିତ୍ୱବୋଧତା ଆଲୋଚନାଚକ୍ର

**ରାଉରକେଲା,୧୮।୭(ବିପ୍ଳବ ରଞ୍ଜନ ଦାଶ)**



ଆଲୋଚନାଚକ୍ରରେ ପତ୍ରିକା ଉନ୍ମୋଚନ କରାଯାଉଛି।

ରାଉରକେଲା କଲଚରାଲ ଏକାଡେମୀ ପରିସରରେ କର୍ମବୀର ଗୌରୀଶଙ୍କର ଜୟନ୍ତୀ ଅବସରରେ 'ଅଭିବ୍ୟକ୍ତିର ସ୍ୱାଧୀନତା ଓ ଗଣମାଧ୍ୟମର ଦାୟିତ୍ୱବୋଧତା' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକ ରଜନୀକାନ୍ତଙ୍କ ସ୍ମୃତିରେ ଏକାଡେମୀର ଉପସଭାପତି ବିଷ୍ଣୁପ୍ରିୟା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏହି ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସାଧାରଣ ସମ୍ପାଦକ କାଶୀନାଥ ପାତ୍ର ଅଭିବ୍ୟକ୍ତିର ସ୍ୱାଧୀନତା ନ ରହିଲେ ଦେଶର ଉନ୍ନତି ଅସମ୍ଭବ ବୋଲି ମତ ଦେଇଥିଲେ। ବିଚିତ୍ରାନନ୍ଦ ସାହୁ ଆଲୋଚ୍ୟ ବିଷୟ ଉପରେ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି କଥାକାର ଭୂପେନ ମହାପାତ୍ର ସାହିତ୍ୟିକ ରଜନୀକାନ୍ତ ଦାସଙ୍କ ସାହିତ୍ୟ ଦର୍ଶନ ଉପରେ ବକ୍ତବ୍ୟ ରଖିଥିଲେ। ଅଭିବ୍ୟକ୍ତି ଗଣତନ୍ତ୍ରର ଜୀବନରେଖା ଓ ଗଣମାଧ୍ୟମ ହେଉଛି ଗଣତନ୍ତ୍ରର ସୁରକ୍ଷା କବଚ। ଏଣୁ ବର୍ତ୍ତମାନ ସମୟରେ ଗଣମାଧ୍ୟମ ନିଜର ନୈତିକ ଦାୟିତ୍ୱ ଓ କର୍ତ୍ତବ୍ୟ ତୁଲାଇ ଗଣତନ୍ତ୍ର ସୁରକ୍ଷା ଦିଗରେ କାମ କରିବା ଉଚିତ ବୋଲି ମୁଖ୍ୟବକ୍ତା ମାନସ ବେହେରା କହିଥିଲେ। ଏହି ଅବସରରେ ନବପତ୍ର ଉନ୍ମୋଚିତ ହେଲା। ଆଲୋଚନାଚକ୍ରରେ ଏକାଡେମୀର ଡ. କୃପାସିନ୍ଧୁ ନାୟକ, ନୃସିଂହ ଚରଣ ରାଉତ, ଅକ୍ଷୟ ସାମଲ, ଅକ୍ଷୟ ପଣ୍ଡା, କିଶୋର ବେହେରା, ସୁଜିତ ନାୟକ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସାହିତ୍ୟ ସମ୍ପାଦକ ଡ. ନଗେନ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ରହ୍ମଚାରୀ ପାଇଲେ ପୁସ୍ତକ

**ରାଉରକେଲା,୧୮।୭ (ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ବେଦବ୍ୟାସ ସଂସ୍କୃତ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ୧୮୦ ଜଣ ବ୍ରହ୍ମଚାରୀମାନଙ୍କ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ମଙ୍ଗଳବାର ପୁସ୍ତକ ପ୍ରଦାନ କରାଯାଇଛି। ସିଆରସିସି ସାତିମ ଖାନ ଓଡିଶାର ସାହିତ୍ୟ ସମାଜ ସଂସ୍କାରକ, ମହାପୁରୁଷଙ୍କ ଆତ୍ମଜୀବନୀ ଓ ଓଡିଆ ଭାଷାରେ ମୁଦ୍ରିତ ଥିବା ବିଭିନ୍ନ ପ୍ରେରଣାଦାୟୀ ଗଳ୍ପ ଓ କଥା ସାହିତ୍ୟ ଆଧାରିତ ୧୨୦ଟି ପୁସ୍ତକକୁ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଉମାକାନ୍ତ ପଣ୍ଡା ସମସ୍ତ ପୁସ୍ତକକୁ ବ୍ରହ୍ମଚାରୀଙ୍କୁ ବଣ୍ଟନ କରିଥିଲେ। ବିଦ୍ୟାଳୟ କୋଷାଧ୍ୟକ୍ଷ ଅଶୋକ କୁମାର ଅଗ୍ରୱାଲ ଓ ଅନନ୍ତ ପୃଷ୍ଟି ସହଯୋଗ କରିଥିଲେ। ଅନ୍ୟ ବ୍ରହ୍ମଚାରୀଙ୍କୁ ଖୁବ୍‌ଶୀଘ୍ର ପୁସ୍ତକ ଉପଲବ୍ଧ କରାଯିବ ବୋଲି ସିଆରସିସି କହିଥିଲେ।

# ଓଡ଼ିଶା ସୀମାରୁ ବୁବିଟ୍ରାପ୍ ଆଇଇଡ଼ି ଜବତ

**ରାଉରକେଲା, ୧୮।୭(ସଙ୍ଗୀତା ଜେନା)**

ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ଟୋଣ୍ଟୋ ଥାନା ଅଧୀନ ତୁମ୍ବାହାକା ଓ ଅଞ୍ଜନବେଡା ସୀମାବର୍ତ୍ତୀ ତଥା ଗୋଇଲକେରା ଥାନା ଅଧୀନ କୁଇଡ଼ା, ମାରାଦିରୀରେ ଯବାନମାନଙ୍କ କୋମ୍ବିଂ ଅପରେଶନ ଆରମ୍ଭ ହୋଇଛି। ଏହାକୁ ଲକ୍ଷ୍ୟ ରଖି ଗୋଇଲକେରା ଥାନା ହାଥିବୁରୁ ଗ୍ରାମ ପାଖ ଜଙ୍ଗଲିଆ ଅଞ୍ଚଳରେ ସୁରକ୍ଷାବଳଙ୍କ ଉଦ୍ଦେଶ୍ୟରେ ମାଓବାଦୀମାନେ ଗୋଟିଏ ବୁବିଟ୍ରାପ ଆଇଇଡ଼ି ଖଞ୍ଜିଥିଲେ। ମଙ୍ଗଳବାର ସୁରକ୍ଷାବଳ ଉକ୍ତ ୧୦ କେଜି ବୁବିଟ୍ରାପକୁ ଠାବ କରି ନିଷ୍କ୍ରିୟ କରିଛନ୍ତି।

## ବିର୍ସା ମୁଣ୍ଡା ହକି ଷ୍ଟାଡ଼ିୟମ ନିର୍ମାଣରେ ଦୁର୍ନୀତି ଅଭିଯୋଗ

# ତଦନ୍ତ ଦାବିରେ ବିକ୍ଷୋଭ ପ୍ରଦର୍ଶନ

**ରାଉରକେଲା, ୧୮।୭(ସଙ୍ଗୀତା ଜେନା)**


କଂଗ୍ରେସ ନେତୃମଣ୍ଡଳୀ ଷ୍ଟାଡିୟମ ଗେଟ୍ ସମ୍ମୁଖରେ ନାରାବାଜି କରୁଛନ୍ତି। (ଫଟୋ: ବିବେକ)

ରାଉରକେଲା ବିର୍ସା ମୁଣ୍ଡା ହକି ଷ୍ଟାଡ଼ିୟମ ନିର୍ମାଣ ତଥା ଆନୁଷଙ୍ଗିକ କାର୍ଯ୍ୟରେ ହୋଇଥିବା ବ୍ୟାପକ ଦୁର୍ନୀତିର ତଦନ୍ତ ସହ ସମ୍ପୃକ୍ତ ଅଧିକାରୀ ଓ ଠିକା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି ରାଉରକେଲା କଂଗ୍ରେସ। ଏହି ପରିପ୍ରେକ୍ଷୀରେ ଦଳ ପକ୍ଷରୁ ମଙ୍ଗଳବାର ପୂର୍ବାହ୍ନରେ ବିର୍ସା ମୁଣ୍ଡା ହକି ଷ୍ଟାଡ଼ିୟମ ଗେଟ୍ ନମ୍ବର-୩ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଡିସିସି କାର୍ଯ୍ୟକାରୀ ସଭାପତି ଦେବବ୍ରତ ବିହାରୀଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିରେନ ସେନାପତି, ରଶ୍ମିରଞ୍ଜନ ପାଢ଼ୀ, ନିରୁପମା ବଳିଆରସିଂ, ତ୍ରୈଲୋଚନ ସାହୁ, ସବିର ହୁସେନ, ଜ୍ଞାନେନ୍ଦ୍ର ଦାଶ, ନିହାର ରଞ୍ଜନ ଦାଶ, ଦେବାଶିଷ ନାଗ, ସୁମନ ବିଷ୍ଟ, ସୁଧୀର ନାଥ, ସୁମିତ କଂସାରୀଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଯୋଗଦେଇ ନାରାବାଜି କରିଥିଲେ। ପରେ କଂଗ୍ରେସର ଏକ ପ୍ରତିନିଧିମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାଉରକେଲା ଏଡିଏମଙ୍କ ଅନୁପସ୍ଥିତିରେ ସହାୟକ କଲେକ୍ଟରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସେମାନେ ଦର୍ଶାଇଥିଲେ ଯେ, ଗତ ୬ ମାସ ତଳେ ବିଶ୍ୱସ୍ତରୀୟ ହକି ଷ୍ଟାଡ଼ିୟମ ନିର୍ମାଣ ଓ ଲୋକାର୍ପଣ କରାଯାଇଥିଲା। ଉଦ୍‌ଘାଟନର କିଛିଦିନ ପରେ ଷ୍ଟାଡ଼ିୟମ ଛାତରୁ ପାଣି ଗଳିବା, ବିଛାଯାଇଥିବା ଆଷ୍ଟ୍ରୋଟଫରେ ପାଣି ଜମିବା, ଷ୍ଟାଡ଼ିୟମ ପାର୍ଶ୍ୱ ହକି ସ୍ମାରକୀ ସାମାନ୍ୟ ପବନରେ ଭାଙ୍ଗିବା, ମୂର୍ତ୍ତି ଭାଙ୍ଗିବାର ରିପୋର୍ଟ ସାର୍ବଜନୀନ ନ କରିବା, ଷ୍ଟାଡ଼ିୟମ ନିକଟସ୍ଥ ପାଚେରି ଭାଙ୍ଗିବା ଯୋଗୁ ଏସବୁ କାର୍ଯ୍ୟରେ ଦୁର୍ନୀତି ହୋଇଛି। ଏହାର ବର୍ତ୍ତମାନର ଅବସ୍ଥା ଦେଖିବାକୁ ବିରୋଧ ଦଳ ଓ ଗଣମାଧ୍ୟମକୁ ଅନୁମତି ଦିଆଯାଉନାହିଁ ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ଏହାସହ ସ୍ୱେରେଜ ପ୍ରକଳ୍ପରେ ନିମ୍ନମାନର କାର୍ଯ୍ୟ ହୋଇଥିବାରୁ ଏହାର ତଦନ୍ତ ଦାବି କରାଯାଇଥିଲା।

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କଂଗ୍ରେସର ସ୍ମାରକପତ୍ର ପ୍ରଦାନ

### ବିକ୍ଷୋଭ ବେଳେ ନାଟକୀୟ ପରିସ୍ଥିତି

ମଙ୍ଗଳବାର ପୂର୍ବାହ୍ନରେ ବିର୍ସା ମୁଣ୍ଡା ଷ୍ଟାଡ଼ିୟମ ଗେଟ ସମ୍ମୁଖରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସମୟରେ ନାଟକୀୟ ପରିସ୍ଥିତି ଉପୁଜିଥିଲା। ପୂର୍ବତନ କଂଗ୍ରେସ ବିଧାୟକ ପ୍ରଭାତ ମହାପାତ୍ର ବିକ୍ଷୋଭ ପରିବର୍ତ୍ତେ ଗେଟ ସମ୍ମୁଖରେ ଜୋରଜବରଦସ୍ତ ଅନଶନରେ ବସିବା ପାଇଁ ଜିଦ୍ ଧରିଥିଲେ। ଦଳର ପୁରୁଖା ନେତାମାନେ ଏଥିରୁ ବିରତ ହେବା ପାଇଁ କହିବାରୁ ସେ ସେମାନଙ୍କୁ ଅପଶବ୍ଦ ବ୍ୟବହାର କରିଥିଲେ। ଏପରିକି ଯୁବ କଂଗ୍ରେସ ଓ ମହିଳା କଂଗ୍ରେସକୁ ଛାଡି ନ ଥିଲେ। ସେଠାରେ ତାଙ୍କୁ ଅଟକାଇଥିବା ଲୋକେ ମଧ୍ୟ ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ। ଏହି ଘଟଣାକୁ ନେଇ ସହରରେ ଚର୍ଚ୍ଚା ଜୋର୍ ଧରିଛି। ଏ ସମ୍ପର୍କରେ ପୂର୍ବତନ ବିଧାୟକ ମହାପାତ୍ରଙ୍କ ମୋବାଇଲ ନଂ. ୯୪୩୭୧୨୯୫୮୦ରେ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲା। ମାତ୍ର ମୋବାଇଲ ସୁଇଚ୍ ଅଫ୍ ଥିବାରୁ ମତାମତ ନେବା ସମ୍ଭବ ହୋଇନାହିଁ।

## ସଂକ୍ଷେପରେ

### ବୀମାରାଶି ବୃଦ୍ଧିକୁ ଓଜେୟୁ ଜିଲା ଶାଖାର ସ୍ୱାଗତ

**ସମ୍ବଲପୁର,୧୮।୭(ଶୁଭାଶିଷ ପାଢ଼ୀ):** କାର୍ଯ୍ୟରତ ସାମ୍ବାଦିକଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ବୀମା ରାଶି ପରିମାଣ ୨ ଲକ୍ଷରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିଥିବା ନେଇ ରାଜ୍ୟ ସରକାର ଘୋଷଣା କରିଛନ୍ତି। ଏହାକୁ ଓଡ଼ିଶା ସାମ୍ବାଦିକ ସଂଘ (ଓଜେୟୁ) ସମ୍ବଲପୁର ଜିଲା ଶାଖା ପକ୍ଷରୁ ସ୍ୱାଗତ କରାଯିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସଂଘ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଏହା ଦ୍ୱାରା ଜିଲାର ୧୮୩ ସାମ୍ବାଦିକ ଓ ତାଙ୍କ ପରିବାର ଉପକୃତ ହେବେ। ସୂଚନାଯୋଗ୍ୟ, ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ କାର୍ଯ୍ୟରତ ସାମ୍ବାଦିକ ଓ ତାଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ମିଳୁଥିଲା। ଜୁଲାଇ ୧୫ରେ ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ସମ୍ବଲପୁର ଗସ୍ତ ସମୟରେ ସଂଘ ପକ୍ଷରୁ ସାମ୍ବାଦିକ ବୀମା ରାଶି ୧୦ ଲକ୍ଷ ଟଙ୍କା ସହ ୧୦ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ସଂଘର ଜିଲା ଶାଖା ସଭାପତି ହିମାଂଶୁ ଶେଖର ମିଶ୍ର, ସାଧାରଣ ସମ୍ପାଦକ ସରୋଜ ସାହୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

### ମାସିକ ୧୦ଟଙ୍କା ଫିଁରେ କୋଚିଂ ସେଣ୍ଟର

**ସମ୍ବଲପୁର,୧୮।୭(ଶୁଭାଶିଷ ପାଢ଼ୀ):** ସମ୍ବଲପୁର ମହାନଗର ନିଗମ ହୀରାକୁଦ ରିକସାପଡାରେ ଏବିସିଡି ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ କୋଚିଂ ସେଣ୍ଟର ଉଦ୍‌ଘାଟିତ ହୋଇଛି। ଏହା ଅନୁଷ୍ଠାନର ତୃତୀୟ କେନ୍ଦ୍ର। ଏଠାରେ ବିଶେଷ କରି ବସ୍ତି ଅଞ୍ଚଳର ପିଲାମାନଙ୍କୁ ଶିକ୍ଷାଦାନ କରାଯିବ। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତି ପିଲା ପିଛା ମାସିକ ମାତ୍ର ୧୦ଟଙ୍କା ଫି ରହିଛି। ପ୍ରଥମ ଦିନରେ ୨୩ ଛାତ୍ରୀଛାତ୍ର ନାମ ଲେଖାଇଥିଲେ। ଅପରାହ୍ନ ୫ଟାରୁ ୬ଟା ୩୦ ମିନିଟ ପର୍ଯ୍ୟନ୍ତ ସେଣ୍ଟର ଖୋଲା ରହିବ। ଟ୍ରଷ୍ଟର ସୁନିଲ ସାଗର, ମୁକେଶ ମେହେର, ପୂଜା ଦାସ ସମେତ ପଡ଼ାବାସୀ ଉପସ୍ଥିତ ଥିଲେ।

### କେଞ୍ଚୁପାଣିରେ ଚାଷୀଙ୍କୁ ବିରି ବିହନ ବିତରଣ

**କୁଚିଣ୍ଡା,୧୮।୭(ବିରଞ୍ଚି ଦର୍ଶୀ):** ବାମରା ବ୍ଲକ ଅନ୍ତର୍ଗତ ଉଚ୍ଚକାପାଟ ପଞ୍ଚାୟତର କେଞ୍ଚୁପାଣି ସଭାଗୃହରେ ମଙ୍ଗଳବାର ଜାତୀୟ ଖାଦ୍ୟ ନିରାପତ୍ତା ମିଶନ ତରଫରୁ ଚାଷୀମାନଙ୍କୁ ଖରିଫ ବିରି ବିହନ ବିତରଣ କରାଯାଇଛି। ଏହି ଅବସରରେ ବାମରା ବ୍ଲକ କୃଷକ ସୁରକ୍ଷା ସଂଗଠନର ଆବାହକ ଯୋଗ ବିହାରୀ ପରିଡା, ସମିତି ସଭ୍ୟା ସୌଦାମିନୀ ନାଏକ, କୃଷି ଓଭରସିୟର ଚିତ୍ତରଞ୍ଜନ ଓଝା ଉପସ୍ଥିତ ଚାଷୀମାନଙ୍କୁ ବିରି ବିହନ ବଣ୍ଟନ କରିଥିଲେ। ଏଥିରେ କୃଷକ ସାଥି ବିନୋଦ ବାଘ, ଦିଲୀପ ବାଘ ପ୍ରମୁଖ ସହଯୋଗ କରିଥିଲେ।

# ବେଜବରୁଆଙ୍କ ସାହିତ୍ୟ କାଳଜୟୀ

- ଲକ୍ଷ୍ମୀନାଥ ବେଜବରୁଆଙ୍କ ପ୍ରତିମୂର୍ତ୍ତି ସ୍ଥାପନର ଭୂମିପୂଜା
- କାର୍ଯ୍ୟକ୍ରମରେ ଆସାମ, ଓଡ଼ିଶାର ସଂସ୍କୃତି ମନ୍ତ୍ରୀ ସାମିଲ

**ସମ୍ବଲପୁର,୧୮।୭(ବି.ଶଙ୍କର)**

ସାହିତ୍ୟରଥୀ ଲକ୍ଷ୍ମୀନାଥ ବେଜବରୁଆଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ ସକାଶେ ଭୂମିପୂଜା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର କଚେରି ଛକସ୍ଥିତ ବେଜବରୁଆ ଭବନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶାର ଓଡିଆ ଭାଷା ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ଆସାମର ସଂସ୍କୃତି ଓ ପର୍ଯ୍ୟଟନ ତଥା ଶକ୍ତି, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ବିମଲ ବୋରା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆସାମର ସଂସ୍କୃତି ବିଭାଗ ନିର୍ଦ୍ଦେଶିକା ମିନାକ୍ଷୀ ଦାଶନାଥ, ବେଜବରୁଆ ସ୍ମୃତି ରକ୍ଷା କମିଟି ଆସାମର ସଭାପତି ଇଂ. ପ୍ରଦ୍ୟୋତ କୁମାର ଚୌଧୁରୀ, ସମ୍ପାଦକ ରଣ୍ଟୁ ଡେକା, ସମ୍ବଲପୁର ଜିଲାପାଳ ଅନନ୍ୟା ଦାସ, ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପରେ ଓଡ଼ିଶା ସାଂସ୍କୃତିକ ସମାଜ ପରିସର ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ସାଧାରଣ ସଭା ହୋଇଥିଲା। ଏଥିରେ ଯୋଗଦେଇ ରାଜ୍ୟ ସଂସ୍କୃତି ମନ୍ତ୍ରୀ ପାତ୍ର କହିଥିଲେ, ସାହିତ୍ୟ ଜନଜୀବନ ସହିତ ଜଡିତ । ବେଜବରୁଆଙ୍କ ସାହିତ୍ୟ କାଳଜୟୀ। ତାଙ୍କ ସ୍ମୃତି ରକ୍ଷା ପାଇଁ ଓଡ଼ିଶା ଓ ଆସାମ ସରକାର ଆଗେଇ ଆସିଛନ୍ତି। ସେହିପରି ଆସାମର ମନ୍ତ୍ରୀ ବିମଲ ବୋରା କହିଥିଲେ, ଓଡ଼ିଶା ଓ ଆସାମ ମଧ୍ୟରେ ସମ୍ପର୍କ ବହୁ ପୁରୁଣା। ଓଡ଼ିଶାରୁ ବହୁ ଲୋକ ଆସାମର ଚା ବଗିଚା ବୁଲିବାକୁ ଯାଇଛନ୍ତି। ପ୍ରତ୍ୟେକ ଚା ବଗିଚାରେ ଗୋଟିଏ ଲେଖାଏ ଜଗନ୍ନାଥ ମନ୍ଦିର ନିର୍ମାଣ ପାଇଁ ହିମନ୍ତ ବିଶ୍ୱ ଶର୍ମା ସରକାର ପଦକ୍ଷେପ ନେଇଛନ୍ତି। ଐତିହାସିକ ଦୀପକ କୁମାର ପଣ୍ଡାଙ୍କ ପରିଚାଳନାରେ ସଭା ହୋଇଥିଲା। ସୂଚନାଯୋଗ୍ୟ ଯେ, ବେଜବରୁଆ ଭବନର ପୁନରୁଦ୍ଧାର ପାଇଁ ଓଡିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ୫୫ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ସେହିପରି ଆସାମ ସରକାର ପ୍ରଥମ କିସ୍ତିରେ ୫୦ଲକ୍ଷ ଓ ଦ୍ୱିତୀୟ କିସ୍ତିରେ ସାଢେ ୪୭ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ଏକ ଭବ୍ୟ, ସୁଉଚ୍ଚ ପ୍ରତିମୂର୍ତ୍ତି ପ୍ରତିଷ୍ଠା ପାଇଁ ଆସାମବାସୀ ତଥା ସରକାରଙ୍କ ଇଚ୍ଛା ଥିଲା। ମାତ୍ର ସ୍ଥାନାଭାବକୁ ଦେଖି ପ୍ରତିମୂର୍ତ୍ତିକୁ ମଞ୍ଚ ସହ ୧୦ଫୁଟ ଉଚ୍ଚତା ମଧ୍ୟରେ ସୀମିତ ରଖିବା ପାଇଁ ସ୍ଥିର କରାଯାଇଛି। ଓଡ଼ିଶାର ସୁନାମଧନ୍ୟ ସ୍ଥପତି ଜୟନ୍ତ ଦାଶ ମୂର୍ତ୍ତି ନିର୍ମାଣ କରିବେ। ଅସମିୟା ଆଧୁନିକ ସାହିତ୍ୟର ପ୍ରବର୍ତ୍ତକ ଲକ୍ଷ୍ମୀନାଥ ବେଜବରୁଆ ସମ୍ବଲପୁରରେ ସ୍ଥାୟୀ ଭାବେ ବସବାସ କରୁଥିଲେ। ସେ ୧୦ବର୍ଷ ପାଇଁ ସମ୍ବଲପୁର ମ୍ୟୁନିସିପାଲିଟି କାଉନସିଲର ମଧ୍ୟ ଥିଲେ। ତାଙ୍କ ଜୀବନର ସର୍ବଶ୍ରେଷ୍ଠ ସାହିତ୍ୟକୃତି ସମ୍ବଲପୁରରେ ସୃଷ୍ଟି ହୋଇଛି। ତାଙ୍କ ରଚିତ ଏକ ଡଜନରୁ ଅଧିକ ଗଳ୍ପରେ ସମ୍ବଲପୁର ଅଞ୍ଚଳର ଜନଜୀବନର ପ୍ରତିଫଳନ ରହିଛି।


ଭୂମିପୂଜା କାର୍ଯ୍ୟକ୍ରମରେ ଅତିଥିମାନେ।

### ସଟ୍ଟା ଖେଳାଇବା ଅଭିଯୋଗରେ ଜଣେ ଗିରଫ



**ଜମନକିରା,୧୮।୭ (ରବୀନ୍ଦ୍ର ପ୍ରସାଦ ଦାନି)**

ଜମନକିରା ଥାନା ସଦର ମହକୁମାରେ ସଟ୍ଟା ଖେଳାଉଥିବ ଅଭିଯୋଗରେ ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ଶ୍ରୀକାନ୍ତ ବେହେରା। ପୋଲିସ ସୂଚନା ଅନୁଯାୟୀ, ଜମନକିରା ସଦର ମହକୁମାର ଏକ ବାଇକ୍ ଗ୍ୟାରେଜରେ ସୋମବାର ସନ୍ଧ୍ୟାରେ ସଟ୍ଟାଖେଳ ଚାଲିଥିବା ନେଇ ପୋଲିସ ବିଶେଷସୂତ୍ରରୁ ଖବର ପାଇ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ପୋଲିସ ଶ୍ରୀକାନ୍ତଙ୍କ ପାଖରୁ ନଗଦ ୧୧ହଜାର ୪୧୫ଟଙ୍କା, ସଟ୍ଟା ବାବଦରେ ଲେଖାଯାଇଥିବା ଏକ ଖାତା, କଲମ ଓ ୨ଟି ମୋବାଇଲ ଜବତ କରିଛି। ଏ ନେଇ ପୋଲିସ ଆଇପିସି ଦଫା ୨୯୪ (ଏ), ୪୨୦, ୩୪ରେ ଏକ ମାମଲା (ନଂ.୭୧/୨୩) ରୁଜୁ କରି ଶ୍ରୀକାନ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି।

# ସମ୍ବଲପୁର ଜିଲାକୁ କେନ୍ଦ୍ର ଭୂମି ସମ୍ମାନ


ରାଷ୍ଟ୍ରପତିଙ୍କଠାରୁ ଅଧିକାରୀମାନେ ସମ୍ମାନ ଗ୍ରହଣ କରୁଛନ୍ତି।

**ସମ୍ବଲପୁର,୧୮।୭(ଶୁଭାଶିଷ ପାଢ଼ୀ)**

ଉନ୍ନୟନମୂଳକ କାମ, ସରକାରୀ ଯୋଜନାକୁ ଠିକ୍ ଢଙ୍ଗରେ କାର୍ଯ୍ୟକାରୀ କରିବା ନେଇ ପୂର୍ବରୁ ସମ୍ବଲପୁର ଜିଲା ଅନେକ ପୁରସ୍କାର ପାଇଛି। ଏବେ କେନ୍ଦ୍ର ସରକାରଙ୍କ ଭୂମି ସମ୍ମାନରେ ଜିଲା ସମ୍ମାନିତ ହୋଇ ସମଗ୍ର ରାଜ୍ୟରେ ଅଗ୍ରଣୀ ଜିଲା ଭାବରେ ନିଜକୁ ପ୍ରତିପାଦିତ କରିଛି। ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ମଙ୍ଗଳବାର ଆୟୋଜିତ ବର୍ଣ୍ଣାଢ୍ୟ ଉତ୍ସବରେ ଭାରତ ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ତରଫରୁ ଜିଲା ପ୍ରଶାସନର ପ୍ରତିନିଧିଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ଜିଲାପାଳ ଅନନ୍ୟା ଦାସଙ୍କ ଆଦେଶ ପ୍ରକାରେ ପୂର୍ବତନ ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ, କୁଚିଣ୍ଡା ଉପଜିଲାପାଳ ବିଭୂତି ଭୂଷଣ ନାୟକ, ଝୁଝୁମୁରା ତହସିଲଦାର ଅଭିଷେକ ସାହୁ ସମ୍ମାନ ଗ୍ରହଣ କରିଥିଲେ। ଭୂମି ସଂସ୍କାର କ୍ଷେତ୍ରରେ ଭାରତର ଶ୍ରେଷ୍ଠ ୬୮ ଜିଲାକୁ ଭୂମି ସମ୍ମାନ ପୁରସ୍କାର ପ୍ରଦାନ କରାଯାଇଥିଲା। ଭୂମି ସଂସ୍କାର ନିମନ୍ତେ ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର ସହଯୋଗରେ ଜିଲାରେ ନିଆଯାଇଥିବା ତ୍ୱରିତ କାର୍ଯ୍ୟକ୍ରମ ଯଥା ଜମି ପଟ୍ଟାର କମ୍ପ୍ୟୁଟରୀକରଣ, ଜମି ରେଜିଷ୍ଟ୍ରେଶନ ସରଳୀକରଣ, ଆଧୁନିକ ରେକର୍ଡ଼ ରୁମ ପରିଚାଳନା ପ୍ରଭୃତି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ଜିଲାକୁ ଏହି ସମ୍ମାନ ମିଳିଛି।

### ଯୌତୁକ ନିର୍ଯାତନା ଅଭିଯୋଗ

**ରେଢାଖୋଲ,୧୮।୭ (ଅଚ୍ୟୁତାନନ୍ଦ ପୁରୋହିତ)**

ରେଢାଖୋଲ ଥାନା ଭାଲୁମୁଣ୍ଡା ଗ୍ରାମର ଶାଶୁଘର ଲୋକେ ଯୌତୁକ ନିର୍ଯାତନା ଦେଉଥିବା ନେଇ ଭଗବତୀ ଦେହୁରି ନାମ୍ନୀ ମହିଳା ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ.୧୬୨/୨୩) ରୁଜୁ କରି ଘଟଣାର ତଦନ୍ତ କରୁଥିବା ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ଈଶ୍ୱର ନାୟକ କହିଛନ୍ତି। ଭଗବତୀଙ୍କ ଅଭିଯୋଗକ୍ରମେ ଗତ ପ୍ରାୟ ୧ବର୍ଷ ହେବ ସେ ସୋନପୁର ଜିଲା ବିନିକା ଥାନା ତୁଲୁଣ୍ଡିପାଲି ଗ୍ରାମର ପ୍ରକାଶ ପ୍ରଧାନଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ତାଙ୍କର ଏକମାସର ଶିଶୁକନ୍ୟା ରହିଛି। ତେବେ ବିବାହର କିଛିମାସ ପରେ ଶାଶୁଘର ଲୋକେ ଏକ ଆପାଚି ମୋଟର ସାଇକେଲ, ରାଣି ସୁନା ହାର ସହ ଅଧିକ ଯୌତୁକ ଆଣିବାକୁ ତାଙ୍କ ଉପରେ ଚାପ ପକାଉଥିଲେ। ଏହାକୁ ନେଇ ସ୍ୱାମୀ, ଶାଶୁ, ଶ୍ୱଶୁର, ଦେଢଶୁର ଓ ନଣନ୍ଦ ମିଶି ଶାରୀରିକ ଓ ମାନସିକ ନିର୍ଯାତନା ଦେଇଆସୁଥିଲେ। ଏହା ଅସହ୍ୟ ହେବାରୁ ସେ କିଛିଦିନ ହେବ ବାପଘରକୁ ଚାଲିଆସିଥିଲେ। ତେବେ ମଙ୍ଗଳବାର ସେ ରେଢାଖୋଲ ଥାନାରେ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# ସମସ୍ୟା ନେଇ ଏସ୍‌ଏମ୍‌ସି କମିଶନରଙ୍କ ସହ ଆଲୋଚନା

**ସମ୍ବଲପୁର,୧୮।୭(ଶୁଭାଶିଷ ପାଢ଼ୀ)**

ସମ୍ବଲପୁର ମହାନଗର ନିଗମ କମିଶନର ବେଦ ଭୂଷଣଙ୍କୁ ହିନ୍ଦ୍ ମଜଦୁର ସଭା ଭେଟି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଛି। ସଙ୍ଗଠନର ରାଜ୍ୟ ସମ୍ପାଦକ ସଞ୍ଜିତ ମହାନ୍ତିଙ୍କ ନେତୃତ୍ୱରେ କର୍ମକର୍ତ୍ତା ଓ ସଫେଇ ଗାଡ଼ିରେ ନିୟୋଜିତ ମହିଳା ଚାଳକ ଉପସ୍ଥିତ ଥିଲେ। ସେମାନେ ଅଭିଯୋଗ କରିଥିଲେ, ସଫେଇ ଗାଡ଼ିଚାଳନା ପାଇଁ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନଙ୍କୁ ନିଯୁକ୍ତି ଦିଆଯାଇଥିଲା। ଦୁଇବର୍ଷ ପରେ ମଧ ମହିଳା ଚାଳକଙ୍କୁ ନିଯୁକ୍ତି ପତ୍ର ଦିଆଯାଇ ନାହିଁ। ସେହିପରି ଇଏସ୍‌ଆଇ ଅନ୍ତର୍ଭୁକ୍ତ କରିବା, ସର୍ବନିମ୍ନ ମଜୁରି ଲାଗୁ, କର୍ଯ୍ୟଦିବସ ସହ ମାସିକ ଛୁଟି ଦିନ ନିର୍ଦ୍ଧାରଣ କରିବା ଆଦି ସମସ୍ୟା ନେଇ ଆଲୋଚନା କରାଯାଇଥିଲା। ଏହାର ସମାଧାନ ପାଇଁ ପଦକ୍ଷେପ ନେବାକୁ କମିଶନର ପ୍ରତିଶ୍ରୁତି ଦେଇଥିଲେ। ଆଲୋଚନାରେ ସମାଜିକ କର୍ମୀ କାର୍ତ୍ତିକ କଲେତ, ବସ୍ତି ବାସିନ୍ଦା ଗଣ ସଂଗଠନ ସଭାପତି ସ୍ୱାଧୀନ ପଣ୍ଡା, ଛାତ୍ର ନେତା ଦେବଜ୍ୟୋତି ପଟ୍ଟନାୟକ, ସୁମିତ ପଟେଲ, ସୁନୀଲ ସେତ, ଖଗେଶ୍ୱର ଦୋରା ପ୍ରମୁଖ ଉପସ୍ଥିତ ଥିଲେ।


ମହାନଗର ନିଗମ କମିଶନରଙ୍କୁ ଭେଟି ଆଲୋଚନା କରୁଛନ୍ତି।

# ଆଉଟ୍ ସୋର୍ସିଂ କର୍ମଚାରୀ ସଂଘ ପକ୍ଷରୁ ସମୂହ ଛୁଟି ଦରଖାସ୍ତ

**ଦେବଗଡ଼, ୧୮।୭(ଶଶାଙ୍କ ଖେଶର ଝାଙ୍କର)**

ସ୍ଥାୟୀ ନିଯୁକ୍ତି ସମେତ ୧୦ଦଫା ଦାବି ପୂରଣରେ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଏହାକୁ ନେଇ ରାଜ୍ୟର ଆଉଟସୋର୍ସିଂ କର୍ମଚାରୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସରକାରଙ୍କ ଏଭଳି ନୀତିର ପ୍ରତିବାଦରେ ଓଡିଶା ଆଉଟସୋର୍ସିଂ କର୍ମଚାରୀ ସଂଘର ଆହ୍ୱାନ କ୍ରମେ ୧୯ ତାରିଖ ସମ୍ବଲପୁର ସ୍ଥିତ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟ ଘେରାଉ ନିଷ୍ପତ୍ତି ନିଆଯାଇଛି। ଏହି ନିଷ୍ପତ୍ତି ଅନୁଯାୟୀ ଓଡିଶା ଆଉଟସୋର୍ସିଂ କର୍ମଚାରୀ ସଂଘ ଦେବଗଡ ଶାଖା ପକ୍ଷରୁ ସମୂହ ଛୁଟି ନେବା ପାଇଁ ନିଷ୍ପତ୍ତି ନିଆଯିବା ସହ କର୍ମଚାରୀମାନେ ନିଜ ବିଭାଗୀୟ ଅଧିକାରୀମାନଙ୍କୁ ଛୁଟି ଦରଖାସ୍ତ ପ୍ରଦାନ କରିଛନ୍ତି। ମଙ୍ଗଳବାର ଓଡିଶା ଆଉଟସୋର୍ସିଂ କର୍ମଚାରୀ ସଂଘ ଦେବଗଡ ଜିଲା ଶାଖା ସଭାପତି ହେମନ୍ତ କୁମାର ନାୟକ, ସାଧାରଣ ସମ୍ପାଦିକା ପୁଷ୍ପାଞ୍ଜଳି ଦାଶ, କୋଷାଧ୍ୟକ୍ଷ ବ୍ୟୋମକେଶ ଶତପଥି, ଉପଦେଷ୍ଟା କମଳିନୀ ରଥ, କଲ୍ୟାଣ କିଶୋର କର,ଅଶୋକ କୁମାର ଦାସ,ହେମନ୍ତ କୁମାର ପଣ୍ଡା, ସୁବାସ ସ୍ୱାଇଁ, ସୁବ୍ରତ ସାହୁ, ଚିନ୍ମୟ କୁମାର ସାହୁ, ମନୋରଞ୍ଜନ ଟାଲି, ଅଜିତ କୁମାର ପ୍ରଧାନଙ୍କ ନେତୃତ୍ୱରେ ଜିଲାର ସମସ୍ତ ଆଉଟସୋର୍ସିଂ କର୍ମଚାରୀ ନିଜ ବିଭାଗୀୟ ଅଧିକାରୀଙ୍କୁ ଛୁଟି ଦରଖାସ୍ତ ପ୍ରଦାନ କରିଥିଲେ।

# କୁଚିଣ୍ଡା କଲେଜରେ ବୃତ୍ତିଗତ ପରାମର୍ଶ ଶିବିର

**କୁଚିଣ୍ଡା,୧୮।୭(ବିରଞ୍ଚି ଦର୍ଶୀ)**

ଓଡ଼ିଶା ନଲେଜ କର୍ପୋରେଶନ ଲିମିଟେଡ (ଓକେସିଏଲ୍) ଓ କୁଚିଣ୍ଡା ମହାବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଏକ ବୃତ୍ତିଗତ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଯୁକ୍ତ ତିନି ଶ୍ରେଣୀର ଛାତ୍ରୀଛାତ୍ରଙ୍କ ନିମନ୍ତେ ଆୟୋଜିତ ଶିବିରରେ କଲେଜ ଅଧକ୍ଷା ସୁଚିତ୍ରା ମିଶ୍ର କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଓକେସିଏଲ୍ ଓଡ଼ିଶା ସରକାରଙ୍କ କାର୍ଯ୍ୟକ୍ରମ ପ୍ରବନ୍ଧକ ସୁଶାନ୍ତ ଦାସ ଏହାର ଆବଶ୍ୟକତା ତଥା ପାଠ୍ୟକ୍ରମର ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ଏହାଛଡା ପ୍ରଯୁକ୍ତିବିଦ୍ୟାର ଶିକ୍ଷା ସହିତ ସମ୍ପର୍କ ଓ ବୃତ୍ତି ଚୟନରେ ଛାତ୍ରୀଛାତ୍ରଙ୍କ କିଭଳି ଭୂମିକା ରହିଥାଏ ସେ ବାବଦରେ ସୂଚନା ଦେଇଥିଲେ। ଶିବିରରେ ପୁରାତନ ଛାତ୍ର ରାଜେଶ ଶର୍ମାଙ୍କ ସହ ପ୍ରାଧାପକ ପ୍ରମୋଦ କୁମାର ସ୍ୱାଇଁ, ସୁଭଦ୍ରା ଦାସ, ଅଧାପକ ପରମଜିତ ନାୟକ, ସାର୍ଥକ ମିଶ୍ର, ଅଧାପିକା ସୁଷମା କର, ଖୁର୍ସିଦ ଆରା ବେଗମ ଉପସ୍ଥିତ ଥିଲେ। ଶେଷରେ ଅଧାପିକା ମଞ୍ଜୁଶ୍ରୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ବିପର୍ଯ୍ୟୟ ପରିଚାଳନା ସଚେତନତା କାର୍ଯ୍ୟକ୍ରମ

**ସମ୍ବଲପୁର,୧୮।୭(ବି.ଶଙ୍କର)**

ସମ୍ବଲପୁର ଜିଲା ଧମାସ୍ଥିତ ମା' ଝାଡେଶ୍ୱରୀ ମହାବିଦ୍ୟାଳୟ ସଭାକକ୍ଷରେ ମଙ୍ଗଳବାର ବିପର୍ଯ୍ୟୟ ପରିଚାଳନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସେବା ଯୋଜନା ଓ ରେଡକ୍ରସ ୟୁନିଟ ସମେତ ଜିଲା ପ୍ରଶାସନ ଏବଂ କଟକ ମୁଣ୍ଡଳୀର ବାଟାଲିୟନ-୩ ଏନ୍‌ଡିଆର୍‌ଏଫ୍ ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ଅଶୋକ କୁମାର ପୁରୋହିତ ଏହାକୁ ଉଦ୍‌ଘାଟନ କରଇଥିଲେ । ସାପ କାମୁଡ଼ା, ସଡକ ଦୁର୍ଘଟଣା, ଭୂସ୍ଖଳନ, ବାତ୍ୟା ପ୍ରଭୃତି ପ୍ରାକୃତିକ ଦୁର୍ବିପାକ କାଳରେ ଏହାର ମୁକାବିଲା କିପରି କରାଯିବ ସେ ବିଷୟରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଇଥିଲା। ଏନ୍‌ଡିଆର୍‌ଏଫ୍ ସବ୍‌ଇନ୍ସପେକ୍ଟର ସୂର୍ଯ୍ୟକାନ୍ତ ମଣି ଓ ଯବାନ ମଧୁସୂଦନ ବାରିକ, ପ୍ରଭାତ ପଟେଲ ଓ ମନିଷ କୁମାର ଯୋଗଦେଇ ତାଲିମ ଦେଇଥିଲେ। ଧମା ସରପଞ୍ଚ ଲଳିତା ପ୍ରଧାନ, ପଞ୍ଚାୟତ ଏକ୍‌ଜିକ୍ୟୁଟିଭ ଅଫିସର ସାଲେଗ୍ରାମ ଭୋଇ ଓ ସାମାଜିକ କର୍ମୀ ଗୋବିନ୍ଦ ପଟ୍ଟନାୟକ ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ସ୍ମାରକୀ ମାହାର, ଅଧାପକ ରବିନ୍ଦ୍ର ନାରାୟଣ ଠାକୁର, ଯୁକ୍ତ ୩ ଅଧକ୍ଷ ଅନିଲ ପ୍ରଧାନ, ଅଧାପିକା ଆନନ୍ଦିନୀ ପଣ୍ଡା, ମିନତି ଦାଶ, ଅଧାପକ ଡ. ସିଦ୍ଧାର୍ଥ ପଣ୍ଡା ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।


ମହାବିଦ୍ୟାଳୟ ସଭାକକ୍ଷରେ ବିପର୍ଯ୍ୟୟ ପରିଚାଳନା ସଚେତନତା କାର୍ଯ୍ୟକ୍ରମ

# କୁଚିଣ୍ଡା ଏନ୍‌ଏସିରେ ଏସ୍‌ଏଚ୍‌ଜିଙ୍କୁ ଭର୍ଚୁଆଲ ତାଲିମ

**କୁଚିଣ୍ଡା,୧୮।୭(ବିରଞ୍ଚି ଦର୍ଶୀ)**

କୁଚିଣ୍ଡା ଏନ୍‌ଏସିରେ ମୁକ୍ତା ଯୋଜନାରେ ଗୋଷ୍ଠୀଭିତ୍ତିକ ପ୍ରକଳ୍ପ କାର୍ଯ୍ୟକାରିତା ନିମନ୍ତେ ୨୦୨୨-୨୩ ଆର୍ଥିକବର୍ଷରେ ୧ କୋଟି ୮୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ୩୦ ଗୋଟି ପ୍ରକଳ୍ପରେ ଏହି ଅର୍ଥ ବିନିଯୋଗ ହୋଇ କାର୍ଯ୍ୟ ସମ୍ପାଦିତ ହୋଇଛି। ପ୍ରକଳ୍ପଗୁଡିକର କାର୍ଯ୍ୟକାରିତା ପାଇଁ ୨୯ ଗୋଟି ଏସ୍‌ଏଚ୍‌ଜି ନିୟୋଜିତ ହୋଇଥିବା ବେଳେ ପ୍ରକଳ୍ପ ତଦାରଖ ବାବଦକୁ ସେମାନେ ୭ ଲକ୍ଷ ୧୭ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପାଇଛନ୍ତି। ଏଥିନିମନ୍ତେ ୧୧,୫୪୩ ଶ୍ରମ ଦିବସ ସୃଷ୍ଟି ହୋଇଥିବା ଜଣାଯାଏ। ଏଥିସହ ମୁଖ୍ୟମନ୍ତ୍ରୀ ୨୦୨୩-୨୪ ଆର୍ଥିକବର୍ଷ ପାଇଁ କାର୍ଯ୍ୟ ଯୋଜନାକୁ ଅନୁମୋଦନ କରି ୨ କୋଟି ୯୦ ଲକ୍ଷ ଟଙ୍କାର ଅର୍ଥ ମଞ୍ଜୁର କରିଛନ୍ତି। ଏସ୍‌ଏଚ୍‌ଜିଙ୍କୁ ସଶକ୍ତ କରିବା ନିମନ୍ତେ କୁଚିଣ୍ଡା ଏନ୍‌ଏସିରେ ମଙ୍ଗଳବାର ଭର୍ଚୁଆଲ ମାଧ୍ୟମରେ ଏକ ଦକ୍ଷତା ବିକାଶ ତାଲିମ (ସିବିଟି) ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ କୁଚିଣ୍ଡା ଏନ୍‌ଏସିର ୨୫ ଗୋଟି ଏସ୍‌ଏଚ୍‌ଜିରୁ ୫୦ ଜଣ ସଭ୍ୟା ଅଂଶଗ୍ରହଣ କରିଥିଲେ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଯୁଗ୍ମ ଶାସନ ସଚିବ ସାରଦା ପ୍ରସାଦ ପଣ୍ଡା ଭର୍ଚୁଆଲ ମାଧ୍ୟମରେ କାର୍ଯ୍ୟକ୍ରମର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ବିଷୟରେ ଅବଗତ କରାଇଥିଲେ। ମିଶନ ଶକ୍ତି ମା' ମାନେ କିପରି ରୋଜଗାରକ୍ଷମ ହୋଇ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇପାରିବେ ସେ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମୁକ୍ତା ଯୋଜନାର କାର୍ଯ୍ୟକାରିତା, ପ୍ରକଳ୍ପ ଚିହ୍ନଟିକରଣ ପ୍ରକ୍ରିୟା, ୱାର୍କ ଅର୍ଡର ଏବଂ ମଷ୍ଟର ରୋଲ, ବ୍ୟାଙ୍କ ଋଣ ପାଇଁ ଗୋଷ୍ଠୀର ଯୋଗ୍ୟତା ତଥା ମାନଦଣ୍ଡ, ଶ୍ରମିକ ମାନଙ୍କୁ ମଜୁରି ଦେୟ ଇତ୍ୟାଦି ବିଷୟରେ ଆଲୋଚନା କରିଥିଲେ। ଏଥିରେ କୁଚିଣ୍ଡା ଏନ୍‌ଏସି ଅଧକ୍ଷ ପ୍ରଦ୍ୟୁତ କୁମାର ମହାନ୍ତି, ଉପାଧକ୍ଷା ଦେବଜାନୀ କାଲୋ, ସମସ୍ତ ୱାର୍ଡ କାଉନସିଲର, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଜାଗୃତି ସିଂହ, ପ୍ରିୟବ୍ରତ ପଣ୍ଡା, ଅପରାଜିତା ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।


ତାଲିମ ଶିବିରରେ ଅତିଥିଙ୍କ ସହ ଏସ୍‌ଏଚ୍‌ଜି ମହିଳାମାନେ।

# ବଲାଙ୍ଗୀର ଜିଲାପାଳଙ୍କୁ ଅସଲି କାଗଜାତ ପ୍ରଦାନ ନିର୍ଦ୍ଦେଶ

ସୋନପୁର,୧୮।୭(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶଙ୍କ ଅଡୁଆ ବଢ଼ିବାରେ ଲାଗିଛି। ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସକାଶେ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ଜନ ଅଭିଯୋଗ ବିଭାଗ ପ୍ରକ୍ରିୟା ଆରମ୍ଭ କରିଛି। ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଅଡିଟ୍ ରିପୋର୍ଟ ଓ ଅସଲି କାଗଜାତ ପ୍ରଦାନ ପାଇଁ ବିଭାଗ ପକ୍ଷରୁ ବଲାଙ୍ଗୀର ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ଶାସନ ସଚିବ ଶିବୋ ନାରାୟଣ ସାହୁ ପତ୍ରସଂଖ୍ୟା ୧୭୨୩୨/ତା୧୩।୬।୨୦୨୩ରିଖରେ ବଲାଙ୍ଗୀର ଜିଲାପାଳଙ୍କୁ ଚିଠି କରିଛନ୍ତି।

ଅତିରିକ୍ତ ଜିଲାପାଳ ଦାଶଙ୍କ ବିରୋଧରେ ଡ୍ରାଫ୍ଟ ଚାର୍ଜ କରି ଓଡ଼ିଶା ସିଭିଲ ସର୍ଭିସ ନିୟମ ୧୯୬୨ ଧାରା ୧୫ ଅନୁଯାୟୀ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସକାଶେ ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣା ତାଙ୍କ ପତ୍ରସଂଖ୍ୟା ୧୫୯୧/ତା୨୩।୫।୨୦୨୩ରିଖରେ ରାଜସ୍ୱ ପର୍ଷଦ ସଚିବଙ୍କୁ ସୁପାରିସ କରିଥିଲେ। ଦାଶ ବଲାଙ୍ଗୀରରେ ୨୦୦୪ରୁ ୨୦୦୯ ପର୍ଯ୍ୟନ୍ତ ତହସିଲଦାର ଥିବା ସମୟରେ ବହୁ ଅନିୟମିତତା ହୋଇଥିଲା। ବେଆଇନ ଭାବେ ବିଭିନ୍ନ ଜମିର କିସମ ପରିବର୍ତ୍ତନ କରିବା ସମୟରେ ଜମି ମାଲିକଙ୍କୁ ଦାଶ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରିଥିଲେ। ତତ୍କାଳୀନ ବଲାଙ୍ଗୀର ତହସିଲଦାର ଦାଶ ଗତ ତା୪।୧୦।୨୦୦୪ରିଖରେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ସାଢେ ୪ଟା ପର୍ଯ୍ୟନ୍ତ ସ୍ଥାନୀୟ ଚନ୍ଦନଭାଟି ଓ ବ୍ରାହ୍ମଣୀପାଲି ଗ୍ରାମକୁ ସରକାରୀ ଗସ୍ତରେ ଜଳ ବିବାଦର ସମାଧାନ ପାଇଁ ଯାଇଥିଲେ। କିନ୍ତୁ ସେହିଦିନ ଅପରାହ୍ଣ ସାଢେ ୪ଟାରୁ ଅପରାହ୍ନ ୫ଟା ଭିତରେ ସେ ୧୮୦୦ରୁ ଊର୍ଦ୍ଧ୍ୱ ଓଏଲଆର କେସ୍‌ରେ ପ୍ରିମିୟମ ମୂଲ୍ୟାୟନ କରିବା ସହିତ କେସ୍ ମଞ୍ଜୁର ଆଦେଶ ଦେଇଥିଲେ। ତେବେ ବାସ୍ତବରେ ଏତେ କମ୍ ସମୟରେ ଏଭଳି କାମ କରିବା ଅସମ୍ଭବ ବୋଲି ଅଡିଟ୍ ରିପୋର୍ଟରେ ଦର୍ଶାଯାଇଥିଲା। ସେହିପରି ଦାଶ ବେଆଇନ ଭାବେ ଜମିର କିସମ ପରିବର୍ତ୍ତନ କରିବା ଯୋଗୁ ସରକାରଙ୍କ ବିପୁଳ ରାଜସ୍ୱହାନି ହୋଇଥିଲା। ସରକାରଙ୍କ ବିଜ୍ଞପ୍ତି ନଂ. ୩୬୮୬/୨୧।୯।୨୦୦୪ ଅନୁସାରେ ଏକର ପ୍ରତି ୩ ଲକ୍ଷ ଟଙ୍କା ପ୍ରିମିୟମ ଆଦାୟ କରିବା ପରିବର୍ତ୍ତେ ଦାଶ ଏକର ପ୍ରତି ୭୫ ହଜାର ଟଙ୍କା ଆଦାୟ କରିଥିଲେ। ବଲାଙ୍ଗୀର ମ୍ୟୁନିସିପାଲିଟିର ଜମି କିସମ ପରିବର୍ତ୍ତନ ବେଳେ ଫର୍ମ ୨୬ ସ୍ପେଶାଲ ଟାଉନ ପ୍ଲାନିଂ ଅଥରିଟିଙ୍କୁ ଦିଆଯାଇ ନ ଥିଲା। ଅଡିଟ ରିପୋର୍ଟ ଅନୁସାରେ ଓଡ଼ିଶା ଭୂସଂସ୍କାର ଆଇନର ଧାରା ୮(କ) ଅନୁସାରେ ମୋକଦ୍ଦମା ଫଏସଲା କରିବାରେ ଦାଶଙ୍କ ଜିଲା ପଣ ଓ କର୍ତ୍ତବ୍ୟରେ ଅବହେଳା କାରଣରୁ ସରକାରଙ୍କ ୨କୋଟି ୪୨ଲକ୍ଷ ୬୬ ହଜାର ୧୧୭ ଟଙ୍କାର ରାଜସ୍ୱ କ୍ଷତି ହୋଇଥିଲା। ତେବେ ଏହି ରିପୋର୍ଟକୁ ରାଜନୈତିକ ଚାପରେ ବଲାଙ୍ଗୀର ତହସିଲ ଓ ଜିଲାପାଳଙ୍କ କାର୍ଯ୍ୟାଳୟରେ ଦୀର୍ଘ ୧୩ ବର୍ଷ ଧରି ଚାପି ଦିଆଯାଇଥିଲା। ରାଜସ୍ୱ ବିଭାଗର ଉପରିସ୍ଥ ଅଧିକାରୀଙ୍କ କଡା ନିର୍ଦ୍ଦେଶ ପରେ ବଲାଙ୍ଗୀର ଜିଲାପାଳ ରାଣା କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରିଥିଲେ। ତେବେ ବଲାଙ୍ଗୀର ଜିଲାପାଳ ରାଣାଙ୍କ ସୁପାରିସ ଉପର ଠାଉରିଆ ଥିଲା। କାରଣ ସୂର୍ଯ୍ୟନାରାୟଣ ଦାଶ ପଦୋନ୍ନତି ପାଇ ଏବେ ଜଣେ ଅତିରିକ୍ତ ସଚିବ ପାହ୍ୟାର ଅଧିକାରୀ। ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଅଧିକାର କେବଳ ସାଧାରଣ ପ୍ରଶାସନ ବିଭାଗର ରହିଛି। କିନ୍ତୁ ବଲାଙ୍ଗୀର ଜିଲାପାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ରାଜସ୍ୱ ପର୍ଷଦ ସଚିବଙ୍କୁ ସୁପାରିସ କରିଥିଲେ। ପରେ ରାଜସ୍ୱ ପର୍ଷଦ ସଚିବ ଅତିରିକ୍ତ ଜିଲାପାଳ ଦାଶଙ୍କ ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖିଥିଲେ। ଏହାର ଏକକିତା ନକଲ ଅତିରିକ୍ତ ସଚିବ ସାଧାରଣ ପ୍ରଶାସନ ବିଭାଗକୁ ମଧ ପଠାଇଥିଲେ। ତେବେ କପି ପାଇବା ପରେ ସାଧାରଣ ପ୍ରଶାସନ ବିଭାଗ ତ୍ୱରିତ ପଦକ୍ଷେପ ନେବା ସହିତ ବଲାଙ୍ଗୀର ଜିଲାପାଳଙ୍କୁ ସବିଶେଷ ଅସଲି କାଗଜପତ୍ର ମାଗିଛନ୍ତି। ସାଧାରଣ ପ୍ରଶାସନ ବିଭାଗର ତତ୍ପରତା ପରେ ଗତ ଜୁନ୍ ୨୧ ତାରିଖରେ ରାଜସ୍ୱ ବିଭାଗର ଅନୁଶାସନ ସଚିବ ଓ ଜୁନ୍ ୨୨ ତାରିଖରେ ରାଜସ୍ୱ ବିଭାଗର ଅର୍ଥ ପରାମର୍ଶଦାତା ତଥା ସ୍ୱତନ୍ତ୍ର ଶାସନ ସଚିବ ମଧ ସାଧାରଣ ପ୍ରଶାସନ ବିଭାଗକୁ ତତ୍କାଳୀନ ତହସିଲଦାରଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଚିଠି ଲେଖିଛନ୍ତି। ତେବେ ସାଧାରଣ ପ୍ରଶାସନ ବିଭାଗ ଚିଠିର ୧ ମାସ ବିତି ଯାଇଥିଲେ ମଧ ବଲାଙ୍ଗୀର ଜିଲାପାଳ କାଗଜପତ୍ର ପଠାଇବାକୁ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଏ ସମ୍ପର୍କରେ ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣାଙ୍କୁ ଯୋଗାଯୋଗ କରିବାରୁ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଯାହା ତଥ୍ୟ ମଗାଯାଇଥିବ ନିଶ୍ଚିତ ଦିଆଯିବ ବୋଲି କହିଥିଲେ। ସୂଚନାଯୋଗ୍ୟ ଯେ, ଅତିରିକ୍ତ ଜିଲାପାଳ ଦାଶ ୧୨ ବର୍ଷରୁ ଊର୍ଦ୍ଧ୍ୱ ସୁବର୍ଣ୍ଣପୁର ଜିଲାରେ ବିଡିଓ, ଉପଜିଲାପାଳ ଓ ପିଡି ଡିଆରଡିଏ ଭାବେ କାର୍ଯ୍ୟରତ ଅଛନ୍ତି।


Government of Odisha
General Administration and Public Grievance Department
*****
No. ...CASE3-0009-2023/ 17232 /Gen., Bhubaneswar, dt. 13-06-2023
From
Shri Sibo Narayan Sahu, OAS(SAG)
Additional Secretary to Government
To
The Collector & DM, Bolangir
Sub: Draft charges against Shri Suryanarayan Dash, OAS(SAG), ex-Tahasildar, Bolangir presently working as ADM, Subarnapur.
Ref: Letter No.834/ Audit dtd 01.06.2023 of Secretary, Board of Revenue, Odisha addressed to the Revenue & DM Department
Sir,
In inviting a reference to the letter on the captioned subject, I am directed to say that the copies of the documents except the audit report at Para 22 to 23, form part of draft Memo of Evidence, are not enclosed with the draft charges proposed by you against Shri Suryanarayan Dash, OAS(SAG), ex-Tahasildar, Bolangir presently working as ADM, Subarnapur.
In view of the above, you are requested to please furnish this Department, the legible copies of all the documents (including the audit report) enlisted in the draft Memo of Evidence for taking further necessary action in this Department. Any other additional document in substantiation of the charges may also be furnished.
Yours faithfully
Additional Secretary to Government
Memo No. 17232 /Gen Date- 13-06-2023
Copy forwarded to the Secretary, Board of Revenue, Odisha, Cuttack w.r.t. his Memo No.835/ Aud. Dt 01.06.2023/ Revenue & DM Department for information and necessary action.
Additional Secretary to Government

ବଲାଙ୍ଗୀର ଜିଲାପାଳଙ୍କୁ ସାଧାରଣ ପ୍ରଶାସନ ବିଭାଗର ଚିଠି।

**ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳଙ୍କ ଅଡୁଆ ବଢ଼ିଲା**
- ଅଡିଟ୍ ରିପୋର୍ଟରେ ୨କୋଟି ୪୨ଲକ୍ଷ ୬୬ହଜାର ଟଙ୍କାର ରାଜସ୍ୱ ହାନି
- ୧୩ ବର୍ଷ ଧରି ରିପୋର୍ଟକୁ ଚାପି ଦିଆଯାଇଥିଲା


## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ତରଭା
### ସୂଚନା–ବ୍ଲକସ୍ତରୀୟ ଜନଶୁଣାଣି

ଏତଦ୍ୱାରା ତରଭା ପଞ୍ଚାୟତ ସମିତି ଅନ୍ତର୍ଗତ ସମସ୍ତ ଜନସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ, ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅତିରିକ୍ତ ଜିଲାପାଳ (ରାଜସ୍ୱ)ଙ୍କ ସଭାପତିତ୍ୱରେ ତା୨୧।୦୭।୨୦୨୩ ଦିନ ପୂର୍ବାହ୍ନ ୧୧.୦୦ଘ. ସମୟରେ ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ମହାତ୍ମା ଗାନ୍ଧୀ କର୍ମ ନିଯୁକ୍ତି ଯୋଜନା, ପଞ୍ଚଦଶ ଅର୍ଥ କମିଶନ ପାଣ୍ଠି, ଗ୍ରାମୀଣ ଗୃହ ନିର୍ମାଣ ଓ ସମଗ୍ର ଶିକ୍ଷା ଯୋଜନାରେ ସମ୍ପାଦିତ ହୋଇଥିବା ୨୦୨୨–୨୩ ଆର୍ଥିକ ବର୍ଷ ୦୧।୦୪।୨୦୨୦ଠାରୁ ୩୧।୦୩।୨୦୨୩ ମାସ ମଧ୍ୟରେ ସମ୍ପାଦିତ କାର୍ଯ୍ୟଗୁଡ଼ିକର ସମୀକ୍ଷା କରାଯିବ।
ଏହି କାର୍ଯ୍ୟକ୍ରମରେ ସମସ୍ତ ଅଣକୁଶଳୀ ଶ୍ରମଜୀବୀ ପରିବାର ସଦସ୍ୟ, ଯୋଜନା ସହ ସମ୍ପୃକ୍ତ ସଂଗଠନ ଏବଂ ଭି.ଆର୍.ପି., ସରକାରୀ ବିଭାଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଜନଶୁଣାଣି ଅଭିଯୋଗ କମିଟି ସଦସ୍ୟ ଓ ଜନସାଧାରଣ ଅଂଶଗ୍ରହଣ କରିବେ। ଏଣୁ ଆପଣମାନଙ୍କୁ ଅନୁରୋଧ କରାଯାଉଛି ଯେ, ଏହି ଜନଶୁଣାଣିରେ ଯୋଗଦାନ କରି ୨୦୨୨–୨୩ ଆର୍ଥିକ ବର୍ଷରେ ହୋଇଥିବା ବିଭିନ୍ନ ପ୍ରକଳ୍ପ, ଖର୍ଚ୍ଚ ହୋଇଥିବା ଅର୍ଥ ପରିମାଣ, ପଞ୍ଜିକୃତ ପରିବାର ସଂଖ୍ୟା, କାର୍ଯ୍ୟପତ୍ର ଯୋଗାଣ ସଂଖ୍ୟା, କାର୍ଯ୍ୟ ପାଇଁ ଦାବି, ଶ୍ରମଦିବସ, ସାମାଜିକ ସମୀକ୍ଷାରେ ମିଳିଥିବା ଆପତ୍ତି ଅଭିଯୋଗ ବିଷୟରେ ଆଲୋଚନା ଏବଂ ଆପଣଙ୍କ ସୁଚିନ୍ତିତ ମତାମତ ପ୍ରଦାନପୂର୍ବକ ଏହାକୁ ସାଫଲ୍ୟମଣ୍ଡିତ କରିବା ହେବେ।

ନିବେଦକ
ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତରଭା



PARADIP PORT AUTHORITY
ENGINEERING DEPARTMENT
PHD(M) DIVISION
No.CE/PHD(M)/ACCTS-23/23/316
Date :14.07.2023
**e TENDER CALL NOTICE**
Name of the work : "Development of new rehabilitation plot with construction of box culvert & bituminous approach road near PPL main entry gate". Estimated cost : Rs.6,47,34,297.60. Last Date & time of submission : 04.08.2023 upto 17:00 Hrs. Refer our website for details: eprocure.gov.in/eprocure/app.
Executive Engineer, PHD(M), PPA
PPA/PR/35/2023-24, Dt.18/07/23



## ବିରବଂଶ ପାସେଞ୍ଜର ହଲ୍ଟ ଷ୍ଟେଶନଠାରେ ହଲ୍ଟ ଏଜେଣ୍ଟଙ୍କ ନିଯୁକ୍ତି

ଟେଣ୍ଡର ରେଫରେନ୍ସ ନଂ.: ସିଓଏମ୍‌ଏମ୍‌ଏଲ୍.୪୯/ପିଏଚ୍/ବିଆର୍‌ବିଏସ୍/୨୦୨୩ ତାରିଖ: ୧୭।୦୭।୨୦୨୩

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଚକ୍ରଧରପୁର, ଦକ୍ଷିଣ ପୂର୍ବ ରେଳପଥ ରେଲ୍‌ୱେ ବୋର୍ଡର ପତ୍ର ସଂ. ୨୦୧୭/ଟିଜି–ଆଇଭି/୨/ଆର୍‌ବି/୦୫/ହଲ୍ଟସ୍ ପଲିସି ତାରିଖ: ୧୮।୧୧।୨୦୧୯ (ମାଷ୍ଟର ସର୍କୁଲାର) ଅନୁଯାୟୀ ଚକ୍ରଧରପୁର ଡିଭିଜନର ସିନି ଏବଂ ଗମାହାରିଆ ଷ୍ଟେଶନ ମଧ୍ୟରେ ଅବସ୍ଥିତ ବିରବଂଶ ପାସେଞ୍ଜର ହଲ୍ଟ ଠାରେ କେବଳ ୦୫ (ପାଞ୍ଚ) ବର୍ଷର ଠିକାମୂଳକ ଅବଧି ପାଇଁ ଜଣେ ହଲ୍ଟ ଏଜେଣ୍ଟଙ୍କ ନିଯୁକ୍ତି ଲାଗି ଦରଖାସ୍ତ ଆହ୍ୱାନ କରୁଛନ୍ତି। ନୂଆ ଠିକାଦାର (ଅର୍ଥାତ୍ ତା୨୪।୦୬।୨୦୦୫ରିଖ ପରେ ନିୟୋଜିତ ହୋଇଥିବା ଠିକାଦାର)ଙ୍କ ପାଇଁ ଏଜେଣ୍ଟ ଅତି କମ୍‌ରେ **୧୦ମ ଶ୍ରେଣୀ ଉତ୍ତୀର୍ଣ୍ଣ** ହୋଇଥିବା ଆବଶ୍ୟକ। ଯେଉଁ ସ୍ଥାନରେ ହଲ୍ଟ ଷ୍ଟେଶନ ଖୋଲିବା ପାଇଁ ପ୍ରସ୍ତାବିତ ଏଜେଣ୍ଟ ସେହି ସ୍ଥାନର ସ୍ଥାୟୀ ବାସିନ୍ଦା ହୋଇଥିବା ଆବଶ୍ୟକ। ଷ୍ଟେଶନ ଅବସ୍ଥିତ ଥିବା ଜିଲ୍ଲାର ବାସିନ୍ଦା ହୋଇଥିଲେ ତାଙ୍କୁ ସ୍ଥାନୀୟ ବାସିନ୍ଦା ଭାବେ ବିବେଚନା କରାଯିବ। ଏ ବାବଦରେ ହଲ୍ଟ ଅବସ୍ଥିତ ହୋଇଥିବା ଜିଲ୍ଲାର ଡିଏମ୍/ଏଡିଏମ୍/ଏସ୍‌ଡିଓ/ବିଡିଓଙ୍କଠାରୁ ଏକ ପ୍ରମାଣପତ୍ର ହାସଲ କରିବାକୁ ହେବ। ନିୟୋଜନର ନିୟମ ଏବଂ ସର୍ତ୍ତାବଳୀ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁରଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ଏବଂ ଆବେଦନକାରୀ ତାହାକୁ ୱେବ୍‌ସାଇଟ୍ **www.ser.indianrailways.gov.in** ମାଧ୍ୟମରେ ଡାଉନ୍‌ଲୋଡ୍ କରିପାରିବେ। ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁରଙ୍କ କାର୍ଯ୍ୟାଳୟରେ ଦରଖାସ୍ତ ଦାଖଲ କରିବାର ତାରିଖ ହେଉଛି **ତା୧୧।୦୮।୨୦୨୩ରିଖ ୧୦.୦୦ ଘଣ୍ଟିକାରୁ ୧୩.୦୦ ଘଣ୍ଟିକା** ଏବଂ ଟେଣ୍ଡର ବାକ୍ସକୁ **ତା୧୧।୦୮।୨୦୨୩ରିଖ ୧୫.୩୦ ଘଣ୍ଟିକାରେ** ଖୋଲାଯିବ। **ଟେଣ୍ଡର ମୂଲ୍ୟ:** କମିଶନ ଭିତ୍ତିକ/ପ୍ରଯୁଜ୍ୟ ନୁହେଁ। **ଅମାନତ ରାଶି:** ₹ ୫୦୦୦। **ଟେଣ୍ଡର କାଗଜପତ୍ର ମୂଲ୍ୟ:** ଶୂନ୍ୟ। **ଟେଣ୍ଡରର ପ୍ରକାର:** ଖୋଲା। **ସ୍ଥାନ:** ସିନିୟର ଡିସିଏମ୍‌ଙ୍କ କାର୍ଯ୍ୟାଳୟ/ସିକେପି। **ସଂଗ୍ରହର ଶେଷ ତାରିଖ:** ତା୧୧।୦୮।୨୦୨୩। **ଦାଖଲର ଶେଷ ତାରିଖ:** ତା୧୧।୦୮।୨୦୨୩ରିଖ ୧୦.୦୦ ଘଣ୍ଟିକାରୁ ୧୩.୦୦ ଘଣ୍ଟିକା।

(PR-414) ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଚକ୍ରଧରପୁର
ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ



## ପୂର୍ବ ତଟ ରେଳପଥ

(1) ଟେଣ୍ଡର ସଂ. G129-CATG-GMU-BALU-1
**ଟେଣ୍ଡର ଶୀର୍ଷକ :** ବାଲୁଗାଁ ଷ୍ଟେସନରେ ଖୋର୍ଦ୍ଧା ରୋଡ୍ ଏଣ୍ଡରେ DR/RR ନିକଟରେ ପ୍ଲାଟଫର୍ମ ସଂ. 1 ଠାରେ ଜେନେରାଲ୍ ମାଇନର ୟୁନିଟ୍‌ରେ କ୍ୟାଟେରିଙ୍ଗ ଷ୍ଟଲ୍।
**ବିଜ୍ଞାପିତ ମୂଲ୍ୟ :** ₹ 10,72,500/-, EMD : ₹ 10,400/-

(2) ଟେଣ୍ଡର ସଂ. G129-CATG-BAM-1
**ଟେଣ୍ଡର ଶୀର୍ଷକ :** ବ୍ରହ୍ମପୁର ଷ୍ଟେସନରେ ଦ୍ୱିତୀୟ ଶ୍ରେଣୀ ପ୍ରତିକ୍ଷାଳୟ ନିକଟରେ ପ୍ଲାଟଫର୍ମ ସଂ. 1 ଠାରେ ଜେନେରାଲ୍ ମାଇନର ୟୁନିଟ୍ (GMU)ରେ କ୍ୟାଟେରିଙ୍ଗ ଷ୍ଟଲ୍।
**ବିଜ୍ଞାପିତ ମୂଲ୍ୟ :** ₹ 38,01,200/-, EMD : ₹ 36,600/-

(3) ଟେଣ୍ଡର ସଂ. G129-CATG-GMU-BAM-2
**ଟେଣ୍ଡର ଶୀର୍ଷକ :** ବ୍ରହ୍ମପୁର ଷ୍ଟେସନରେ ପ୍ଲାଟଫର୍ମ ସଂ. 2/3ଠାରେ ଖୁଣ୍ଟ ସଂ. 8/9 ମଧ୍ୟରେ ଜେନେରାଲ୍ ମାଇନର ୟୁନିଟ୍ (GMU)ରେ କ୍ୟାଟେରିଙ୍ଗ ଷ୍ଟଲ୍।
**ବିଜ୍ଞାପିତ ମୂଲ୍ୟ :** ₹ 34,06,000 /-, EMD : ₹ 32,800 /-

(4) ଟେଣ୍ଡର ସଂ. G129-CATG-GMU-PSA-02
**ଟେଣ୍ଡର ଶୀର୍ଷକ :** ପଲାସା ଷ୍ଟେସନ୍‌ରେ ଖୁଣ୍ଟ ସଂ. 676/8-676/8B ମଧ୍ୟରେ ପ୍ଲାଟଫର୍ମ ସଂ. 2/3ରେ ଜେନେରାଲ୍ ମାଇନର ୟୁନିଟ୍ (GMU)ରେ କ୍ୟାଟେରିଙ୍ଗ ଷ୍ଟଲ୍।
**ବିଜ୍ଞାପିତ ମୂଲ୍ୟ :** ₹ 35,22,480/-, EMD : ₹ 33,900 /-

ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 2,950/- (ପ୍ରତ୍ୟେକ କ୍ରମ ସଂଖ୍ୟା ନିମନ୍ତେ), ଶେଷ ହେବା ଅବଧି: 5 ବର୍ଷ (ସମସ୍ତ କ୍ରମ ସଂଖ୍ୟା ନିମନ୍ତେ)।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.11.08.2023ରିଖ 1100 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର http://www.ireps.gov.inରେ ଉପଲବ୍ଧ ଅଟେ।
ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍
PR-355/O/23-24


# ବେଦାନ୍ତ ସିଏସ୍‌ଆର୍ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିର

ଲାଞ୍ଜିଗଡ଼,୧୮।୭(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଗୋବର୍ଦ୍ଧନପୁର ଗ୍ରାମପଞ୍ଚାୟତ ଗୋପାଳପୁରଠାରେ ଲାଞ୍ଜିଗଡ଼ସ୍ଥିତ ବେଦାନ୍ତ ସିଏସ୍‌ଆର୍ ବିଭାଗ ଓ ବେଦାନ୍ତ ହସ୍ପିଟାଲର ମିଳିତ ଆନୁକୂଲ୍ୟରେ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବେଦାନ୍ତ ସିଏସ୍‌ଆର୍ ବିଭାଗ ମୁଖ୍ୟ ବିଭୁଦେନ୍ଦୁ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ସମ୍ମାନିତ ଅତିଥି ଭାବେ ବେଦାନ୍ତ ଲିମିଟେଡ୍‌ର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅକ୍ଷୟ କୁମାର ସାହୁ, ବେଦାନ୍ତ ଲୋକସମ୍ପର୍କ ବିଭାଗ ଋଷଭ ଗର୍ଗ, ବେଦାନ୍ତ ସିଏସ୍‌ଆର୍ ବିଭାଗ ବର୍ଷିରାଣୀ ପାଟଗିରି, ଋତପର୍ଣ୍ଣା ଚାଟାର୍ଜୀ, ଲାଞ୍ଜିଗଡ଼ ପ୍ରେସ୍ କ୍ଲବ ସାଧାରଣ ସମ୍ପାଦକ ସୁଶୀଲ କୁମାର ବାଗ ପ୍ରମୁଖ ଯୋଗଦେଇଥିଲେ। ବେଦାନ୍ତ ହସ୍ପିଟାଲ ମୁଖ୍ୟ ପରିଚାଳନା ଅଧିକାରୀ ଅମର କୁମାର ମହାନ୍ତି, ବେଦାନ୍ତ ହସ୍ପିଟାଲ ଭ୍ରାମ୍ୟମାଣ ୟୁନିଟ୍ ମୁଖ୍ୟ ଡା.ପ୍ରଶାନ୍ତ କୁମାର ପରମାଣିକଙ୍କ ନେତୃତ୍ୱରେ ଶିଶୁରୋଗ ବିଶେଷଜ୍ଞ ଡା. ବିକାଶରଞ୍ଜନ ପ୍ରହରାଜ,



ଶିବିରରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

ମହିଳା ଓ ପ୍ରସୂତିରୋଗ ବିଶେଷଜ୍ଞ ଡା. ଚାରୁବାଳା ସାହୁ, ମେଡିସିନ୍ ବିଭାଗ ଡା.ରାସବିହାରୀ ନାୟକ, ଡା. ଅକ୍ଷୟ କୁମାର ସାହୁ,ଡା.ପ୍ରଶାନ୍ତ କୁମାର ପରମାଣିକ ପ୍ରମୁଖ ଅଞ୍ଚଳବାସୀଙ୍କୁ ଚିକିତ୍ସା ଓ ପରାମର୍ଶ ସେବା ଯୋଗାଇ ଦେଇଥିଲେ। ବେଦାନ୍ତ ହସ୍ପିଟାଲ କମ୍ୟୁନିଟି ମ୍ୟାନେଜର ଅଶୋକ କୁମାର ଖୋରା, କମ୍ୟୁନିଟି ସୁପରଭାଇଜର୍ ମହେନ୍ଦ୍ର ନିଆଁଲ, ପୀତାମ୍ବର ଧୀଣ୍ଡା, ସୁଦାମ ମହାକୁଡ଼ଙ୍କ ସମେତ ରଞ୍ଜନ କୁମାର ସା, ରୋଜାଲିନ ଜେନା, ମନୋଜ ମଲ୍ଲିକ, ସୋନାଲୀ ପ୍ରଧାନ, ଅଜୟ କୁଲଦୀପ, ଧନଞ୍ଜୟ ବେହେରା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଗୋବର୍ଦ୍ଧନପୁର ଗ୍ରାମପଞ୍ଚାୟତର ବିଭିନ୍ନ ଗାଁରୁ ୩୬୨ରୁ ଉର୍ଦ୍ଧ୍ୱ ଲୋକେ ସାମିଲ ହେବା ସହ ଚିକିତ୍ସା, ପରାମର୍ଶ ସେବା ସହିତ ଔଷଧ ଗ୍ରହଣ କରିଥିଲେ।

# ସୁବର୍ଣ୍ଣପୁର ଜିଲା: ତରଭାରେ ସର୍ବାଧିକ ବର୍ଷା ରେକର୍ଡ

ଅମରପାଲି,୧୮।୭(ପୀତାମ୍ବର ସାହୁ)

ଲାଗି ରହିଛି ଲଗାଣ ବର୍ଷା । ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ଗତ ୨୪ଘଣ୍ଟା ମଧ୍ୟରେ ସୁବର୍ଣ୍ଣପୁର ଜିଲାର ତରଭା ବ୍ଲକରେ ସର୍ବାଧିକ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ବୀରମହାରାଜପୁର ଓ ସୋନପୁର ବ୍ଲକ ଅଞ୍ଚଳରେ ସର୍ବନିମ୍ନ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ତରଭାରେ ୯୬ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ସୋନପୁର ଓ ବୀରମହାରାଜପୁର ବ୍ଲକ ଅଞ୍ଚଳରେ ୧୫ ମିଲିମିଟର ଲେଖାଏ ବର୍ଷା ହୋଇଥିବା ରେକର୍ଡ ହୋଇଛି। ସେହିପରି ଜିଲାର ବିନିକା ବ୍ଲକରେ ୧୭.୧ ମିଲିମିଟର, ଡୁଙ୍ଗୁରିପାଲି ବ୍ଲକରେ ୭୩ ମିଲିମିଟର ବର୍ଷା ଓ ଉଲୁଣ୍ଡା ବ୍ଲକରେ ୨୬.୪ ମିଲିମିଟର ବର୍ଷା ହୋଇଥିବା ସୂଚନା ମିଳିଛି।


HIGH ALTITUDE RESEARCH STATION (O.U.A.T.)
POTTANGI-764039, KORAPUT, ODISHA
Telephone-8637262715(M), Email:oichars.ouat@gmail.com
Dt.18.07.2023

**CORRIGENDUM**

This is in reference to the Advertisement No. 01/HARS/2023, dt.12.07.2023 for selection of Field Worker, Technical Assistant and Office Assistant through Walk-in-Interview in the adhoc project **"Enhancement of livelihood security of poor spices farmers of Odisha"**. The following corrigendum are made.
1. Minimum qualification for the post Field Worker is matriculation with experience in Agricultural field/project.
2. Date of Selection for the Post of Technical Assistant and Office Assistant is 27.07.2023 and Field Worker will be on 29.07.2023.
3. Screening of candidates will be done if the number of applicants are more than 25 per post.

Sd./- Officer In Charge
HARS, Pottangi


# ଘରେ ପଶିଲା ବର୍ଷାପାଣି

ବଲାଙ୍ଗୀର,୧୮।୭
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ମ୍ୟୁନିସିପାଲିଟିର ଦୁର୍ଦ୍ଦଶା ବର୍ଷା ଆସିବା ମାତ୍ରେ ଜଳଜଳ ଦେଖାଯାଏ। ଚଳିତବର୍ଷ ଦୁଇଦିନର ଲଗାଣ ବର୍ଷା ପରେ ବଲାଙ୍ଗୀର ସହରର ଅନେକ ଅଞ୍ଚଳରେ ଏବେ ବେହାଲ ସ୍ଥିତି। ସ୍ଥିତି ଏପରି ହୋଇଛି ଯେ ରାତି ପ୍ରାୟ ୧ଟାରୁ ଲୋକେ ଆଉ ଶୋଇ ନ ଥିଲେ। ସହରର କିଛି ତଳି ଅଞ୍ଚଳରୁ ଡ୍ରେନ୍ ପାଣି ଘର ଭିତରକୁ ପଶି ଆସବାବପତ୍ର ନଷ୍ଟ ହୋଇଥିଲା। ରାତିତମାମ ଲୋକେ ଘର ଭିତରୁ ବର୍ଷା ପାଣି କାଢ଼ିଥିଲେ। ଘରେ ଥିବା ଛୋଟ ଶିଶୁ, ବୃଦ୍ଧାବୃଦ୍ଧ ମଧ୍ୟ ପ୍ରଭାବିତ ହୋଇଥିଲେ। ପରିସ୍ଥିତି ଏଭଳି ହୋଇଥିଲା ଯେ, ଅନେକ ଅଞ୍ଚଳରୁ ଲୋକେ ମ୍ୟୁନିସିପାଲିଟି ଅଧ୍ୟକ୍ଷାଙ୍କୁ ଫୋନ୍ କରି ସ୍ଥିତି ସମ୍ପର୍କର ଅବଗତ କରିଥିଲେ। ତୁରନ୍ତ ସମାଧାନ କରିବାକୁ ଦାବି କରିଥିଲେ। ରାତିରେ ପୌରାଧକ୍ଷା ଲିକା ସାହୁ ଘରୁ ବାହାରି କେତେକ ଅଞ୍ଚଳ ଗସ୍ତ କରି ଲୋକଙ୍କ ଦୁର୍ଦ୍ଦଶା ଦେଖିଥିଲେ। ଡ୍ରେନ୍ ପାଣି ସୁଚାରୁରୂପେ ନିଷ୍କାସିତ ନହୋଇ କିଭଳି ଘର ଭିତରକୁ ପଶିଛି ଦେଖିଥିଲେ। ରାତିରେ ଓଡ୍ରାଫ ଟିମ୍, ମ୍ୟୁନିସିପାଲିଟି ଟିମ୍ ବାହାରିଥିଲେ। ଜିଲାପାଳ ଚଞ୍ଚଳ ରାଣାଙ୍କୁ ମଧ୍ୟ ଅବଗତ କରାଯାଇଥିଲା।

ସହରର ଶାସ୍ତ୍ରୀନଗର, ମାଳପଡା, ତାଳପାଲିପଡା, ବରପାଲିପଡା ସମେତ ଅନେଦକ ଅଞ୍ଚଳରେ ବର୍ଷା ପାଣି ଲୋକଙ୍କ ଘରକୁ ପଶି ଯାଇଥିଲା। ମାଳପଡାରେ ସୋମବାର ରାତିରୁ ପଶିଥିବା ପ୍ରାୟ ୩ ଫଟ୍


ଜିଲାପାଳ ଚଞ୍ଚଳ ରାଣା, ପୌରାଧକ୍ଷା ଲିକା ସାହୁ ଶାସ୍ତ୍ରୀନଗରର ବର୍ଷାଜଳ ପ୍ରଭାବିତ ଅଞ୍ଚଳ ବୁଲି ଦେଖୁଛନ୍ତି।

**ବଲାଙ୍ଗୀର ମ୍ୟୁନିସିପାଲିଟିରେ ଦୁର୍ଦ୍ଦଶା**
- ବର୍ଷା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କଲେ ଜିଲାପାଳ, ପୌରାଧକ୍ଷା
- ବର୍ଷାଜନିତ ଅସୁବିଧା ପାଇଁ ଜାରି କଲେ ଅଧିକାରୀଙ୍କ ଫୋନ୍ ନମ୍ବର

ପାଣି ମମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ନିଷ୍କାସିତ ହୋଇଥିବା ଜଣାପଡିଛି। ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଓ ଖବରଦାତା ଶରତ ମିଶ୍ରଙ୍କ ଘର ତଥା ଆଖପାଖ ଅଞ୍ଚଳର ବହୁ ବ୍ୟକ୍ତିଙ୍କ ଘରକୁ ବର୍ଷା ଜଳ ପଶି ଯିବାରୁ ବ୍ୟାପକ କ୍ଷୟକ୍ଷତି ହୋଇଛି। ରାତି ସାରା ଏଠାରେ ଲୋକେ ଶୋଇନାହାନ୍ତି। ସେହିପରି ଶାସ୍ତ୍ରୀନଗରରେ ମଧ୍ୟ ଲୋକଙ୍କ ଘର ଭିତରେ ପାଣି ପଶି ଯାଇଥିବାରୁ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଗୋଟିଏ ଦୁଇଟି ଘର ମଧ୍ୟ ଭାଙ୍ଗି ଯାଇଥିବା ଖବର ମିଳିଥିଲା। ମଙ୍ଗଳବାର ସକାଳେ ଜିଲାପାଳ ରାଣା, ପୌରାଧକ୍ଷା ସାହୁ ଏବଂ ନିର୍ବାହୀ ଅଧିକାରୀ ବିଶ୍ୱମ୍ବର ମିଶ୍ର ଶାସ୍ତ୍ରୀନଗର ପରିଦର୍ଶନରେ ଯାଇ ପ୍ରଭାବିତ ଲୋକଙ୍କ ଅବସ୍ଥା ବୁଝିଥିଲେ। ଲୋକଙ୍କୁ ପଲିଥିନ ଏବଂ ଶୁଖିଲା ଖାଦ୍ୟ ସାମଗ୍ରୀ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଘରୁ ବର୍ଷା ପାଣି କାଢ଼ିବା ଏବଂ ଜିନିଷପତ୍ର ବାହା କରିବା ଦିଗରେ ଲୋକଙ୍କୁ ଓଡ୍ରାଫ ଟିମ୍ ଏବଂ ଅଗ୍ନିଶମ ବିଭାଗ ସହଯୋଗ କରଛନ୍ତି ବୋଲି କହିଥିଲେ। କିଭଳି ଭାବେ ଡ୍ରେନ୍ ଅବ୍ୟବସ୍ଥା ଦୂର କରାଯାଇପାରିବ ସେ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଲୋକେ ନୂଆ ଘର ତିଆରି କରୁଥିବାରୁ ଡ୍ରେନ୍ ସମସ୍ୟା ଦେଖାଯାଉଥିବା ଜିଲାପାଳ କହିଥିଲେ। ଆଗାମୀ ଦିନରେ ଏହାର ବିଧିବଦ୍ଧ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।

ସୋମବାର ଦିନତମମା ବର୍ଷା ହୋଇଥିଲା। ସୋମବାର ୪୩.୩ ମିଲିମିଟର ଏବଂ ମଙ୍ଗଳବାର ବଲାଙ୍ଗୀରରେ ୧୬୩ ମିଲିମିଟିର ବର୍ଷା ରେକର୍ଡ କରାଯାଇଛି। ଏଥିଯୋଗୁଁ ସହରର ଅନେକ ସ୍ଥାନରେ ଜଳବନ୍ଦୀ ସମସ୍ୟା ଦେଖାଯାଇଛି। ପୌରାଧକ୍ଷା ସାହୁ ମଧ୍ୟ ମ୍ୟୁନିସିପାଲିଟି ପକ୍ଷରୁ ସ୍ଥିତି ଉପରେ ନଜର ରଖାଯାଇଛି ଏବଂ ଲୋକଙ୍କ ସମସ୍ଯା ସମାଧାନ ଦିଗରେ ପଦକ୍ଷେପ ନିଆଯାଉଛି ବୋଲି କହିଥିଲେ। ବର୍ଷା ସ୍ଥିତିକୁ ଆଖି ଆଗରେ ରଖି ଜିଲାର ବିଭିନ୍ନ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ବର୍ଷାଜନିତ ସମସ୍ଯା ଦୂର କରିବା ପାଇଁ କିଛି ଅଧିକାରୀଙ୍କ ଫୋନ୍ ନମ୍ବର ଜାରି କରାଯାଇ ସେମାନଙ୍କୁ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ବର୍ଷା ହେଲେ ବଲାଙ୍ଗୀର ସହରରେ ଘରକୁ ପାଣି ପଶିବା ସାଧାରଣ କଥା ହୋଇଯାଇଥିବାରୁ ଏହାର ପ୍ରତିକାର ଦିଗରେ ମ୍ୟୁନିସିପାଲିଟି ସ୍ଥାୟୀ ସମାଧାନ ବ୍ୟବସ୍ଥା ଗ୍ରହଣ କରୁ ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।


बैंक ऑफ महाराष्ट्र
Bank of Maharashtra
भारत सरकार का उद्यम
एक परिवार एक बैंक

## ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର
ଅଞ୍ଚଳ କାର୍ଯ୍ୟାଳୟ : ଭୁବନେଶ୍ୱର
ପ୍ରଥମ ମହଲା, ଦୂର ସଞ୍ଚାର ଭବନ, ୟୁନିଟ୍-୯, ରୁପାଲି ଛକ ନିକଟ, ଭୁବନେଶ୍ୱର-୭୫୧୦୨୨,
ଇ-ମେଲ୍: dzmbbsr@mahabank.co.in

## ସୁନା ନିଲାମ ବିଜ୍ଞପ୍ତି

ନିମ୍ନଲିଖିତ ସୁନା ଋଣ ଆକାଉଣ୍ଟ ନିମନ୍ତେ ବ୍ୟାଙ୍କରେ ବନ୍ଧକ ଥିବା ଅଳଙ୍କାରଗୁଡ଼ିକ ସର୍ବସାଧାରଣ ନିଲାମ ମାଧ୍ୟମରେ ବିକ୍ରୟ କରାଯିବ ଯାହାକି **ତା.୦୪.୦୮.୨୦୨୩ରିଖ ଅପରାହ୍ନ ୩.୦୦ ଘଟିକା ସମୟରେ ସମ୍ପୃକ୍ତ ଶାଖା ପରିସରରେ** ନିଲାମ କରାଯିବ। ଆଗ୍ରହୀ ପକ୍ଷମାନଙ୍କୁ ପ୍ରତ୍ୟେକ ଆକାଉଣ୍ଟର ସଂରକ୍ଷିତ ମୂଲ୍ୟ ନିମନ୍ତେ ସମ୍ପୃକ୍ତ ଶାଖା ପ୍ରବନ୍ଧକଙ୍କ ସହିତ ଯୋଗାଯୋଗ କରିବାକୁ ପଡିବ। ସୁନା ଅଳଙ୍କାର କ୍ରୟ କରିବାକୁ ଆଗ୍ରହୀ ପକ୍ଷମାନେ ବିକ୍ରି ପାଇଁ ଥିବା ସୁନା ଅଳଙ୍କାରଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ ଏବଂ ନିୟମ ଓ ସର୍ତ୍ତାବଳୀ ପାଇଁ ଶାଖା ପ୍ରବନ୍ଧକଙ୍କୁ ଯୋଗାଯୋଗ କରନ୍ତୁ। ସୁନା ଅଳଙ୍କାର କ୍ରୟ କରିବାକୁ ଆଗ୍ରହୀ ପକ୍ଷମାନେ ନିଲାମରେ ଅଂଶଗ୍ରହଣ କରିପାରିବେ।
**ଦ୍ରଷ୍ଟବ୍ୟ: ଏହି ନୋଟିସ୍‌ଟି ଋଣଗ୍ରହୀତାମାନଙ୍କୁ ୧୫ ଦିନିଆ ଅନ୍ତିମ ସ୍ମରଣ ତଥା ନିଲାମ ନୋଟିସ୍ ଭାବେ ବିଚାର କରାଯିବ।**

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା/ ସୁନା ଋଣ ଆକାଉଣ୍ଟ ନଂ. | ତା.୧୭.୦୭.୨୦୨୩ ରିଖ ସୁଦ୍ଧା (ଲାଗୁ ହୋଇନଥିବା ସୁଧ ଓ ଅନ୍ୟାନ୍ୟ ଦେୟ ବ୍ୟତୀତ) + ତା.୧୭.୦୭.୨୦୨୩ ରିଖ ଠାରୁ ଭବିଷ୍ୟତ ସୁଧ | ନେଟ୍ ଓଜନ (ଗ୍ରାମ୍‌ରେ) | ମୋଟ ଓଜନ (ଗ୍ରାମ୍‌ରେ) |
|---|---|---|---|---|
| ବ୍ରହ୍ମପୁର ଶାଖା (୧୬୭୦), ମନ୍‌ସୁନ ହାଉସ୍, ଧର୍ମ ନଗର, ଲୋହିଆ ମୋଟର୍ସ ନିକଟ, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୦୦୦୨, ଫୋନ୍ ନଂ.: ୬୩୭୦୭୦୪୮୫୩ | | | | |
| ୧. | **କାଳୁ ଚରଣ ସାହୁ,** ସା: ସିଙ୍ଗିପୁର, ବ୍ରହ୍ମପୁର, ଗଞ୍ଜାମ - ୭୬୧୦୧୪ / **୬୦୪୩୪୪୧୮୬୬୫** | ଟ.୬୫,୯୪୭/- | ୧୮.୦୦ | ୩୫.୨୦ |
| ୨. | **କାଳୁ ଚରଣ ସାହୁ,** ସା: ସିଙ୍ଗିପୁର, ବ୍ରହ୍ମପୁର, ଗଞ୍ଜାମ - ୭୬୧୦୧୪ / **୬୦୪୪୨୦୭୦୨୭୩** | ଟ.୬୩,୦୦୦/- | ୧୬.୩୦ | ୧୮.୨୦ |
| ୩. | **କାଳୁ ଚରଣ ସାହୁ,** ସା: ସିଙ୍ଗିପୁର, ବ୍ରହ୍ମପୁର, ଗଞ୍ଜାମ - ୭୬୧୦୧୪ / **୬୦୪୨୨୯୫୯୩୩୫** | ଟ.୧,୦୩,୦୦୦/- | ୨୯.୫୦ | ୩୪.୪୦ |
| ୪. | **କାଳୁ ଚରଣ ସାହୁ,** ସା: ସିଙ୍ଗିପୁର, ବ୍ରହ୍ମପୁର, ଗଞ୍ଜାମ - ୭୬୧୦୧୪ / **୬୦୪୨୨୭୭୨୨୩୩** | ଟ.୩୩,୦୦୦/- | ୯.୪୪ | ୧୦.୫୪ |
| ୫. | **କାଳୁ ଚରଣ ସାହୁ,** ସା: ସିଙ୍ଗିପୁର, ବ୍ରହ୍ମପୁର, ଗଞ୍ଜାମ - ୭୬୧୦୧୪ / **୬୦୪୨୮୦୭୫୮୬୦** | ଟ.୪୫,୦୦୦/- | ୧୩.୩୦ | ୧୫.୪୦ |
| ୬. | **କାଳୁ ଚରଣ ସାହୁ,** ସା: ସିଙ୍ଗିପୁର, ବ୍ରହ୍ମପୁର, ଗଞ୍ଜାମ - ୭୬୧୦୧୪ / **୬୦୪୨୨୮୪୨୩୮୪** | ଟ.୧,୨୨,୫୦୦/- | ୩୫.୧୪ | ୩୯.୧୪ |
| ୭. | **କାଳୁ ଚରଣ ସାହୁ,** ସା: ସିଙ୍ଗିପୁର, ବ୍ରହ୍ମପୁର, ଗଞ୍ଜାମ - ୭୬୧୦୧୪ / **୬୦୪୩୪୪୧୮୨୫୭** | ଟ.୬୧,୮୮୩/- | ୧୭.୦୦ | ୨୬.୩୦ |
| ୮. | **ସୁନିଲ୍ କୁମାର ଦାଶ,** ସା: ଗଙ୍ଗା ନଗର ୨ୟ ଲେନ୍, ଆଙ୍କୁଲି, ବ୍ରହ୍ମପୁର, ଗଞ୍ଜାମ-୭୬୦୦୧୦ / **୬୦୪୧୫୦୪୫୫୦୩** | ଟ.୩୨,୦୦୦/- | ୯.୦୦ | ୧୦.୨୪ |
| ୯. | **ସୁନିଲ୍ କୁମାର ଦାଶ,** ସା: ଗଙ୍ଗା ନଗର ୨ୟ ଲେନ୍, ଆଙ୍କୁଲି, ବ୍ରହ୍ମପୁର, ଗଞ୍ଜାମ-୭୬୦୦୧୦ / **୬୦୪୧୧୦୩୯୨୫୨** | ଟ.୧,୨୭,୪୯୪.୫୭ | ୩୭.୬୦ | ୪୭.୦୦ |
| ୧୦. | **ସିଏଚ୍. ରମେଶ କୁମାର ରାଓ,** ସା: ଶ୍ରୀରାମ ନଗର, ଶାନ୍ତି ମାର୍ଗ, କଲ୍ୟାଣ ମଣ୍ଡପ ନିକଟ, ବ୍ରହ୍ମପୁର, ଗଞ୍ଜାମ-୭୬୦୦୦୧ / **୬୦୪୩୮୩୪୨୬୨୨** | ଟ.୮୧,୯୭୭/- | ୨୧.୦୦ | ୨୭.୪୦ |
| ଭୁବନେଶ୍ୱର ଶାଖା (୧୧୮୨), ପ୍ଲଟ୍ ନଂ.: ୪୨୬/୨୨୬୦, ଏନ୍.ବି. ଟାୱାର, ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା-୭୫୧୦୧୨, ଫୋନ୍ ନଂ.: ୬୩୭୦୭୦୪୮୫୦ | | | | |
| ୧. | **ପଦ୍ମିନୀ ସାହୁ,** ସା: ଏସ୍ ୫ ୩, ନୀଳାଦ୍ରି ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଖୋର୍ଦ୍ଧା-୭୫୧୦୨୧ / **୬୦୪୧୦୭୪୫୯୫୧** | ଟ.୧,୦୩,୯୯୯.୭୦ | ୩୭.୬୦ | ୪୨.୨୦ |
| ୨. | **ପଦ୍ମିନୀ ସାହୁ,** ସା: ଏସ୍ ୫ ୩, ନୀଳାଦ୍ରି ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଖୋର୍ଦ୍ଧା-୭୫୧୦୨୧ / **୬୦୪୧୦୭୪୫୩୪୯** | ଟ.୧,୨୧,୬୯୯/- | ୩୨.୩୦ | ୪୦.୧୫ |
| ୩. | **ବାନାମ୍ବର ସାହୁ,** ସା: ପ୍ଲଟ୍ ନଂ.: ୫୮୬/୮୭, ଚିନ୍ତାମଣୀ ବୁଦ୍ଧେଶ୍ୱରୀ ସିଆରପି ଲାଇନ୍, ଲକ୍ଷ୍ମୀସାଗର, ଭୁବନେଶ୍ୱର-୭୫୧୦୧୧ / **୬୦୪୧୭୧୪୭୫୪୭** | ଟ.୪୦,୧୬୧.୯୭ | ୧୧.୫୦ | ୧୨.୭୦ |
| ୪. | **ବାନାମ୍ବର ସାହୁ,** ସା: ପ୍ଲଟ୍ ନଂ.: ୫୮୬/୮୭, ଚିନ୍ତାମଣୀ ବୁଦ୍ଧେଶ୍ୱରୀ ସିଆରପି ଲାଇନ୍, ଲକ୍ଷ୍ମୀସାଗର, ଭୁବନେଶ୍ୱର-୭୫୧୦୧୧ / **୬୦୪୧୬୭୯୨୬୯୯** | ଟ.୫୧,୮୩୭.୨୩ | ୧୬.୦୦ | ୩୫.୬୬ |

**ନିମ୍ନଲିଖିତ ସର୍ତ୍ତାବଳୀ ଅନୁସାରେ କଥିତ ନିଲାମ ସମ୍ପନ୍ନ କରାଯିବ।**
୧) **"ଯେଉଁଠାରେ ଯେପରି ଅଛି ଭିତ୍ତିରେ"** ନିଲାମ କରାଯିବ।
୨) ସଫଳ ନିଲାମଧାରୀ ନିଲାମ ତାରିଖ ପରବର୍ତ୍ତୀ କାର୍ଯ୍ୟଦିବସରେ ସମ୍ପୂର୍ଣ୍ଣ ନିଲାମ ରାଶି ପୈଠ କରିବେ ଏବଂ ନିଜର ସମ୍ପୂର୍ଣ୍ଣ ଦାୟୀତ୍ୱରେ ଅଳଙ୍କାରଗୁଡ଼ିକ ନେବେ ଏବଂ କଥିତ ନିଲାମଧାରୀ କୌଣସି କାରଣ ବଶତଃ ବ୍ୟାଙ୍କକୁ ତାହା ଫେରସ୍ତ କରିବେ ନାହିଁ।
୩) ଆକାଉଣ୍ଟରେ ବନ୍ଧକଥିବା ସମସ୍ତ କିମ୍ବା ଆଂଶିକ ଅଳଙ୍କାରଗୁଡ଼ିକୁ ନିଲାମ କରିବାକୁ ଆବଶ୍ୟକ ମନେକଲେ ତାହା କରିବାକୁ ବ୍ୟାଙ୍କ ଅଧିକାର ସଂରକ୍ଷିତ ରଖୁଅଛି କିମ୍ବା ଯେକୌଣସି ସମୟରେ ବିନା ନୋଟିସ୍‌ରେ ନିଲାମ ବନ୍ଦ କରିବାର ଅଧିକାର ଏହାର ସ୍ୱତନ୍ତ୍ର କ୍ଷମତା ବଳରେ ସଂରକ୍ଷିତ ରହିଛି।
୪) ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ଯେକୌଣସି ବିଡ୍‌କୁ ଗ୍ରହଣ/ରଦ୍ଦ କରିବାର ସ୍ୱତନ୍ତ୍ର କ୍ଷମତା ରହିଛି।
୫) ବ୍ୟାଙ୍କର ସୁବିଧା ମୁତାବକ ଯେକୌଣସି ସ୍ତରରେ ଭବିଷ୍ୟତ ତାରିଖକୁ ନିଲାମ ବିକ୍ରୟ ସ୍ଥଗିତ ରଖିବାର ଅଧିକାର ବ୍ୟାଙ୍କର ରହିଛି ଏବଂ କୌଣସି ବ୍ୟକ୍ତି ଏ ବିଷୟରେ କୌଣସି ପ୍ରାକ୍ ନୋଟିସ୍ କିମ୍ବା ସେବାବଦ ଅଧିକାର ଦାବୀ ରଖିବାକୁ ହକ୍‌ଦାର ହେବେ ନାହିଁ।
୬) ଯଦି ସଫଳ ନିଲାମଧାରୀ ସମ୍ପୂର୍ଣ୍ଣ ନିଲାମ ରାଶି ପ୍ରଦାନ ନ କରନ୍ତି ଏବଂ/କିମ୍ବା ତାଙ୍କର କୌଣସି କାରଣ ହେତୁ ନିଲାମ ବିକ୍ରୟ ସ୍ଥଗିତ/ପୁନଃ ନିଲାମ ହୁଏ, ତେବେ ସେ ବ୍ୟାଙ୍କର ତଦୁପଲକ୍ଷେ ହୋଇଥିବା କ୍ଷତିର ପରିମାଣ ଯାହା ତାଙ୍କ ଯୋଗୁ ନିଲାମ ସମାପ୍ତ ହୋଇପାରିନଥିଲା ସେଥି ନିମନ୍ତେ ଦାୟୀ ରହିବେ।

ସ୍ଥାନ : ଭୁବନେଶ୍ୱର, ତାରିଖ : ୧୯.୦୭.୨୦୨୩ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର

# ମହିଳା ପୋଷ୍ଟମାଷ୍ଟରଙ୍କୁ ହତ୍ୟା: ଯୁବକ ଅଟକ

ସୁନ୍ଦରଗଡ଼, ୧୮।୭(ଜୟନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ଥାନା ଅନ୍ତର୍ଗତ ତେଲେନଡିହି ସବ୍‌ପୋଷ୍ଟ ଅଫିସ୍‌ର ମହିଳା ପୋଷ୍ଟମାଷ୍ଟର ସ୍ନିଗ୍ଧା ରାଣୀ ପ୍ରଧାନ (୨୪)ଙ୍କୁ ଛୁରି ଭୁସି ହତ୍ୟା କରାଯାଇଛି। ମଙ୍ଗଳବାର ସକାଳେ ତାଙ୍କ ମୃତଦେହ ବେଲସରିଆପଡା ଜଙ୍ଗଲ ନିକଟରେ ପଡିଥିବା ଦେଖିବାକୁ ମିଳିଥିଲା। ଖବରପାଇ ପରିବାର ଲୋକେ ପୋଲିସକୁ ସୂଚନା ଦେଇଥିଲେ। ପରେ ସୁନ୍ଦରଗଡ଼ ସଦର ଏସ୍‌ଡିପିଓ ହିମାଂଶୁ ବେହେରାଙ୍କ ତତ୍ତ୍ୱାବଧାନରେ ଲେଫ୍ରିପଡା ଥାନା ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ହତ୍ୟାକାଣ୍ଡର କାରଣ ବର୍ତ୍ତମାନ ସୁଦ୍ଧା ଜଣା ପଡି ନ ଥିଲେ ମଧ୍ୟ ଏହା ଏକ ପ୍ରେମଜନିତ ହତ୍ୟାକାଣ୍ଡ ବୋଲି ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଏହି ଘଟଣାରେ ପୋଲିସ ମୃତ ମହିଳା ପୋଷ୍ଟମାଷ୍ଟରଙ୍କ ପ୍ରେମିକ କୁହାଯାଉଥିବା ଜଣେ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

ସଦର ଏସ୍‌ଡିପିଓ ବେହେରାଙ୍କ ସୂଚନା ଅନୁସାରେ, ସଦର ଥାନା ଅନ୍ତର୍ଗତ କଦଳୀବାହାଲ ଗ୍ରାମର ଭଗବାନ ପ୍ରଧାନଙ୍କ ଝିଅ ସ୍ନିଗ୍ଧା ଲେଫ୍ରିପଡା ଥାନା ତେଲେନଡିହି ପୋଷ୍ଟ ଅଫିସରେ ପୋଷ୍ଟ ମାଷ୍ଟର ଭାବେ କାର୍ଯ୍ୟ କରନ୍ତି। ତାଙ୍କ ମାଆ ହେମଗିର ଥାନା ଟିକିଲିପଡାରେ ଚାକିରି କରିଥିବାରୁ ମାଆ ବାପାଙ୍କ ସହ ସେ ସେଠାରେ ରହୁଥିଲେ। ସ୍ନିଗ୍ଧା ତେଲେନଡିହିରେ ଏକ ଭଡ଼ାଘର ମଧ୍ୟ ନେଇ ରହୁଥିଲେ। ସୋମବାର ସେ ଟିକିଲିପଡାରୁ ତେଲେନଡିହି ଆସିଥିଲେ। ହେଲେ ସେ ପୋଷ୍ଟ ଅଫିସ ବା ଭଡ଼ାଘରେ ପହଞ୍ଚି ନ ଥିଲେ। ଅପରାହ୍ନରେ ସ୍ନିଗ୍ଧାଙ୍କ ମୋବାଇଲ ନମ୍ବରରୁ ତାଙ୍କ ମାଆଙ୍କ ଫୋନ୍‌କୁ ଏକ ମେସେଜ୍ ଆସିଥିଲା। ସେଥିରେ ଲେଖାଥିଲା ଯେ, ଆମେ ତୁମ ଝିଅ ସ୍ନିଗ୍ଧା ଓ ତାଙ୍କର ପ୍ରେମିକଙ୍କୁ ହତ୍ୟା କରି ସରଫଗଡ଼ ଡ୍ୟାମ୍‌ରେ ପକାଇ ଦେଇଛୁ। ଏହି ମେସେଜ ପାଇବା ପରେ ପରିବାର ଲୋକେ ସ୍ନିଗ୍ଧାଙ୍କ ଫୋନ୍ ସୁଇଚ ଅଫ୍ ଥିବା ଜାଣି ସେ ରହୁଥିବା ଭଡ଼ାଘର ମାଲିକଙ୍କୁ ଫୋନ୍ କରି ବୁଝିଥିଲେ ଯେ ସେ ସେଠାକୁ ଆସିନାହାନ୍ତି। ଏହା ପରେ ରାତି ପ୍ରାୟ ସାଢ଼େ ୮ଟା ବେଳେ ତାଙ୍କ ବାପା ସ୍ନିଗ୍ଧା ନିଖୋଜ ଥିବା ନେଇ ଲେଫ୍ରିପଡ଼ା ଥାନାରେ ରିପୋର୍ଟ କରିଥିଲେ। ମଙ୍ଗଳବାର ମୃତଦେହ ମିଳିଥିଲା। ସ୍ନିଗ୍ଧାଙ୍କ ପେଟ, ଅଣ୍ଟା, ପିଠି ମଝିରେ ଓ ଛାତିରେ ଛୁରାମାଡ଼ ହୋଇଥିବା ସହ ଛୁରିଟି ପେଟରେ ଲାଗି ରହିଥିଲା। ଏହାପରେ ପୋଲିସ ସ୍ନିଗ୍ଧା ଓ ତାଙ୍କ ପ୍ରେମିକଙ୍କ ମୋବାଇଲ ଫୋନ୍‌ର ଲୋକେସନକୁ ଟ୍ରାକିଂ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ପ୍ରେମିକଙ୍କୁ ଜେରାବେଳେ ସେ ସ୍ନିଗ୍ଧାକୁ ହତ୍ୟା କରି ନ ଥିବା ପ୍ରକାଶ କରିଛନ୍ତି। ଅପରପକ୍ଷେ ସେମାନଙ୍କ ପ୍ରେମସମ୍ପର୍କ ରହିଥିଲା। ଉଭୟ ଭିନ୍ନଜାତିର ହୋଇଥିବାରୁ ସ୍ନିଗ୍ଧାଙ୍କ ପରିବାର ଲୋକେ ସେମାନଙ୍କ ବିବାହ ପାଇଁ ରାଜି ହେଉ ନ ଥିଲେ। ତେଣୁ ସେମାନେ ତାଙ୍କ ପ୍ରେମିକ ଉପରେ ସନ୍ଦେହ ପ୍ରକାଶ କରିଛନ୍ତି। ସ୍ନିଗ୍ଧାକୁ କିଏ କାହିଁକି ହତ୍ୟା କଲା ପୋଲିସ ବିଭିନ୍ନ ଦିଗରୁ ତଦନ୍ତ ପ୍ରକ୍ରିୟା ଜାରି ରଖିଛି। ପୋଲିସ ମୃତଦେହ ନିକଟରୁ ରକ୍ତଭିଜା ଛୁରି, ଭ୍ୟାନିଟି ବ୍ୟାଗ, ପୋଷ୍ଟାଲ ଆଇଡି କାର୍ଡ, ଆଧାର କାର୍ଡ ଜବତ କରିଛି। ଏନେଇ ଲେଫ୍ରିପଡା ଥାନାରେ ପରିବାର ଲୋକଙ୍କ ଏତଲା କ୍ରମେ ପୋଲିସ ଏକ ମାମଲା (ନଂ.୧୩୪/୨୦୨୩) ରୁଜୁ କରିଛି।


ପୋଷ୍ଟମାଷ୍ଟରଙ୍କ ଫାଇଲ ଫଟୋ।


ଘଟଣାସ୍ଥଳରେ ଲୋକେ ରୁଣ୍ଡ ହୋଇଛନ୍ତି।

# ସଙ୍ଗୀତରେ ମହମ୍ମଦ ରଫିଙ୍କୁ ଶ୍ରଦ୍ଧାଞ୍ଜଳି

ରାଉରକେଲା, ୧୮।୭(ସଙ୍ଗୀତା ଜେନା)

ଇସ୍ପାତ ସହରର ସାମାଜିକ ସାଂସ୍କୃତିକ ଅନୁଷ୍ଠାନ ସଙ୍ଗୀତ ତରଙ୍ଗ ମ୍ୟୁଜିକ କ୍ଲବ ପକ୍ଷରୁ ରାଉରକେଲା କ୍ଲବରେ ପ୍ରସିଦ୍ଧ ବଲିଉଡ଼ କଣ୍ଠଶିଳ୍ପୀ ସ୍ୱର୍ଗୀୟ ମହମ୍ମଦ ରଫି ସଙ୍ଗୀତମୟ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଚାମ୍ବର ଅଫ୍ କମର୍ସର ସଭାପତି ସୁନୀଲ କୟାଲ, ଅନୁଷ୍ଠାନର ଅଧ୍ୟକ୍ଷ ବିନୋଦ ମହାନ୍ତି, ବିଡ଼ି ଶିଭାରେ, ଜେପି ହସ୍ପିଟାଲର ହୃଦ୍ ବିଶେଷଜ୍ଞ ପ୍ରବୀର ରାୟ, ଆର୍‌ଏସ୍‌ପିର ସିଏମ୍‌ଓ ଜୟନ୍ତ ଆଚାର୍ଯ୍ୟ, ଜଳ ପ୍ରବନ୍ଧନ ବିଭାଗର ଜିଏମ୍ ପି.କେ. ସାହୁ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ରଫିଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। କଣ୍ଠଶିଳ୍ପୀ ଅଜୟ ଖଟୁଆ, ଓଡ଼ିଆ ଗୀତ 'ମୟୁରୀ ଗୋ' ପରିବେଷଣ କରିଥିଲେ। 'ତୁମ୍‌ହାରି ନଜର କ୍ୟୁ ଖଫା ହୋଗୟି' ଭଳି ଅନେକ ଗୀତ ପରିବେଷଣ କରାଯାଇଥିଲା। ଡ. ପ୍ରଦୀପ ସାହୁ, ତପନ ନାୟକ, ସତ୍ୟ ମହାନ୍ତି, ଦିଲୀପ ପରିଡ଼ା, ଅଶୋକ ପଟେଲ, ଅଜୟ ଖଟୁଆ, ବାସବଦତ୍ତା ମହାନ୍ତି, ପିଙ୍କି ପ୍ରିୟଦର୍ଶନୀ, ସୋନାଲୀ ତ୍ରିପାଠୀ, ମୀନତି ତ୍ରିପାଠୀ, ଶଶାଙ୍କ ପଟ୍ଟନାୟକ, ଅଶ୍ୱିନୀ ସିଂହ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ସେହିପରି ଲାୟନ ବିନୋଦ ମହାନ୍ତ, ଡ. ଜୟନ୍ତ ଆଚାର୍ଯ୍ୟ, ବଳଜିତ ସିଂ ପ୍ରମୁଖ ସଙ୍ଗୀତ ଧୂନ୍ ପରିବେଷଣ କରିଥିଲେ।



କଣ୍ଠଶିଳ୍ପୀ ବାସବଦତ୍ତା ମହାନ୍ତି ଗୀତ ପରିବେଷଣ କରୁଛନ୍ତି।

# ବିଷପିଇ ବୃଦ୍ଧାଙ୍କ ଆତ୍ମହତ୍ୟା

ଦେବଗଡ, ୧୮।୭
(ଶଶାଙ୍କ ଶେଖର ଝାଙ୍କର)

ବିଷ ପିଇ ଗୁରୁତର ଅବସ୍ଥାରେ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଜଣେ ବୃଦ୍ଧାଙ୍କର ମଙ୍ଗଳବାର ମୃତ୍ୟୁ ଘଟିଛି। ସେ ହେଲେ ଦେବଗଡ ଥାନା ଗୁଣ୍ଡୁରିପୋଷି ଗ୍ରାମର ପ୍ରେମ ପେଣ୍ଟେଇ (୫୫)। ସୂଚନା ଅନୁଯାୟୀ ଗତ ୧୪ ତାରିଖରେ କୌଣସି କାରଣକୁ କେନ୍ଦ୍ରକରି ସେ ବିଷପାନ କରି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକ ତାଙ୍କୁ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମାତ୍ର ମଙ୍ଗଳବାର ସକାଳେ ପ୍ରେମଙ୍କର ମୃତ୍ୟୁ ହୋଇଯାଇଥିଲା। ଦେବଗଡ ଥାନା ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ କରୁଛି ।

# କୃଷି ଗବେଷଣା ପରିଷଦର ପ୍ରତିଷ୍ଠା ଦିବସ

ରିଆମାଳ, ୧୮।୭(ନିରଞ୍ଜନ ବେହେରା)

ଦେବଗଡ କୃଷି ବିଜ୍ଞାନ କେନ୍ଦ୍ର ଆନୁକୂଲ୍ୟରେ ଭାରତୀୟ କୃଷି ଗବେଷଣା ପରିଷଦର ୯୫ତମ ପ୍ରତିଷ୍ଠା ଦିବସ ରିଆମାଳ ସଦର ମହକୁମା କଲ୍ୟାଣ ମଣ୍ଡପରେ ମଙ୍ଗଳବାର ପାଳିତ ହୋଇଯାଇଛି । ବରିଷ୍ଠ ବୈଜ୍ଞାନିକ ଏବଂ ଡ. ମାନସୀ ଭୋଳ ସଭାରେ ସଭାପତିତ୍ୱ କରି କୃଷି ଏବଂ ଆନୁଷଙ୍ଗିକ କୃଷି ମାଧ୍ୟମରେ ଚାଷୀ ନିଜର ଆୟ ବୃଦ୍ଧି କରି ସ୍ୱାବଲମ୍ବୀ ହୋଇପାରିବ ବୋଲି କହିଥିଲେ। କ୍ଷୀରୋଦ କୁମାର ବିଶ୍ୱାଳ ବର୍ଷାଦିନିଆ ଫସଲରେ ରୋଗ ପୋକର ସମସ୍ୟା ଏବଂ ଏହାର ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ । ରିଆମାଳ ବ୍ଲକ କୃଷି ଅଧିକାରୀ ରାଜେଶ ଚୌଧୁରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବିଭାଗୀୟ ଯୋଜନା ମାଧ୍ୟମରେ କିପରି ଚାଷୀମାନେ ଉପକୃତ ହୋଇପାରିବେ ବୁଝାଇଥିଲେ । ସହକାରୀ ଉଦ୍ୟାନ କୃଷି ଅଧିକାରୀ ସୌଭାଗ୍ୟ ସାହୁ ଉଦ୍ୟାନ ବିଭାଗର ବିଭିନ୍ନ ଯୋଜନା, ମୃତ୍ତିକା ବିଜ୍ଞାନୀ ଚିନ୍ମୟ ମିଶ୍ର ମୃତ୍ତିକା ରକ୍ଷା, ଜୈବିକ କୃଷିର ଉପକାରିତା ଉପରେ, ଇଫକୋ ଅଧିକାରୀ ଟୁନା ସାହୁ ଇଫକୋର ବିଭିନ୍ନ ନୂତନ ଉତ୍ପାଦର ପ୍ରୟୋଗ ଏବଂ ଗୁଣବତ୍ତା ଉପରେ ଆଲୋକପାତ କରିଥିଲେ । ସିଏସ୍‌ଡିଆର୍ ସେକ୍ରେଟାରୀ ରିତାରାଣୀ ରାଉତ ଏବଂ କେନ୍ଦ୍ର ଗୃହ ବିଭାଗର ବୈଜ୍ଞାନିକ ବିଜୟଲକ୍ଷ୍ମୀ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଦେବଗଡ଼ ଜିଲାକୁ ଭାରତ ସରକାରଙ୍କ ଭୂମି ସମ୍ମାନ

ଦେବଗଡ,୧୮।୭(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲାକୁ ଭାରତ ସରକାରଙ୍କ ଦ୍ୱାରା ଭୂମି ସମ୍ମାନ-୨୦୨୩ ପ୍ରଦାନ କରାଯାଇଛି। ମଙ୍ଗଳବାର ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ଭାରତ ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ତରଫରୁ ଆୟୋଜିତ ବର୍ଣ୍ଣାଢ଼୍ୟ ଉତ୍ସବରେ ଶ୍ରେଷ୍ଠ ପାରଦର୍ଶିତା ପାଇଁ ଦେବଗଡ ଜିଲାକୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ରାଷ୍ଟ୍ରପତି ଦୌପଦୀ ମୁର୍ମୁଙ୍କ କରକମଳରେ ଭୂମି ସଂସ୍କାର କ୍ଷେତ୍ରରେ ଭାରତର ଶ୍ରେଷ୍ଠ ଜିଲାକୁ ଭୂମି ସମ୍ମାନ ପ୍ରଦାନ କରାଯାଇଥିଲା। ଦେବଗଡ଼ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଆଦେଶ କ୍ରମେ ଜିଲା ପ୍ରଶାସନ ତରଫରୁ ଡେପୁଟି କଲେକ୍ଟର ରୁବୀ ବେହେରା ରାଷ୍ଟ୍ରପତିଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଭୂମି ସଂସ୍କାର ନିମନ୍ତେ ଜିଲାରେ ନିଆଯାଇଥିବା ତ୍ୱରିତ ଓ ସଫଳ କାର୍ଯ୍ୟକ୍ରମ ଯଥା ଜମିପଟ୍ଟାର କମ୍ପ୍ୟୁଟରୀକରଣ, ରେଜିଷ୍ଟ୍ରେଶନ କାର୍ଯ୍ୟକ୍ରମର ସରଳୀକରଣ ଓ ସ୍ୱଚ୍ଛତା ଅନୁପାଳନ, ଆଧୁନିକ ରେକର୍ଡ ରୁମ ପରିଚାଳନା ଓ ଜମି ଜମା କାଗଜପତ୍ରର ସ୍କାନିଂ ଏବଂ କମ୍ପ୍ୟୁରୀକରଣ, ତହସିଲ ଓ ରେଜିଷ୍ଟ୍ରେସନ କାର୍ଯ୍ୟାଳୟ ମଧ୍ୟରେ ସଂଯୋଜନା ପ୍ରଭୃତି କ୍ଷେତ୍ରରେ ଦେବଗଡ଼ ଜିଲାର ୩ଟି ତହସିଲରେ ଆଶାନୁରୂପକ ଉନ୍ନତି ପ୍ରଦର୍ଶନ ସହ ସଫଳତା ହାସଲ କରିଥିବା ହେତୁ ଏହି ସମ୍ମାନ ମିଳିଛି।


ଡେପୁଟି କଲେକ୍ଟର ରୁବୀ ବେହେରା ରାଷ୍ଟ୍ରପତିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

# ସାଇକେଲରୁ ପଡ଼ି ନାବାଳକଙ୍କ ମୃତ୍ୟୁ

ବ୍ରଜରାଜନଗର,୧୮।୭(ବିଜୟ ବରାଡ)

ବ୍ରଜରାଜନଗର ପୌରାଞ୍ଚଳ ଅନ୍ତର୍ଗତ ରେମଜା ଗ୍ରାମରେ ଏକ ଅଭାବନୀୟ ଘଟଣାକ୍ରମେ ସାଇକେଲରୁ ପଡ଼ି ଜଣେ ୭ବର୍ଷିୟ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଆୟୁଷ ପଣ୍ଡା। ସୂଚନା ଅନୁଯାୟୀ ଆୟୁଷ ସବୁଦିନ ପରି ସୋମବାର ସ୍କୁଲରୁ ଆସି ନିଜ ସାଇକେଲ ଧରି ଗାଁରେ ବୁଲୁଥିଲେ। ହଠାତ୍ ସାଇକେଲରୁ ପଡିଯିବା ପରେ ବ୍ରେକ୍ ତାଙ୍କ ଆଖି ଭିତରେ ପଶି ଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ମଣ୍ଡଳୀୟା ଡାକ୍ତରଖାନା ନିଆଯାଇଥିଲା। ସେଠାରୁ ଅଧିକ ଚିକିତ୍ସା ପାଇଁ ତାଙ୍କୁ ସମ୍ବଲପୁର ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ଡାକ୍ତରଙ୍କ ପରାମର୍ଶ କ୍ରମେ ସେଠାରୁ ମଙ୍ଗଳବାର ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏହି ଖବର ଗ୍ରାମରେ ଶୋକର ଛାୟା ଖେଳାଇ ଦେଇଛି। ସୂଚନାଯୋଗ୍ୟ, ଆୟୁଷଙ୍କ ମା' କିଛିଦିନ ପୂର୍ବରୁ ଆରପାରିକୁ ଚାଲିଯାଇଛନ୍ତି। ବାପା ଓ ଜେଜେବାପାଙ୍କ ପାଖରେ ରହି ସେ ପାଠ ପଢୁଥିଲେ।

# ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡ

ସୁନ୍ଦରଗଡ଼, ୧୮।୭(ଜୟନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲା ଦୌରାଜଜ ଶୁଭଦର୍ଶୀ ପଟ୍ଟନାୟକ ମଙ୍ଗଳବାର ଏକ ହତ୍ୟା ମାମଲାର ଶୁଣାଣି କରି ଅଭିଯୁକ୍ତ ବାସୁ ଇନ୍ଦୁଆରଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି। ଜରିମାନା ଅନାଦେୟ ଅଧିକ ୬ ମାସ ଜେଲ ଦଣ୍ଡ ପାଇଁ ଆଦେଶ ଦେଇଛନ୍ତି। ମାମଲାର ରାୟର ବିବରଣୀରୁ ପ୍ରକାଶ ଯେ, ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ଖେରାମୁଡା (ଲାଞ୍ଜିବେର୍ଣ୍ଣା)ରେ ଗତ ୨୦୧୬ମସିହାରେ ଏହି ଘଟଣା ଘଟିଥିଲା। ଏହି ଘଟଣାରେ ଥିବା ଅଭିଯୁକ୍ତ ପଥରରେ ଛେଚି ଜଣେ ଯୁବକଙ୍କୁ ହତ୍ୟା କରିଥିଲେ। ଘଟଣାଦିନ ମୃତ ଯୁବକ ଗ୍ରାମ ପାଖ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ଏହି ସମୟରେ ଜଣେ ସ୍ୱାସ୍ଥ୍ୟକର୍ମୀ ସର୍ଗିଟୋଳି ଗ୍ରାମକୁ ସାଇକେଲରେ ଯାଉଥିବା ସମୟରେ ରାସ୍ତାର ଏକ ପାଖରେ ଠିଆହୋଇଥିବା ଅଭିଯୁକ୍ତ ତାର ଉପରକୁ ପଥର ଫିଙ୍ଗିବାରୁ ସ୍ୱାସ୍ଥ୍ୟକର୍ମୀ ତଳେ ପଡ଼ିଯାଇଥିଲେ। ଏହା ପରେ ଅଭିଯୁକ୍ତ ତାର ସାଇକେଲରେ ଥିବା ବ୍ୟାଗକୁ ଛଡାଇ ନେଇଯାଇଥିଲେ। ପାଖରେ ଥିବା ଯୁବକ ଜଣକ ଏହା ଦେଖି ସ୍ୱାସ୍ଥ୍ୟକର୍ମୀକୁ ବଞ୍ଚାଇବାକୁ ପାଖକୁ ଆସିବାରୁ ଅଭିଯୁକ୍ତ ତାଙ୍କ ଉପରକୁ ପଥର ଫିଙ୍ଗିଥିଲେ। ଯାହା ତାଙ୍କ ମୁଣ୍ଡରେ ବାଜି ସେ ତଳେ ପଡ଼ିଗଲେ। ସେହି ସମୟରେ ଅଭିଯୁକ୍ତ ପାଖରେ ପଡ଼ିଥିବା ଏକ ବଡ ପଥର ଆଣି ତାର ମୁଣ୍ଡକୁ ମାରିଥିଲେ। ପୋଖରୀର ଅନ୍ୟ ପାଖରେ ଗାଧୋଉଥିବା ଅନ୍ୟ ଲୋକମାନେ ଯୁବକଙ୍କ ପାଟି ଶୁଣି ଆସି ଅଭିଯୁକ୍ତଙ୍କୁ ଧରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ଏହା ପରେ ପରିବାର ପକ୍ଷରୁ ରାଜଗାଙ୍ଗପୁର ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ମାମଲା ରୁଜୁ କରି ତଦନ୍ତ ପରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜିଲା ଦୌରାଜଜ ୨୪ ଜଣଙ୍କ ସାକ୍ଷ୍ୟ ପ୍ରମାଣ, ସରକାରୀ ଓକିଲଙ୍କ ଦୃଢ ଯୁକ୍ତି ଏବଂ ପ୍ରତ୍ୟେକ୍ଷଦର୍ଶୀଙ୍କ ସାକ୍ଷ୍ୟ ପ୍ରମାଣ ଭିତ୍ତିରେ ରାୟ ଦେଇଥିଲେ। ଏହା ସହ ୧୦ ଲକ୍ଷ ଟଙ୍କା ଅନୁକମ୍ପା ରାଶି ମୃତକଙ୍କ ପରିବାର ଲୋକଙ୍କୁ ଦେବା ପାଇଁ ଆଦେଶ କରିଥିବା ସରକାରୀ ଓକିଲ ସୂଚନା ଦେଇଛନ୍ତି। ଏହି ମାମଲାକୁ ସରକାରଙ୍କ ତରଫରୁ ସରକାରୀ ଓକିଲ ଅବଦୁଲ ସମିମ ଅଖତର ପରିଚାଳନା କରୁଥିଲେ।


## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ତରଭା
### ସୂଚନା-ବ୍ଲକସ୍ତରୀୟ ଜନଶୁଣାଣି

ଏତଦ୍ୱାରା ତରଭା ପଞ୍ଚାୟତ ସମିତି ଅନ୍ତର୍ଗତ ସମସ୍ତ ଜନସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ, ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)ଙ୍କ ସଭାପତିତ୍ୱରେ ତା୨୧।୦୭।୨୦୨୩ ଦିନ ପୂର୍ବାହ୍ନ ୧୧.୦୦ଘ. ସମୟରେ ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ମହାତ୍ମା ଗାନ୍ଧୀ କର୍ମ ନିଯୁକ୍ତି ଯୋଜନା, ପଞ୍ଚଦଶ ଅର୍ଥ କମିଶନ ପାଣ୍ଠି, ଗ୍ରାମୀଣ ଗୃହ ନିର୍ମାଣ ଓ ସମଗ୍ର ଶିକ୍ଷା ଯୋଜନାରେ ସମ୍ପାଦିତ ହୋଇଥିବା ୨୦୨୨-୨୩ ଆର୍ଥିକ ବର୍ଷ ୦୧।୦୪।୨୦୨୦ଠାରୁ ୩୧।୦୩।୨୦୨୩ ମାସ ମଧ୍ୟରେ ସମ୍ପାଦିତ କାର୍ଯ୍ୟଗୁଡ଼ିକର ସମୀକ୍ଷା କରାଯିବ।

ଏହି କାର୍ଯ୍ୟକ୍ରମରେ ସମସ୍ତ ଅଣକୁଶଳୀ ଶ୍ରମଜୀବୀ ପରିବାର ସଦସ୍ୟ, ଯୋଜନା ସହ ସମ୍ପୃକ୍ତ ସଂଗଠନ ଏବଂ ଭି.ଆର୍.ପି., ସରକାରୀ ବିଭାଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଜନଶୁଣାଣି ଅଭିଯୋଗ କମିଟି ସଦସ୍ୟ ଓ ଜନସାଧାରଣ ଅଂଶଗ୍ରହଣ କରିବେ। ଏଣୁ ଆପଣମାନଙ୍କୁ ଅନୁରୋଧ କରାଯାଉଛି ଯେ, ଏହି ଜନଶୁଣାଣିରେ ଯୋଗଦାନ କରି ୨୦୨୨-୨୩ ଆର୍ଥିକ ବର୍ଷରେ ହୋଇଥିବା ବିଭିନ୍ନ ପ୍ରକଳ୍ପ, ଖର୍ଚ୍ଚ ହୋଇଥିବା ଅର୍ଥ ପରିମାଣ, ପଞ୍ଜିକୃତ ପରିବାର ସଂଖ୍ୟା, କାର୍ଯ୍ୟପତ୍ର ଯୋଗାଣ ସଂଖ୍ୟା, କାର୍ଯ୍ୟ ପାଇଁ ଦାବି, ଶ୍ରମଦିବସ, ସାମାଜିକ ସମୀକ୍ଷାରେ ମିଳିଥିବା ଆପତ୍ତି ଅଭିଯୋଗ ବିଷୟରେ ଆଲୋଚନା ଏବଂ ଆପଣଙ୍କ ସୁଚିନ୍ତିତ ମତାମତ ପ୍ରଦାନପୂର୍ବକ ଏହାକୁ ସାଫଲ୍ୟମଣ୍ଡିତ କରିବା ହେବେ।

ନିବେଦକ
ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତରଭା

## ବିରବଂଶ ପାସେଞ୍ଜର ହଲ୍ଟ ଷ୍ଟେଶନଠାରେ ହଲ୍ଟ ଏଜେଣ୍ଟଙ୍କ ନିଯୁକ୍ତି

ଟେଣ୍ଡର ରେଫରେନ୍ସ ନଂ.: ସିଓଏମ୍‌ଏମ୍‌ଏଲ୍.୪୯/ପିଏଚ/ବିଆର୍‌ବିଏସ୍/୨୦୨୩ ତାରିଖ: ୧୭।୦୭।୨୦୨୩

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଚକ୍ରଧରପୁର, ଦକ୍ଷିଣ ପୂର୍ବ ରେଳପଥ ରେଲ୍‌ୱେ ବୋର୍ଡର ପତ୍ର ସଂ. ୨୦୧୭/ଟିଜି-ଆଇଭି/୨/ଆର୍‌ବି/୦୫/ହଲ୍ଟସ୍ ପଲିସି ତାରିଖ: ୧୮।୧୧।୨୦୧୯ (ମାଷ୍ଟର ସର୍କୁଲାର) ଅନୁଯାୟୀ ଚକ୍ରଧରପୁର ଡିଭିଜନର ସିନି ଏବଂ ଗମାହାରିଆ ଷ୍ଟେଶନ ମଧ୍ୟରେ ଅବସ୍ଥିତ ବିରବଂଶ ପାସେଞ୍ଜର ହଲ୍ଟ ଠାରେ କେବଳ ୦୫ (ପାଞ୍ଚ) ବର୍ଷର ଠିକାମୂଳକ ଅବଧି ପାଇଁ ଜଣେ ହଲ୍ଟ ଏଜେଣ୍ଟଙ୍କ ନିଯୁକ୍ତି ଲାଗି ଦରଖାସ୍ତ ଆହ୍ୱାନ କରୁଛନ୍ତି । ନୂଆ ଠିକାଦାର (ଅର୍ଥାତ୍ ତା୨୪।୦୬।୨୦୦୫ରିଖ ପରେ ନିୟୋଜିତ ହୋଇଥିବା ଠିକାଦାର)ଙ୍କ ପାଇଁ ଏଜେଣ୍ଟ ଅତି କମ୍‌ରେ **୧୦ମ ଶ୍ରେଣୀ ଉତ୍ତୀର୍ଣ୍ଣ** ହୋଇଥିବା ଆବଶ୍ୟକ । ଯେଉଁ ସ୍ଥାନରେ ହଲ୍ଟ ଷ୍ଟେଶନ ଖୋଲିବା ପାଇଁ ପ୍ରସ୍ତାବିତ ଏଜେଣ୍ଟ ସେହି ସ୍ଥାନର ସ୍ଥାୟୀ ବାସିନ୍ଦା ହୋଇଥିବା ଆବଶ୍ୟକ । ଷ୍ଟେଶନ ଅବସ୍ଥିତ ଥିବା ଜିଲ୍ଲାର ବାସିନ୍ଦା ହୋଇଥିଲେ ତାଙ୍କୁ ସ୍ଥାନୀୟ ବାସିନ୍ଦା ଭାବେ ବିବେଚନା କରାଯିବ । ଏ ବାବଦରେ ହଲ୍ଟ ଅବସ୍ଥିତ ହୋଇଥିବା ଜିଲ୍ଲାର ଡିଏମ୍/ଏଡିଏମ୍/ଏସ୍‌ଡିଓ/ବିଡିଓଙ୍କଠାରୁ ଏକ ପ୍ରମାଣପତ୍ର ହାସଲ କରିବାକୁ ହେବ । ନିୟୋଜନର ନିୟମ ଏବଂ ସର୍ତ୍ତାବଳୀ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁରଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ଏବଂ ଆବେଦନକାରୀ ତାହାକୁ ୱେବ୍‌ସାଇଟ୍ **www.ser.indianrailways.gov.in** ମାଧ୍ୟମରେ ଡାଉନ୍‌ଲୋଡ୍ କରିପାରିବେ । ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁରଙ୍କ କାର୍ଯ୍ୟାଳୟରେ ଦରଖାସ୍ତ ଦାଖଲ କରିବାର ତାରିଖ ହେଉଛି **ତା୧୧।୦୮।୨୦୨୩ରିଖ ୧୦.୦୦ ଘଟିକାରୁ ୧୩.୦୦ ଘଟିକା** ଏବଂ ଟେଣ୍ଡର ବାକ୍ସକୁ **ତା୧୧।୦୮।୨୦୨୩ରିଖ ୧୫.୩୦ ଘଟିକାରେ** ଖୋଲାଯିବ । **ଟେଣ୍ଡର ମୂଲ୍ୟ:** କମିଶନ ଭିତ୍ତିକ/ପ୍ରଯୁଜ୍ୟ ନୁହେଁ । **ଅମାନତ ରାଶି:** ₹ ୫୦୦୦ । **ଟେଣ୍ଡର କାଗଜପତ୍ର ମୂଲ୍ୟ:** ଶୂନ୍ୟ । **ଟେଣ୍ଡରର ପ୍ରକାର:** ଖୋଲା । **ସ୍ଥାନ:** ସିନିୟର ଡିସିଏମ୍‌ଙ୍କ କାର୍ଯ୍ୟାଳୟ/ସିକେପି । **ସଂଗ୍ରହର ଶେଷ ତାରିଖ:** ତା୧୧।୦୮।୨୦୨୩ । **ଦାଖଲର ଶେଷ ତାରିଖ:** ତା୧୧।୦୮।୨୦୨୩ରିଖ ୧୦.୦୦ ଘଟିକାରୁ ୧୩.୦୦ ଘଟିକା ।

(PR-414) ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଚକ୍ରଧରପୁର

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

**PARADIP PORT AUTHORITY**
ENGINEERING DEPARTMENT
PHD(M) DIVISION
No.CE/PHD(M)/ACCTS-23/23/316
Date :14.07.2023
**e TENDER CALL NOTICE**
Name of the work : "Development of new rehabilitation plot with construction of box culvert & bituminous approach road near PPL main entry gate". Estimated cost : Rs.6,47,34,297.60. Last Date & time of submission : 04.08.2023 upto 17:00 Hrs. Refer our website for details: eprocure.gov.in/eprocure/app. Executive Engineer, PHD(M), PPA
PPA/PR/35/2023-24, Dt.18/07/23

## ପୂର୍ବ ତଟ ରେଳପଥ

(1) ଟେଣ୍ଡର ସଂ. G129-CATG-GMU-BALU-1
ଟେଣ୍ଡର ଶୀର୍ଷକ : ବାଲୁଗାଁ ଷ୍ଟେସନରେ ଖୋର୍ଦ୍ଧା ରୋଡ୍ ଏଣ୍ଡରେ DR/RR ନିକଟରେ ପ୍ଲାଟଫର୍ମ ସଂ. 1 ଠାରେ ଜେନେରାଲ୍ ମାଇନର ୟୁନିଟ୍‌ରେ କ୍ୟାଟେରିଙ୍ଗ ଷ୍ଟଲ୍।
ବିଜ୍ଞାପିତ ମୂଲ୍ୟ : ₹ 10,72,500/-, EMD : ₹ 10,400/-

(2) ଟେଣ୍ଡର ସଂ. G129-CATG-BAM-1
ଟେଣ୍ଡର ଶୀର୍ଷକ : ବ୍ରହ୍ମପୁର ଷ୍ଟେସନରେ ଦ୍ୱିତୀୟ ଶ୍ରେଣୀ ପ୍ରତିକ୍ଷାଳୟ ନିକଟରେ ପ୍ଲାଟଫର୍ମ ସଂ. 1 ଠାରେ ଜେନେରାଲ୍ ମାଇନର ୟୁନିଟ୍ (GMU)ରେ କ୍ୟାଟେରିଙ୍ଗ ଷ୍ଟଲ୍।
ବିଜ୍ଞାପିତ ମୂଲ୍ୟ : ₹ 38,01,200/-, EMD : ₹ 36,600/-

(3) ଟେଣ୍ଡର ସଂ. G129-CATG-GMU-BAM-2
ଟେଣ୍ଡର ଶୀର୍ଷକ : ବ୍ରହ୍ମପୁର ଷ୍ଟେସନରେ ପ୍ଲାଟଫର୍ମ ସଂ. 2/3ଠାରେ ଖୁଣ୍ଟ ସଂ. 8/9 ମଧ୍ୟରେ ଜେନେରାଲ୍ ମାଇନର ୟୁନିଟ୍ (GMU)ରେ କ୍ୟାଟେରିଙ୍ଗ ଷ୍ଟଲ୍।
ବିଜ୍ଞାପିତ ମୂଲ୍ୟ : ₹ 34,06,000 /-, EMD : ₹ 32,800 /-

(4) ଟେଣ୍ଡର ସଂ. G129-CATG-GMU-PSA-02
ଟେଣ୍ଡର ଶୀର୍ଷକ : ପଲାସା ଷ୍ଟେସନ୍‌ରେ ଖୁଣ୍ଟ ସଂ. 676/8-676/8B ମଧ୍ୟରେ ପ୍ଲାଟଫର୍ମ ସଂ. 2/3ରେ ଜେନେରାଲ୍ ମାଇନର ୟୁନିଟ୍ (GMU)ରେ କ୍ୟାଟେରିଙ୍ଗ ଷ୍ଟଲ୍।
ବିଜ୍ଞାପିତ ମୂଲ୍ୟ : ₹ 35,22,480/-, EMD : ₹ 33,900 /-

ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 2,950/- (ପ୍ରତ୍ୟେକ କ୍ରମ ସଂଖ୍ୟା ନିମନ୍ତେ), ଶେଷ ହେବା ଅବଧି: 5 ବର୍ଷ (ସମସ୍ତ କ୍ରମ ସଂଖ୍ୟା ନିମନ୍ତେ)।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.11.08.2023ରିଖ 1100 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର http://www.ireps.gov.inରେ ଉପଲବ୍ଧ ଅଟେ।
ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍
PR-355/O/23-24

## HIGH ALTITUDE RESEARCH STATION (O.U.A.T.)
POTTANGI-764039, KORAPUT, ODISHA
Telephone-8637262715(M), Email:oichars.ouat@gmail.com
Dt.18.07.2023

**CORRIGENDUM**

This is in reference to the Advertisement No. 01/HARS/2023, dt.12.07.2023 for selection of Field Worker, Technical Assistant and Office Assistant through Walk-in-Interview in the adhoc project **"Enhancement of livelihood security of poor spices farmers of Odisha"**. The following corrigendum are made.

1. Minimum qualification for the post Field Worker is matriculation with experience in Agricultural field/project.
2. Date of Selection for the Post of Technical Assistant and Office Assistant is 27.07.2023 and Field Worker will be on 29.07.2023.
3. Screening of candidates will be done if the number of applicants are more than 25 per post.

Sd./- Officer In Charge
HARS, Pottangi

## ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର
बैंक ऑफ महाराष्ट्र Bank of Maharashtra
भारत सरकार का उद्यम
एक परिवार एक बैंक
ଅଞ୍ଚଳ କାର୍ଯ୍ୟାଳୟ : ଭୁବନେଶ୍ୱର
ପ୍ରଥମ ମହଲା, ଦୂର ସଞ୍ଚାର ଭବନ, ୟୁନିଟ୍-୯, ରୁପାଲି ଛକ ନିକଟ, ଭୁବନେଶ୍ୱର-୭୫୧୦୨୨,
ଇ-ମେଲ୍: dzmbbsr@mahabank.co.in

### ସୁନା ନିଲାମ ବିଜ୍ଞପ୍ତି

ନିମ୍ନଲିଖିତ ସୁନା ଋଣ ଆକାଉଣ୍ଟ ନିମନ୍ତେ ବ୍ୟାଙ୍କରେ ବନ୍ଧକ ଥିବା ଅଳଙ୍କାରଗୁଡ଼ିକ ସର୍ବସାଧାରଣ ନିଲାମ ମାଧ୍ୟମରେ ବିକ୍ରୟ କରାଯିବ ଯାହାକି **ତା.୦୪.୦୮.୨୦୨୩ରିଖ ଅପରାହ୍ନ ୩.୦୦ ଘଟିକା** ସମୟରେ **ସମ୍ପୃକ୍ତ ଶାଖା ପରିସରରେ** ନିଲାମ କରାଯିବ। ଆଗ୍ରହୀ ପକ୍ଷମାନଙ୍କୁ ପ୍ରତ୍ୟେକ ଆକାଉଣ୍ଟର ସଂରକ୍ଷିତ ମୂଲ୍ୟ ନିମନ୍ତେ ସମ୍ପୃକ୍ତ ଶାଖା ପ୍ରବନ୍ଧକଙ୍କ ସହିତ ଯୋଗାଯୋଗ କରିବାକୁ ପଡିବ। ସୁନା ଅଳଙ୍କାର କ୍ରୟ କରିବାକୁ ଆଗ୍ରହୀ ପକ୍ଷମାନେ ବିକ୍ରି ପାଇଁ ଥିବା ସୁନା ଅଳଙ୍କାରଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ ଏବଂ ନିୟମ ଓ ସର୍ତ୍ତାବଳୀ ପାଇଁ ଶାଖା ପ୍ରବନ୍ଧକଙ୍କୁ ଯୋଗାଯୋଗ କରନ୍ତୁ। ସୁନା ଅଳଙ୍କାର କ୍ରୟ କରିବାକୁ ଆଗ୍ରହୀ ପକ୍ଷମାନେ ନିଲାମରେ ଅଂଶଗ୍ରହଣ କରିପାରିବେ।
**ଦ୍ରଷ୍ଟବ୍ୟ: ଏହି ନୋଟିସ୍‌ଟି ଋଣଗ୍ରହୀତାମାନଙ୍କୁ ୧୫ ଦିନିଆ ଅନ୍ତିମ ସ୍ମରଣ ତଥା ନିଲାମ ନୋଟିସ୍ ଭାବେ ବିଚାର କରାଯିବ।**

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା/ ସୁନା ଋଣ ଆକାଉଣ୍ଟ ନଂ. | ତା.୧୭.୦୭.୨୦୨୩ ରିଖ ସୁଦ୍ଧା (ଲାଗୁ ହୋଇନଥିବା ସୁଧ ଓ ଅନ୍ୟାନ୍ୟ ଦେୟ ବ୍ୟତୀତ) + ତା.୧୭.୦୭.୨୦୨୩ ରିଖ ଠାରୁ ଭବିଷ୍ୟତ ସୁଧ | ନେଟ୍ ଓଜନ (ଗ୍ରାମ୍‌ରେ) | ମୋଟ ଓଜନ (ଗ୍ରାମ୍‌ରେ) |
|---|---|---|---|---|
| ବ୍ରହ୍ମପୁର ଶାଖା (୧୬୭୦), ମନ୍‌ସୁନ ହାଉସ୍, ଧର୍ମ ନଗର, ଲୋହିଆ ମୋଟର୍ସ ନିକଟ, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୦୦୦୨, ଫୋନ୍ ନଂ.: ୬୩୭୦୭୦୪୮୫୩ | | | | |
| ୧. | କାଳୁ ଚରଣ ସାହୁ, ସା: ସିଙ୍ଗିପୁର, ବ୍ରହ୍ମପୁର, ଗଞ୍ଜାମ - ୭୬୧୦୧୪ / ୬୦୪୩୪୪୧୮୬୬୫ | ଟ.୬୫,୯୪୭/- | ୧୮.୦୦ | ୩୫.୨୦ |
| ୨. | କାଳୁ ଚରଣ ସାହୁ, ସା: ସିଙ୍ଗିପୁର, ବ୍ରହ୍ମପୁର, ଗଞ୍ଜାମ - ୭୬୧୦୧୪ / ୬୦୪୪୨୦୭୦୨୭୩ | ଟ.୬୩,୦୦୦/- | ୧୬.୩୦ | ୧୮.୨୦ |
| ୩. | କାଳୁ ଚରଣ ସାହୁ, ସା: ସିଙ୍ଗିପୁର, ବ୍ରହ୍ମପୁର, ଗଞ୍ଜାମ - ୭୬୧୦୧୪ / ୬୦୪୨୨୯୫୯୩୩୫ | ଟ.୧,୦୩,୦୦୦/- | ୨୯.୫୦ | ୩୪.୪୦ |
| ୪. | କାଳୁ ଚରଣ ସାହୁ, ସା: ସିଙ୍ଗିପୁର, ବ୍ରହ୍ମପୁର, ଗଞ୍ଜାମ - ୭୬୧୦୧୪ / ୬୦୪୨୨୭୭୨୨୩୩ | ଟ.୩୩,୦୦୦/- | ୯.୪୪ | ୧୦.୫୪ |
| ୫. | କାଳୁ ଚରଣ ସାହୁ, ସା: ସିଙ୍ଗିପୁର, ବ୍ରହ୍ମପୁର, ଗଞ୍ଜାମ - ୭୬୧୦୧୪ / ୬୦୪୨୮୦୭୫୮୬୦ | ଟ.୪୫,୦୦୦/- | ୧୩.୩୦ | ୧୫.୪୦ |
| ୬. | କାଳୁ ଚରଣ ସାହୁ, ସା: ସିଙ୍ଗିପୁର, ବ୍ରହ୍ମପୁର, ଗଞ୍ଜାମ - ୭୬୧୦୧୪ / ୬୦୪୨୨୮୪୨୩୮୪ | ଟ.୧,୨୨,୫୦୦/- | ୩୫.୧୪ | ୩୯.୧୪ |
| ୭. | କାଳୁ ଚରଣ ସାହୁ, ସା: ସିଙ୍ଗିପୁର, ବ୍ରହ୍ମପୁର, ଗଞ୍ଜାମ - ୭୬୧୦୧୪ / ୬୦୪୩୪୪୧୮୨୫୭ | ଟ.୬୧,୮୮୩/- | ୧୭.୦୦ | ୨୬.୩୦ |
| ୮. | ସୁନିଲ୍ କୁମାର ଦାଶ, ସା: ଗଙ୍ଗା ନଗର ୨ୟ ଲେନ୍, ଆଙ୍କୁଲି, ବ୍ରହ୍ମପୁର, ଗଞ୍ଜାମ-୭୬୦୦୧୦ / ୬୦୪୧୫୦୪୫୫୦୩ | ଟ.୩୨,୦୦୦/- | ୯.୦୦ | ୧୦.୨୪ |
| ୯. | ସୁନିଲ୍ କୁମାର ଦାଶ, ସା: ଗଙ୍ଗା ନଗର ୨ୟ ଲେନ୍, ଆଙ୍କୁଲି, ବ୍ରହ୍ମପୁର, ଗଞ୍ଜାମ-୭୬୦୦୧୦ / ୬୦୪୧୧୦୩୯୨୫୨ | ଟ.୧,୨୭,୪୯୪.୫୭ | ୩୭.୬୦ | ୪୭.୦୦ |
| ୧୦. | ସିଏଚ୍. ରମେଶ କୁମାର ରାଓ, ସା: ଶ୍ରୀରାମ ନଗର, ଶାନ୍ତି ମାର୍ଗ, କଲ୍ୟାଣ ମଣ୍ଡପ ନିକଟ, ବ୍ରହ୍ମପୁର, ଗଞ୍ଜାମ-୭୬୦୦୦୧ / ୬୦୪୩୮୩୪୨୬୨୨ | ଟ.୮୧,୯୭୭/- | ୨୧.୦୦ | ୨୭.୪୦ |
| ଭୁବନେଶ୍ୱର ଶାଖା (୧୧୮୨), ପ୍ଲଟ୍ ନଂ.: ୪୨୬/୨୨୬୦, ଏନ୍.ବି. ଟାୱାର, ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା-୭୫୧୦୧୨, ଫୋନ୍ ନଂ.: ୬୩୭୦୭୦୪୮୫୦ | | | | |
| ୧. | ପଦ୍ମିନୀ ସାହୁ, ସା: ଏସ୍ ୫ ୩, ନୀଳାଦ୍ରି ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଖୋର୍ଦ୍ଧା-୭୫୧୦୨୧ / ୬୦୪୧୦୭୪୫୯୫୧ | ଟ.୧,୦୩,୯୯୯.୭୦ | ୩୭.୬୦ | ୪୨.୨୦ |
| ୨. | ପଦ୍ମିନୀ ସାହୁ, ସା: ଏସ୍ ୫ ୩, ନୀଳାଦ୍ରି ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଖୋର୍ଦ୍ଧା-୭୫୧୦୨୧ / ୬୦୪୧୦୭୪୫୩୪୯ | ଟ.୧,୨୧,୬୯୯/- | ୩୨.୩୦ | ୪୦.୧୫ |
| ୩. | ବାନାୟର ସାହୁ, ସା: ପ୍ଲଟ୍ ନଂ.: ୫୮୬/୮୭, ଚିନ୍ତାମଣି ବୁଦ୍ଧେଶ୍ୱରୀ ସିଆରପି ଲାଇନ୍, ଲକ୍ଷ୍ମୀସାଗର, ଭୁବନେଶ୍ୱର-୭୫୧୦୧୧ / ୬୦୪୧୭୧୪୭୫୪୭ | ଟ.୪୦,୧୬୧.୯୭ | ୧୧.୫୦ | ୧୨.୭୦ |
| ୪. | ବାନାୟର ସାହୁ, ସା: ପ୍ଲଟ୍ ନଂ.: ୫୮୬/୮୭, ଚିନ୍ତାମଣି ବୁଦ୍ଧେଶ୍ୱରୀ ସିଆରପି ଲାଇନ୍, ଲକ୍ଷ୍ମୀସାଗର, ଭୁବନେଶ୍ୱର-୭୫୧୦୧୧ / ୬୦୪୧୬୭୯୨୬୯୯ | ଟ.୫୧,୮୩୭.୨୩ | ୧୬.୦୦ | ୩୫.୬୬ |

ନିମ୍ନଲିଖିତ ସର୍ତ୍ତାବଳୀ ଅନୁସାରେ କଥିତ ନିଲାମ ସମ୍ପନ୍ନ କରାଯିବ।
୧) "ଯେଉଁଠାରେ ଯେପରି ଅଛି ଭିତ୍ତିରେ" ନିଲାମ କରାଯିବ।
୨) ସଫଳ ନିଲାମଧାରୀ ନିଲାମ ତାରିଖ ପରବର୍ତ୍ତୀ କାର୍ଯ୍ୟଦିବସରେ ସମ୍ପୂର୍ଣ୍ଣ ନିଲାମ ରାଶି ପୈଠ କରିବେ ଏବଂ ନିଜର ସମ୍ପୂର୍ଣ୍ଣ ଦାୟୀତ୍ୱରେ ଅଳଙ୍କାରଗୁଡ଼ିକ ନେବେ ଏବଂ କଥିତ ନିଲାମଧାରୀ କୌଣସି କାରଣ ବଶତଃ ବ୍ୟାଙ୍କକୁ ତାହା ଫେରସ୍ତ କରିବେ ନାହିଁ।
୩) ଆକାଉଣ୍ଟରେ ବନ୍ଧକଥିବା ସମସ୍ତ କିମ୍ବା ଆଂଶିକ ଅଳଙ୍କାରଗୁଡ଼ିକୁ ନିଲାମ କରିବାକୁ ଆବଶ୍ୟକ ମନେକଲେ ତାହା କରିବାକୁ ବ୍ୟାଙ୍କ ଅଧିକାର ସଂରକ୍ଷିତ ରଖିଅଛି କିମ୍ବା ଯେକୌଣସି ସମୟରେ ବିନା ନୋଟିସ୍‌ରେ ନିଲାମ ବନ୍ଦ କରିବାର ଅଧିକାର ଏହାର ସ୍ୱତନ୍ତ୍ର କ୍ଷମତା ବଳରେ ସଂରକ୍ଷିତ ରହିଛି।
୪) ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ଯେକୌଣସି ବିଡ୍‌କୁ ଗ୍ରହଣ/ରଦ୍ଦ କରିବାର ସ୍ୱତନ୍ତ୍ର କ୍ଷମତା ରହିଛି।
୫) ବ୍ୟାଙ୍କର ସୁବିଧା ମୁତାବକ ଯେକୌଣସି ସ୍ତରରେ ଭବିଷ୍ୟତ ତାରିଖକୁ ନିଲାମ ବିକ୍ରୟ ସ୍ଥଗିତ ରଖିବାର ଅଧିକାର ବ୍ୟାଙ୍କର ରହିଛି ଏବଂ କୌଣସି ବ୍ୟକ୍ତି ଏ ବିଷୟରେ କୌଣସି ପ୍ରାକ୍ ନୋଟିସ୍ କିମ୍ବା ସେବାବଦ ଅଧିକାର ଦାବୀ ରଖିବାକୁ ହକ୍‌ଦାର ହେବେ ନାହିଁ।
୬) ଯଦି ସଫଳ ନିଲାମଧାରୀ ସମ୍ପୂର୍ଣ୍ଣ ନିଲାମ ରାଶି ପ୍ରଦାନ ନ କରନ୍ତି ଏବଂ/କିମ୍ବା ତାଙ୍କର କୌଣସି କାରଣ ହେତୁ ନିଲାମ ବିକ୍ରୟ ସ୍ଥଗିତ/ପୁନଃ ନିଲାମ ହୁଏ, ତେବେ ସେ ବ୍ୟାଙ୍କର ତଦ୍‌ଦ୍ୱାରା ହୋଇଥିବା କ୍ଷତିର ପରିମାଣ ଯାହା ତାଙ୍କ ଯୋଗୁ ନିଲାମ ସମାପ୍ତ ହୋଇପାରିନଥିଲା ସେଥି ନିମନ୍ତେ ଦାୟୀ ରହିବେ।

ସ୍ଥାନ : ଭୁବନେଶ୍ୱର, ତାରିଖ : ୧୯.୦୭.୨୦୨୩ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୯ ଜୁଲାଇ, ୨୦୨୩

## ୨ ଟ୍ରକ୍ ମୁହାଁମୁହିଁ ଧକ୍କା ଜଣେ ଗୁରୁତର

ଲାଞ୍ଜିଗଡ଼,(ରମେଶ ଚନ୍ଦ୍ର ନାୟକ): କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ସିକେରକୁପା ନିକଟରେ ଦୁଇଟି ଟ୍ରକ୍ ମୁହାଁମୁହିଁ ଧକ୍କାରେ ଜଣେ ଚାଳକ ଗୁରୁତର ଆହତ ହୋଇଛନ୍ତି। ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଭବାନୀପାଟଣା-ରାୟଗଡ଼ା ୬ ନମ୍ବର ରାଜ୍ୟ ରାଜପଥ ସିକେରକୁପା ନିକଟରେ ରାୟଗଡ଼ାଠାରୁ ସମ୍ବଲପୁର ଯାଉଥିବା ଟ୍ରକ ଭବାନୀପାଟଣାରୁ ବିଶାଖାପାଟଣା ଯାଉଥିବା ଅନ୍ୟ ଏକ ଟ୍ରକକୁ ଧକ୍କା ଦେଇ ଚାଲି ଯାଉଥିଲା। ସ୍ଥାନୀୟ ଲୋକେ ଟ୍ରକ ଅଟକ ରଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଓ ସ୍ଥାନୀୟ ଯୁବକମାନେ ପହଞ୍ଚି ଗୁରୁତର ଟ୍ରକ ଚାଳକଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ।



## ସଂକ୍ଷେପରେ

### ୭ ଲକ୍ଷ ଟଙ୍କା ଧରି ଫେରାର ପମ୍ପ କର୍ମଚାରୀଙ୍କୁ ଧରିଲା ପୋଲିସ

ଭବାନୀପାଟଣା,୧୮।୭(ଉତ୍ତମ କୁମାର ଦାଶ): କଳାହାଣ୍ଡି ଜିଲା ଜୁନାଗଡ ସହର ତାଲବନ୍ଦପଡା ନିକଟରେ ଥିବା ଏକ ପେଟ୍ରୋଲ ପମ୍ପରେ କାର୍ଯ୍ୟରତ ଜଣେ କର୍ମଚାରୀ ପମ୍ପର ୭ ଲକ୍ଷ ଟଙ୍କା ଧରି ଗତ ୧୫ ତାରିଖ ଫେରାର ହୋଇଯାଇଥିଲେ। ଏହାର ଦିନକ ପରେ ପେଟ୍ରୋଲ ପମ୍ପ ମାଲିକ ବିନୋଦ ଅଗ୍ରୱାଲ ଜୁନାଗଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ପୋଲିସ ଏକ ମାମଲା (ନଂ.୨୬୧/୨୩) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଅଭିଯୋଗର ୨ ଦିନ ପରେ ଅର୍ଥାତ୍ ମଙ୍ଗଳବାର ପୋଲିସ ସମ୍ପୃକ୍ତ ପମ୍ପ କର୍ମଚାରୀ ଜୁନାଗଡ ବ୍ଲକ ଗୌଡସର୍ଗିଗୁଡା ଗ୍ରାମର ପୂର୍ଣ୍ଣଚନ୍ଦ୍ର ମାଝିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେହିପରି ଅଭିଯୁକ୍ତଙ୍କଠାରୁ ୭ଲକ୍ଷ ଟଙ୍କା ମଧ ପୋଲିସ ଉଦ୍ଧାର କରି ପମ୍ପ ମାଲିକଙ୍କୁ ପ୍ରଦାନ କରିଥିବା ଜଣାପଡିଛି।

### ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

କେସିଙ୍ଗା,୧୮।୭(ତୁମେଶ୍ୱର ସାହୁ): କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଶିରୋଲ ଗ୍ରାମପଞ୍ଚାୟତର କଲ୍ୟାଣ ମଣ୍ଡପରେ ପ୍ରବଳ ବର୍ଷା ସତ୍ତ୍ୱେ ଗ୍ରାମପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ସରପଞ୍ଚ ଝରଣା ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଶିରୋଲ, ପୋଡ଼ଖମ୍ଦ, ଡୁମେରମୁଣ୍ଡା, ସିରଜୋର ଗ୍ରାମରୁ ୨୪୧ଜଣ ହିତାଧିକାରୀ ପ୍ରବଳ ବର୍ଷା ସତ୍ତ୍ୱେ ଶିବିରକୁ ଆସି ଅଭିଯୋଗ କରିଥିଲେ। ବାର୍ଦ୍ଧକ୍ୟ ଭତ୍ତାରେ ୧୨ଜଣ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧୭୦ଜଣ, ଅନ୍ୟାନ୍ୟ ବିଷୟ ୫ଜଣ ଅଭିଯୋଗ କରିଥିଲେ। ଶିବିରରେ ଅତିରିକ୍ତ ବିଡିଓ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଗଜିନ୍ଦ୍ର ସାହା, ଜିଆରଏସ ଉପେନ୍ଦ୍ର ଗୌଡ଼ ପ୍ରମୁଖ ଯୋଗଦେଇ।

### ବଡ଼ଦଧିବାମନ ମନ୍ଦିରରେ ଗୁରୁ ମହୋତ୍ସବ ପାଳନ

ଖଡ଼ିଆଳ,୧୮।୭(ସୁଜିତ୍ ପ୍ରଧାନ): ନୂଆପଡା ଜିଲା ଖଡ଼ିଆଳ ଏନ୍‌ଏସିର ୧୨ ନଂ. ୱାର୍ଡସ୍ଥିତ ୧୫୦୦ ଖ୍ରୀଷ୍ଟାବ୍ଦରେ ସ୍ଥାପିତ ସର୍ବପୁରାତନ ବଡ଼ ଦଧିବାମନ ମନ୍ଦିରରେ ଗୁରୁ ମହୋତ୍ସବ ପାଳନ ହୋଇଯାଇଛି। ବଲାଙ୍ଗୀର ସହରରୁ ଗୁରୁଦେବ ଶ୍ରୀ ଶ୍ରୀ ବ୍ରଜ ମୋହନ ସରନ ଦେବ ଆସି ତାଙ୍କ ଖଡ଼ିଆଳ ଅଞ୍ଚଳ ଶତାଧିକ ଶିଷ୍ୟଙ୍କୁ କର୍ଣ୍ଣ ମନ୍ତ୍ର ତଥା ଗୁରୁ ମନ୍ତ୍ର ଦେଇ ସମସ୍ତଙ୍କୁ ମୋକ୍ଷ୍ୟ ପ୍ରାପ୍ତି ପାଇଁ ସୁମଧୁର ପ୍ରବଚନ ଦେଇ ମାର୍ଗ ଦର୍ଶନ କରିଥିଲେ। ଏହି ଅବସରରେ ସମସ୍ତଙ୍କ ପାଇଁ ଅନ୍ନ ଭୋଗ ସୁବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରଦୀପ କିଶୋର ଖମାରି, ଅର୍ଜୁନ ପଣ୍ଡା, ଆର୍ତ୍ତବଲ୍ଲଭ ଯୋଶୀ, ଶୈଳେନ୍ଦ୍ର ମୋହନ ପାଣିଗ୍ରାହୀ, ଲୋହିତାକ୍ଷ ଯୋଶୀ ଅବନୀ ମୋହନ ପାଣିଗ୍ରାହୀ, ପ୍ରଶାନ୍ତ ପଣ୍ଡା, ଗୌର ଖମାରି, ଅଶନି ପ୍ରଧାନ, ସୁସ୍ମୃତ ପାଢ଼ୀ, ଆସୁତୋଷ ଯୋଶୀ ପ୍ରମୁଖ ସହଯୋଗ କରିଥିଲେ।

### ଚନାମୁଣ୍ଡା ଗ୍ରାମରେ ପାନୀୟ ଜଳ ସମସ୍ୟା

ବେହେରା,୧୮।୭ (ଭୁପେଶ ତିୱାରୀ): କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଛଞ୍ଚାଣବାହେଲି ପଞ୍ଚାୟତ ଚନାମୁଣ୍ଡା ଗ୍ରାମରେ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ଏଠାରେ ଦିନେ ନୁହେଁ ବର୍ଷ ବର୍ଷ ଧରି ଏହି ସମସ୍ୟା ଲାଗି ରହିଛି। କିଛି ବର୍ଷ ତଳେ ଗ୍ରାମରେ ଜଳ ସଙ୍କଟ ଦୂର କରିବାକୁ ଏକ ସୌର ଚାଳିତ ପାଣି ଟାଙ୍କି ନିର୍ମାଣ କରାଯାଇଥିଲା। ହେଲେ ମରାମତି ହୋଇ ନ ପାରି ତାହା ଦୀର୍ଘ ଦିନ ହେବ ଅଚଳ ହୋଇପଡ଼ିଛି। ଏକ ମାତ୍ର ପିଇବା ପାଣିର ଭରସା ଥିବା ସୌରନଳକୂପ ରକ୍ଷଣାବେକ୍ଷଣ ଅଭାବ ସାଙ୍ଗକୁ ମରାମତି ନ ହେବାରୁ ଏବେ ଟୋପାଏ ପାଣି ପାଇଁ ଗ୍ରାମବାସୀ ହନ୍ତସନ୍ତ ହେଉଛନ୍ତି। ଗାଁରେ ଥିବା ତିନୋଟି ନଳକୂପରୁ ଗୋଟିଏରେ ବହୁକଷ୍ଟରେ ପାଣି ବାହାରୁଥିବା ବେଳେ ଦୁଇଟି ନଳକୂପର ଚାଲୁ ରହିଛି। ଦୁର୍ଭାଗ୍ୟକୁ ସପ୍ତାହ ହେବ ଆଉ ଏକ ନଳକୂପରୁ ମଧ ପାଣି ବାହାରିବା ମୁସ୍କିଲ ହୋଇ ପଡ଼ିଛି। ଫଳରେ ପାଣି ପାଇଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏବେ ଗୋଟିଏ ନଳକୂପ ଚାଲୁ ରହିଥିବା ବେଳେ ରାତି ପାହିଲେ ଲୋକଙ୍କ ଭିଡ଼ ଜମୁଛି। ଏପରିକି ବିଭିନ୍ନ ସମୟରେ ନିଜ ନିଜ ଭିତରେ ପାଟିତୁଣ୍ଡ ହେବା ଭଳି ପରିସ୍ଥିତି ଉପୁଜିଥିବା ଗ୍ରାମବାସୀ ପ୍ରକାଶ କରନ୍ତି। ତୁରନ୍ତ ପିଇବା ପାଣିର ବିକଳ୍ପ ବ୍ୟବସ୍ଥା ନ କଲେ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ବିଭାଗୀୟ ଯନ୍ତ୍ରୀ ଖୁବଶୀଘ୍ର ନଳକୂପ ମରାମତି କରାଯିବ ବୋଲି ଫୋନ ଯୋଗେ ପ୍ରତିକ୍ରିୟା ରଖିଛନ୍ତି।

# ଶିଶୁ ଅପପୁଷ୍ଟି ହାର ଉଦ୍‌ବେଗଜନକ

ଭବାନୀପାଟଣା,୧୮।୭
(ଉତ୍ତମ କୁମାର ଦାଶ)

**କଳାହାଣ୍ଡି ଜିଲା**
- ବାଟବଣା ଶିଶୁ ବିକାଶ ଯୋଜନା
- ଅରେଞ୍ଜ ଜୋନରେ ୪୪୮୬ଜଣ ଶିଶୁ
- ଜୁନାଗଡ଼ ବ୍ଲକ ତଳଦୁଣ୍ଡାରେ ଅନେକ ଶିଶୁ ଅପପୁଷ୍ଟିର ଶିକାର

କଳାହାଣ୍ଡି ଜିଲାରେ ଶିଶୁମାନଙ୍କ ବିକାଶ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ ହେଉଥିଲେ ମଧ ଶିଶୁ ଅପପୁଷ୍ଟି ହାର ଉଦ୍‌ବେଗଜନକ ରହିଛି। ଜିଲାରେ ୪୪୮୬ଜଣ ଶିଶୁ ଅତ୍ୟନ୍ତ ଅପପୁଷ୍ଟିର ଶିକାର ହୋଇ ଅରେଞ୍ଜ ଜୋନରେ ରହିଛନ୍ତି। ପ୍ରାୟ ୩.୫୧% ଶିଶୁ ଅରେଞ୍ଜ ଜୋନରେ ଥିବାବେଳେ ୟେଲୋ ଜୋନରେ ୧୪.୦୨%, ଗ୍ରିନ ଜୋନରେ ୮୨.୪୭% ଶିଶୁ ଅଛନ୍ତି। ସେମାନଙ୍କ ପାଇଁ ଛତୁଆଠାରୁ ଆରମ୍ଭ କରି ବିଭିନ୍ନ ପୁଷ୍ଟି ସାଧନ ଖାଦ୍ୟ ପ୍ରଦାନ ନିମନ୍ତେ ବିଭିନ୍ନ ଯୋଜନା ହୋଇଛି। ମାତ୍ର ଅପପୁଷ୍ଟି ରୋକିବା ବଦଳରେ ସରକାରୀ ବାବୁ ତଥା ବିଭିନ୍ନ ଦଲାଲ ମାଧମରେ ଯୋଜନା ବାଟମାରଣା ଅଭିଯୋଗ ହେଉଛି।

ମିଳିଥିବା ସୂଚନା ଅନୁଯାୟୀ, ଜିଲାରେ ୧୧ଟି ଗ୍ରାମାଞ୍ଚଳ ଆଇସିଡିଏସ, ଗୋଟିଏ ସହରାଞ୍ଚଳ ଓ ୨ଟି ଆଦିବାସୀ ଆଇସିଡିଏସ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଏଥିନିମନ୍ତେ ୧୯୪୩ଟି ଅଙ୍ଗନୱାଡି କେନ୍ଦ୍ର ଓ ୪୧୯ଟି ମିନିଅଙ୍ଗନୱାଡି ମିଶି ସମୁଦାୟ ୨୩୬୨ଟି କେନ୍ଦ୍ର ରହିଛି। ଏଥିରେ ଶୂନରୁ ୫ ବର୍ଷ ମଧରେ ୧ ଲକ୍ଷ ୩୦ ହଜାର ୫୩୩ ଜଣ ଶିଶୁ ଅଛନ୍ତି। ସେମାନଙ୍କ ମଧରୁ ୧ ଲକ୍ଷ ୫ ହଜାର ୩ ଶହ ୯୩ଜଣ ଶିଶୁ ଗ୍ରିନ ଜୋନରେ ଅଛନ୍ତି। ଏମାନଙ୍କ ହାର ୮୨.୪୭%। ସେହିଭଳି ୟେଲୋ ଜୋନ୍‌ରେ ୧୭,୯୧୭ ଜଣ ଶିଶୁ ଅଛନ୍ତି। ସବୁଠାରୁ ଉଦେବଗଜନକ ଅରେଞ୍ଜ ଜୋନରେ ୪୪୮୬ଜଣ ଶିଶୁ ଥିବାବେଳେ ଏମାନଙ୍କ ହାର ୩.୫୧% ଅଟେ। ୬ ମାସରୁ ୩ବର୍ଷ ପର୍ଯ୍ୟନ୍ତ ୬୭୧୩୮ଜଣ ଶିଶୁ ଓ ୩ ବର୍ଷରୁ ୬ ବର୍ଷ ୮୪୬୦୭ ଜଣ ଶିଶୁ ଏସଏମ୍ପି ଫିଡିଙ୍ଗ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ହୋଇଛନ୍ତି। ଜିଲାର ୨୪ଟି ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଛତୁଆ ତିଆରି କରି ବଣ୍ଟନ ଦାୟିତ୍ୱରେ ଅଛନ୍ତି। ଏ ଛତୁଆ ନିମ୍ନମାନର ହୋଇଥିବାବେଳେ ଏସଏଚଜିମାନଙ୍କୁ ଡାଲ କରି ଦଲାଲମାନେ ନିଜର କାୟା ବିସ୍ତାର କରିବାରେ ଲାଗିଛନ୍ତି। ବିଭିନ୍ନ ସ୍ଥାନରେ ନିମ୍ନମାନର ଛତୁଆ ଯୋଗୁ ଶିଶୁମାନେ ଖାଇବା ପରିବର୍ତ୍ତେ ଗୋ–ଖାଦ୍ୟରେ ପରିଣତ ହେଉଛି। ଜିଲାର ଥୁଆମୂଳ ରାମପୁର, ଲାଞ୍ଜିଗଡ଼, ମ. ରାମପୁର, ଗୋଲାମୁଣ୍ଡା, ଜୁନାଗଡ଼ ବ୍ଲକ ସମେତ ବିଭିନ୍ନ ଦୁର୍ଗମ ଅଞ୍ଚଳରେ ଶିଶୁ ଅପପୁଷ୍ଟି ହାର ଅଧିକ ରହିଛି। ଜିଲାରେ ଅତ୍ୟନ୍ତ ଅପପୁଷ୍ଟି ଥିବା ଶିଶୁଙ୍କୁ ଧର୍ମଗ ଭବାନୀପାଟଣା ଓ ଜୟପାଟଣାଠାରେ ଥିବା ଏନଆର୍ସି କେନ୍ଦ୍ରକୁ ପଠାଯିବା ବ୍ୟବସ୍ଥା ମଧ ରହିଛି। ଜିଲାରେ ସମୁଦାୟ ୨୨ ହଜାର ୪୦୩ ଜଣ ଅପପୁଷ୍ଟି ଶିଶୁ ଥିବାବେଳେ ସେମାନଙ୍କ ଯତ୍ନ ଅତ୍ୟନ୍ତ ଅପରିହାର୍ଯ୍ୟ। ଜୁନାଗଡ଼ ବ୍ଲକ ତଳଦୁଣ୍ଡା ଗ୍ରାମରେ ଅନେକ ଶିଶୁ ଅପପୁଷ୍ଟିର ଶିକାର ହୋଇଛନ୍ତି। ଜୁନାଗଡ଼ ବ୍ଲକ ଦୁନ୍ଦେଲମାଲ ପଞ୍ଚାୟତର ଦୁର୍ଗମ ପାହା ଘେରା ତଳଦୁଣ୍ଡା ଗ୍ରାମରେ ଏଭଳି ଅବସ୍ଥା ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ଏହିଭଳି ଦୁର୍ଗମ ଅଞ୍ଚଳର ବହୁ ଗାଁରେ ଅପପୁଷ୍ଟି ଶିକାର ଥିବା ଶିଶୁଙ୍କ ସଂଖ୍ୟା ଯଥେଷ୍ଟ ଅଧିକ। ଏ ନେଇ ଜିଲା ସମାଜ କଲ୍ୟାଣ ଅଧିକାରୀଙ୍କୁ ପଚାରିବାରୁ ଅପପୁଷ୍ଟି ଶିଶୁମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଧ୍ୟାନ ଦିଆଯାଉଛି। ଏପରିକି ଜିଲାରେ ୩.୫୧% ଅତ୍ୟନ୍ତ ଅପପୁଷ୍ଟି ଶିଶୁଙ୍କ ସ୍ୱତନ୍ତ୍ର ଭାବେ ଯତ୍ନ ନିଆଯାଇ ପୁଷ୍ଟିବର୍ଦ୍ଧକ ଛତୁଆ ପ୍ରଦାନ କରାଯାଉଛି ବୋଲି ପ୍ରକାଶ କରିଛନ୍ତି।

## ଜଳ ଘେରରେ ୧୦ ପରିବାର



ରିଞ୍ଜା ବସ୍ତିରେ ଲୋକଙ୍କ ଘର ପାଣି ଘେରରେ ରହିଛି।

କର୍ଲାମୁଣ୍ଡା,୧୮।୭(ପ୍ରଦୀପ ସାହୁ)

**କାର୍ଲାମୁଣ୍ଡା ଅଞ୍ଚଳରେ ପ୍ରବଳ ବର୍ଷା**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଞ୍ଜା ବସ୍ତିରେ ପ୍ରବଳ ବର୍ଷା ଯୋଗୁ ବର୍ଷା ପାଣି ନିଷ୍କାସନ ହୋଇ ପାରି ନାହିଁ। ଫଳରେ ଗାଁର ପ୍ରାୟ ୧୦ଟି ପରିବାର ପାଣି ଘେରରେ ରହିଥିବା ଦେଖିବାକୁ ମିଳିଛି। ଖବର ପାଇ ମଙ୍ଗଳବାର ସକାଳେ ବିଡିଓ ସୁଚରିତା ମୁଗ୍ରୀ, ତହସିଲଦାର ମିଳନ କୁମାର ଝାଙ୍କର, ସହକାରୀ ଯନ୍ତ୍ରୀ ସନ୍ଦୀପ ନାଏକ, ସ୍ଥାନୀୟ ସରପଞ୍ଚ ପଞ୍ଚାନନ ବାଗ, ସମିତି ସଭ୍ୟ ଆନନ୍ଦ ନାଗ ଘଟଣାସ୍ଥଳରେ ପହଞ୍ଚି ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା କରେଇଥିଲେ। ସୂଚନାଯୋଗ୍ୟ ଯେ, କିଛିଦିନ ପୂର୍ବରୁ ଗାଁର ଗଣ୍ଡବାହଲି କଟା ପଞ୍ଚାୟତ ସମିତି ପକ୍ଷରୁ ଗଣ୍ଡବାହଲି କଟାର ଉନ୍ନତିକରଣ କାର୍ଯ୍ୟ ହୋଇଥିଲା। ଏଥିରେ ଜଳ ନିଷ୍କାସନ ବ୍ୟବସ୍ଥା ନ କରି ହିଡଗୁଡ଼ିକୁ ଉଚ୍ଚା କରାଯାଇଥିଲା। ଫଳରେ ଗାଁର ବର୍ଷା ପାଣି ପୋଖରୀକୁ ପସି ନ ପାରିବାରୁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ୧୦ଟି ଘର ଜଳ ଘେରରେ ରହିବା ସହ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏ ନେଇ ଏହି ୧୦ଟି ପରିବାର ପୋଖରୀ କାମ ଆରମ୍ଭ ସମୟରେ ଡ୍ରେନ ବ୍ୟବସ୍ଥା କରାଯିବା ନେଇ ବ୍ଲକ ପ୍ରଶାସନ ଓ ଜିଲା ପ୍ରଶାସନକୁ ଲିଖିତ ଭାବେ ଅଭିଯୋଗ କରିଥିଲେ। ପ୍ରଶାସନ ଗୁରୁତ୍ୱ ଦେଇ ନ ଥିବାରୁ ଏଭଳି ପରିସ୍ଥିତି ଉପୁଜିଥିବା ଲୋକେ ଅଭିଯୋଗ କରିଛନ୍ତି।

## ଡିଆଇଟି ପକ୍ଷରୁ କୁଇ, କୁଭି ଭାଷା ସମ୍ପର୍କିତ କର୍ମଶାଳା

ଭବାନୀପାଟଣା,୧୮।୭
(ଉତ୍ତମ କୁମାର ଦାଶ)




କୁଇ ଓ କୁଭି ଭାଷା ସମ୍ପର୍କିତ କର୍ମଶାଳା।

କଳାହାଣ୍ଡି ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପକ୍ଷରୁ କୁଇ ଓ କୁଭି ଭାଷାରେ ଶିକ୍ଷକ ସହାୟକ ପୁସ୍ତିକା ପ୍ରସ୍ତୁତି ପାଇଁ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବରୁ ଓଡ଼ିଆ ଭାଷାରେ ପ୍ରସ୍ତୁତ ହୋଇଥିବା ଖେଳନା ସମନ୍ୱିତ ଶିକ୍ଷାଦାନ ପଦ୍ଧତି ଉପରେ ପର୍ଯ୍ୟବେସିତ ଶିକ୍ଷକ ପ୍ରଦର୍ଶିକାକୁ ଜିଲାରେ ବ୍ୟବହୃତ କୁଇ ଓ କୁଭି ଭାଷାରେ ଅନୁବାଦ କରାଯାଉଛି। କଳାହାଣ୍ଡି ଡିଆଇଇଟି ଅଧକ୍ଷା ଡକ୍ଟର ସ୍ନେହପ୍ରଭା ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ କର୍ମଶାଳାରେ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ନିହାରିକା ଦେବୀ, ପ୍ରଶିକ୍ଷକ ଈଶ୍ୱରଚନ୍ଦ୍ର ବେହେରା ସଫଳ ଅନୁବାଦ ଉପରେ ଧାରଣା ଦେଇଥିଲେ। ଅନ୍ୟମାନଙ୍କ ମଧରେ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ନରୋତ୍ତମ ଭୋଇ, ମମିତା ଦୋରା, ଅଚ୍ୟୁତାନନ୍ଦ ମଲ୍ଲିକ, ସୁନୀତା ଦୁର୍ଗା, ରାଜୀଲୋଚନ ପଣ୍ଡା ସହାୟତା କରିଥିଲେ। ଜିଲାର ଲାଞ୍ଜିଗଡ଼, ଥୁଆମୂଳ ରାମପୁର ଓ ମ.ରାମପୁର ବ୍ଲକରେ ଏହି ଭାଷା ଦ୍ୱୟ ବ୍ୟବହାର ହେଉଥିବା ଦୃଷ୍ଟିରୁ ତାହାକୁ ଦୃଷ୍ଟିରେ ଶିକ୍ଷକ ସହାୟକ ପୁସ୍ତିକା ଅନୁବାଦିତ ହେଉଛି। ଏଥିରେ ଶିକ୍ଷକ ଡିଲେଶ୍ୱର ରଣା, ତ୍ରିନାଥଶ୍ୟାମ କୁମାର, ନିରଞ୍ଜନ ମାଝି, ବିକ୍ରମ ମାଝି, ଅରକ୍ଷିତ ମାଝି, ଜଳନ୍ଧର ମାଝି, ସୁରେନ୍ଦ୍ର ମାଝି, ଧନସିଂ ମାଝି, ଘାସି ମାଝି, ନବୀନ ପ୍ରଧାନ, ମିଲୁ ପ୍ରଧାନ, ସୁବାସ ମାଝି ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି କର୍ମଶାଳା ଆଗାମୀ ୨୧ ଯାଏଁ ଚାଲିବ ବୋଲି ଜଣାପଡ଼ିଛି।

## ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ

**ପୂର୍ବ ଶତ୍ରୁତାରୁ ମାରଣାତ୍ମକ ଆକ୍ରମଣ ଘଟଣା**

କେସିଙ୍ଗା,୧୮।୭(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ଦେଓଗାଁ ଗ୍ରାମପଞ୍ଚାୟତ ଅଧୀନ ମହଗାଁ ଗ୍ରାମରେ ଗତ ୧୧ ତାରିଖ ରାତି ସାଢ଼େ ୯ଟାରେ ପୂର୍ବ ଶତ୍ରୁତାରୁ ଅନିରୁଦ୍ଧ ହରିଜନ (୪୫)ଙ୍କୁ ମାରଣାତ୍ମକ ହୋଇଥିଲା। ଆକ୍ରମଣ ଶିକାର ଅନିରୁଦ୍ଧ ୭ ଦିନ ପରେ ମଧ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଉନ୍ନତି ହେଉ ନ ଥିବାରୁ ଜୀବନ ସଙ୍କଟାପନ୍ନ ହୋଇଛି। ଅନ୍ୟପକ୍ଷେ ତାଙ୍କ ଉଚ୍ଚ ଚିକିତ୍ସା ପାଇଁ ଆର୍ଥିକ ସମସ୍ୟା ଦେଖା ଦେଇଛି।

ସୂଚନା ଯେ, ଗ୍ରାମର ଅନିରୁଦ୍ଧ ହରିଜନ (୪୫) ଓ ଜରାସନ୍ଧ ହରିଜନ ଦୁହେଁ ମହାଗା ଗ୍ରାମ ରାସ୍ତାରେ ଆସୁଥିବା ବେଳେ ଗଜିନ୍ଦ୍ର ଶବର ଘର ନିକଟରେ ସୁରେଶନ ଶବର, ଜୟରାମ ଶବର, ସୁନାଧର ଶବର ୩ଜଣ ମିଶି ଅନିରୁଦ୍ଧଙ୍କୁ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ମାରଣାତ୍ମକ ଆକ୍ରମଣ କରିଥିଲେ। ତାଙ୍କୁ ଲୁହା ରଡ଼, କାଠ ଫାଳିଆରେ ମାଡ଼ ମାରି ମୁଣ୍ଡ ଫଟାଇ ରକ୍ତାକ୍ତ ଓ ସଂଜ୍ଞାହୀନ କରିଦେଇଥିଲେ। ଖବର ପାଇ ଅନିରୁଦ୍ଧଙ୍କ ସ୍ତ୍ରୀ ଗୋମତି ଗ୍ରାମର ଲୋକଙ୍କ ସାହାଯ୍ୟରେ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ଏ ନେଇ ଅନିରୁଦ୍ଧଙ୍କ ସ୍ତ୍ରୀ ଗୋମତୀ ହରିଜନ କେସିଙ୍ଗା ଆଦର୍ଶ ଥାନାଠାରେ ଲିଖିତ ଅଭିଯୋଗ କରିଛନ୍ତି। ଥାନାଧିକାରୀ ସତ୍ୟ କୁମାର ନନ୍ଦ ଆକ୍ରମଣକାରୀ ୩ଜଣଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଥିଲେ। ୩ଜଣଙ୍କ ମଧ୍ୟରୁ ଜୟରାମ ଶବରଙ୍କୁ କୋର୍ଟ ଚାଲାଣ କରାଯାଇଛି। ୨ଜଣଙ୍କୁ କେସିଙ୍ଗା ପୋଲିସ ଛାଡି ଦେଇଛି। ଡମ୍ବ ସମାଜ ମହାଗା ଓ ସମସ୍ତ ଜନସାଧାରଣ ତଥା ଅନିରୁଦ୍ଧଙ୍କ ପରିବାର ୩ଜଣଙ୍କୁ ସମ୍ପୂର୍ଣ୍ଣ ରୂପେ ଆଇନ ଅନୁଯାୟୀ ଦଣ୍ଡ ବିଧାନ କରିବା ପାଇଁ ଦାବି କରିଛନ୍ତି।

## ମିନି ଭ୍ୟାନ ଧକ୍କାରେ ବୃଦ୍ଧ ମୃତ

ନୂଆପଡ଼ା/ବୋଡ଼େନ,୧୮।୭
(ମକାରୁ ବେମାଲ/ଟିକେଶ୍ୱର ନାଗ୍)

ନୂଆପଡା ଜିଲା ବୋଡେନ ଥାନା ବୋଇର ଗାଁ ପଞ୍ଚାୟତ ଜାମଗାଁଠାରେ ବିଜୁ ଏକ୍ସପ୍ରେସ ୱେରେ ମିନିଭ୍ୟାନ ଗାଡି ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଜାମଗାଁର ଜଗବନ୍ଧୁ ନାଗ (୬୦)। ମଙ୍ଗଳବାର ସକାଳେ ଝିପି ଝିପି ବର୍ଷା ହେଉଥିବାରୁ ଜଗବନ୍ଧୁ ଛତା ଧରି ବିଜୁ ଏକ୍ସପ୍ରେସ ୱେ ଅତିକ୍ରମ କରି ଶୌଚ ପାଇଁ ଯାଉଥିଲେ। ଏହି ସମୟରେ ଦ୍ରୁତଗତି ଆସି ମିନିଭ୍ୟାନ ବୃଦ୍ଧଙ୍କୁ ଧକ୍କା ଦେଇ ଚାଲି ଯାଇଥିଲା। ବୃଦ୍ଧ ଛିଟିକି ବିଜୁ ଏକ୍ସପ୍ରେସ ୱେ କଡରେ ପଡିଥିଲେ। ସ୍ଥାନୀୟ ଲୋକେ ଆସି ଉଦ୍ଧାର କରିବା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ବୋଡେନ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ ଜାରି ରହିଛି। ଘାଟିପଡାଠାରୁ ସିନାପାଲି ପର୍ଯ୍ୟନ୍ତ ୯୦ କି.ମି. ବିଜୁ ଏକ୍ସପ୍ରେସ ୱେ ଯାଇଛି। ଏହି ୯୦ କି.ମି. ଭିତରେ ସପ୍ତାହକ ମଧ୍ୟରେ ୧୦ରୁ ଊର୍ଦ୍ଧ୍ୱ ଜଣଙ୍କ ଜୀବନ ଯାଇ ସାରଲାଣି। ବେପାରୁଆ ଗାଡି ଚାଳନା ଓ ମଦ୍ୟପ ଚାଳକଙ୍କ ଯୋଗୁ ନୀରିହ ଜୀବନ ଚାଲି ଯାଉଛି। ପୋଲିସ ଓ ଆଞ୍ଚଳିକ ପରିବହନ ବିଭାଗ ଯାନବାହନ କଡାକଡି ଯାଞ୍ଚ କରାଗଲେ ଦୁର୍ଘଟଣା କିଛି ମାତ୍ରାରେ କମି ପାରନ୍ତା ବୋଲି ବୃଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

## କଟା ଯାଇପାରୁନାହିଁ ରାସ୍ତା ଦୁଇ ପାର୍ଶ୍ୱ ବଡ଼ ଗଛ

ଏମ୍.ରାମପୁର,୧୮।୭
(ଶଶିଭୂଷଣ ପ୍ରହରାଜ)

**କର୍ମଚାରୀ ଅଭାବ**

ଓଡିଶା ବନ ଉନ୍ନୟନ ନିଗମ କର୍ମଚାରୀ ଅଭାବ ଯୋଗୁ ରାସ୍ତା ଦୁଇପାର୍ଶ୍ୱରେ ଥିବା ଗଛଗୁଡିକ କଟା ଯାଇପାରୁନାହିଁ। ଫଳରେ ମୁଖ୍ୟ ରାସ୍ତା ପ୍ରଶସ୍ତୀକରଣ ଓ ନବୀକରଣ ହେବା ପାଇଁ ସ୍ଥାନାଭାବ ହେତୁ ବିଦ୍ୟୁତ୍ ଖୁଣ୍ଟ ଅପସାରଣ, ଡ୍ରେନ୍ ନିର୍ମାଣ, ରାସ୍ତା ଚଉଡା ହୋଇପାରୁନାହିଁ। କଳାହାଣ୍ଡି ଜିଲା ମ.ରାମପୁର ଚାରିଛକଠାରୁ ବୁରାଟ ନଦୀ ପର୍ଯ୍ୟନ୍ତ ରାମପୁର ସହର ରାସ୍ତା ପ୍ରଶସ୍ତୀକରଣ, ନବୀକରଣ, ଦୁଇଥାକିଆ ରାସ୍ତାରୁ ବହୁମୁଖୀ ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ ହୋଇଥିଲା। ୫ କୋଟି ୬୩ ଲକ୍ଷ ୮୦ ହଜାର ୬୩ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ରାସ୍ତା ୬ ମାର୍ଚ୍ଚ ୨୦୨୩ରୁ ଆରମ୍ଭ ହୋଇ ୫।୯।୨୦୨୩ରେ ସମ୍ପୂର୍ଣ୍ଣ ହେବା କଥା। ଗଛ କଟା ଓ ବିଦ୍ୟୁତ୍ ଖୁମ୍ବ ଅବସାରଣ ନ ହେବା ଯୋଗୁ କାର୍ଯ୍ୟାରମ୍ଭ ହୋଇପାରିନାହିଁ। ରାସ୍ତା ପାଇଁ ପାଖାପାଖି ୮୦ ଗଛ କାଟିବା, ଅନ୍ୟତ୍ର ସ୍ଥାନାନ୍ତର କରିବା, ପରବର୍ତ୍ତୀ ପର୍ଯ୍ୟାୟରେ ବୃକ୍ଷରୋପଣ ଓ ତିନି ବର୍ଷ ରକ୍ଷଣାବେକ୍ଷଣ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ବନ ଉନ୍ନୟନ ନିଗମକୁ ଗତ ୨୯।୫।୨୦୨୩ରେ ୨୨ ଲକ୍ଷ ୧୩ ହଜାର ୪୯ ଟଙ୍କା ଜମା କରାଯାଇଛି। ଏହା ସତ୍ତ୍ୱେ କାମ ଆଗେଇ ପାରୁନାହିଁ। ଏ ନେଇ ଓଡିଶା ବନ ଉନ୍ନୟନ ନିଗମ ଉପଖଣ୍ଡ ପରିଚାଳକ ଗୁପ୍ତେଶ୍ୱର ପାଢୀଙ୍କୁ ପଚାରିବାରୁ ରାମପୁର ସହର ରାସ୍ତା ଦୁଇପାର୍ଶ୍ୱ ଥିବା ଅସ୍ଥାୟୀ ଦୋକାନ ଓ ଜବରଦଖଲ ହୋଇଥିବା ଘରଗୃହ ଅପସାରଣ ନ କରି ଗଛକଟା ହେଲେ ଗଛକଟା ଜନିତ ଅବ୍ୟବସ୍ଥାରେ ସେମାନେ ପ୍ରଭାବିତ ହେଲେ ବିଶୃଙ୍ଖଳା ଉପୁଜିବ। ତେଣୁ ଉକ୍ତ କାର୍ଯ୍ୟ ସମ୍ପାଦନ ପରେ କାର୍ଯ୍ୟ ଆଗେଇବ। ମ.ରାମପୁର ବନ ଉନ୍ନୟନ ଉପଖଣ୍ଡରେ ୩ଜଣ ପରିଦର୍ଶକ ବଦଳରେ ଜଣେ, ୩ଜଣ କ୍ଷତ୍ରୀୟ ସହ ଯୋଗୀ ବଦଳରେ ଜଣେ, ୩ଜଣ ଜଗୁଆଳି ବଦଳରେ ଜଣେ ଏବଂ ଜଣେ ପିଅନରେ ଏପରି ମୋଟ୍ ପରିଚାଳକଙ୍କୁ ମିଶାଇ ୫ଜଣ କାମ କରୁଛନ୍ତି। ମ.ରାମପୁର ସହରର ମଧ ଦେଇ ରାଜ୍ୟ ରାଜପଥ ୬କ ଯାଇଛି ଏବଂ ଚାରିଛକଠାରେ ରାଜ୍ୟ ରାଜପଥ ୬କ ଜାତୀୟ ରାଜପଥ ୫୯ ଓ ମୁଖ୍ୟ ଜିଲା ରାସ୍ତା ସମ୍ମିଶ୍ରଣ ହୋଇଛି। ରାମପୁର ସହରଠାରେ ଦିନକୁ ଦିନ ଜବରଦଖଲ ବୃଦ୍ଧି ହେତୁ ଯାତାୟାତରେ ଘୋର ସମ୍ମୁଖୀନ ହେବାକୁ ପଡୁଛି।

## ଖାଲଖମାରେ ଭର୍ତ୍ତି ଖଡ଼ିଆଳ ବସ୍‌ଷ୍ଟାଣ୍ଡ




ବସଷ୍ଟାଣ୍ଡର ଖାଲଖମାଲରେ ପାଣି ଜମି ରହିଛି।

ଖଡ଼ିଆଳ,୧୮।୭(ସୁଜିତ୍ ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ହେଉଛି ଜିଲାର ଏକ ପ୍ରମୁଖ ବାଣିଜ୍ୟ ସହର। ଏହି ସହରକୁ ଜିଲାର ୫ଟି ବ୍ଲକ ସମେତ ଛତିଶଗଡ଼ ଏବଂ ପଡୋଶୀ ଜିଲା ବଲାଙ୍ଗୀର ଓ କଳାହାଣ୍ଡି ତଥା କଟକ ଭୁବନେଶ୍ୱରରୁ ପ୍ରତ୍ୟେକ ଶତାଧିକ ଯାତ୍ରୀ ବସ ଯୋଗେ ଏହି ଅଞ୍ଚଳକୁ ଆସିଥାନ୍ତି। ହେଲେ ଏଯାଏଁ ଖଡ଼ିଆଳରେ ଏକ ଉନ୍ନତମାନର ବସଷ୍ଟାଣ୍ଡ ନିର୍ମାଣ ହୋଇ ପାରିନାହିଁ। ବର୍ତ୍ତମାନ ମଧ ଏହି ବସଷ୍ଟାଣ୍ଡ ବେସରକାରୀ ଭାବେ କାର୍ଯ୍ୟ କରିଆସୁଛି। ଖଡ଼ିଆଳ ବସ ମାଲିକ ସଂଘ ନିଜସ୍ୱ ଖର୍ଚ୍ଚରେ ଏହାର ରକ୍ଷଣବେକ୍ଷଣ କରି ଆସୁଛନ୍ତି। କିନ୍ତୁ ବସଷ୍ଟାଣ୍ଡ ବିଜ୍ଞାପିତ ଅଞ୍ଚଳ ପରିଷଦର ଦୁଇ ନମ୍ବର ୱାର୍ଡରେ ଥିବା ହେତୁ ବସଷ୍ଟାଣ୍ଡର ପ୍ରତ୍ୟେକ ଦୋକାନୀମାନଙ୍କଠାରୁ ଦଶ ଟଙ୍କା ଟ୍ୟାକ୍ସ ବିଜ୍ଞାପିତ ଅଞ୍ଚଳ ପରିଷଦ ନେଉଥିବା ଜଣାପଡ଼ିଛି। ବର୍ଷା ହେଲେ ବସଷ୍ଟାଣ୍ଡର ଚତୁର ପାର୍ଶ୍ୱରେ ଖାଲଖମାଲରେ ଭର୍ତ୍ତି ହୋଇ ପାଣି ଜମି ରହୁଛି। ଦୋକାନୀମାନଙ୍କ ଦୋକାନକୁ ପାଣି ପଶୁଥିବା ଅଭିଯୋଗ ହୋଇଛି। ବସଷ୍ଟାଣ୍ଡରେ ଯାତ୍ରୀମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥି ପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ବସଷ୍ଟାଣ୍ଡର ସମସ୍ୟା ସମାଧାନ କରିବାକୁ ଦାବି ହେଉଛି।

## ଘଟଣାସ୍ଥଳ ପରିଦର୍ଶନ କଲେ ନିର୍ବାହୀ ଯନ୍ତ୍ରୀ

ଖଡ଼ିଆଳ,୧୮।୭(ସୁଜିତ୍ ପ୍ରଧାନ)

**ନିମ୍ନମାନର କାମ ନେଇ ଦାବିପତ୍ର ପ୍ରଦାନ ଘଟଣା**

ନୂଆପଡା ଜିଲା ଖଡ଼ିଆଳ ବ୍ଲକ କିରିକିଟା ପିଡବ୍ଲୁଡି ରାସ୍ତାଠାରୁ ସିନାପାଲି ବ୍ଲକର ହତୀବନ୍ଧା ପର୍ଯ୍ୟନ୍ତ ହୋଇଥିବା ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ନିମ୍ନମାନର ନେଇ ଅଭିଯୋଗ ହୋଇଛି। ଏ ନେଇ ସୋମବାର ଖଡ଼ିଆଳ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ରାଜ୍ୟ ଦଳିତ ଅଧିକାର ମଞ୍ଚ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହା ପରେ ମଙ୍ଗଳବାର ନିର୍ବାହୀ ଯନ୍ତ୍ରୀ ଅର୍ଜୁନ ମୁଣ୍ଡା ଘଟଣାସ୍ଥଳ ପରିଦର୍ଶନ କରି ରାସ୍ତା କାର୍ଯ୍ୟ ଖନନ କରିଥିଲେ। ଖନନ ବେଳେ ୨୫ ଏମଏମ ସ୍ଥାନରେ ୩୦ ଏମଏମ ପିଚୁ ପକାଯାଇଥିବା ଦେଖିବାକୁ ମିଳିଥିଲା। ମେଟାଲିଂ ୩ ଇଞ୍ଚ ସ୍ଥାନରେ ୫ ଇଞ୍ଚ ବାହାରିଥିଲା। କାର୍ଯ୍ୟ ନିର୍ବାହୀ ଅଧିକାରୀ କାର୍ଯ୍ୟରେ କୌଣସି ଦୁର୍ନୀତି ହୋଇନାହିଁ ବୋଲି କହିଥିଲେ। ଯେଉଁ ୨୦୦ ସହ ମିଟର ବାହାରି ଯାଇଛି, ତାହା ବର୍ଷା କମିଲେ ପୁଣି ଥରେ କରି ଦିଆଯିବ ବୋଲି କହିଥିଲେ। ସୂଚନା ଯେ, ହାତୀବନ୍ଧାଠାରୁ କିରକିଟା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ସେପ୍ଟେମ୍ବର ୨୦୨୨ରେ ସରିଥିବା ସୂଚନା ଫଳକରୁ ଜଣାପଡୁଛି। ୭ କି.ମି. ୩୯୦ ମିଟର ଲମ୍ବ ଏହି ରାସ୍ତାର ଅଟକଳ ମୂଲ୍ୟ ପ୍ରାୟ ୩୭୨.୫୨ ଲକ୍ଷ ଟଙ୍କା ରହିଛି। ରାସ୍ତାର ରକ୍ଷଣାବେକ୍ଷଣ ଖର୍ଚ୍ଚ ବାବଦରେ ୧୩୩.୮୯ ଲକ୍ଷ ଟଙ୍କା ବ୍ୟୟର ଅଟକଳ ରହିଛି। ଯାହାକି ଆସନ୍ତା ସେପ୍ଟେମ୍ବର ୨୦୨୩ ପରେ ଖର୍ଚ୍ଚ ହେବା କଥା। ରାସ୍ତା କାମର ଏକ ମାସ ପୂର୍ଣ୍ଣ ନ ହେଉଣୁ ପିଚୁ ଉପୁଡ଼ି ଯାଉଥିବା ଅଭିଯୋଗ ହେଇଥିଲା। ଏହି ରାସ୍ତା କାମରେ ଦୁର୍ନୀତି ହୋଇଥିବା ଲୋକେ ଅଭିଯୋଗ କରି ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସୂଚନା ଥାଉକି ଏହି ରାସ୍ତାରେ ୧୦ ଟନ ଯାନ ଚାଲିବା ବଦଳରେ ୨୨ ଟନ ଭାରିଯାନ ଚାଲୁଥିବାରୁ ୨୦୦ ମିଟର ରାସ୍ତା କିଛି ସ୍ଥାନରେ ଉପୁଡିଛି ବୋଲି ସେ କହିଥିଲେ।

## ଏନ୍‌ଏଚ୍ ୨୬ରୁ ବିଜୁ ଏକ୍ସପ୍ରେସ ୱେ ସଂଯୋଗ ରାସ୍ତା ଶୋଚନୀୟ

କୋକସରା,୧୮।୭
(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଏନ୍‌ଏଚ୍ ୨୬ ବୋବରିଆ ଛକରୁ ବିଜୁ ଏକ୍ସପ୍ରେସ ୱେ ବଡ କେନ୍ଦୁଗୁଡା ବଜାର ପଡିଆକୁ ସଂଯୋଗ କରୁଥିବା ରାସ୍ତା ଶୋଚନୀୟ ହୋଇପଡ଼ିଛି। ରାସ୍ତା ସାରା ଖାଲଖମା ହୋଇଥିବା ବେଳେ ଅଳ୍ପ ବର୍ଷାରେ ଖାଲରେ ଆଣ୍ଠୁଏ ପାଣି ଜମି ରହୁଛି। ଫଳରେ ଏହା ଲୋକଙ୍କ ପାଇଁ ଯମ ଯନ୍ତ୍ରଣାଠୁ କମ ନୁହେଁ ବୋଲି ଯାତାୟାତ କରୁଥିବା ଲୋକେ ଅଭିଯୋଗ କରିଛନ୍ତି। ଧର୍ମଗଡ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ଏହି ରାସ୍ତା ପର୍ଯ୍ୟାୟକ୍ରମେ ନିର୍ମାଣ ହେଉଛି। ହେଲେ ନିମ୍ନମାନର କାର୍ଯ୍ୟ ଯୋଗୁ ନିର୍ମାଣର ଗୋଟିଏ ବର୍ଷ ମଧ୍ୟରେ ଶୋଚନୀୟ ହୋଇପଡିଛି। ରାସ୍ତା ସମ୍ପାଦନଠାରୁ ୫ବର୍ଷ ପର୍ଯ୍ୟନ୍ତ ଠିକା ସଂସ୍ଥା ରକ୍ଷଣାବେକ୍ଷଣ କରିବା ଚୁକ୍ତିନାମା ରହିଥିଲେ ମଧ କୌଣସି ମରାମତି ହୋଇ ନ ଥିବା ନେଇ ବୋବରିଆ, ବିଜମରା, ବଡକେନ୍ଦୁଗୁଡା, ଡୁଡୁକାଠେଙ୍ଗା ଗ୍ରାମବାସୀ ଅଭିଯୋଗ କରିଛନ୍ତି।



ରାସ୍ତା ଶୋଚନୀୟ ହୋଇପଡ଼ିଛି।

**ନିର୍ମାଣ କରିବାକୁ ଦାବି**

ଅନ୍ୟପଟେ ଏହି ରାସ୍ତା ବିଜୁ ଏକ୍ସପ୍ରେସ ୱେ ଓ ଜିଲାର ପର୍ଯ୍ୟଟନସ୍ଥଳୀ ଗୁଡାହାଣ୍ଡି ଡୋକରୀ ଚଞ୍ଚରା ସହ ଖାରବନ୍ଧ ପ୍ରାଚୀନ ଶୈବପୀଠକୁ ସଂଯୋଗ କରୁଛି। ରାସ୍ତା ଅବସ୍ଥା ଶୋଚନୀୟ ଯୋଗୁ ଅଞ୍ଚଳର ଜନସାଧାରଣଙ୍କ ମଧରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏ ନେଇ ଧର୍ମଗଡ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ରାଜେନ୍ଦ୍ର ମାଝିଙ୍କୁ ପଚାରିବାରୁ ଏହି ରାସ୍ତା ପାଇଁ ବିଭାଗୀୟ ଟେଣ୍ଡର ସରିଛି, ଆଉ କିଛିଦିନ ପରେ କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି। ହେଲେ ବୋବରିଆ ଛକରୁ ଡେଙ୍ଗାଗୁଡା ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ସରିଥିବା ବେଳେ ଡେଙ୍ଗାଗୁଡା ଛକଠାରୁ ବଡ କେନ୍ଦୁଗୁଡା ବଜାର ପଡିଆ ଏକ୍ସପ୍ରେସ ୱେ ପର୍ଯ୍ୟନ୍ତ ୩ କି.ମି. ରାସ୍ତା ନିର୍ମାଣ କେବେ ହେବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିପ୍ରତି ପ୍ରଶାସନ ଓ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଇ ତୁରନ୍ତ ରାସ୍ତା ନିର୍ମାଣ କରିବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

## ଆଜି କ'ଣ କେଉଁଠି

ବରଗଡ଼
- ଜିଲା ଅତିରିକ୍ତ ଚକବନ୍ଦୀ, ବନ୍ଦୋବସ୍ତ ଆୟୁକ୍ତଙ୍କ କୋର୍ଟ ଉଦ୍‌ଘାଟନ, କଚେରୀ ପରିସର(ଉପଜିଲାପାଳ ଅଫିସ ନିକଟ), ପୂର୍ବାହ୍ନ ୯ଟା ୩୦ମିନିଟ୍
- ୧୩୨/୩୩କେ.ଭି ଗ୍ରୀଡ୍ ସବ୍‌ଷ୍ଟେଶନ ଲୋକାର୍ପଣ, ଚୋର ଗ୍ରୀଣ୍ଡୋଲା, ହାତୀସର ପଞ୍ଚାୟତ, ଭଟଲି, ସନ୍ଧ୍ୟା ୫ଟା ୩୦ମିନିଟ୍

## ସଂକ୍ଷେପରେ

### ସୁବର୍ଣ୍ଣପୁର ଫୁଟବଲ ଲିଗ୍ ପାଇଁ କ୍ରୀଡା ସଂଘର ପ୍ରସ୍ତୁତି

ସୋନପୁର,୧୮।୭(ମୃତ୍ୟୁଞ୍ଜୟ ଶତପଥୀ): ସୁବର୍ଣ୍ଣପୁର ଫୁଟବଲ ଲିଗ୍ ପାଇଁ ଜିଲା କ୍ରୀଡା ସଂଘର କାର୍ଯ୍ୟକାରୀ ସଭ୍ୟମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଜିଲା କ୍ରୀଡା ସଂଘର ସମ୍ପାଦକ ପିୟୁଷ କୁମାର ପଣ୍ଡାଙ୍କ ସଂଯୋଜନାରେ ଏହି ବୈଠକ ଆୟୋଜିତ ହୋଇଥିଲା। ଆସନ୍ତା ଅଗଷ୍ଟ ମାସରେ ଜିଲାର ୬ଟି ବ୍ଲକ ଓ ମ୍ୟୁନିସିପାଲିଟି ଅନ୍ତର୍ଗତ ସମସ୍ତ ଫୁଟବଲ ଦଳକୁ ନେଇ ସିନିୟର ଫୁଟବଲ ଲିଗ୍ ଆୟୋଜନ ପାଇଁ ସର୍ବସମ୍ମତ ନିଷ୍ପତ୍ତି ହୋଇଛି। କ୍ରୀଡା କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ଜିଲାର କ୍ରୀଡାବିତ୍‌ମାନଙ୍କୁ ଜିଲା କ୍ରୀଡା ସଂଘରେ ନୂତନ ସଦସ୍ୟତା ପ୍ରଦାନ ପାଇଁ ମଧ ନିଷ୍ପତ୍ତି ହୋଇଥିଲା। ଭୁବନେଶ୍ୱରଠାରେ ଅନୁଷ୍ଠିତ ଆଥ୍‌ଲେଟିକ୍ ଓ ବକ୍ସିଂ ଚାମ୍ପିୟନସିପ୍‌ରେ ଜିଲାର କ୍ରୀଡାବିତ୍ ମାନେ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରି ପଦକ ଜିତିଛନ୍ତ। ସମ୍ପୃକ୍ତ କ୍ରୀଡାବିତ୍‌ମାନଙ୍କୁ ସମ୍ମାନିତ କରିବା ପାଇଁ ସ୍ଥିର ହୋଇଛି। ବୈଠକରେ ଜିଲା ଫୁଟବଲ ଦଳର ସମ୍ପାଦକ ରାଜୀବ କୁମାର ସାହୁ, ଉପସଭାପତି ଚିତ୍ତରଞ୍ଜନ ତରାସିଆ, ସହସମ୍ପାଦକ ନନ୍ଦକିଶୋର ତ୍ରିପାଠୀ, ଭଲିବଲ ସମ୍ପାଦକ ପୁରୁଷୋତ୍ତମ ପାଣିଗ୍ରାହୀ, ଦିଲୀପ ଗୁରୁ, କଇରୁ ସ୍ୱାଇଁ, ଗୌରୀଶ୍ୟାମ ପଣ୍ଡା, ଗତିକୃଷ୍ଣ ମିଶ୍ର, ସତ୍ୟନାରାୟଣ ରାଓ, ସନତ ହୋତା, ବଳରାମ ପଟ୍ଟନାୟକ, ଆଦିତ୍ୟ କିଶୋର ଦାନୀ କମଳାକାନ୍ତ ସାହୁ, କଳାକାହ୍ନୁ ବାଘ, ସୁଦର୍ଶନ ପଣ୍ଡା, ଜିତେନ୍ଦ୍ର ସାହୁ, କଲିମ ମହମ୍ମଦ, ରାଜେଶ ଥନାପତି, ବିକାଶ ପଣ୍ଡା ଓ ଅନୁପ ସାହୁଙ୍କ ସମେତ ଜିଲା କ୍ରୀଡା ସଂଘର ସଭ୍ୟ ବୃନ୍ଦ ଉପସ୍ଥିତ ଥିଲେ ।

### ଅଣାୟତ୍ତ କରି ପକାଉଛି ଆଖିଧରା ରୋଗ

ତଳଗାଁ,୧୮।୭( କୁନା ବେହେରା): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକରେ ଆଖିଧରା ରୋଗ ବ୍ୟାପିବାରେ ଲାଗିଛି । ବର୍ତ୍ତମାନ ୫-୭ ଦିନ ହେବ ପ୍ରତି ବିଦ୍ୟାଳୟର ଉପସ୍ଥାନ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି । ଏହି ରୋଗ ବିଦ୍ୟାଳୟଗୁଡିକରେ ବହୁ ମାତ୍ରାରେ ବ୍ୟାପୁଥିବା ବେଳେ ଛାତ୍ରୀଛାତ୍ରଙ୍କୁ ଡେଉଁଛି । ଏପଟେ ବିଦ୍ୟାଳୟ କର୍ତ୍ତୃପକ୍ଷ ସ୍ୱାସ୍ଥ୍ୟବିଭାଗକୁ ଜଣାଉ ନ ଥିବା ଯୋଗୁ ସ୍ୱାସ୍ଥ୍ୟ ବିଭାଗ ସେଥିପ୍ରତି ଦୃଷ୍ଟି ଦେଉନାହିଁ। ସ୍ଥାନୀୟ ଗଣ୍ଡାପଜୁ ବିଦ୍ୟାଳୟରେ ଅଭିଭାବକମାନେ ପିଲାଙ୍କୁ ବିଦ୍ୟାଳୟ ଛାଡୁ ନ ଥିବା ଦେଖିବାକୁ ମିଳିଛି । ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

# ପୋଡ଼ାପଦର ସ୍କୁଲ ପରିସରରେ ଆଣ୍ଠୁଏ ପାଣି

## ଲଘୁଚାପଜନିତ ବର୍ଷା

ଘଣ୍ଟାପଡ଼ା,୧୮।୭(ପ୍ରଭାତ କୁମାର ସାହୁ)



ପିଲାମାନେ ପାଣିରେ ପଶି ଯାଉଛନ୍ତି ।

ଲଘୁଚାପଜନିତ ବର୍ଷା ହେବା ଫଳରେ ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡା ପଞ୍ଚାୟତ ଅଧୀନ ପୋଡାପଦର ପ୍ରାଥମିକ ବିଦ୍ୟାଳୟ ପରିସରରେ ଆଣ୍ଠୁଏ ଉଚ୍ଚର ପାଣି ଜମିରହିଛି । ଫଳରେ ଛାତ୍ରୀଛାତ୍ରଙ୍କୁ ପାଣି ଭିତରେ ପଶି ଯିବାକୁ ପଡୁଛି । ଏଥିନେଇ ଛାତ୍ରୀଛାତ୍ର ଓ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ସାଧାରଣତଃ ପ୍ରତ୍ୟେକ ସରକାରୀ କାର୍ଯ୍ୟ ଯଥା ରାସ୍ତା ନିର୍ମାଣ, ଗୃହ ନିର୍ମାଣ କିମ୍ବା ପୋଲ ନିର୍ମାଣ ହେଉ ଅବା ଗୃହ ପରିସର କଂକ୍ରିଟ କାର୍ଯ୍ୟ ଭଲ ଭାବେ ନିରୀକ୍ଷଣ ନ କଲେ ପରବର୍ତ୍ତୀ ସମୟରେ କେତେ ଯେ ଅସୁବିଧା ଭୋଗିବାକୁ ପଡ଼େ ତାର ଉଦାହରଣ ହେଲା ପୋଡାପଦର ପ୍ରାଥମିକ ବିଦ୍ୟାଳୟ। ଏହି ବିଦ୍ୟାଳୟର ଶ୍ରେଣୀଗୃହ ଅଛି, ମୁଖ୍ୟ ରାସ୍ତାରୁ ସ୍କୁଲକୁ ଯିବା ପାଇଁ କଂକ୍ରିଟ ରାସ୍ତା କରାଯାଇଛି, ଚାରିଆଡ଼େ ପକ୍କା ବାଡ଼ ହୋଇଛି। କିନ୍ତୁ ଠିକାଦାର ଓ ଯନ୍ତ୍ରୀଙ୍କ ଦୂରଦୃଷ୍ଟି ଅଭାବ ଯୋଗୁ ସାମାନ୍ୟ ବର୍ଷା ହେଲେ ବିଦ୍ୟାଳୟ ପରିସରରେ ପାଣି ଜମିଯାଉଛି। ବର୍ତ୍ତମାନ ବର୍ଷାଋତୁରେ ପ୍ରାୟ ସମୟ ବିଦ୍ୟାଳୟ ପରିସରରେ ପାଣି ଜମି ରହୁଥିବା ଦେଖିବାକୁ ମିଳୁଛି। ଉଦ୍‌ବୃତ୍ତ ବର୍ଷା ଜଳ ନିଷ୍କାସନର ସୁବିଧା ନ ଥିବାରୁ ଛାତ୍ରୀଛାତ୍ର ପାଣିରେ ପଶି ପାଠ ପଢିଯିବାକୁ ମଙ୍ଗୁନାହାନ୍ତି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି ।

# ସମଲେଶ୍ୱରୀ ନାଳ ଉପରେ ୪ ଫୁଟର ପାଣି: ଯୋଗାଯୋଗ ବିଚ୍ଛିନ୍ନ



ନାଳରେ ଅଧିକ ବର୍ଷାପାଣି ପ୍ରବାହିତ ଯୋଗୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି ।

ଘଣ୍ଟାପଡା,୧୮।୭(ପ୍ରଭାତ କୁମାର ସାହୁ)

ଲଘୁଚାପଜନିତ ବର୍ଷା ପରେ ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡା ପଞ୍ଚାୟତ ଅନ୍ତର୍ଗତ ଏସ.ଏଚ ୪୧ କେନ୍ଦୁଲିଫ ଛକରୁ ରେକଡୋଲ ଯାଇଥିବା ରାସ୍ତା ମଝିରେ ପ୍ରବାହିତ ସମଲେଶ୍ୱରୀ ନାଳର ପୁରୁଣା ପୋଲ ଉପରେ ୪ ଫୁଟ ଉଚ୍ଚରେ ବର୍ଷା ଜଳ ପ୍ରବାହିତ ହେଉଛି । ଫଳରେ ଯୋଗାଯୋଗ ସମ୍ପୂର୍ଣ୍ଣ ବିଛିନ୍ନ ହୋଇଯାଇଛି । ଏହା ଏକ ପ୍ରମୁଖ ରାସ୍ତା ହୋଇଥିବାରୁ ଅଞ୍ଚଳର ପ୍ରାୟ ୧୨ହଜାର ଲୋକ ନିର୍ଭର କରନ୍ତି। କିନ୍ତୁ ପ୍ରତିବର୍ଷ ବର୍ଷା ଦିନ ଆସିଲେ ଅଞ୍ଚଳବାସୀ ଏକପ୍ରକାର ଜଳବନ୍ଦୀ ଜୀବନ ଅତିବାହିତ କରନ୍ତି । ଉକ୍ତ ଅଞ୍ଚଳରେ କଣ୍ଟାମାଳ ବିଧାୟକ ମହୀଧର ରଣାଙ୍କ ଘର ରହିଛି। ଏହି ରାସ୍ତାରେ ସେ ଯିବାଆସିବା କରନ୍ତି। କିନ୍ତୁ ଉକ୍ତ ନାଳରେ ଏପର୍ଯ୍ୟନ୍ତ ସୁଉଚ୍ଚ ପୋଲ ନିର୍ମାଣ ହୋଇ ନଥିବାରୁ ବର୍ଷା ହେଲେ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ଉକ୍ତ ନାଳରେ ପୋଲ ନିର୍ମାଣ ଦିଗରେ ପ୍ରଶାସନ ବିହିତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ପକ୍ଷରୁ ଦାବି ହେଉଛ।

# ବୌଦ୍ଧ ଜିଲା: ୧୭୯ ଶିକ୍ଷକଙ୍କୁ ମିଳିଲା ପଦୋନ୍ନତି

ବୌଦ୍ଧ,୧୮।୭(ଅଜିତ କୁମାର ବାରିକ)

ବୌଦ୍ଧ ଜିଲାରେ ଶିକ୍ଷକମାନଙ୍କ ପଦୋନ୍ନତି କୁ ନେଇ ଲାଗିଥିବା ଅଚଳାବସ୍ଥା ଦୂର ହୋଇଛି। ଜିଲାପାଳଙ୍କ ହସ୍ତକ୍ଷେପ ଫଳରେ ୧୭୯ ଗ୍ରାଜୁଏଟ ଶିକ୍ଷକଙ୍କୁ ବରିଷ୍ଠ ପ୍ରଧାନଶିକ୍ଷକ ଭାବେ ପଦୋନ୍ନତି ଦିଆଯାଇଥିବା ବେଳେ ସେଥିମଧ୍ୟରୁ ୫୯ଜଣ ହରଭଙ୍ଗା ବ୍ଲକରେ ପଦୋନ୍ନତି ପାଇଛନ୍ତି। ଶିକ୍ଷକ ପଦୋନ୍ନତି ମାମଲା ହାଇକୋର୍ଟ ପର୍ଯ୍ୟନ୍ତ ଯାଇଥିଲା। ବିଭିନ୍ନ ସମୟରେ ଶିକ୍ଷା ବିଭାଗର ତ୍ରୁଟିପୂର୍ଣ୍ଣ ନିର୍ଦ୍ଦେଶନାମା ଯୋଗୁ ଜିଲା ଶିକ୍ଷକ ପଦୋନ୍ନତିରେ ଅନିଶ୍ଚିତତା ଦେଖାଯାଇଥିଲା। ହାଇକୋର୍ଟଙ୍କ ଆନ୍ତରୀଣ ସ୍ଥଗିତାଦେଶ ପଦୋନ୍ନତିରେ ବାଧା ସୃଷ୍ଟି କରିଥିଲା । ଆବେଦନକାରୀ ଶିକ୍ଷକମାନେ ହାଇକୋର୍ଟରୁ ମାମଲା ପ୍ରତ୍ୟାହୃତ କଲାପରେ ଜିଲାପାଳ ତୁରନ୍ତ କାଉନସେଲିଂ ମାଧ୍ୟମରେ ଶିକ୍ଷକ ପଦୋନ୍ନତି ଦେବା ପାଇଁ ଜିଲା ଶିକ୍ଷାଧିକାରୀ ଉଦୟନାଥ ମାଝୀଙ୍କୁ ନିର୍ଦ୍ଦେଶ ଦେବା ପରେ ପଦୋନ୍ନତି ପ୍ରକ୍ରିୟା କରାଯାଇଥିଲା। ଜିଲାପାଳଙ୍କ ଏହି ପଦକ୍ଷେପ ପାଇଁ ଶିକ୍ଷକମାନେ ଖୁସିବ୍ୟକ୍ତ କରିଥିବା ବେଳେ ଡିଇଓଙ୍କୁ ସାଧୁବାଦ ଜ୍ଞାପନ କରିଛନ୍ତି । ହରଭଙ୍ଗା ବ୍ଲକରେ ୫୯ ଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ବିଇଓ ଅଜୟ କୁମାର ଲୁହା ନିଯୁକ୍ତିପତ୍ର ପ୍ରଦାନ କରିଥିବା ଜଣାଯାଇଛି।

## ଆଜି ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ୧୨ ଘଣ୍ଟିଆ ବୀରମହାରାଜପୁର ବନ୍ଦ

ଅମରପାଲି,୧୮।୭(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରକୁ ଏନଏସି ମାନ୍ୟତା ଦାବି କରି ଆମ୍ ଆଦ୍‌ମୀ ପାର୍ଟି ତରଫରୁ ବୁଧବାର ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି। ଏନେଇ ପାର୍ଟିର ସୁବର୍ଣ୍ଣପୁର ଜିଲା ସଭାପତି ସୁରେଶ କଲତା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ବୀରମହାରାଜପୁର ବନ୍ଦ ପାଇଁ ମଙ୍ଗଳବାର ପାର୍ଟି ତରଫରୁ ସ୍ଥାନୀୟ ପୂର୍ତ୍ତବିଭାଗ ଡାକବଙ୍ଗଳାଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପାର୍ଟିର ଜିଲା ସଭାପତି ସୁରେଶ କଲତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଆମ୍ ଆଦ୍‌ମୀ ପାର୍ଟିର ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ମୁଖ୍ୟସମ୍ପାଦକ ଅମିୟ ସାହୁ, ଆଶିଷ ପାଣ୍ଡେ, ଜିଲା ଉପସଭାପତି ପୃଥ୍ୱୀରାଜ ଜଗଦଲା, ବୀରମହାରାଜପୁର ବ୍ଲକ ସଭାପତି ମାଧବ ମହାକୁର, ବ୍ଲକ ସଂଯୋଜକ ଘନଶ୍ୟାମ ଭୋଇ, ରତ୍ନରାଜ କର୍ମୀ, ଶଙ୍କର ସାହୁଙ୍କ ସମେତ ଅନେକ କାର୍ଯ୍ୟକର୍ତ୍ତା ବୈଠକରେ ଯୋଗ ଦେଇଥିଲେ। ବୀରମହାରାଜପୁର ବନ୍ଦ କିଭଳି ଶାନ୍ତିପୂର୍ଣ୍ଣ ଭାବେ ହେବ ସେନେଇ ଆଲୋଚନା କରାଯାଇଥିଲା। ଦଳର କର୍ମକର୍ତ୍ତାମାନେ ସକାଳ ୬ ଟାରୁ ପିକେଟିଂ କରି ଦୋକାନ ବଜାର ସହିତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହାସହିତ ଗାଡି ମୋଟର ଚଳାଚଳ ବନ୍ଦ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏଥିରେ ଅଞ୍ଚଳବାସୀ ସହଯୋଗ କରିବାକୁ ଦଳ ତରଫରୁ ଆହ୍ୱାନ କରାଯାଇଛି। ସୂଚନାଯୋଗ୍ୟ, ବୀରମହାରାଜପୁରକୁ ଏନଏସି ଘୋଷଣା ଦାବି କରି ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦୀର୍ଘ୧୫ ଦିନ ଧରି ଗଣଧାରଣା ଦିଆଯାଇଥିଲା।

# ବୌଦ୍ଧ ଜିଲାକୁ ମିଳିଲା ସମ୍ମାନଜନକ ଭୂମି ସମ୍ମାନ

ବୌଦ୍ଧ,୧୮।୭ (ଅଜିତ କୁମାର ବାରିକ)

## ରାଷ୍ଟ୍ରପତିଙ୍କଠାରୁ ସମ୍ମାନ ମିଳିଲା

ବୌଦ୍ଧ ଜିଲାକୁ ମିଳିଲା ସମ୍ମାନଜନକ ଭୂମି ସମ୍ମାନ। ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ଏହି ସମ୍ମାନ ବୌଦ୍ଧ ଜିଲା ପକ୍ଷରୁ ଉପଜିଲାପାଳ ରବୀନ୍ଦ୍ରନାଥ କହଁର ଗ୍ରହଣ କରିଛନ୍ତି। ଭାରତ ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ତରଫରୁ ବୌଦ୍ଧ ଜିଲାକୁ ଜମି ରେକର୍ଡର କମ୍ପ୍ୟୁଟରୀକରଣ ତଥା ଅଭିନବ ସଂସ୍କାର ଆଣିବା କ୍ଷେତ୍ରରେ ଶ୍ରେଷ୍ଠ ପାରଦର୍ଶିତା ପାଇଁ ଭୂମି ସମ୍ମାନରେ ସମ୍ମାନିତ କରାଯାଇ ପ୍ଲାଟିନମ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ବୌଦ୍ଧ ଜିଲାପାଳଙ୍କ ଆଦେଶକ୍ରମେ ଜିଲା ପ୍ରଶାସନ ପକ୍ଷରୁ ଉପଜିଲାପାଳ କହଁର, ଡେପୁଟି କଲେକ୍ଟର ସତ୍ୟଜିତ ମହାପାତ୍ର ଏବଂ ଅତିରିକ୍ତ ତହସିଲଦାର ହରଭଙ୍ଗା ବିଶ୍ୱଜିତ ପ୍ରଧାନ ରାଷ୍ଟ୍ରପତିଙ୍କଠାରୁ ଏହି ସମ୍ମାନ ଗ୍ରହଣ କରିଛନ୍ତି। ଓଡ଼ିଶା ସମେତ ଦେଶର ୯ଗୋଟି ରାଜ୍ୟର ସଚିବ, ଦେଶର ୬୮ ଗୋଟି ଜିଲାର ଜିଲାପାଳ ଏବଂ ସେମାନଙ୍କ ଟିମ୍‌କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଡିଜିଟାଲ ଇଣ୍ଡିଆ ଜମି ରେକର୍ଡ ଆଧୁନିକୀକରଣ କାର୍ଯ୍ୟକ୍ରମରେ ଉତ୍କର୍ଷ କାର୍ଯ୍ୟ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ପ୍ରଥମଥର ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହା ଜିଲା ପାଇଁ ଗୌରବର ବିଷୟ ବୋଲି ସାଧାରଣରେ ମତପ୍ରକାଶ ପାଇଛି।



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ଭୂମି ସମ୍ମାନ ଗ୍ରହଣ କରୁଛନ୍ତି ବୌଦ୍ଧ ଉପଜିଲାପାଳ ।

# ସାଇବର ଠକେଇର ଶିକାର ପରେ ନ୍ୟାୟ ପାଇଁ ବୌଦ୍ଧ ଏସ୍‌ପିଙ୍କ ଦ୍ୱାରସ୍ଥ

ବୌଦ୍ଧ,୧୮।୭( ଅଜିତ କୁମାର ବାରିକ)




ଏସପିଙ୍କ କାର୍ଯ୍ୟାଳୟ ଆଗରେ ଗୋଲକ ବିହାରୀ ସାହୁ ।

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ କୁଟିବାରୀ ଗ୍ରାମର ଗୋଲକ ବିହାରୀ ସାହୁ ସାଇବର ଠକେଇର ଶିକାର ହୋଇ ନ୍ୟାୟ ପାଇଁ ମଙ୍ଗଳବାର ଦିନ ବୌଦ୍ଧ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମିଳିଥିବା ସୂଚନା ମୁତାବକ, ଦୁଇ ବର୍ଷ ତଳେ କେତେଜଣ ଯୁବକ ସ୍ୱାସ୍ଥ୍ୟ କାର୍ଡ କରାଇ ଦେବା ନାମରେ ହରଭଙ୍ଗା ବ୍ଲକ ମହାଲିକପଡା ପଞ୍ଚାୟତର ବିଭିନ୍ନ ଗ୍ରାମର ଲୋକଙ୍କ ପାଖରୁ ଆଧାର କାର୍ଡର କପି ନେଇଥିଲେ। ଏହାସହ ସେମାନଙ୍କ ଟିପ ଚିହ୍ନ ମହମ ତିଆରି ପ୍ୟାଡରେ ନେଇଥିଲେ। ସଚେତନତା ଅଭାବରୁ ୨୦୦ରୁ ଊର୍ଦ୍ଧ୍ୱ ଲୋକ ସାଇବର ଠକେଇର ଶିକାର ହୋଇଛନ୍ତି। ଏବେ ବିଭିନ୍ନ ସମୟରେ ଓ ଉପାୟରେ ସେମାନଙ୍କ ବ୍ୟାଙ୍କ ପାସବୁକରୁ ଜମା କରାଯାଇଥିବା ଟଙ୍କା ସେମାନଙ୍କ ଅଜାଣତରେ ଉଠାଣ ହେଉଛି। କୁଟିବାରୀ ଗ୍ରାମର ଗୋଲକ ବିହାରୀ ସାହୁଙ୍କ ଜମା ଖାତାରୁ ମଧ୍ୟ ୩ କିସ୍ତିରେ ଅର୍ଥାତ ପ୍ରଥମେ ଗତ ୧୩।୭।୨୦୨୩ ରେ ୧୦ ହଜାର ଟଙ୍କା, ଦ୍ୱିତୀୟ ଥର ଗତ ୧୪।୭।୨୩ରେ ୧୦ ହଜାର ଟଙ୍କା ଓ ତୃତୀୟ ଥର ୧୫।୭।୨୦୨୩ରେ ୧୦ ହଜାର ଟଙ୍କାକୁ ମିଶାଇ ମୋଟ ୩୦ ହଜାର ଟଙ୍କା ଉଠାଣ ହୋଇଛି । ଏନେଇ ଗୋଲକ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଆସି ଲିଖିତ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ କରାଯାଇ ନ୍ୟାୟ ଦେବାକୁ ସେ ନିବେଦନ କରିଛନ୍ତି। ୨ ବର୍ଷ ତଳେ ସ୍ୱାସ୍ଥ୍ୟ କାର୍ଡ କରାଇ ଦେବା ନାମରେ ମହମ ତିଆରି ପ୍ୟାଡ଼ରେ ଟିପ ଚିହ୍ନ ନିଆଯିବା ଘଟଣାରେ ଲୋକେ ହରଭଙ୍ଗା ଥାନାରେ ଅଭିଯୋଗ କରିଥିଲେ ମଧ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ସାହୁ ଲିଖିତ ଅଭିଯୋଗରେ ଦର୍ଶାଇଛନ୍ତି।

# ତରଭା ବ୍ଲକ ଆଦିବାସୀ ସଂଘର ନୂତନ କମିଟି ଗଠନ

ତରଭା,୧୮।୭(ମାନଭଞ୍ଜନ ମିଶ୍ର)

ତରଭା ବ୍ଲକ ଅନ୍ତର୍ଗତ ମେଣ୍ଡା ଗ୍ରାମ ପଞ୍ଚାୟତର ଖଗସାକନା ଗ୍ରାମଠାରେ ଜିଲା ଆଦିବାସୀ କଲ୍ୟାଣ ସଂଘର ନିର୍ଦ୍ଦେଶ କ୍ରମେ ଏକ ସାଧାରଣ ବୈଠକ ସୋମବାର କେ.ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଆଦିମାତାଙ୍କୁ ପୂଜାର୍ଚ୍ଚନା କରାଯିବା ପରେ ଆଦିବାସୀ ସମାଜର ଉନ୍ନତି ନିମନ୍ତେ ପ୍ରାର୍ଥନା କରାଯାଇ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ସଭାରେ ରୋହିତ କୁଅଁର ଅତିଥି ପରିଚୟ ପ୍ରଦାନ କରିବା ସହିତ ମଞ୍ଚ ପରିଚାଳନା କରିଥିଲେ। ସଂଘର ସମ୍ପାଦକ ଲମ୍ବୋଦର ଧରୁଆ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିବା ପରେ ଜିଲା ଆଦିବାସୀ କଲ୍ୟାଣ ସଂଘ ନିର୍ଦ୍ଦେଶ କ୍ରମେ ନୂତନ କମିଟି ଗଠନ କରାଯାଇଥିଲା। ଜିଲା ଆଦିବାସୀ କଲ୍ୟାଣ ସଂଘ ତରଭା ବ୍ଲକ ଶାଖାର ନୂତନ କମିଟିର ସଭାପତି ଭାବେ ବଳଭଦ୍ର କୁଅଁର, ଉପ ସଭାପତି ବାନାମ୍ବର ଧରୁଆ, କାର୍ଯ୍ୟକାରୀ ସଭାପତି ଗଦିଦାର କୁଅଁର, ସମ୍ପାଦକ କପୁରଚନ ଭୋଇ, ସହ ସମ୍ପାଦକ ରାଜେନ୍ଦ୍ର ଝାଙ୍କର, କୋଷାଧ୍ୟକ୍ଷ ବିଷ୍ଣୁ ପ୍ରସାଦ ଭୋଇ, ବ୍ଲକ ସଂଯୋଜକ ଭାବେ ଗୁଣନିଧି ମାଝୀ ଓ ପିଙ୍କୁ କୁଅଁରଙ୍କୁ ମନୋନୀତ କରାଯାଇଛି। ବୈଠକରେ ଜିଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ଯୋଗିନ୍ଦ୍ର ଭୋଇ, ଉପସଭାପତି ଗୁପ୍ତେଶ୍ୱର ମଲ୍ଲିକ, ସମ୍ପାଦକ ଲମ୍ବୋଦର ଧରୁଆ, ସହ ସମ୍ପାଦକ ନରୋତ୍ତମ ଆଡବାଙ୍କ ସମେତ ବ୍ଲକର ସମସ୍ତ କର୍ମକର୍ତ୍ତା ଯୋଗଦେଇ ବର୍ତ୍ତମାନ ସରକାର ସ୍ୱତନ୍ତ୍ର ଉନ୍ନୟନ ପରିଷଦରେ ସୁବର୍ଣ୍ଣପୁର ଜିଲାକୁ ସାମିଲ ନ କରିବା ଘଟଣାକୁ ନିନ୍ଦା କରିଥିଲେ। ଆଗାମୀ ଦିନରେ ଯଦି ସରକାର ଦାବି ପୂରଣ ନ କରନ୍ତି ତାହେଲେ ସଂଘ ପକ୍ଷରୁ ଆନ୍ଦୋଳନ କରାଯିବାକୁ ଚେତାବନୀ ଦିଆଯାଇଛି। ରୋହିତ କୁଅଁର ଧନ୍ୟବାଦ ଅର୍ପଣ କରିଥିଲେ।



ସଂଘର କର୍ମକର୍ତ୍ତା ବୃନ୍ଦ ।

# 'ଏଏପିର ଆନ୍ଦୋଳନ ଜାରି ରହିବ'

ଅମରପାଲି,୧୮।୭(ପୀତାମ୍ବର ସାହୁ)



ଗଣଧାରଣାସ୍ଥଳରେ ଆମ୍ ଆଦ୍‌ମୀ ପାର୍ଟିର ରାଜ୍ୟ ସଭପତି ଓ ଦଳୀୟ କର୍ମକର୍ତ୍ତା ।

## ଏନଏସି ଘୋଷଣା ଦାବିରେ ଦିଆଯାଇଥିବା ଗଣଧାରଣା ପ୍ରତ୍ୟାହୃତ

ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରକୁ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନଏସି) ଘୋଷଣା ସମେତ ବିଭିନ୍ନ ଦାବି ନେଇ ଦୀର୍ଘ ୧୫ ଦିନ ଧରି ଚାଲିଥିବା ଗଣଧାରଣା ପ୍ରତ୍ୟାହାର କରି ନିଆଯାଇଛି । ମଙ୍ଗଳବାର ସନ୍ଧ୍ୟାରେ ଗଣଧାରଣା ସ୍ଥଳକୁ ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର ଆସି ଧାରଣା ପ୍ରତ୍ୟାହାର କରିବା ପାଇଁ ପରାମର୍ଶ ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି । ତେବେ ଦାବି ପୂରଣ ପାଇଁ ଆଗାମୀ ଦିନରେ ଆନ୍ଦୋଳନ ଜାରି ରହିବ ବୋଲି ସେ ଚେତାଇ ଦେଇଛନ୍ତି ।

ପ୍ରକାଶ ଯେ, ବୀରମହାରାଜପୁରକୁ ଏନଏସି ଘୋଷଣା ଦାବିରେ ଗତ ୩ ତାରିଖଠାରୁ ଆମ୍ ଆଦମୀ ପାର୍ଟି ତରଫରୁ ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ଜିଲା ସଭାପତି ସୁରେଶ କଲତା ଏହାର ନେତୃତ୍ୱ ନେଇଥିଲେ। ମହାନଦୀ, ହରିହର ଯୋର ଓ ସୁରବାଲି ଯୋର ର ବିଭିନ୍ନ ସ୍ଥାନରେ ଚେକ୍‌ଡ୍ୟାମ ତିଆରି କରିବା, ମୋ ବସ୍ ସେବା ମୁର୍ଣ୍ଡୁଣ୍ଡିରୁ ସୁବଳୟା ଦେଇ ବୀରମହାରାଜପୁର ଓ ସୁବର୍ଣ୍ଣପୁର ପର୍ଯ୍ୟନ୍ତ ଚଳାଚଳ କରିବା, ବୀରମହାରାଜପୁର ରେ ଶୀତଳଭଣ୍ଡାର କରିବା, ବୀରମହାରାଜପୁର ଓ ଉଲୁଣ୍ଡା ଡାକ୍ତରଖାନାରେ ସମସ୍ତ ଡାକ୍ତର ପଦ ପୂରଣ କରିବା ସମେତ ୧୫ ଦଫା ଦାବି ନେଇ ଗଣଧାରଣା ଦିଆଯାଇଥିଲା। ଗଣଧାରଣା ପ୍ରତ୍ୟାହାର ଅବସରରେ ସାମ୍ବାଦିକମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ଆମ୍ ଆଦ୍‌ମୀ ପାର୍ଟି(ଏଏପି)ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର କହିଥିଲେ, ରାଜ୍ୟରେ ଗଣତନ୍ତ୍ର ଶାସନ ନାହିଁ। ଓଡିଶାରେ ବିକଳ୍ପ ଶକ୍ତି ଭାବରେ ଆମ ଆଦମୀ ପାର୍ଟି ଛିଡା ହେବ ବୋଲି ସେ ଆଶାବାଦୀ ଥିବା କହିଛନ୍ତି। ଏଥିପାଇଁ ସଂଗଠନକୁ ତୃଣମୂଳ ସ୍ତରରୁ ମଜଭୁତ କରାଯିବ ବୋଲି ପ୍ରକାଶ କରିଥିଲେ। ବିଭିନ୍ନ ଦାବି ସହିତ ବୀରମହାରାଜପୁରକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା ପାଇଁ ଆସନ୍ତା ୧୯ ତାରିଖରେ ଦଳ ତରଫରୁ ବୀରମହାରାଜପୁର ବନ୍ଦ ଡାକରା ଦିଆଯାଇଛି। ୫-ଟି ସଚିବଙ୍କ ସୁବର୍ଣ୍ଣପୁର ଜିଲା ଗସ୍ତ ସମୟରେ ଦଳ ପକ୍ଷରୁ ଅଣ୍ଡାମାଡ଼ ଘଟଣାକୁ ନିନ୍ଦା କରିବା ସହିତ ଗଣତାନ୍ତ୍ରିକ ଉପାୟରେ ଆନ୍ଦୋଳନ କରିବାକୁ ପରାମର୍ଶ ଦେଇଥିଲେ। ଆଗାମୀ ଦିନରେ ଆମ୍ ଆଦ୍‌ମୀ ପାର୍ଟି ତରଫରୁ ଏକ ବଡ଼ଧରଣର ଆନ୍ଦୋଳନ ପାଇଁ ଘର ଘର ବୁଲି ଦସ୍ତଖତ ଅଭିଯାନ କରାଯିବ ବୋଲି ମହାପାତ୍ର ପ୍ରକାଶ କରିଥିଲେ। ଏହି ଅବସରରେ ଗଣଧାରଣା ସ୍ଥଳରେ ଜିଲାର ଶତାଧିକ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଘର ତାଲା ଭାଙ୍ଗି ଟଙ୍କା, ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି

ରାଜଗାଙ୍ଗପୁର ୧୮।୭(ଅଶୋକ ପାଣି)- ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ସହରରେ ଥିବା ମାଷ୍ଟର କଲୋନିର ଏକ ଘରୁ ସୋମବାର ରାତିରେ ଚୋରି ହୋଇଛି। ଘରେ କେହି ନ ଥିବା ଅବସ୍ଥାରେ ଘରର ତାଲା ଭାଙ୍ଗି ଟଙ୍କା ଓ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି ହୋଇଛି। ସୂଚନା ମୁତାବକ ମାଷ୍ଟର କଲୋନି ନିବାସୀ ଶରତ ଷଡଙ୍ଗୀ ନିଜର ପରିବାର ଲୋକଙ୍କ ସହ ଘରେ ତାଲା ପକାଇ ପୁରୀ ଯାଇଛନ୍ତି। ଚୋରମାନେ ଏହାର ସୁଯୋଗ ନେଇ ଶରତ ଷଡଙ୍ଗୀଙ୍କ ପାଖାପାଖି ସମସ୍ତ ଘରର ବାହାର ପଟୁ ବନ୍ଦ କରି ଶରତଙ୍କ ଘରର ତାଲା ଭାଙ୍ଗି ଘରେ ପଶିଥିଲେ। ମଙ୍ଗଳବାର ସକାଳେ ଏହି ଘଟଣା ପ୍ରଘଟ ପରେ ରାଜଗାଙ୍ଗପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ବର୍ତ୍ତମାନ ସୁଦ୍ଧା ଶରତ ରାଜଗାଙ୍ଗପୁର ଫେରି ନାହାନ୍ତି। ଶରତଙ୍କ ସମ୍ପର୍କୀୟଙ୍କ ସୂଚନା ମୁତାବକ ସେ ବୁଧବାର ସକାଳେ ରାଜଗାଙ୍ଗପୁର ପହଞ୍ଚିବେ।

### ମହିଳା ରୋଗୀଙ୍କ ସ୍ୱାମୀ, ସମ୍ପର୍କୀୟଙ୍କୁ ମାଡ଼: ଡାକ୍ତରଙ୍କ ନାଁରେ ଥାନାରେ ଏତଲା

ସୁନ୍ଦରଗଡ,୧୮।୭(ଜୟନାରାୟଣ ମେଣ୍ଡୁଲି)-ସୁନ୍ଦରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜଣେ ଡାକ୍ତର ମଦ୍ୟପାନ କରି ଜଣେ ମହିଳା ରୋଗୀଙ୍କ ସ୍ୱାମୀ ଓ ସମ୍ପର୍କୀୟଙ୍କୁ ମାଡ ମାରିଥିବା ନେଇ ଅଭିଯୋଗ ହୋଇଛି। ମହିଳା ଜଣକ ଏ ସମ୍ପର୍କରେ ହେମଗିର ଥାନାରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ମହିଳା ରୋଗୀ ଜଣକ ହେଉଛନ୍ତି ଟାଙ୍ଗରଡିହି ଗ୍ରାମର ସବିତା ଖଡିଆ। ସେ ଅଭିଯୋଗ କରିଛନ୍ତି ଯେ, ଗତ୧୨ତାରିଖରେ ତାଙ୍କ ଦେହ ଅସୁସ୍ଥ ହେବାରୁ ପୂର୍ବାହ୍ନରେ ଆମ୍ବୁଲାନ୍ସ ଯୋଗେ ଆସି ହେମଗିର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଡମିଟ ହୋଇଥିଲେ। ରାତିରେ ତାଙ୍କ ବେଡ ପାଖରେ ତାଙ୍କ ସ୍ୱାମୀ ସରୋଜ ମୁଣ୍ଡା ଓ ଭାଇ ଜାଣ୍ଟୁ ଖଡିଆ ଶୋଇଥିଲେ। ରାତି ପ୍ରାୟ ୨ଟାବେଳେ ଜଣେ ଡାକ୍ତର ମାତାଲ ଅବସ୍ଥାରେ ଆସି ତାଙ୍କ ସ୍ୱାମୀଙ୍କୁ ଗୋଇଠା ମାରିବା ସହ ମୁଣ୍ଡ ବାଳଚୁଟି ଟାଣି ବାହାରକୁ ନେଇ ନିସ୍ତୁକ ମାଡ ମାରିଥିଲେ। ଏହାକୁ ସ୍ତ୍ରୀ ସବିତା ବିରୋଧ କରିବାରୁ ତାଙ୍କୁ ମଧ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିଥିଲେ। ତହିଁ ପର ଦିନ ବିନା କାଗଜପତ୍ରରେ ତାଙ୍କୁ ଡିସଚାର୍ଜ କରିଦେଇ ଘଟଣା ସମ୍ପର୍କରେ କାହାକୁ ନ ଜଣାଇବାକୁ ଓ ପୋଲିସ ଏତଲା ନ ଦେବାକୁ ଜଣେ କର୍ମଚାରୀଙ୍କ ଜରିଆରେ ଧମକ ଦେଇଥିଲେ। ଗତ ୧୫ତାରିଖ ସକାଳେ ଜଣେ ଯୁବକଙ୍କ ହାତରେ ଡାକ୍ତର ଜଣକ ତାଙ୍କ ସ୍ୱାମୀଙ୍କୁ ଡକାଇନେଇଥିଲେ। ପରେ ରାତି ପ୍ରାୟ୧ଟା ବେଳେ ୨ଜଣ ଅଜଣା ଯୁବକଙ୍କ ସହ ଏକ ବୋଲେରୋ ଗାଡିରେ ଘରକୁ ଆସି ତାଙ୍କ ସାଙ୍ଗରେ ଯାଇଥିଲେ। ସେମାନେ ତାଙ୍କୁ ନେଇ ଝାରସୁଗୁଡା ଜିଲା ବନ୍ଧବାହାଲରେ ଥିବା ତାଙ୍କର ଜଣେ ଭଉଣୀଙ୍କ ଘରେ ଛାଡି ଚାଲିଯାଇଥିଲେ। ସେ ସେଠାରେ ଭୟଭୀତ ଅବସ୍ଥାରେ ରହି ଘରକୁ ଫେରିନାହାନ୍ତି ବୋଲି ସବିତା ତାଙ୍କ ଏତଲାରେ ଦର୍ଶାଇଛନ୍ତି। ଅପରପକ୍ଷରେ ପୋଲିସ ବର୍ତ୍ତମାନ ସୁଦ୍ଧା କୌଣସି ମାମଲା ରୁଜୁ କରି ନ ଥିବାବେଳେ ଡାକ୍ତର ମଧ ପାଲଟା ଅଭିଯୋଗ କରିଥିବା ଓ ପ୍ରାଥମିକ ତଦନ୍ତ ଆରମ୍ଭ ହୋଇଥିବା ପୋଲିସ କହିଛି।

# ୧୭ ଦିନରେ ଏମ୍‌ସିଏଲ ବିସ୍ଥାପିତଙ୍କ ଆନ୍ଦୋଳନ

## ୨ଖଣି ସହ ରେଲୱେ ସାଇଡିଂ ବନ୍ଦ

ସୁନ୍ଦରଗଡ଼,୧୮।୭ (ଜୟ ନାରାୟଣ ମେଣ୍ଡୁଲି)



ଆନ୍ଦୋଳନରେ ସାମିଲ ହୋଇଥିବା ଶହ ଶହ ବିସ୍ଥାପିତ ମହିଳା ଓ ପୁରୁଷ।

ନିଯୁକ୍ତି, ଉପଯୁକ୍ତ କ୍ଷତିପୂରଣ ଓ ଥଇଥାନ ପୁନର୍ବାସ ନ ଦେବା ପ୍ରତିବାଦରେ ଗତ ୨ରୁ ଖଣି ବନ୍ଦ କରି ଧାରଣା ଜାରି ରଖିଥିବା ଏମ୍‌ସିଏଲ ବିସ୍ଥାପିତଙ୍କ ଆନ୍ଦୋଳନ ମଙ୍ଗଳବାର ୧୭ ଦିନରେ ପହଞ୍ଚିଛି। ରବିବାର ୧୪ଖଣ୍ଡ ଗ୍ରାମର ବିସ୍ଥାପିତ ପରିବାର ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଆଉ ପ୍ରତିଶ୍ରୁତି ନୁହେଁ, କାମରେ ଦେଖାଅ ବୋଲି ଗର୍ଜିଥିଲେ। ଉଲ୍ଲେଖଯୋଗ୍ୟ ଯେ, ସୁପ୍ରିମକୋର୍ଟ ବାରମ୍ବାର ବିସ୍ଥାପିତଙ୍କ ସପକ୍ଷରେ ରାୟ ଦେବାପରେ ମଧ ଏମ୍‌ସିଏଲ ବିଭିନ୍ନ ଆଳ ଦେଖାଇ ନିଯୁକ୍ତି, କ୍ଷତିପୂରଣ ଓ ଥଇଥାନ ପୁନର୍ବାସ ସୁବିଧା ପ୍ରଦାନ କରୁ ନ ଥିବା ନେଇ ବିଭିନ୍ନ ସମୟରେ ଦାବି କରି ଆସୁଥିଲେ । ହେଲେ କୌଣସି ସୁଫଳ ମିଳୁ ନ ଥିଲା। ଜୁଲାଇ ୨ରୁ ଏମସିଏଲର ସମସ୍ତ ୪ଟି ଖଣି, ଅଫିସ୍ ଓ ରେଲୱେ ସାଇଡିଂ ବନ୍ଦ କରିଦେଇଥିଲେ। ଫଳରେ ଖଣି ଉତ୍ପାଦନ ଓ ପରିବହନ ସଂପୂର୍ଣ୍ଣ ଠପ୍ ରହିଥିଲା। ପରେ ମିଳିତ ଟ୍ରକ ମାଲିକ ସଂଘର ଅନୁରୋଧ କ୍ରମେ ୪ଟି ଖଣି ମଧ୍ୟରୁ କୁଲଡା ଓ ଗର୍ଜନବାହାଲ ୨ଟି ଖଣି ରୋଡ ସେଲ୍ ପାଇଁ ଜୁଲାଇ ୧୦ରୁ ଆନ୍ଦୋଳନକାରୀମାନେ ଛାଡ଼ିଦେଇ ଥିଲେ। ବର୍ତ୍ତମାନ ସିଆରମାଲ ଓ ବସୁନ୍ଧରା ଖଣି ସହ ରେଲୱେ ସାଇଡିଂ ଓ ସମସ୍ତ ଅଫିସ୍ ବନ୍ଦ ରହିଛି। ପ୍ରକାଶ ଯୋଗ୍ୟ ଯେ, ୧୯୮୭ରୁ କୋଲ୍ ବିଅରିଂ ଆଇନ ଅନୁସାରେ ରହିତାଦେଶ ଜାରି କରି ନିଯୁକ୍ତି , କ୍ଷତିପୂରଣ ଓ ଥଇଥାନ ପୁନର୍ବାସ ସୁବିଧା ଦେଉ ନ ଥିବା ଫଳରେ ବିସ୍ଥାପିତ ପରିବାର ସ୍ୱାସ୍ଥ୍ୟଗତ ଓ ଅନ୍ୟାନ୍ୟ ସମସ୍ୟା ସମୟରେ ଜମି କିଣାବିକା ହେଉନଥିବା , ଶିକ୍ଷା ଋଣ ସହ ଅନ୍ୟ ଋଣ ପାଉନଥିବାରୁ ସମସ୍ୟାର ସମ୍ମୁଖୀନ ହୋଇ ଜୀବନ ହରାଇବାକୁ ବାଧ ହେଉଛନ୍ତି ଦର୍ଶାଇ ୨୦୦୩ରେ ଗୋପାଳପୁର ଗ୍ରାମର ମାଥିଆସ ଓରାମ ଓ ଅନ୍ୟମାନେ ଉଚ୍ଚ ନ୍ୟାୟାଳୟରେ ଏକ ମାମଲା ଦାୟର କରିଥିଲେ। ନ୍ୟାୟାଳୟ ୨୦୦୬ ରେ ବିସ୍ଥାପିତଙ୍କ ସପକ୍ଷରେ ରାୟ ଦେଇଥିଲେ। କିନ୍ତୁ ଏମସିଏଲ ଆଦେଶ ବିରୁଦ୍ଧରେ ୨୦୦୭ରେ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଏହି ମାମଲା ଶୁଣାଣି ପରେ ୨୦୧୦ରେ ସୁପ୍ରିମକୋର୍ଟ ପୁଣି ବିସ୍ଥାପିତଙ୍କ ସପକ୍ଷରେ ରାୟ ଦେଇଥିଲେ ଏବଂ ଗୋପାଳପୁର ଗ୍ରାମକୁ ୪ ମାସ ଓ ଅନ୍ୟ ୧୪ ଖଣ୍ଡ ଗ୍ରାମକୁ ୬ ମାସ ମଧ୍ୟରେ ନିଯୁକ୍ତି, କ୍ଷତିପୂରଣ ଓ ଥଇଥାନ ପୁନର୍ବାସ ସୁବିଧା ଦେବାକୁ କହିଥିଲେ। ଏହାସହ ଏହି ସବୁ ସୁବିଧା ପ୍ରଦାନ ପାଇଁ ଜଣେ ଅବସରପ୍ରାପ୍ତ ଉଚ୍ଚ ନ୍ୟାୟାଳୟ ବିଚାରପତିଙ୍କ ଅଧକ୍ଷତାରେ ଏକ କ୍ଲେମ୍ସ କମିଶନ ଗଠନ କରିଥିଲେ। ଏଥିରେ କେନ୍ଦ୍ର ସରକାରଙ୍କ ସଚିବ ପାହ୍ୟା ଅଧିକାରୀ ଓ କୋଲ୍ ଇଣ୍ଡିଆ ଅଧକ୍ଷ ନୋମିନେଟ କରିଥିବା ଅଧିକାରୀଙ୍କୁ ନେଇ ୩ ଜଣିଆ କମିଶନ ଗଠନ କରିଥିଲେ। କିନ୍ତୁ ଏମସିଏଲ ୧୦ ଖଣ୍ଡ ଗ୍ରାମର ନିଯୁକ୍ତି ଓ କ୍ଷତିପୂରଣ ପ୍ରଦାନ ଚାଲିଥିବା ବେଳେ ବିଭିନ୍ନ ସମସ୍ୟା ଦର୍ଶାଇ ବାରମ୍ବାର ପୁନର୍ବିଚାର ପିଟିସନ ଦାଖଲ କରିଥିଲେ, ଯାହା ଫଳରେ ବହୁତ ବିଳମ୍ବ ହୋଇଥିଲା। ସୁପ୍ରିମକୋର୍ଟ ୨୦୧୭ରେ ମଧ ୯ ମାସ ମଧ୍ୟରେ ସମସ୍ତ ଗ୍ରାମକୁ ଥଇଥାନ ପୁନର୍ବାସ ସୁବିଧା କରିବା ପାଇଁ ଆଦେଶ ଦେଇଥିଲେ। କୋର୍ଟ ଆଦେଶ ଉପରେ ୨୦୨୧ ଅକ୍ଟୋବର ପର୍ଯ୍ୟନ୍ତ ୧୦ ଖଣ୍ଡ ଗ୍ରାମର ୩୦୩୪ ବିସ୍ଥାପିତ ପରିବାର ପାଇଁ ୧୪୨୦ ଜଣଙ୍କ ଥଇଥାନ ପୁନର୍ବାସ ସୁବିଧା ଅନୁମୋଦନ କରି ୧୧୭୭ ପରିବାରଙ୍କୁ ପ୍ରଦାନ କରିଥିବା ବେଳେ ୧୬୧୪ ପରିବାର ବାକି ରହିଥିବା କୋର୍ଟଙ୍କୁ ଜିଲାପାଳ ଜଣାଇଥିଲେ। କୌଣସି ଗୋଟିଏ ଗ୍ରାମ ମଧ ସଂପୂର୍ଣ୍ଣଭାବେ ଥଇଥାନ ପୁନର୍ବାସ କରାଯାଇନଥିବା ରିପୋର୍ଟରେ ଉଲ୍ଲେଖ କରିଥିଲେ। ବହୁ ବିଳମ୍ବ ହେବାରୁ ଝୁପୁରୁଙ୍ଗା ଗ୍ରାମ ନୂତନ ଜମି ଅଧିଗ୍ରହଣ ଆଇନ ଅନୁସାରେ କ୍ଷତିପୂରଣ ପ୍ରଦାନ ପାଇଁ କୋର୍ଟରେ ଆବେଦନ କରିଥିଲେ। ପରେ ଡୁମଲିଆ ଓ ତାପରେ ରତନସରା ମଧ ନୂତନ ଜମି ଅଧିଗ୍ରହଣ ଆଇନ ୨୦୧୩ ଅନୁସାରେ କ୍ଷତିପୂରଣ ପ୍ରଦାନ ପାଇଁ ଆବେଦନ କରିଥିଲେ। ୨୦୨୨ରେ ଏହି ମାମଲା ଶେଷ ହୋଇ ବାକି ରହିଥିବା ୪ ଟି ଗ୍ରାମ ଡୁମୁଲିଆ, ଝୁପୁରୁଙ୍ଗା, କିରିପସିରା ଓ ରତନସରା ଗ୍ରାମକୁ ନୂତନ ଜମି ଅଧିଗ୍ରହଣ ଆଇନ ୨୦୧୩ ଅନୁସାରେ କ୍ଷତିପୂରଣ ପ୍ରଦାନ ସହ ଏକ ବର୍ଷ ମଧ୍ୟରେ ନିଯୁକ୍ତି ପ୍ରଦାନ ଆଦି ଆଦେଶ ରହିଥିଲା। ପୁନର୍ବାସ, ଥଇଥାନ ସହ ନୀତି ଅନୁସାରେ ଅନ୍ୟ ସୁବିଧା ଦେବାରେ କମ୍ପାନି ମନମାନି କରୁଥିବା,ଏପରିକି ସୁପ୍ରିମକୋର୍ଟର ଆଦେଶକୁ ବି ଅବମାନନା କରୁଥିବା ଅଭିଯୋଗ କରି ବାରମ୍ବାର ଆଲୋଚନା, ନିଷ୍ପତ୍ତି ପରେ ବି ଏମସିଏଲ ତାକୁ କାର୍ଯ୍ୟକାରୀ ନକରି ଦିନ ଗଡ଼ାଇ ନେଉଥିବାରୁ ଏହାର ପ୍ରତିବାଦରେ ଏକ ଦାବିପତ୍ର ପ୍ରଦାନ ଦେଇ ଆନ୍ଦୋଳନକୁ ଓହ୍ଲାଇଥିଲେ ବିସ୍ଥାପିତ। ଦାବି ମଧ୍ୟରେ ଡୁମୁଲିଆ ଓ ଝୁପୁରୁଙ୍ଗା ଗାଁ ବିସ୍ଥାପିତଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ଏପ୍ରିଲ ୨୫ରେ ପ୍ରଶାସନ ବିଜ୍ଞପ୍ତି ପ୍ରକାଶ କରିଥିଲା। କିନ୍ତୁ ଏଯାଏଁ ଅତି ମନ୍ଥର ଗତିରେ କେବଳ ଘର କ୍ଷତିପୂରଣ ଦେବା ଆରମ୍ଭ ହୋଇଛି। ଯାହା ସୁପ୍ରିମକୋର୍ଟ ଓ କ୍ଲେମ୍ କମିସନଙ୍କ ଆଦେଶର ଅବମାନନା ହୋଇଛି। ଗତ ୩ ନଭେମ୍ବର ୨୦୨୨ରେ ସୁପ୍ରିମକୋର୍ଟ ୯ ମାସ ମଧ୍ୟରେ ଏ ଦୁଇ ଗାଁର କ୍ଷତିପୂରଣ ପ୍ରଦାନ ଶେଷ କରିବାକୁ ଆଦେଶ ଦେଇଥିଲେ। କିନ୍ତୁ ୭ ମାସ ବିତିଯିବା ପରେ ବି ହାତଗଣିତି ବିସ୍ଥାପିତଙ୍କୁ କ୍ଷତିପୂରଣ ଦିଆଯାଇଛି। ୧୪ଟି ବିସ୍ଥାପିତ ଗାଁ ସମେତ ଥଇଥାନ ଓ ପୁନର୍ବାସ ଆଇନ ୨୦୧୩ ନୀତି ଲାଗୁ ହୋଇଥିବା ଡୁମୁଲିଆ, ଝୁପୁରୁଙ୍ଗା, ରତନସରା ଓ କିରିପସିରା ବିସ୍ଥାପିତଙ୍କ ପାଇଁ ଏଯାଏଁ ଥଇଥାନ ଓ ପୁନର୍ବାସ ସ୍ଥାନ ବା ଗୃହ ନିର୍ମାଣ ଭୂମି ଚୂଡ଼ାନ୍ତ କରାଯାଇ ନାହିଁ।

# ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟ ନିମ୍ନମାନର

କୁତ୍ରା, ୧୮।୭(ଦେବାଶିଷ ସାହୁ)





ଆମ୍ବଗୋଭା ସରକାରୀ ଉଚ୍ଚ ବିଦ୍ୟାଳୟ।

## ବିଡିଓଙ୍କୁ ଦାବିପତ୍ର ପ୍ରଦାନ

ରାଜ୍ୟ ସରକାର ବିଦ୍ୟାଳୟଗୁଡିକୁ ୫-ଟି ମାଧମରେ ଅନ୍ତର୍ଭୁକ୍ତ କରିଛନ୍ତି। ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟ କରୁଛନ୍ତି। ଛାତ୍ରୀଛାତ୍ରଙ୍କୁ ଉତ୍ତମ ପରିବେଶ ସାଙ୍ଗକୁ ଉତ୍ତମ ଶିକ୍ଷା ପ୍ରଦାନ କରିବାର ଲକ୍ଷ୍ୟ ରଖିଛନ୍ତି। କିନ୍ତୁ ତାହା ବାସ୍ତବରେ କେତେ କାର୍ଯ୍ୟକାରୀ ହେଉଛି ତାହା ତଦାରଖ କରିବା ପାଇଁ ବୋଧେ କେହି ନାହାନ୍ତି। ଫଳରେ ଯୁଆଡେ ଦେଖିଲେ ଦୁର୍ନୀତି ଆଉ ଦୁର୍ନୀତି। ଠିକାଦାର ଠାରୁ ଆରମ୍ଭ କରି ଯନ୍ତ୍ରୀ ପର୍ଯ୍ୟନ୍ତ ସମସ୍ତେ ନିଜ ପକେଟ ଗରମ କରିବାରେ ଲାଗି ପଡିଛନ୍ତି। ଏଭଳି ଅଭିଯୋଗ ଆସିଛି ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଆମ୍ବଗୋଭା ସରକାରୀ ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ। ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଅଭିଯୋଗ ହୋଇଛି ଯେ, ୫-ଟିରେ ସାମିଲ କରାଯାଇ ବିଦ୍ୟାଳୟରେ ଯେଉଁସବୁ କାର୍ଯ୍ୟ ହୋଇଛି ତାହା ଅତ୍ୟନ୍ତ ନିମ୍ନମାନର। ଏନେଇ କୁତ୍ରା ବିଡ଼ିଓ ରବୀନ୍ଦ୍ର କୁମାର ସେଠୀଙ୍କୁ ମଙ୍ଗଳବାର ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗଗୁଡିକ ହେଉଛି ବିଦ୍ୟାଳୟରେ କୋଠରୀ ରଙ୍ଗ କରାଯାଇଥିବାବେଳେ ବର୍ଷେ ନ ହେଉଣୁ ରଙ୍ଗ ଲିଭିଗଲାଣି। କମ୍ପ୍ୟୁଟର ଲ୍ୟାବ ଏବଂ ଅନ୍ୟାନ୍ୟ ରୁମ ଯିବା ଆସିବା ପାଇଁ ତିଆରି ହୋଇଥିବା ରାସ୍ତା ଧସିଗଲାଣି। ବିଭିନ୍ନ କାର୍ଯ୍ୟକ୍ରମ ହେବା ପାଇଁ ତିଆରି ହୋଇଥିବା ଷ୍ଟେଜ ଭାଙ୍ଗି ଗଲାଣି। ବିଦ୍ୟାଳୟ ମୁଖ୍ୟ ପ୍ରବେଶପଥରେ ଲାଗିଥିବା ଗେଟ ଠିକ ଭାବରେ ଲାଗୁନାହିଁ। ଏହା ସହିତ ୧୫୦ ଫୁଟର ବୋରିଙ୍ଗ ଖୋଳା ଯାଉଛି କହି ମାତ୍ର ୭୦ ଫୁଟ ଖୋଳି ଛାଡି ଦେଇଥିବା ଅଭିଯୋଗ କରିଛନ୍ତି। ଏଥିରୁ ସ୍ପଷ୍ଟ ଭାବରେ ଅନୁମାନ କରାଯାଉଛି ସରକାରଙ୍କ ଟଙ୍କା କିଭଳି ଭାବରେ ବରବାଦ କରାଯାଉଛି। ନିମ୍ନମାନର କାର୍ଯ୍ୟ କରି ଲକ୍ଷଲକ୍ଷ ଟଙ୍କା ଆତ୍ମସାତ କରାଯାଉଛି। ଠିକାଦାର ଓ ଯନ୍ତ୍ରୀଙ୍କ ସଲାସୁତ୍ରରାରେ ଏଭଳି କାର୍ଯ୍ୟ ହୋଇଥିବା ଅଭିଯୋଗ କରିଛନ୍ତି ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟମାନେ। ଏହାକୁ ନେଇ ଯନ୍ତ୍ରୀ ସମୀର ନାଏକଙ୍କୁ ପଚାରିବାରୁ ନିମ୍ନମାନର କାର୍ଯ୍ୟ ହୋଇଥିବା ସ୍ୱୀକାର କରିବା ସହିତ ଏହାର ଶିଘ୍ର ମରାମତି କରାଯିବ ବୋଲି କହିଥିଲେ। ତେବେ ଏଥିରେ କେବଳ ଠିକାଦାର, ଯନ୍ତ୍ରୀ ସାମିଲ ଅଛନ୍ତି ନା ଶିକ୍ଷା ବିଭାଗ ମଧ ସାମିଲ ଅଛି ତାହା ବର୍ତ୍ତମାନ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏଣୁ ଏଦିଗରେ ଜିଲା ପ୍ରଶାସନ ଓ ଜିଲା ଶିକ୍ଷା ବିଭାଗ ଦୃଷ୍ଟି ଦେଇ ଏହାର ସମାଧାନ କରିବା ପାଇଁ ପରିଚାଳନା କମିଟି ପକ୍ଷରୁ ଦାବି ହେଉଛି।

# ଅନ୍ଧାରରେ ବୁଡାଝରିଆ ଗ୍ରାମ, ଲୋକେ ହଇରାଣ

ହେମଗିର,୧୮।୭(ଚୈତନ୍ୟ ପଟେଲ)

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ବୁଡାଝରିଆ ଗ୍ରାମରେ ବିଦ୍ୟୁତ୍ ସେବାରେ ବ୍ୟାଘାତ ସୃଷ୍ଟି ହେବାରୁ ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ପରିବାର ଅନ୍ଧାରରେ ଅଛନ୍ତି। ମିଳିଥିବା ସୂଚନା ଅନୁସାରେ ବୁଡ଼ାଝରିଆ ଗ୍ରାମରେ ଥିବା ଟ୍ରାନ୍ସଫର୍ମରଟି ଆଜକୁ କିଛି ଦିନ ତଳେ ଚୋରି ହୋଇଛି। ଯଦ୍ୱାରା ଗ୍ରାମବାସୀ ଅନ୍ଧାରରେ ରହୁଛନ୍ତି। ତେବେ ଏନେଇ ଗ୍ରାମବାସୀ ହେମଗିରସ୍ଥିତ ବିଦ୍ୟୁତ୍ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ଏପର୍ଯ୍ୟନ୍ତ ବିଦ୍ୟୁତ୍ ସେବା ଯୋଗାଇ ଦିଆଯାଇ ନ ଥିବାରୁ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ବିଦ୍ୟୁତ୍ ବିଭାଗ ଦୃଷ୍ଟି ଦେବା ସହିତ ଅଞ୍ଚଳରେ ଅତିଶୀଘ୍ର ବିଦ୍ୟୁତ୍ ସେବା ଯୋଗାଇବା ପାଇଁ ଦାବି ହେଉଛି।

# ଜାତୀୟ ରାଜପଥରେ ବଢୁଛି ଦୁର୍ଘଟଣା

## ଜାତୀୟ ରାଜପଥ ବିଭାଗ ଅଫିସ ଘେରାଉ କରିବେ ଲୋକେ

ଲାଠିକଟା,୧୮।୭(ରାମେଶ୍ୱର ଖାଡଙ୍ଗା)

ସୁନ୍ଦରଗଡ଼ ଜିଲା ଦେଇ ଯାଇଥିବା ୧୪୩ ନଂ. ଜାତୀୟ ରାଜପଥରେ ବଢୁଛି ଦୁର୍ଘଟଣା। ଏହାର ପ୍ରତିକାର କରାଯାଉ ନ ଥିବାରୁ ଲୋକେ ଜାତୀୟ ରାଜପଥ ବିଭାଗ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିବାକୁ ସଜବାଜ ହେଉଛନ୍ତି। ସାରନଗରୀଠାରୁ ମାତ୍ର କିଛି ଦୂରରେ ୧୪୩ ନଂ. ଜାତୀୟ ରାଜପଥ ରହିଛି। ହଜାର ହଜାର ସଂଖ୍ୟାରେ ଗାଡ଼ି ଯିବା ଆସିବା କରୁଛି। ରାଜପଥର ଗୋଟିଏ ପଟୁ ଆରପଟକୁ ଯିବାକୁ ହେଲେ ଅନେକ ସମୟ ଅପେକ୍ଷା କରିବାକୁ ପଡୁଛି। ଏହି ରାସ୍ତାରେ ଦୁର୍ଘଟଣା ଘଟିବା ମଧ୍ୟ କିଛି କମ୍ ନୁହେଁ। ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଛି। ଅନେକ ଦିନ ପରେ ଏହା ୪ଲେନ ହୋଇଛି। ଲୋକେ ଭାବିଥିଲେ ଦୁର୍ଘଟଣା ଅନେକ ମାତ୍ରାରେ କମିବ କିନ୍ତୁ ତାହା ହେଲା ନାହିଁ। ଜାତୀୟ ରାଜପଥର ଅନେକ ତ୍ରୁଟି ଓ କାମରେ ବିଳମ୍ବ ବୋଲି ଲୋକେ ଅଭିଯୋଗ କରିଛନ୍ତି। ଜାତୀୟ ରାଜପଥ ପାଖରେ ହାଇମାକ୍ସ ଲାଇଟ ଲାଗିଛି। କେତେକ ଜଳୁଛି କେତେକ ଜଳୁ ନାହିଁ। ଫଳରେ ଦୁର୍ଘଟଣା ଘଟୁଛି। ସବୁଠାରୁ ବଡ ସମସ୍ୟା ରୂପେ ଉଭା ହୋଇ ଛିଡା ହୋଇଛି ଜଳଦା ମୁଖ୍ୟଛକ। ଏଠାରେ ଶହଶହ ସଂଖ୍ୟାରେ ସ୍କୁଲ କଲେଜ ପିଲା ଯିବା ଆସିବା କରିଥାନ୍ତି। ଏମାନଙ୍କ ସୁରକ୍ଷା ପାଇଁ ଏକ ଫ୍ଲାଏଓଭର ବ୍ରିଜ ନିର୍ମାଣ କାମ ଆରମ୍ଭ ହୋଇଥିଲା, କିନ୍ତୁ ତାହା ଏବେ ବନ୍ଦ ହୋଇ ପଡିରହିଛି। କେବେ ଏହି କାମ ସରିବ ତାହା କାହା ପାଖରେ ଉତ୍ତର ନାହିଁ। ଫଳରେ ଏହା ପାଖରେ ଥିବା କଲେଜ୍ ସ୍କୁଲ ଓ ହଷ୍ଟେଲ ପିଲାମାନଙ୍କ ଜୀବନ ବିପଦରେ। ରାସ୍ତା ପାରିହେବା କଷ୍ଟକର ହେଉଛି। ଲୁହା ଏଙ୍ଗେଲ ସବୁ ରାସ୍ତା ଉପରେ ପଡି ରହିଥିବା ହେତୁ ଯାତାୟାତରେ ମଧ ଅନେକ ବାଧା ସୃଷ୍ଟି ହେଉଛି। ଏହାର ପ୍ରତିକାର କରିବାକୁ ଲୋକେ ଦାବି କରିଛନ୍ତି।



୧୪୩ ନଂ. ଜାତୀୟ ରାଜପଥରେ ଲୁହା ଏଙ୍ଗଲ ଫ୍ଲାଏଓଭର ସେଟ ପଡ଼ିରହିଛି।

# ଲହୁଣୀପଡ଼ାରେ ଶ୍ରମମନ୍ତ୍ରୀଙ୍କ ଉନ୍ନୟନ କାର୍ଯ୍ୟର ସମୀକ୍ଷା

ଲହୁଣୀପଡା, ୧୮।୭(ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ସଭାକକ୍ଷଠାରେ ସୋମବାର ସନ୍ଧ୍ୟା ପ୍ରାୟ ୫ଟାରେ ଶ୍ରମମନ୍ତ୍ରୀ ଶାରଦା ପ୍ରସାଦ ନାୟକ ବିଭିନ୍ନ ବିଭାଗରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ସମୀକ୍ଷା ବୈଠକରେ ଶ୍ରମମନ୍ତ୍ରୀ ନାୟକଙ୍କ ସମେତ ଲହୁଣୀପଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁରାଗ ମିଶ୍ର, ତହସିଲଦାର ସୌଦାମିନୀ ନାୟକ, ଜିଲା ସମବାୟ ବ୍ୟାଙ୍କ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ଜିଲା ପରିଷଦ ଉପାଧକ୍ଷ କମଲ ଲାକ୍ରା, ଜିଲା ପରିଷଦ ସଦସ୍ୟା ଜୁଲିଆନି କାଣ୍ଡିର, ଶୁଶିଳା ନାଏକ ମଞ୍ଚାସୀନ ଥିଲେ। ଏଥିରେ ବ୍ଲକ, ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ, ଜଳ ଯୋଗାଣ, ଶିଶୁ ବିକାଶ, ଉଠା ଜଳସେଚନ, କୃଷି ବିଭାଗ, ଉଦ୍ୟାନ ବିଭାଗ, ଶିକ୍ଷା ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ, ନିର୍ବାଚିତ ସରପଞ୍ଚ, ସମିତି ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ମନ୍ତ୍ରୀ ନାୟକ ଗମନାଗମନକୁ ଗୁରୁତ୍ୱ ଦେଇଥିଲେ। ନିଜ ବିଭାଗ ଭିତରେ ସୀମିତ ନ ରହି ଗ୍ରାମାଞ୍ଚଳ ଲୋକମାନଙ୍କର ଯାତାୟତକୁ ଆଖିଆଗରେ ରଖି ରାସ୍ତା ତିଆରି କରିବାକୁ ପଡିବ। ଏଥିପାଇଁ ବ୍ଲକ ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀମାନେ ବ୍ଲକ ଅନ୍ତର୍ଗତ ଥିବା ସମ୍ପୃକ୍ତ ବିଭାଗୀୟ ରାସ୍ତାଗୁଡ଼ିକର ଠିକ ସୂଚନା ବିଡ଼ିଓଙ୍କ ନିକଟରେ ଦାଖଲ କରିବା ସହିତ ସମସ୍ୟା ଥିବା ଗ୍ରାମାଞ୍ଚଳ ରାସ୍ତା ପ୍ରତି ସାମୂହିକ ମିଳିତ ଆଲୋଚନା ମାଧ୍ୟମରେ ସମସ୍ତଙ୍କ ସହଯୋଗରେ ରାସ୍ତା ନିର୍ମାଣ କରି ଲୋକଙ୍କର ଗମନାଗମନ ସମସ୍ୟା ଦୂର କରିବେ ବୋଲି ନିର୍ଦ୍ଦେଶ ଦେଇଥିଲେ। ବସୁଧା ଯୋଜନା ମାଧ୍ୟମରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ସମ୍ପୃକ୍ତ ଠିକା ସଂସ୍ଥା ଅଧିକାରୀ ଓ କର୍ମଚାରୀଙ୍କ ସହିତ ବିସ୍ତୃତ ଆଲୋଚନା କରିଥିଲେ।

# ବ୍ଲକରେ ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ଶ୍ରମମନ୍ତ୍ରୀ

କୁଆଁରମୁଣ୍ଡା,୧୮।୭(ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକରେ ହେଉଥିବା ବିଭିନ୍ନ ସରକାରୀ ଯୋଜନାର କାର୍ଯ୍ୟାନ୍ୱୟନ କିଭଳି ଚାଲିଛି ତାହାର ସମୀକ୍ଷା କରିଛନ୍ତି ଶ୍ରମମନ୍ତ୍ରୀ ସାରଦା ନାୟକ। ଏହି ସମୀକ୍ଷା ବୈଠକ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ବ୍ଲକ ସମ୍ମିଳନୀ କକ୍ଷରେ ସମସ୍ତ ପଞ୍ଚାୟତିରାଜ ପ୍ରତିନିଧି, ବ୍ଲକ କର୍ମଚାରୀ ଓ ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା। ବ୍ଲକ ଅଞ୍ଚଳରେ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ କନିଷ୍ଠ ଯନ୍ତ୍ରୀ ଓ ସରକାରୀ କର୍ମଚାରୀମାନେ ପିସି ନେଉଥିବାରୁ ନିର୍ମାଣ ହେଉଥିବା ଅନେକ କାର୍ଯ୍ୟ ବିଶେଷ କରି ରାସ୍ତା, ଗୃହ ନିର୍ମାଣ ଇତ୍ୟାଦିର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ସାଧାରଣ ଲୋକେ ମଧ୍ୟ ଠିକାଦାର-ଯନ୍ତ୍ରୀ ମିଳିମିଶି ଲୁଟୁଥିବା ନେଇ ଅଭିଯୋଗ କରୁଛନ୍ତି ବୋଲି ଶ୍ରମମନ୍ତ୍ରୀ ନାୟକ ଉପସ୍ଥିତ କର୍ମଚାରୀ ଓ ଅଧିକାରୀଙ୍କ ଉପରେ ପ୍ରବଳ ବର୍ଷିଥିଲେ। ଏପରିକି ଶ୍ରମମନ୍ତ୍ରୀଙ୍କୁ ବ୍ଲକର କର୍ମଚାରୀମାନେ ଫୁଲତୋଡା ଦେଇ ସ୍ୱାଗତ କରିବା ସମୟରେ ସେ ଫୁଲତୋଡାକୁ ଗ୍ରହଣ ନ କରି ଫୁଲତୋଡାରେ ଅଯଥା ଖର୍ଚ୍ଚ ନ କରି ଲୋକଙ୍କ ପାଇଁ କାମ କର ବୋଲି ମଧ୍ୟ ପ୍ରାରମ୍ଭରେ ତାଗିଦ୍ କରିଥିଲେ। ଡାଏରୀ ଫାର୍ମଠାରୁ କୁଆଁରମୁଣ୍ଡା ଫାଣ୍ଡି ପର୍ଯ୍ୟନ୍ତ ରାଜପଥର ଦୁରାବସ୍ଥାକୁ ଦେଖି ବିଭାଗୀୟ ଅଧିକାରୀଙ୍କୁ ତାଗିଦ କରିବା ସହ ଆସନ୍ତା ୨ମାସ ମଧ୍ୟରେ ଡ୍ରେନ ସହ ରାଜପଥ କାର୍ଯ୍ୟ ମରାମତି ସମ୍ପୂର୍ଣ୍ଣ କରିବା ପାଇଁ କହିଛନ୍ତି। ଏହି ସମୀକ୍ଷା ବୈଠକରେ ଶ୍ରମମନ୍ତ୍ରୀ ସାରଦାଙ୍କ ସହ ଜିଲାପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର,ବ୍ଲକ ଅଧ୍ୟକ୍ଷା ଜ୍ୟୋତି କେର୍କେଟା, ଉପାଧ୍ୟକ୍ଷା ସୁନିତା ଅହିର, ବିଡିଓ ତୃପ୍ତି ବରେଇ,ଏବିଡିଓ ପ୍ରଶାନ୍ତ କୁମାର ଜେନା,ଏଇଇ ଚୈତନ୍ୟ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ।



କୁଆଁରମୁଣ୍ଡା ବ୍ଲକ ସମ୍ମିଳନୀ କକ୍ଷରେ ଶ୍ରମମନ୍ତ୍ରୀ ସାରଦା ନାୟକ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରୁଛନ୍ତି।

# ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଶୋଚନୀୟ

ଟେନ୍‌ସା, ୧୮।୭(ସମୀର କୁମାର ପାଢୀ)




- କାନ୍ଥ ଫାଟିଗଲାଣି, ଛାତରୁ ଗଳୁଛି ପାଣି
- ଦୂରରୁ ଦିଶୁଛି ଭୂତକୋଠି ପରି

ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଶୋଚନୀୟ ହୋଇପଡ଼ିଛି। କାର୍ଯ୍ୟାଳୟର କାନ୍ଥଗୁଡିକ ଫାଟି ଗଲାଣି, ଛାତରୁ ପାଣି ଗଳୁଛି। ବସିବା ପାଇଁ ଜାଗା ନାହିଁ। ଦୂରକୁ ଦିଶୁଛି ଭୁତ କୋଠି ପରି। ସେହି ବ୍ଲକରେ ବିଦ୍ୟାଳୟଗୁଡିକ କେମିତି ଥିବ ତାହା ନ ଦେଖିଲେ କେହି ବି ବିଶ୍ୱାସ କରିବ ନାହିଁ। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଶିକ୍ଷାର ଉନ୍ନତି ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକରେ ଏହାର କୌଣସି ସୁଫଳ ଦେଖିବାକୁ ମିଳୁନାହିଁ। ଅଧିକାଂଶ ବିଦ୍ୟାଳୟରେ ଘର ନ ଥିବାବେଳେ ଖରା, ବର୍ଷା ପାଣି କାଦୁଅରେ ଛାତ୍ରୀଛାତ୍ର ତଳେ ବସି ପାଠ ପଢୁଛନ୍ତି ବୋଲି ଅଭିଯୋଗ ହୋଇଆସୁଛି। ସେଠାରେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ କଥା ପଚାରେ କିଏ । ବିଦ୍ୟାଳୟର ଉନ୍ନତି ପାଇଁ ସୁନ୍ଦରଗଡ଼ ଜିଲା ଖଣିଜ ପାଣ୍ଠିରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ୫-ଟି ମାଧ୍ୟମରେ ବିଦ୍ୟାଳୟଗୁଡିକ ରୂପାନ୍ତରିତ ହେଉଛି। ହେଲେ କୋଇଡା ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଏଭଳି ଶୋଚନୀୟ କାହିଁକି ତାହା ପ୍ରଶ୍ନ ଉଠୁଛି। ଏକ ବର୍ଷରୁ ଊର୍ଦ୍ଧ୍ୱ ହେବ ବ୍ଲକ ଶିକ୍ଷା ଅଧିକାରୀ କେହି ନାହାନ୍ତି। ଲହୁଣୀପଡ଼ା ବ୍ଲକ ଶିକ୍ଷା ଅଧିକାରୀ କୋଇଡା ଦାୟିତ୍ୱ ବୁଝୁଛନ୍ତି। ସେ ୭୦କିମି ରାସ୍ତା ଆସି କୋଇଡା ଶିକ୍ଷା କଥା ବୁଝିବା ସମ୍ଭବପର ହୋଇପାରୁ ନାହିଁ ବୋଲି ଲହୁଣୀପଡା ବ୍ଲକ ଶିକ୍ଷା ଅଧିକାରୀ ସୁନୀଲ ମୁଣ୍ଡୁ ପ୍ରକାଶ କରିଛନ୍ତି। ଏଣୁ କୋଇଡା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ କରାଗଲା। ଏହି ଘର କେବେ ତିଆରି କରାଯାଇଥିଲା ତାହାର କୌଣସି ସୂଚନା ନାହିଁ। କାର୍ଯ୍ୟାଳୟଟି ଭାଙ୍ଗି ରୁଜି ଗଲାଣି। ବର୍ଷା ପାଣି ପଡି ଅଫିସର କମ୍ପ୍ୟୁଟରଗୁଡିକ ଅକାମି ହୋଇ ପଡିରହିଛି। ଫାଇଲପତ୍ରଗୁଡ଼ିକ ବର୍ଷା ପାଣି ପଡ଼ି ନଷ୍ଟ ହୋଇଗଲାଣି। କାର୍ଯ୍ୟାଳୟରେ ତିନି ଜଣ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରହିବା କଥା। ହେଲେ ୨ଜଣ ଅଛନ୍ତି। ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ କଥା ବୁଝିବାକୁ କେହି ନାହାନ୍ତି। କାର୍ଯ୍ୟାଳୟ ଅଫିସ କୋଠା ଉପରେ ଗଛ ଲତାରେ ଭରି ରହିଛି। ଅଫିସ ଚାରି ପାଖ ଅଳିଆ ଆବର୍ଜନାରେ ଭରି ରହିଛି। ସଫା ସୁତୁରା କରାଯାଉ ନାହିଁ। କୋଠା ମରାମତି କରାଯାଉ ନାହିଁ। ବର୍ଷରେ ଥରେ ଅଧେ ଚୂନ ମରାଯାଉ ନାହିଁ। ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ମଧ ଠିକ ଭାବେ ଲେଖାଯାଇ ନାହିଁ। ଅଧା ଅଧା ଦିଶୁଛି। ଏହାର ମରାମତି ପ୍ରତି ରାଜ୍ୟ ସରକାର କିମ୍ବା ଜିଲା ପ୍ରଶାସନ ଦୃଷ୍ଟି ନ ଦେବା ଏକ ବିଡ଼ମ୍ବନାର ବିଷୟ। ଏ ନେଇ ଦାୟିତ୍ୱରେ ଥିବା ଲହୁଣୀପଡା ବ୍ଲକ ଶିକ୍ଷା ଅଧିକାରୀଙ୍କୁ ପଚାରିବାରୁ ସେ କହିଲେ, କାର୍ଯ୍ୟାଳୟ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀଙ୍କୁ ଜଣାଇଛୁ। ପଦକ୍ଷେପ ନେବେ ବୋଲି କହିଥିଲେ। ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନଙ୍କୁ ପଚାରିବାରୁ କୋଇଡା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅବସ୍ଥା ସମ୍ପର୍କରେ ଅବଗତ ଅଛି। ଏନେଇ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ସହିତ ଆଲୋଚନା ହୋଇଛି। ଖୁବଶୀଘ୍ର ନୂତନ ଘର ନିର୍ମାଣ ହେବ ବୋଲି ପ୍ରକାଶ କରିଥିଲେ।



ଏକ ଅଶ୍ଳୀଳ ଭିଡିଓରେ ଭାଜପା ନେତା କିରୀଟ ସୋମାୟାଙ୍କ ସମ୍ପୃକ୍ତି ଥିବା ଅଭିଯୋଗରେ ଶିବ ସେନା(ୟୁଟିବି) କର୍ମୀମାନେ ମୁମ୍ବାଇ ଭିଲେ ପାର୍ଲେ ଇଷ୍ଟରେ ତାଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ୨୪ ବର୍ଷରେ କେତେ ଜଳସେଚନର ସୁଯୋଗ ସୃଷ୍ଟି ହୋଇଛି ଶ୍ୱେତପତ୍ର ଜାରି କର: କଂଗ୍ରେସ

**ଭୁବନେଶ୍ୱର, ୧୮।୭(ସୁନିତ୍ ମିଶ୍ର)**

ଓଡ଼ିଶା ଗତ ୧୩ ବର୍ଷରେ ୮ ଥର ମରୁଡ଼ି ପରିସ୍ଥିତିର ସମ୍ମୁଖୀନ ହୋଇଛି। ପ୍ରତିଥର ମରୁଡ଼ି ଆସିଲେ ଗତାନୁଗତିକ ଭାବେ ସରକାରଙ୍କ ଆପଦକାଳୀନ ବୈଠକ ବସିଥାଏ। କୃଷି ବିଭାଗ ଅଧିକାରୀମାନେ ମରୁଡ଼ି ସହ୍ୟ କରିପାରୁଥିବା କୃଷି ସାରଣୀକୁ ଆପଣାଇବାକୁ ପରାମର୍ଶ ଦିଅନ୍ତି। ଉଠା ଜଳସେଚନ ପଏଣ୍ଟଗୁଡ଼ିକୁ ସଜାଇବାକୁ ତାଗିଦ୍ କରନ୍ତି। ଏହାପରେ ସରକାର କିଛି ସବସିଡି ଘୋଷଣା କରି ହାତଖାଡ଼ି ବସନ୍ତି। ତେବେ ରାଜ୍ୟ ସରକାର ତାଙ୍କ ୨୪ ବର୍ଷ ଶାସନରେ ଏଥିପାଇଁ ବିଭାଗ ପକ୍ଷରୁ ମୋଟ କେତେ ଟଙ୍କା ଓ କେତେ ପରିମାଣର ଜମିକୁ କେଉଁ ଜଳଉତ୍ସ ଦ୍ୱାରା ଜଳସେଚନର ସୁଯୋଗ ସୃଷ୍ଟି କରିଛନ୍ତି, ତା'ର ତଥ୍ୟ ପ୍ରଦାନ କରନ୍ତୁ। ଏହାସହ ଏହାର ସତ୍ୟ ଉପରେ ଆଧାରିତ ସବିଶେଷ ଏକ ବିବରଣୀର ସାର୍ବଜନୀନ କରିବା ସହିତ ଏହାର ଏକ ତୁରନ୍ତ ଶ୍ୱେତପତ୍ର ପ୍ରକାଶ କରିବାକୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି କିଷାନ ସେଲ୍ ଅଧ୍ୟକ୍ଷ ଅମୀୟ କୁମାର ପଟ୍ଟନାୟକ କହିଛନ୍ତି। ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଅମୀୟ କହିଛନ୍ତି ଯେ, ଚାଷ ପାଇଁ ପ୍ରମୁଖ ବ୍ୟବସ୍ଥା ହେଲା ଜଳସେଚନ। କିନ୍ତୁ ଜଳସେଚନ ପାଇଁ ରାଜକୋଷରୁ ହଜାର ହଜାର କୋଟି ଟଙ୍କା ବ୍ୟୟ କରାଯାଉଥିବା ବେଳେ ଏବେ ମଧ୍ୟ ଫଳ ଶୂନ। ବର୍ତ୍ତମାନର ସରକାର ତାଙ୍କର ପାଖାପାଖି ଦୀର୍ଘ ଅଢ଼େଇ ଦଶନ୍ଧି ଶାସନ ସମୟରେ ଯେତେଗୁଡ଼ିଏ ଜଳଉତ୍ସ ସୃଷ୍ଟି କରିଛନ୍ତି ସେଥିରେ ଚାଷୀ ଲାଭବାନ ହେବା ପରିବର୍ତ୍ତେ ସରକାର, ମନ୍ତ୍ରୀ, ଯନ୍ତ୍ରୀ ଓ କଣ୍ଟ୍ରାକ୍ଟର ଏଥିରେ ସବୁଠାରୁ ଅଧିକ ଫାଇଦା ଉଠାଇଛନ୍ତି ବୋଲି ଅମୀୟ କହିଛନ୍ତି।

# ସମଦୂରତାରେ ରହିବ ବିଜେଡି: ପିନାକୀ

**ଭୁବନେଶ୍ୱର,୧୮।୭(ଅନିଲଦାସ)**

ଭାଜପା ପରିଚାଳିତ ଏନଡିଏକୁ କ୍ଷମତାରୁ ହଟାଇବା ପାଇଁ ଦେଶର ପ୍ରମୁଖ ବିରୋଧୀ ଦଳଗୁଡିକ ଏକାଠି ହୋଇଛନ୍ତି। ମଙ୍ଗଳବାର କର୍ନାଟକର ବେଙ୍ଗାଲୁରୁ ଠାରେ ୨୬ଟି ପ୍ରମୁଖ ରାଜନୈତିକ ଦଳ ନୂଆ ମେଣ୍ଟ 'ଇଣ୍ଡିଆ' ଗଠନ କରିଛନ୍ତି। ଅନ୍ୟ ପକ୍ଷରେ ଭାଜପା ୩୮ଟି ଛୋଟଛୋଟ ରାଜନୈତିକ ଦଳକୁ ଏକାଠି କରି ଦିଲ୍ଲୀରେ ଏନ୍‌ଡିଏ ମଧ୍ୟ ଶକ୍ତି ପ୍ରଦର୍ଶନ କରିଛି। ଏହାକୁ ନେଇ ଦେଶରେ ରାଜନୀତି ଉଷ୍ମ ରହିଛି। ତେବେ ବିଜୁ ଜନତା ଦଳ ଉଭୟ ଏନ୍‌ଡିଏ ଏବଂ ଇଣ୍ଡିଆ ଠାରୁ ସମଦୂରତା ବଜାୟ ରଖିବ। ବିଜେଡି କୌଣସି ମେଣ୍ଟରେ ସାମିଲ ହେବ ନାହିଁ। ଉଭୟ କଂଗ୍ରେସ ଓ ଭାଜପା ଠାରୁ ସମଦୂରତା ରକ୍ଷା କରି ଦଳ ରାଜ୍ୟର ସ୍ୱାର୍ଥ ପାଇଁ କାମ କରିବ। ରାଜ୍ୟ ସ୍ୱାର୍ଥ ପ୍ରସଙ୍ଗକୁ ବିଜେଡି ସମର୍ଥନ କରିବ ବୋଲି ବିଜେଡି ଏମପି ପିନାକୀ ମିଶ୍ର କହିଛନ୍ତି।

ନିକଟରେ ବିରୋଧୀ ମେଣ୍ଟର ପ୍ରମୁଖ ଭୂମିକା ନେଉଥିବା ଜେଡିୟୁ ମୁଖ୍ୟ ତଥା ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଏବଂ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବିଜେଡି ସଭାପତି ତଥା ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଥିଲେ। ଏହାକୁ ନେଇ ସେତେବେଳେ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଥିଲା। ତେବେ ଉଭୟ ନେତାଙ୍କ ଗସ୍ତ ସମୟରେ କୌଣସି ରାଜନୈତିକ ଆଲୋଚନା ହୋଇ ନ ଥିବା ବିଜେଡି ପକ୍ଷରୁ କୁହାଯାଇଥିଲା।

# କେନ୍ଦ୍ରରେ ସରକାର ହେଲେ ଓବିସିଙ୍କ ଲାଗି ନୂତନ ବିଭାଗ ସୃଷ୍ଟି କରାଯିବ: ଅଜୟ

**ଭୁବନେଶ୍ୱର, ୧୮।୭(ସୁନିତ୍ ମିଶ୍ର)**

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ଓପିସିସି) ପକ୍ଷରୁ ଓବିସି ବିଭାଗ ରାଷ୍ଟ୍ରୀୟ ଅଧ୍ୟକ୍ଷ ଅଜୟ ସିଂ ଯାଦବଙ୍କୁ କଂଗ୍ରେସ ପକ୍ଷରୁ ମଙ୍ଗଳବାର ସମ୍ବର୍ଦ୍ଧିତ କରାଯାଇଛି। ବରିଷ୍ଠ ଉପସଭାପତି ଶିବାନନ୍ଦ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଓଡ଼ିଶାରେ କିପରି ପଛୁଆବର୍ଗଙ୍କୁ ଏକତ୍ରିତ କରି ତାଙ୍କର ଅଧିକାରର ଲଢ଼େଇକୁ ଆଗକୁ ନେଇ ହେବ ସେନେଇ ବହୁ ନେତା ନିଜ ବକ୍ତବ୍ୟରେ କହିଛନ୍ତି। ଓଡ଼ିଶା ପ୍ରଦେଶ ଓବିସି ବିଭାଗ ପ୍ରଭାରୀ ସରୋଜ ମହାତୋଙ୍କ ଉପସ୍ଥିତିରେ ବିଭିନ୍ନ ଜିଲାର ଓବିସି ବିଭାଗ ଅଧ୍ୟକ୍ଷମାନେ ନିଜ ଜିଲାରେ ଓବିସି ସଙ୍ଗଠନକୁ କିପରି ସୁଦୃଢ଼ କରାଯିବ ସେନେଇ ଆଲୋଚନା କରିଛନ୍ତି। ଏହି ଅବସରରେ ଅଜୟ ସିଂ କହିଛନ୍ତି, କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖାର୍ଗେ ଓବିସି ବିଭାଗ ଉପରେ ଗୁରୁତ୍ୱ ଦେଇଛନ୍ତି। ଅଗାମୀ ଦିନରେ କେନ୍ଦ୍ରରେ ସରକାର ଗଢ଼ିଲେ ଓବିସି ପାଇଁ ଏକ ନୂତନ ବିଭାଗ ସୃଷ୍ଟି କରାଯିବା ସହ ପଛୁଆବର୍ଗର ସଂରକ୍ଷଣକୁ ସବୁ କ୍ଷେତ୍ରରେ ଅଗ୍ରାଧିକାର ଦିଆଯିବ। ନେତୃତ୍ୱ ବିକାଶ ମିଶନ (ଏଲ୍‌ଡିଏମ୍) ମାଧ୍ୟମରେ ଏସ୍‌ସି/ଏସ୍‌ଟି ବର୍ଗର ବିକାଶ ସହ ରାଜ୍ୟରେ ସାଧାରଣ ବର୍ଗ ଭିତରେ ଓବିସି ବହୁଳ ନିର୍ବାଚନମଣ୍ଡଳୀ ଚିହ୍ନଟ କରାଯାଇ ସେଠାରେ ଓବିସିଙ୍କୁ ସୁଯୋଗ ଦିଆଯିବ ବୋଲି ସେ କହିଛନ୍ତି।

## ରାଜ୍ୟ ଖବର


ଉଦ୍ଧାର ଲାଇକୋଡ଼ୋନ୍ ନିମ୍ଫା ସାପ।

# ବିରଳ ଲାଇକୋଡୋନ୍ ନିମ୍ଫା ସାପ ଉଦ୍ଧାର

**ବାଲେଶ୍ୱର, ୧୮।୭(ମାନସ ବିଶ୍ୱାଳ)**

ବାଲେଶ୍ୱର ଜିଲା ସିଂଲା ଥାନା ଅଧୀନ କୁଣ୍ଡଳୀ ଗ୍ରାମରୁ ଏକ ବିରଳ ଲାଇକୋଡ଼ୋନ୍ ନିମ୍ଫା ସାପ ଉଦ୍ଧାର ହୋଇଛି। ଲୋକେ ବିଷଧର ଚିତି ସାପ ଭାବି ବ୍ୟସ୍ତ ଏବଂ ଭୟଭୀତ ହୋଇ ସ୍ନେକ୍ ହେଲ୍ପଲାଇନକୁ ଫୋନ୍ କରିଥିଲେ। ଖବର ପାଇ ବାଲେଶ୍ୱରରେ ଥିବା ସ୍ନେକ ହେଲ୍ପଲାଇନ ସଦସ୍ୟ ସଞ୍ଜୟ ଦାସ ସାପକୁ ଉଦ୍ଧାର କରିଥିଲେ। ଏହା ବିଷହୀନ ଉଲ୍ଫ ସ୍ନେକ୍ ପ୍ରଜାତିର ସାପ ଏବଂ ଏହାର ନାମ ଲାଇକୋଡ଼ୋନ୍ ନିମ୍ଫା ବୋଲି ଚିହ୍ନଟ କରିଥିଲେ। ଏହି ସାପ ବିଷହୀନ ବୋଲି ପ୍ରମାଣ କରିବା ପାଇଁ ସଞ୍ଜୟଙ୍କୁ ଲୋକମାନଙ୍କ ଆଗରେ ଖାଲି ହାତରେ ଧରିବାକୁ ପଡ଼ିଥିଲା। ସାପକୁ ନିଜ ହାତରେ ପାଣି ପିଆଇବା ପରେ ଫେରିବା ବାଟରେ ଜନଶୂନ୍ୟ ପ୍ରାକୃତିକ ଆବାସ ସ୍ଥଳୀରେ ଛାଡ଼ି ଦେଇଥିଲେ। ଏହି ସାପଟି ବିରଳ ସାପ ବୋଲି ରମୁଲସ୍ ହ୍ୱାଇଟେକରଙ୍କ ସ୍ନେକସ୍ ଅଫ ଇଣ୍ଡିଆ ବହିରେ ମାନ୍ୟତା ଦିଆଯାଇଛି। ସ୍ନେକ୍ ହେଲ୍ପ ଲାଇନର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି 'ଲୋକେ ଏହାକୁ ବିଷ ଧର ଚିତି ସାପ ବୋଲି ଭ୍ରମରେ ପଡ଼ିଥାନ୍ତି, କିନ୍ତୁ ଏହା ନିରୀହ ସାପଟିଏ। ଏହା ଏକ ବିରଳ ସାପ ହୋଇଥିବାରୁ ଅଧିକାଂଶ ଲୋକ ଏହି ସାପକୁ ଦେଖିବାର ସୁଯୋଗ ପାଇ ନ ଥାନ୍ତି। ଆଗରୁ ଏହି ସାପର ନାମ ଡ୍ରାୟୋକାଲାମସ ନିମ୍ଫା ଥିଲା। ତେବେ ନିକଟ ଅତୀତରେ ଏଇ ସାପର ଡିଏନ୍‌ଏ ଲାଇକୋଡୋନ ଡିଏନଏ ସହିତ ମ୍ୟାଚ୍ କରିବାରୁ, ଏହି ସାପକୁ ଲାଇକୋଡନ ଜେନସ ଅଧୀନକୁ ଅଣାଯାଇଛି।

# ବଟନଦୀରେ ମାଛ ମଡ଼କ

## ଚଳିତବର୍ଷ ଜୁନ୍‌ରେ ଏବଂ ଗତ ବର୍ଷ ମାଛ ମରିଥିଲେ

**ପାରାଦୀପ, ୧୮।୭(ଶରତ ରାଉତ)**

ପାରାଦୀପର ୫ନଂ. ୱାର୍ଡବାଲିଝରା ବସ୍ତିପାଖରେ ଥିବା ବଟନଦୀରେ ମଙ୍ଗଳବାର ମାଛ ମଡ଼କ ହୋଇଛି। ନଦୀରେ ବିପୁଳ ପରିମାଣର ମାଛ ମରି ପଚିଶଢ଼ି ଯାଇଛି। ଫଳରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ପାରାଦୀପ ପୌରପାଳିକା ପକ୍ଷରୁ ବୁଧବାର ଏହି ମାଛଗୁଡ଼ିକୁ ବାହାର କରାଯାଇ ପୋତାଯିବ ବୋଲି ଜଣାପଡ଼ିଛି।

ଖବରପାଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପାରାଦୀପ କାର୍ଯ୍ୟାଳୟ ପକ୍ଷରୁ ମଲା ମାଛ ଓ ପାଣିର ନମୁନା ସଂଗ୍ରହ କରାଯାଇଛି। ଅମ୍ଳଜାନ ହ୍ରାସ (ଡିଜଲ୍‌ଭ ଅକ୍ସିଜେନ)ଯୋଗୁ ଏପରି ହୋଇଥାଇପାରେ ବୋଲି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ପୁଷ୍କରଚନ୍ଦ୍ର ବେହେରା କହିଛନ୍ତି। ସୂଚନାଯୋଗ୍ୟ, ଚଳିତବର୍ଷ ଜୁନରେ ଏବଂ ଗତବର୍ଷ ମଧ୍ୟ ଏହି ନଦୀରେ ମାଛ ମରି ଭାସିଥିଲେ। ଉକ୍ତ ନଦୀପଥ ବନ୍ଦ ହୋଇଯିବା ଦ୍ୱାରା ସେଥିରେ ପାଣି ସ୍ଥିର ରହିଛି ଏବଂ ପ୍ରଚୁର ପରିମାଣରେ କଳିକତି ଦଳ ଭର୍ତ୍ତି ହୋଇଯାଇଛି। ଏତଦ୍‌ବ୍ୟତୀତ ସେଥିରେ ବିଜୟଚନ୍ଦ୍ରପୁର, ବାଲିଝରା ଓ ବାଉରିଆପାଳନ୍ଦା ବସ୍ତିର ବର୍ଜ୍ୟବସ୍ତୁ ମିଶୁଛି। ଏଥିପାଇଁ ଉକ୍ତ ନଦୀର ପାଣି ଅତ୍ୟଧିକ ପ୍ରଦୂଷିତ ରହିଛି। ଖରା ଓ ବର୍ଷା ହେବାଦ୍ୱାରା ପାଣିର ଅମ୍ଳ ହଠାତ ହ୍ରାସ ପାଉଥିବାରୁ ମାଛ ମରୁଛନ୍ତି ବୋଲି ବେହେରା କହିଛନ୍ତି।


ବଟନଦୀରେ ଭାସୁଥିବା ମଲା ମାଛ।

# ବାଲିମେଳା-ମାଲକାନଗିରି ଯାତାୟାତ ବିଚ୍ଛିନ୍ନ


ପ୍ରବାହିତ ହେଉଥିବା ବର୍ଷା ଜଳ।

**ବାଲିମେଳା,୧୮।୭(ଶିବଦତ୍ତ ସାହୁ)/ କୋରୁକୋଣ୍ଡା,(ଅବିନାଶ ବେହେରା)**

- ବର୍ଷାରେ ବୁଡ଼ିଲା ତାର୍ଲାକୋଟା ପୋଲ
- ୩ ଫୁଟ ଉଚ୍ଚରେ ପାଣି ପ୍ରବାହିତ
- ଦୁଇ ପାର୍ଶ୍ୱରେ ଅଟକିଛି ଶତାଧିକ ଗାଡ଼ି

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକରେ ଗତ ୨ ଦିନ ଧରି ଲଗାଣ ବର୍ଷା ହେବା ଫଳରେ ତାର୍ଲାକୋଟା ନଦୀରେ ହୋଇଥିବା ପୋଲ ବୁଡିଯାଇ ୩ରୁ ୪ ଫୁଟ ଉଚ୍ଚରେ ବର୍ଷା ଜଳ ପ୍ରବାହିତ ହେଉଛି। ଫଳରେ ବାଲିମେଳା- ମାଲକାନଗିରିକୁ ଯାତାୟାତ ବିଚ୍ଛିନ୍ନ ହୋଇଛି। ପୋଲ ଉଭୟ ପାର୍ଶ୍ୱରେ ଶତାଧିକ ଗାଡିମୋଟର ଅଟକି ରହିଛି। ଫଳରେ ୩୨୬ନଂ ଜାତୀୟ ରାଜପଥରେ ଗାଡି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଅଞ୍ଚଳବାସୀ କହିଛନ୍ତି, ପ୍ରତିବର୍ଷ ବର୍ଷା ହେଲେ ତାର୍ଲାକୋଟା ପୋଲ ବୁଡିଯାଇ ଏଭଳି ସମସ୍ୟା ସୃଷ୍ଟି ହେଉଛି। ଫଳରେ ଆମେ ଦୀର୍ଘ ବର୍ଷ ଧରି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛୁ। ଏପରିକି ଗୁରୁତର ରୋଗୀଙ୍କୁ ନେବାକୁ ଆମ୍ବୁଲାନ୍ସ ମଧ୍ୟ ଆସି ପାରୁନାହିଁ। ଏଥି ପାଇଁ ସରକାର ତାର୍ଲାକୋଟା ନଦୀ ଉପରେ ପ୍ରାୟ ୬ବର୍ଷ ପୂର୍ବେ ଏକ ନୂତନ ଉଚ୍ଚ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି। ନିର୍ମାଣର ୫ ବର୍ଷ ବିତିଥିଲେ ମଧ୍ୟ ଏହା ଶେଷ ହେଉନାହିଁ। ଏହା ଅଧାପନ୍ତରିଆ ହୋଇ ରହିଛି।

ବର୍ଷା ହେଲେ ଏଠାରେ ପୂର୍ବରୁ ଥିବା ତଳ ପୋଲ ଉପରେ ପାଣି ପ୍ରବାହିତ ହେଉଛି। ଏ ସମ୍ପର୍କରେ ଅଞ୍ଚଳବାସୀ ବିଭାଗୀୟ କର୍ତ୍ତୃପକ୍ଷ ଓ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ବାରମ୍ବାର ଦାବି ଜଣାଇ ଥିଲେ ମଧ୍ୟ ଏହାର କୌଣସି ସୁଫଳ ମିଳିନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଜିଲା ପ୍ରଶାସନ ପଦକ୍ଷେପ ଗ୍ରହଣ କରିବା ସହ ପୋଲ ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ମାଲକାନଗିରିରୁ ବାଲିମେଳା ସହରକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ତାର୍ଲାକୋଟା ନଦୀ ଉପରେ ପ୍ରାୟ ୨କୋଟି ଟଙ୍କାର ବ୍ୟୟରେ ଏକ ନୂତନ ଉଚ୍ଚ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ଆନ୍ଧ୍ରପ୍ରଦେଶର ଏସ୍‌ଆର ଏଣ୍ଟରପ୍ରାଇଜେସ୍ ନାମକ ଏକ ଠିକା କମ୍ପାନୀକୁ କାର୍ଯ୍ୟାଦେଶ ଦିଆଯାଇ କାମ ଆରମ୍ଭ ହୋଇଥିଲା। କିନ୍ତୁ କାର୍ଯ୍ୟ ଏ ପର୍ଯ୍ୟନ୍ତ ଶେଷ ହୋଇ ପାରିନାହିଁ। ଏ ସମ୍ପର୍କରେ ଗତ ମାସରେ ପୋଲ ନିର୍ମାଣ ଦାୟିତ୍ୱରେ ଥିବା ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ନୀହାର ରଞ୍ଜନ ବେହେରାଙ୍କୁ ପଚାରିବାରୁ ଏହି ପୋଲର ଦୁଇ ପାର୍ଶ୍ୱରେ ଥିବା ଆପ୍ରୋଚ ରାସ୍ତା ତିଆରି ଲାଗି ଜାଗା ସମସ୍ୟା ରହିଛି। ଯେଉଁଥି ପାଇଁ ନିର୍ମାଣ କାର୍ଯ୍ୟ ବନ୍ଦ ଅଛି। ତେବେ ଆପ୍ରୋଚ ରାସ୍ତା ପାଇଁ ଆବଶ୍ୟକ ଜମି କ୍ଲିୟରାନ୍ସ ଅନୁମୋଦନ ପାଇଁ ପଠାଯାଇଛି, କିଛି ଦିନ ମଧ୍ୟରେ କ୍ଲିୟରାନ୍ସ ମିଳିବ। ଆମକୁ ଜମି ହସ୍ତାନ୍ତର ହେବା ପରେ ତୁରନ୍ତ ଏହି କାର୍ଯ୍ୟ ଶେଷ କରାଯିବ ବୋଲି କହିଥିଲେ।

# ସୀମାନ୍ତରେ କୁଖ୍ୟାତ ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି, ୧୮।୭(ଦୁର୍ଯ୍ୟୋଧନ ପାତ୍ର)**



ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର କାଙ୍କେରଠାରେ ମାଓବାଦୀ ସଂଗଠନ ଡେପୁଟିକମାଣ୍ଡର ସନୁମାଣ୍ଡାଭି ମଙ୍ଗଳବାର ବିଏସ୍‌ଏଫ୍ ଓ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ମାଓବାଦୀମାନେ କ୍ରମାଗତ ଭାବେ ତାଙ୍କୁ ଶୋଷଣ କରୁଥିବା ଏବଂ ନିର୍ଯାତନା ଦେଉଥିବାରୁ ସେ ଆତ୍ମସମର୍ପଣ କରିଥିବା ପୋଲିସକୁ କହିଛନ୍ତି। ତେବେ ସରକାରଙ୍କ ନିୟମ ଅନୁଯାୟୀ ତାଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ତାଙ୍କୁ ଧରାଇ ଦେବା ଲାଗି ସରକାର ୩ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଥିଲେ। ତେବେ ଦୀର୍ଘ ଦିନ ଧରି ମାଓବାଦୀ ସଂଗଠନରେ କାର୍ଯ୍ୟ କରୁଥିବା ବେଳେ ମଦନବାଡାରେ ପୋଲିସ ଏସ୍‌ପି ହତ୍ୟାକାଣ୍ଡ ସମେତ ମାଓବାଦୀ ଆକ୍ରମଣରେ ୪୫ ଜଣ ଯବାନ ଶହୀଦ ହୋଇଥିବା ଘଟଣାରେ ସନୁ ଜଡିତ ଥିଲେ। ଛତିଶଗଡର ପାର୍ଟପୁର ଅଞ୍ଚଳରେ ସେ ସକ୍ରିୟ ଥିଲେ। ତାଙ୍କ ନିକଟରେ ଏସ୍‌ଏଲ୍‌ଆର୍ ରାଇଫଲ ଥିବା ବେଳେ ସଂଗଠନର ମିଲିଟାରୀ ପ୍ଲାଟୁନରେ କମାଣ୍ଡର ଭାବେ ବହୁ ହିଂସାକାଣ୍ଡରେ ସେ ଜଡିତ ଥିଲେ।

CHILIKA DEVELOPMENT AUTHORITY
Address: Plot No-493(P), Palashpalli, Pokhariput Road, Bhubaneswar - 751020

WALK-IN-INTERVIEW

Advertisement No. 1435/ CDA, Dated: 17.07.2023
No.CAD-1332: A walk in interview for the engagement of 2 nos of JRF will be conducted on 03.08.2023 at 11 AM in the Office of the Chilika Development Authority, Bhubaneswar. For details on essential qualifications, age limit, terms and conditions of appointment and application procedure please visit Advertisement section of http://www.chilika.com/underquick links tab
Sd/- Addl. Chief Executive
Chilika Development Authority
OIPR-08138/11/0006/2324

idco Your power to grow ISO 9001 & 14001 | ODISHA NEW OPPORTUNITIES
No.CAD-1319
OFFICE OF THE CHIEF GENERAL MANAGER (P&C) IDCO, IDCO TOWER, BHUBANESWAR
Tender Call Notice No. File No.: IDCO/HO-P&C/O-2889/04/2023/V-2 22170 Dated: 17.07.2023
NOTICE INVITING TENDER THROUGH e-Procurement
Name of the Work: SITC of 3.3 KV cables, panels & soft starter for Intake well of river Budhabalanga at Balasore.
Estimated Cost put to tender: Rs.3,74,39,398.00. Period of completion: 02(Two) Calendar Months.

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Tower, Bhubaneswar | Bid Identification No:- P&C/ EST/E-46/2023-24 | 17:00 hours of dt.19.07.2023 | 17:00 hours of dt.10.08.2023 |

Further details can be seen from the e- Procurement Portal www.Tendersodisha.gov.in and corrigendum if any will be published in newspapers and can only be seen in the e-procurement portal as well as in IDCO website.
OIPR-14003/11/0128/2324
Sd./- Chief General Manager (P&C), IDCO, Bhubaneswar

idco Your power to grow ISO 9001 & 14001 | ODISHA NEW OPPORTUNITIES
No.CAD-1314
OFFICE OF THE CHIEF GENERAL MANAGER (P&C) IDCO, IDCO TOWER, BHUBANESWAR
Tender Call Notice No File No.: IDCO/HO-P&C/O-3859/04/2023/V-1 21766 Dated: 13.07.2023
NOTICE INVITING TENDER THROUGH e-Procurement
Name of the Work: Extension of 33 KV line for providing power supply to M/s Wonderla Holidays Ltd. at- Revenue Plot No. 822, 823 & 833, Village Kumbhara basta, Khordha having CD 2000 KVA under electrical section Khordha-II, Khordha.
Estimated Cost put to tender: Rs.1,74,03,797.00. Period of completion: 03(Three) Calendar Months.

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Tower, Bhubaneswar | Bid Identification No:- P&C/ EST/E-71/2023-24 | 17:00 hours of dt.20.07.2023 | 17:00 hours of dt.10.08.2023 |

Further details can be seen from the e- Procurement Portal www.Tendersodisha.gov.in and Corrigendum if any will be published in newspapers and can only be seen in the e-procurement portal as well as in IDCO website.
OIPR-14003/11/0126/2324
Sd./- Chief General Manager (P&C), IDCO, Bhubaneswar

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, BOLANGIR
No.O-408:
e-Procurement Notice

| | | | |
|---|---|---|---|
| 1. | Name of Work | : | Construction and Maintenance of Kanspala to Malpada via Kandhenjhula Darlipali Road under (TRIP) in the district of Bolangir for the year 2022-23 (includes Construction of one number Bridge of 5x10.77 m with Open Foundation. |
| 2. | No. of Work | : | One Road Work including one bridge |
| 3. | Time for Completion | : | 18 (Eighteen) Calendar Months |
| 4. | Approximate estimated cost varies from | : | Rs.542.47 Lakhs |
| 5. | Mode of submission of tender | : | Tender should be submitted online in www.tendersodisha.gov.in. |
| 6. | Other details are as follows | : | |

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Chief Construction Engineer, R.W.Circle, Bolangir | BLGR-Online-11/2023- 24 | 24.07.2023 11.00 A.M. | 08.08.2023 5.00 P.M. | 07.08.2023 5.00 P.M. | 09.08.2023 11.00 A.M. | The date will be intimated later on |

- Further details can be seen from the website www.tendersodisha.gov.in
- Any Corrigendum/Addendum will be displayed in the above e tender website only.

Sd./- Chief Construction Engineer
R.W.Circle, Bolangir
OIPR-25118/11/0017/2324

No.b-16
Govt.of Odisha
Bid Identification No.EE-NH-KJR-06/2023-24
No.1329. Dt.14.07.23
e-mail: eenhkeonjhar@gmail.com

1. No. of the Work : 1 No.
2. Estimated Cost : Rs.79.28 Lakh (Approx.)
3. Period of Completion : 6 (Six) Calendar Months
4. Date and Time of availability of Bid document in the portal : From 13.00 Hrs.21.07.2023 to 17.00 Hrs. of 04.08.2023.
5. Last date/Time for receipt of bids in the portal : 17.00 Hrs. of 04.08.2023
6. Date of Opening of Bid from Portal : 11.30 Hrs. of 05.08.2023
7. Name and address of the Officer Inviting Bid : Executive Engineer N.H.Division, Keonjhar

Further details can be seen from the e-procurement portal "http://tendersodisha.gov.in".
Sd./- Executive Engineer
N.H.Division, Keonjhar
OIPR-34048/11/0003/2324

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
PHULBANI (R&B) CIRCLE, PHULBANI
Phone:06842-254004, Email:sernbphulbani@gmail.com
INVITATION FOR BIDS (IFB)
Bid Identification No.CCE_R and B_PLB_06 of 2023-24
No.B-499: No.1260, Dated 14.07.2023

| | | | |
|---|---|---|---|
| 1 | The Chief Construction Engineer, Phulbani (R&B) Circle, Phulbani on behalf of the Governor of Odisha invites percentage rate bid in double cover system in ONLINE MODE for construction of the Building works as detailed in the table below from eligible contractors. | | |
| 2 | Nature of Work | : | Building Works |
| 3 | No. of Tenders | : | Five Nos. |
| 4 | Tender Cost | : | Rs.10,000/- (through online) only |
| 5 | Class of Contractor | : | A Class |
| 6 | Date & Time of sale & receipt of Bids | : | 10.00 AM of 25.07.2023 to 5.00 PM of 08.08.2023 |
| 7 | Date of Opening of Bid | : | 11.00 AM of 09.08.2023 |
| 8 | The Bidders shall have to participate in online bidding only. Further details can be seen from the website https://tendersodisha.gov.in. Any addendum/Corrigendum/Cancellation of tender can also be seen in the said website. The authority reserves the right to reject any or all bids without assigning any reason. | | |

Sd./- Chief Construction Engineer
Phulbani (R&B) Circle, Phulbani
OIPR-34129/11/0006/2324

**ଶେୟାର ବଜାରରେ ଉତ୍ସାହ**

**ନୂଆଦିଲ୍ଲୀ:** କ୍ରମାଗତ ୪ର୍ଥ ଦିନ ଲାଗି ଭାରତୀୟ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ୨ୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ମଙ୍ଗଳବାର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ୨୦୫ (୨୦୫.୨୧) ପଏଣ୍ଟ ବୃଦ୍ଧି ଘଟି ୬୬,୬୯୫ (୬୬,୬୯୫.୧୪) ଅଙ୍କରେ କାରବାର ବନ୍ଦ ହୋଇଥିବାବେଳେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୩୮ (୩୭.୮୦) ପଏଣ୍ଟ ବଢ଼ି ୧୯,୭୪୯ (୧୯,୭୪୯.୨୫) ଅଙ୍କରେ କାରବାର ବନ୍ଦ ହୋଇଛି।

# କୋଇଲାରୁ ଉତ୍ପାଦନ ହେବ ଗ୍ୟାସ୍

ନୂଆଦିଲ୍ଲୀ,୧୮।୭(ପିଆଇବି)

କୋଇଲାକୁ ଅଧିକରୁ ଅଧିକ ଗ୍ୟାସରେ ପରିଣତ କରିବାକୁ କେନ୍ଦ୍ର ସରକାର ଯେଉଁ ଗୁରୁତ୍ୱ ଦେଉଛନ୍ତି ତାହାକୁ ଚରିତାର୍ଥ କରିବାକୁ କୋଇଲା ମନ୍ତ୍ରଣାଳୟ ବିଭିନ୍ନ ପ୍ରୟାସ ଆରମ୍ଭ କରିଛି। ଏପରିକି ୨୦୩୦ ଆର୍ଥିକ ବର୍ଷ ସୁଦ୍ଧା ୧୦୦ ନିୟୁତ ଟନ୍ କୋଇଲାକୁ ଗ୍ୟାସରେ ପରିଣତ କରିବାକୁ ମନ୍ତ୍ରଣାଳୟ ଗୁରୁତ୍ୱ ଦେଇ କାମ ଆରମ୍ଭ କରିଛି, ତେବେ କୋଇଲାକୁ ଗ୍ୟାସରେ ପରିଣତ କରି ଅଧିକରୁ ଅଧିକ ସ୍ୱଚ୍ଛ ଇନ୍ଧନ ଉତ୍ପାଦନ କରିବାକୁ ମନ୍ତ୍ରଣାଳୟ ଏକ ବୃହତ ପୂର୍ଣ୍ଣାଙ୍ଗ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ବିଚାର କରୁଛି। ଏଥିପାଇଁ ୬୦୦୦କୋଟି ଟଙ୍କା ବ୍ୟୟ ବରାଦ କରିବାକୁ ମଧ୍ୟ ଆପାତତଃ ସ୍ଥିର ହୋଇଛି, ତେବେ ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ପୂର୍ବରୁ ଏହାର ବୈଷୟିକ ଓ ଆର୍ଥିକ ଦିଗକୁ କୋଇଲା ମନ୍ତ୍ରଣାଳୟ ବିଚାର କରି ଦେଖୁଛି। କାରଣ ଭାରତରେ ପ୍ରଚୁର କୋଇଲା



ରହିଛି,ତାହାକୁ ଗ୍ୟାସରେ ପରିଣତ କଲେ ଦେଶରେ ସ୍ୱଚ୍ଛ ଇନ୍ଧନ ଆବଶ୍ୟକତା ଅନେକାଂଶରେ ପୂରଣ ହୋଇପାରିବ। ତେବେ ଏହି ଗ୍ୟାସିଫିକେସନ ପ୍ରକ୍ରିୟା ଅତ୍ୟନ୍ତ ବ୍ୟୟବହୁଳ ଓ ଏହାର ଟେକ୍ନୋଲୋଜି ଯଥେଷ୍ଟ ଖର୍ଚ୍ଚ ସାପେକ୍ଷ, ସେ ଦୃଷ୍ଟିରୁ କୋଇଲାକୁ ଗ୍ୟାସରେ ପରିଣତ କରାଗଲେ କେତେ ଲାଭ ଓ କ୍ଷତି ହେବ ସେ ବିଷୟରେ ମଧ୍ୟ ମନ୍ତ୍ରଣାଳୟ ବିଚାର କରି ଦେଖୁଛି। ଏପରିକି ଭାରତରେ କୋଇଲା ଗ୍ୟାସିଫିକେଶନ ଟେକ୍ନୋଲୋଜିର ପ୍ରବର୍ତ୍ତନ ହେଲେ କୋଇଲା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସିବ। ଏହାଦ୍ୱାରା ଆମଦାନୀ ହେଉଥିବା ଗ୍ୟାସ ଉପରୁ ନିର୍ଭରଶୀଳତା କମିବ। ଅପରପକ୍ଷରେ ଦେଶର ମିଥାନଲ୍, ଆମୋନିଆ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀର ଆମଦାନୀ ମଧ୍ୟ ହ୍ରାସ ପାଇବ। ବର୍ତ୍ତମାନ ଭାରତ ତା'ର ଆବଶ୍ୟକତାର ୫୦% ପ୍ରାକୃତିକ ଗ୍ୟାସ, ୯୦% ମିଥାନଲ ଓ ପ୍ରାୟ ୧୫% ୟୁରିଆ ବିଦେଶରୁ କିଣୁଛି, ତେଣୁ କୋଇଲା ଗ୍ୟାସ ଉତ୍ପାଦିତ ହେଲେ ଭାରତ ଏ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇପାରିବ। ଏହା ଦ୍ୱାରା ମଧ୍ୟ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ଏବଂ ସ୍ୱଚ୍ଛ ଇନ୍ଧନ ବ୍ୟବହାର ଫଳରେ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ ପାଇବ। ଏହି ଯୋଜନାରେ ପ୍ରଥମେ ଲିଗ୍‌ନାଇଟ୍ କୋଇଲାକୁ ଗ୍ୟାସରେ ପରିଣତ କରିବାକୁ ବିଚାର କରାଯାଉଛି, ଲିଗ୍‌ନାଇଟ୍ କୋଇଲା ଦେଖିବାକୁ ଧୂସର, ନରମ ଏବଂ ଦହନଶୀଳ ହୋଇଥିବାରୁ ସରକାର ଏହି କାମକୁ ଉଭୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଓ ବେସରକାରୀ ଶିଳ୍ପ ସଂସ୍ଥାକୁ ଦେବାକୁ ଚିନ୍ତା କରୁଛନ୍ତି। ଏଥିପାଇଁ ଟେଣ୍ଡର ମାଧ୍ୟମରେ ଶ୍ରେଷ୍ଠ ବିଡରଙ୍କୁ ବଛାଯିବ। ଏପରିକି ଆବଶ୍ୟକ ସ୍ଥଳେ ଟେଣ୍ଡର ପାଇଥିବା ଉଦ୍ୟୋଗ ବା ସଂସ୍ଥାଙ୍କୁ ସରକାର ଆର୍ଥିକ ସହାୟତା ଯୋଗାଇ ଦେବେ।

## ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡର ନୂତନ ଉତ୍ପାଦ

ନୂଆଦିଲ୍ଲୀ,୧୮।୭

ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡର ନୂତନ ଉତ୍ପାଦ ନିକଟରେ ଉନ୍ମୋଚିତ ହୋଇଯାଇଛି। ବିଶେଷ କରି ଏହାର ୩ଟି ଓପନ ଏଣ୍ଡେଡ ଏକ୍ସଚେଞ୍ଜ ଟ୍ରେଡେଡ ଫଣ୍ଡ (ଇଟିଏଫ୍) ଯଥା ଡିଏସ୍‌ପି ଏସ୍ ଆଣ୍ଡ ପି ବିଏସଇ ସେନସେକ୍ସ ଇଟିଏଫ, ଡିଏସପି ନିଫଟି ପ୍ରାଇଭେଟ ବ୍ୟାଙ୍କ ଇଟିଏଫ ଏବଂ ଡିଏସପି ନିଫଟି ପିଏସୟୁ ବ୍ୟାଙ୍କ ଇଟିଏଫର ଶୁଭାରମ୍ଭ କରାଯାଇଛି। ଏ ସମ୍ପର୍କରେ ଡିଏସପି ମ୍ୟୁଚୁଆଲ ଫଣ୍ଡର ସିଏଫଏ ହେଡ-ପାସିଭ ଇନଭେଷ୍ଟମେଣ୍ଟ ଆଣ୍ଡ ପ୍ରଡକ୍ଟସ ଅନିଲ ଘେଲାନି କହିଛନ୍ତି, ଇଟିଏଫ ବର୍ଗରେ ଆମର ଅଫରଗୁଡିକ ନିବେଶକଙ୍କୁ ସେମାନଙ୍କର ଆର୍ଥିକ ଲକ୍ଷ୍ୟ ହାସଲ, ଘରୋଇ କ୍ଷେତ୍ର ବ୍ୟାଙ୍କସମୂହର ସଂରଚନାଗତ ଅଭିବୃଦ୍ଧି ଧାରାର ସୁଯୋଗ ନେବା ଅଥବା ସେମାନଙ୍କର ଆର୍ଥିକ ଯୋଜନା ଏବଂ ଆପଦ ସହନଶୀଳତା ସ୍ତର ଆଧାରରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କସମୂହର ପୁନଃ ରେଟିଂରୁ ଫାଇଦା ଉଠାଇବ ବୋଲି ଅନିଲ ଘେଲାନି ମତପ୍ରକାଶ କରିଛନ୍ତି।

## ବିଓଆଇ ଶାଖା ମୁଖ୍ୟଙ୍କ ସମୀକ୍ଷା ବୈଠକ




ଭୁବନେଶ୍ୱର,୧୮।୭

ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ)ର ଭୁବନେଶ୍ୱର ଅଞ୍ଚଳ ଅନ୍ତର୍ଗତ ୭୮ଟି ଶାଖାର ଶାଖା ମୁଖ୍ୟମାନଙ୍କର ଏକ ସମୀକ୍ଷା ବୈଠକ ନିକଟରେ ବ୍ୟାଙ୍କର ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବିଓଆଇ ରାଷ୍ଟ୍ରୀୟ ବ୍ୟାଙ୍କିଙ୍ଗ୍ ସମୂହର ଓଡ଼ିଶା ମହାପ୍ରବନ୍ଧକ ବିକ୍ରମ କେଶରୀ ମିଶ୍ରଙ୍କ ସଭାପତିତ୍ୱରେ ଏକ ସ୍ୱତନ୍ତ୍ର ସଭାର ଆୟୋଜନ ହୋଇଥିଲା। ବିଶେଷ କରି ସମାଜର ବିକାଶ କ୍ଷେତ୍ରରେ ବ୍ୟାଙ୍କର ଭୂମିକା ଆଗାମୀ ଦିନରେ କ'ଣ ରହିବ ତା' ଉପରେ ମିଶ୍ର ବିସ୍ତୃତ ଆଲୋକପାତ କରିଥିଲେ। ସେହିଭଳି ବ୍ୟାଙ୍କ ଏବଂ ଭାରତ ସରକାରଙ୍କ ବିଭିନ୍ନ ଯୋଜନା କିଭଳି ରାଜ୍ୟର କୋଣ ଅନୁକୋଣରେ ପହଞ୍ଚିବା ସହିତ ଉନ୍ନତମାନର ବ୍ୟାଙ୍କିଙ୍ଗ୍ ସେବା ରାଜ୍ୟବାସୀ (ଗ୍ରାହକ)ଙ୍କୁ ଯୋଗାଇ ଦେବା ବ୍ୟାଙ୍କର ମୂଳ ଲକ୍ଷ୍ୟ ବୋଲି ମିଶ୍ର ମତପ୍ରକାଶ କରିଥିଲେ। ଅପରପକ୍ଷରେ ବ୍ୟାଙ୍କର ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ଆଞ୍ଚଳିକ ପ୍ରବନ୍ଧକ ତଥା ଉପ-ମହାପ୍ରବନ୍ଧକ ଏସ୍.ମଳୟ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉପରୋକ୍ତ କାର୍ଯ୍ୟକ୍ରମର ସଫଳ ରୂପାୟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କର ଉପ-ଅଞ୍ଚଳ ମୁଖ୍ୟ ଆଶୋକ କୁମାର ଜେନା ଓ ଅନ୍ୟମାନେ ଉପସ୍ଥିତ ଥିଲେ। ପରିଶେଷରେ ବିଭିନ୍ନ ବ୍ୟବସାୟିକ ପାରାମିଟର ଦ୍ୱାରା ଉତ୍ତମ ପ୍ରଦର୍ଶନକାରୀ ଶାଖାଗୁଡିକୁ ବ୍ୟାଙ୍କ ପକ୍ଷରୁ ସମ୍ମାନିତ କରାଯାଇଥିଲା।

## ଭାରତୀୟ ପର୍ଯ୍ୟଟକଙ୍କୁ ଅଗ୍ରାଧିକାର

ନୂଆଦିଲ୍ଲୀ,୧୮।୭

**୫ ମାସରେ ୨୩% ବୃଦ୍ଧି**

ଗ୍ରୀଷ୍ମକାଳୀନ ଅବକାଶ ପୂର୍ବରୁ ଦୁବାଇ ସରକାରଙ୍କ ଅର୍ଥନୀତି ଓ ପର୍ଯ୍ୟଟନ ବିଭାଗ (ଡିଇଟି)ର ଭ୍ରମଣ ବାଣିଜ୍ୟ କାରବାର ମାଧ୍ୟମରେ ପ୍ରସାର ଉଦ୍ୟମ ଜାରି ରଖିଛି। ଯେପରିକି ଆଷ୍ଟ୍ରେଡ କର୍ମଶାଳା, ମେଗା ପରିଚିତ ଯାତ୍ରା, ପ୍ରଦର୍ଶନୀ ଓ ରୋଡ ଶୋ, ବର୍ଷର ପ୍ରଥମାର୍ଦ୍ଧରେ ମେଟ୍ରୋ ସହର, ଦ୍ୱିତୀୟ ପର୍ଯ୍ୟାୟ ଓ ତୃତୀୟ ବଜାରକୁ ଅନ୍ତର୍ଭୁକ୍ତ କରି ପ୍ରସାର ସହ ଭାରତୀୟ ସହରଗୁଡ଼ିକ ସଂଯୋଗ ସ୍ଥାପନ କରି ଡିଇଟି ଏହାର ବିସ୍ତାର କରିବାକୁ ଆଗ୍ରହୀ। ବିଶେଷ କରି ୨୦୧୯ ତୁଳନାରେ ୨୦୨୩ର ପ୍ରଥମ ୫ମାସ ମଧ୍ୟରେ ଦୁବାଇ ପାଇଁ ପର୍ଯ୍ୟଟକଙ୍କ ସଂଖ୍ୟା ୨୩% ବୃଦ୍ଧି ପାଇଥିବା ସୂଚନା ମିଳିଛି। ଏ ସମ୍ପର୍କରେ ଦୁବାଇ ଡିଇଟିର ଦକ୍ଷିଣ ଏସିଆ ମୁଖ୍ୟ ବଦର ଅଲ୍ଲୀ ହବିବ କହିଛନ୍ତି, ଭାରତ ଆମ ପାଇଁ ଏକ ପ୍ରମୁଖ ବଜାର ଓ ଦେଶ ହୋଇଥିବାରୁ ଆମେ ଭାରତକୁ ପ୍ରାଥମିକତା ଦେଇଥାଉ। ଏପରିକି ଆମେ ଭାରତୀୟ ପର୍ଯ୍ୟଟକଙ୍କୁ ବିଭିନ୍ନ ଦିଗ ପ୍ରଦର୍ଶନ କରିବାକୁ ପ୍ରତିଶ୍ରୁତିବଦ୍ଧ। ଫଳରେ ଆମର ପ୍ୟାନ ଇଣ୍ଡିଆ ପ୍ରସାରଣ ଉଲ୍ଲେଖନୀୟ ସଫଳତା ଦେଇଛି। ସେହିଭଳି ୨୦୧୯ ତୁଳନାରେ ୨୦୨୩ ଜୁନ ସୁଦ୍ଧା ୨୩% ପର୍ଯ୍ୟଟକ ବୃଦ୍ଧି ହୋଇଛି। ବିଶେଷ କରି ମଲଟି ସିଟି ରୋଡ ଶୋ, ବାଣିଜ୍ୟ କର୍ମଶାଳା ଓ ମେଗା ଶୋ ଜରିଆରେ ଆମେ ଅଧିକରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚିପାରିଛୁ। ଆମେ ପର୍ଯ୍ୟଟକଙ୍କୁ ବିମାନ ସଂଯୋଗ, ସୁବିଧାରେ ଭିଜା, ହୋଟେଲ ବୁକ ପରି ବିଭିନ୍ନ ସହାୟତା ଯୋଗାଇ ଦେଉଛୁ। ଅପରପକ୍ଷରେ ବୋର୍ଡ ଜୁଲାଇର ପ୍ରଥମାର୍ଦ୍ଧରେ ଲକ୍ଷ୍ନୌ, ନୂଆଦିଲ୍ଲୀ ଓ ଚଣ୍ଡିଗଡ଼ରେ ଏକ ସେକେଣ୍ଡ ଶୋ ମଧ୍ୟ ସମାପ୍ତ କରିଛି, ଯେଉଁଥିରେ ୫୫୦ ରୁ ଅଧିକ ଅଂଶଗ୍ରହଣକାରୀ ଯୋଗ ଦେଇଥିଲେ।

## ଆଜିଠାରୁ ଖିମ୍‌ଜୀର 'ଏଣ୍ଡ୍ ଅଫ୍ ସିଜନ୍ ସେଲ୍'

ଭୁବନେଶ୍ୱର,୧୮।୭(ଅଭୟ ଦାଶ)

ଓଡ଼ିଶାର ସର୍ବପୁରାତନ ଅଳଙ୍କାର ପ୍ରତିଷ୍ଠାନ ଖିମଜୀ ଜୁଏଲର୍ସ ପକ୍ଷରୁ ଆକର୍ଷଣୀୟ ଏଣ୍ଡ୍ ଅଫ୍ ସିଜନ୍ ସେଲ୍-୨୦୨୩ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଏହି ସେଲ୍ ୨୦୨୩ ଜୁଲାଇ ୧୯ରୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହେବ। ଏପରିକି ଏହା ଜରିଆରେ ଗ୍ରାହକମାନେ ଆକର୍ଷଣୀୟ ଅଫର୍, ରିହାତି ଏବଂ ସର୍‌ପ୍ରାଇଜେସ୍ ସହିତ ସର୍ବୋତ୍ତମ ଅଳଙ୍କାର ସପିଂର ଉପଭୋଗ କରିପାରିବେ ବୋଲି ଖିମ୍‌ଜୀ ପକ୍ଷରୁ କୁହାଯାଇଛି। ସେହିଭଳି ଏହି ସୀମିତ ସମୟର ସେଲ୍‌ରେ ଗ୍ରାହକମାନେ ୯୧୬ ଏଚ୍‌ୟୁଆଇଡି ସୁନା ଅଳଙ୍କାରର ଗଢା ମୂଲ୍ୟରେ ୭୦% ପର୍ଯ୍ୟନ୍ତ ରିହାତି ଉପଭୋଗ କରିପାରିବେ। ଏହା ସହିତ ହୀରା ଅଳଙ୍କାରର ଗଢା ମୂଲ୍ୟରେ ୮୦% ପର୍ଯ୍ୟନ୍ତ ଏବଂ ରୁପା ଓଜନ ସାମଗ୍ରୀର

KHIMJI® Jewellers since 1936

ଗଢ଼ା ମୂଲ୍ୟରେ ୨୫% ପର୍ଯ୍ୟନ୍ତ ରିହାତି ପାଇପାରିବେ। ଏପରିକି ଗ୍ରାହକମାନେ ସ୍ୱିସ୍ ଏବଂ ଜାପାନିଜ୍ ଘଣ୍ଟା ଉପରେ ମଧ୍ୟ ୫୦% ପର୍ଯ୍ୟନ୍ତ ରିହାତି ପାଇପାରିବେ।

ଏ ସମ୍ପର୍କରେ ଖିମ୍‌ଜୀ ଜୁଏଲର୍ସର ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଛନ୍ତି, ଆମର ମନଲୋଭା ଅଳଙ୍କାର କାରିଗରି ପାଇଁ ଗ୍ରାହକମାନଙ୍କର ରହିଥିବା ଭଲପାଇବାକୁ ସମ୍ମାନ କରିବାରେ ଆମେ ବିଶ୍ୱାସ କରୁ। ବିଶେଷ କରି ଆମର ଏହି ଏଣ୍ଡ୍ ଅଫ୍ ସିଜନ୍ ସେଲ୍-୨୦୨୩ରେ ଗ୍ରାହକମାନଙ୍କୁ ଅବିଶ୍ୱସନୀୟ ରିହାତି ଏବଂ ସର୍‌ପ୍ରାଇଜେସ୍ ଭଳି ସ୍ମରଣୀୟ ସପିଂ ଅଭିଜ୍ଞତା ପ୍ରଦାନ କରାଯାଉଛି। ମୁଁ ଖୁସି ଅନୁଭବ କରୁଛି ଯେ ଆମେ ଅଳଙ୍କାର ଶିଳ୍ପରେ ସର୍ବୋତ୍ତମ ମୂଲ୍ୟ ପ୍ରଦାନ କରୁଛୁ।

ଉଲ୍ଲେଖଯୋଗ୍ୟ, ୨୦୨୩ ଜୁଲାଇ ୧୯ରୁ ଆରମ୍ଭ ହେଉଥିବା ଏହି ଏଣ୍ଡ୍ ଅଫ୍ ସିଜନ୍ ସେଲ୍ ଖିମ୍‌ଜୀ ଜୁଏଲର୍ସର ସମସ୍ତ ୭ଟି ଷ୍ଟୋର୍‌ରେ ସୀମିତ ସମୟ ପାଇଁ ଉପଲବ୍ଧ। ଓଡ଼ିଶାର ଗ୍ରାହକମାନେ ସେମାନଙ୍କର ନିକଟତମ ଖିମ୍‌ଜୀ ଷ୍ଟୋର୍‌କୁ ଯାଇ ବିସ୍ତୃତ ସଂଗ୍ରହ ଏବଂ ବ୍ରାଣ୍ଡ୍ ଦ୍ୱାରା ଦିଆଯାଇଥିବା ଆକର୍ଷଣୀୟ ରିହାତି ଓ ସର୍‌ପ୍ରାଇଜେସ୍ ଉପଭୋଗ କରିପାରିବେ। ଦୀର୍ଘ ୮୬ ବର୍ଷର ଅଭିଜ୍ଞତା ସହିତ ଖିମ୍‌ଜୀ ଜୁଏଲର୍ସ ଓଡ଼ିଶାରେ ସୂକ୍ଷ୍ମ ଅଳଙ୍କାର କାରିଗରି ଏବଂ ଲଗ୍‌ଜୁରି ଘଣ୍ଟା ପାଇଁ ଏକ ବିଶ୍ୱସ୍ତ ଗନ୍ତବ୍ୟସ୍ଥଳ ଭାବେ ନିଜକୁ ପ୍ରତିଷ୍ଠିତ କରାଇପାରିଛି।

## ଫୋନ୍‌ପେର ନୂତନ ପ୍ଲାଟ୍‌ଫର୍ମ ଉନ୍ମୋଚିତ

ନୂଆଦିଲ୍ଲୀ,୧୮।୭

ଫୋନପେ ଇନ୍‌ସ୍ୟୁରାନ୍ସ ବ୍ରୋକିଙ୍ଗ୍ ସର୍ଭିସେସ୍‌ର ନୂତନ ପ୍ଲାଟଫର୍ମ ନିକଟରେ ଉନ୍ମୋଚିତ ହୋଇଯାଇଛି। ବିଶେଷ କରି ଉକ୍ତ ପ୍ଲାଟଫର୍ମରେ ସ୍ୱାସ୍ଥ୍ୟବୀମା ଯୋଜନାଗୁଡିକର ଶୁଭାରମ୍ଭ କରାଯାଇଛି, ଯାହାକି ଦେଶର ଅଗ୍ରଣୀ ବୀମା କମ୍ପାନୀଗୁଡିକ ସହ ସହଭାଗିତାରେ ବ୍ୟାପକ ବୀମା ସମ୍ପର୍କିତ ସେବା ପ୍ରଦାନ କରୁଛି। ଫୋନ୍‌ପେ ଇନ୍‌ସ୍ୟୁରାନ୍ସ ପ୍ଲାଟ୍‌ଫର୍ମ ଭାରତର ୯୮% ପିନ୍‌କୋଡ୍‌ରେ ବୀମା ବିକ୍ରି କରିଥିବା ବେଳେ ୨୦୦ ମିଲିୟନରୁ ଅଧିକ ଭେଇକିଲ୍ ଇନ୍‌ସ୍ୟୁରାନ୍ସ କୋଟ୍‌କୁ ସେବା ପ୍ରଦାନ କରିଛି। ଏପରିକି ପ୍ରାୟ ଏକ କୋଟି ଟଙ୍କା ପର୍ଯ୍ୟନ୍ତ କଭରେଜ ସହିତ ଆସୁଥିବା ଏହି ନୂତନ ସ୍ୱାସ୍ଥ୍ୟ ବୀମା ଯୋଜନାଗୁଡିକ ଉପଭୋକ୍ତାଙ୍କୁ ବିନା କୌଣସି ପୁଞ୍ଜି-ସୀମାରେ ଯେକୌଣସି ହସ୍ପିଟାଲ ରୁମ୍ ଚୟନ କରିବାକୁ ଅନୁମତି ଦେଉଛି। ଫୋନ୍‌ପେ ଇନ୍‌ସୁରାନ୍ସ ବ୍ରୋକିଙ୍ଗ ଦ୍ୱାରା ପ୍ରଦାନ କରାଯାଉଥିବା ସ୍ୱାସ୍ଥ୍ୟ ବୀମା ଯୋଜନାଗୁଡିକ ସହ ପ୍ରି ଓ ପୋଷ୍ଟ-ସେଲ୍‌ସ ଆସିଷ୍ଟାନ୍ସ ରହିଛି, ଯାହା ଉପଭୋକ୍ତାଙ୍କୁ ସୂଚିତ ନିଷ୍ପତ୍ତି ନେବା ଓ ଦାବି ସମାଧାନ କରିବା ଏବଂ ଅନ୍ୟାନ୍ୟ ସେବାଗୁଡିକୁ ହାସଲ କରିବା ପାଇଁ ସାହାଯ୍ୟ କରିଥାଏ।

ଏ ସମ୍ପର୍କରେ ଫୋନ୍‌ପେର ଆର୍ଥିକ ସେବା ବିଭାଗର ଉପାଧ୍ୟକ୍ଷ ହେମନ୍ତ ଗାଲା କହିଛନ୍ତି, ସ୍ୱାସ୍ଥ୍ୟ ବୀମା କ୍ରୟ କରିବା କ୍ଷେତ୍ରରେ ଅନ୍ୟତମ ବୃହତ୍ ପ୍ରତିବନ୍ଧକ ହେଉଛି ସୁଲଭତା ଏବଂ ଆମେ ମାସିକ ପେମେଣ୍ଟ ଉପରେ ଗୁରୁତ୍ୱ ଦେଇ ଭାରତର ପ୍ରଥମ ହେଲ୍‌ଥ ଇନ୍ସୁରାନ୍ସ ମାର୍କେଟ୍ ପ୍ଲେସ୍ ସୃଷ୍ଟି କରି ଏହି ସମସ୍ୟାର ସମାଧାନ କରିଛୁ।

**ଫୁର୍‌ସତ୍**

## ସିଙ୍ଗାପୁର ପାସ୍‌ପୋର୍ଟ ସବୁଠୁ ଶକ୍ତିଶାଳୀ

ସିଙ୍ଗାପୁର

ହେନେଲି ପାସ୍‌ପୋର୍ଟ ଇଣ୍ଡେକ୍ସ ମଙ୍ଗଳବାର ସିଙ୍ଗାପୁର ପାସ୍‌ପୋର୍ଟକୁ ବିଶ୍ୱର ସବୁଠୁ ଶକ୍ତିଶାଳୀ ଭାବେ ସ୍ଥାନିତ କରିଛି। ଯେଉଁଥିରେ ୨୨୭ରୁ ୧୯୨ ଭିଜାମୁକ୍ତ ଗନ୍ତବ୍ୟସ୍ଥଳକୁ ଯିବାକୁ ଅନୁମତି ରହିଛି। ୩ ୟୁରୋପିଆନ୍ ଦେଶ ଇଟାଲୀ, ଜର୍ମାନୀ, ସ୍ପେନ୍‌ର ପାସ୍‌ପୋର୍ଟରେ ଭିଜାମୁକ୍ତ ଗନ୍ତବ୍ୟସ୍ଥଳ ଭାବେ ୧୯୦ରୁ ଗୋଟିଏ ସ୍ଥାନ ଉପରକୁ ଉଠିଛି। ଏଥିସହ ଏହି ୩ ୟୁରୋପିଆନ୍ ଦେଶ ୨ୟ ସ୍ଥାନକୁ ଖସିଛି। ୫ବର୍ଷ ମଧ୍ୟରେ ପ୍ରଥମଥର ପାଇଁ ଜାପାନ ଶୀର୍ଷ ସ୍ଥାନରୁ ବାଦ୍ ପଡ଼ିଛି। କାରଣ




ଜାପାନର ଭିଜାରେ ମୋଟ ୧୮୯ ଦେଶକୁ ଯିବାକୁ ଭିଜାମୁକ୍ତ ଅନୁମତି ରହିଛି। ପ୍ରାୟ ଏକ ଦଶନ୍ଧି ପୂର୍ବରୁ ଶୀର୍ଷ ସ୍ଥାନରେ ରହୁଥିବା ଆମେରିକା ୮ମ ସ୍ଥାନକୁ ଖସିଆସିଥିଲା। ଯେଉଁଥିରେ ମୋଟ ୧୮୪ ସ୍ଥାନକୁ ଯିବାକୁ ଭିଜାମୁକ୍ତ ଅନୁମତି ରହିଛି, ଯାହା ଲିଥୁଆନିଆ ସହ ସମାନ ହୋଇଛି। ବ୍ରିଟେନ୍ ପାସପୋର୍ଟରେ ମୋଟ ୧୮୮ ଭିଜାମୁକ୍ତ ଦେଶ ପାଇଁ ଅନୁମତି ପାଇ ୪ର୍ଥ ସ୍ଥାନକୁ ୨୦୧୭ରେ ଖସିଥିଲା। ଏହି ରେସ୍‌ରେ ଆଫଗାନିସ୍ତାନ ସବୁଠୁ ତଳେ ରହିଛି, ଯାହାର ପାସ୍‌ପୋର୍ଟରେ ମୋଟ ୨୭ଟି ଭିଜାମୁକ୍ତ ଗନ୍ତବ୍ୟସ୍ଥଳକୁ ଯିବାକୁ ଅନୁମତି ରହିଛି। ଏହା ପରେ ଇରାକ ୨୯ରେ ଏବଂ ସିରିଆ ୩୦ରେ ରହିଛି। ତେବେ ଗତବର୍ଷ ସିଙ୍ଗାପୁର ୨୩ହଜାର ୧୦୦ ଲୋକଙ୍କୁ ଦେଶର ନାଗରିକତ୍ୱ ପ୍ରଦାନ କରିଛି।

## ୱାର୍-୨ରେ କିଆରାଙ୍କ ଏଣ୍ଟ୍ରି ନେଇ ଆଲୋଚନା

**ମୁମ୍ବାଇ:** ଜୁନିୟର ଏନ୍‌ଟିଆର୍‌ଙ୍କ ପରେ ବର୍ତ୍ତମାନ 'ୱାର୍-୨'ରେ ଅଭିନେତ୍ରୀ କିଆରା ଆଡ୍‌ଭାନୀଙ୍କୁ ଦେଖିବାକୁ ମିଳିବ। କିଆରା ନିକଟରେ ଏକ ଫିଲ୍ମ ଇଭେଣ୍ଟରେ ଯୋଗଦେଇ ଆର୍ଯ୍ୟାନ୍ ମୁଖାର୍ଜୀଙ୍କ ଏହି ଫିଲ୍ମରେ ତାଙ୍କ ଏଣ୍ଟ୍ରିକୁ ନେଇ ଇସାରା ଦେଇଛନ୍ତି। ହେଲେ ପ୍ରଡକ୍ସନ ହାଉସ ପକ୍ଷରୁ ଏନେଇ କୌଣସି ଘୋଷଣା କରାଯାଇନି। ପ୍ରଡକ୍ସନ ହାଉସ ଏ ବିଷୟରେ ଘୋଷଣା କଲେ ଜଣାପଡ଼ିବ ବୋଲି ସେ କହିଛନ୍ତି। ସିନେମାରେ ଜୁନିୟର ଏନ୍‌ଟିଆର୍ ଏବଂ ହ୍ରିତିକ୍ ରୋଶନଙ୍କୁ ଦେଖିବାକୁ ମିଳିବ। ନିକଟରେ କିଆରାଙ୍କ ଚଳଚ୍ଚିତ୍ର 'ସତ୍ୟପ୍ରେମ କି କଥା'ରେ ଅଭିନେତା କାର୍ତ୍ତିକ ଆର୍ଯ୍ୟନଙ୍କ ସହ ଦେଖିବାକୁ ମିଳିଥିଲା। ଫିଲ୍ମ ବକ୍ସ ଅଫିସରେ ଭଲ କଲେକ୍ସନ କରୁଛି। କିଆରା ୨୦୧୪ରେ ତାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ। ସେବେଠାରୁ ତାଙ୍କ ପ୍ରଶଂସକଙ୍କୁ ଅନେକ ମୁଭି ଭେଟି ଦେଇଆସିଛନ୍ତି। ତେବେ ଶେଷଥର ପାଇଁ ସେ 'ସତ୍ୟପ୍ରେମ କି କଥା'ରେ ନଜରକୁ ଆସିଥିଲେ। ଏହା ପରେ ତାଙ୍କ ହାତରେ ଅନ୍ୟ ଏକ ସିନେମା ରହିଛି। ଏଥିସହ ସେ ଅନେକ ମ୍ୟୁଜିକ୍ ଭିଡିଓରେ ଦେଖିବାକୁ ମିଳିଛନ୍ତି।



କିଆରା ଆଡ୍‌ଭାନୀ

## ମହିଳାଙ୍କ ଦେହରେ ୮୦୦ରୁ ଅଧିକ ଟାଟୁ



ଲଣ୍ଡନ

ବର୍ତ୍ତମାନ ଟାଟୁ ଏକ ଫ୍ୟାଶନରେ ପରିଣତ ହୋଇଗଲାଣି। ଲୋକେ ଶରୀରର ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଟାଟୁ କରୁଛନ୍ତି। ହେଲେ ନିକଟରେ ବ୍ରିଟେନ୍‌ର ଜଣେ ମହିଳାଙ୍କୁ ଟାଟୁ ଏତେ ପସନ୍ଦ ଯେ ଶରୀରର ସମସ୍ତ ଜାଗାରେ ଟାଟୁ କରିଦେଇଛନ୍ତି। ରିପୋର୍ଟ ମୁତାବକ, ୪୬ ବର୍ଷୀୟା ମେଲିସା ସ୍ଲୋଆନ୍ ତାଙ୍କ ଅଧା ଜୀବନ କେବଳ ଟାଟୁ କରିବାରେ ବିତେଇ ଦେଇଛନ୍ତି। ସେ ତାଙ୍କ ଦେହରେ ଏତେ ସାରା ଟାଟୁ କରିଛନ୍ତି ଯେ, ଏଥିପାଇଁ ତାଙ୍କୁ କେତେଥର ଚାକିରିରୁ ମଧ୍ୟ ବିଦା ହେବାକୁ ପଡ଼ିଛି। ଏହା ପରେ ମଧ୍ୟ ସେ ନିଜ ଶରୀରରେ ଟାଟୁ କରିବାକୁ ନିଜକୁ ରୋକିପାରି ନାହାନ୍ତି। ସେ ୨ ପିଲାଙ୍କ ମା' ଅଟନ୍ତି। ଅନେକ ଥର ପିଲାଙ୍କ ଆଗରେ ମଧ୍ୟ ତାଙ୍କ ମଜାକ୍ ଉଡ଼ିଛି। ମେଲିସାଙ୍କ କହିବା ମୁତାବକ, ତାଙ୍କ ଦେହରେ ୮୦୦ରୁ ଅଧିକ ଟାଟୁ ଅଛି। ତାଙ୍କ ମୁହଁରେ ଏ ପର୍ଯ୍ୟନ୍ତ ଟାଟୁର ୩ ପରସ୍ତ ହୋଇଗଲାଣି। ସେ ଟାଟୁ କରିବା ଟାଇମ୍ ପାସ ନୁହେଁ, ଜୀବନର ଏକ ଅଂଶ ବୋଲି ମାନନ୍ତି। ଯଦି ସେ ଟାଟୁ କରିବା ଛାଡ଼ିଦେବେ, ତେବେ ତାଙ୍କ ଶରୀରର ଏକ ଅଙ୍ଗ ନ ଥିବା ସଦୃଶ ହୋଇଯିବ। ଯେତେବେଳେ ମେଲିସାଙ୍କୁ ୨୦ ବର୍ଷ ବୟସ ହୋଇଥିଲା, ସେତେବେଳେ ସେ ତାଙ୍କ ବୟଫ୍ରେଣ୍ଡ ନାମ ଶରୀରରେ ପ୍ରଥମ ଥର ପାଇଁ ଟାଟୁ କରିଥିଲେ। ତା' ପରଠାରୁ ଟାଟୁ ତାଙ୍କ ଜୀବନର ଏକ ଅଂଶ ପାଲଟିଯାଇଛି। ତାଙ୍କ ବୟଫ୍ରେଣ୍ଡ ୫୬ ବର୍ଷରେ ମଧ୍ୟ ମେଲିସାଙ୍କ ମୁହଁରେ ଟାଟୁ କରନ୍ତି।

## କୁକୁର ଗଳାରେ ଆଧାର କାର୍ଡ

ମୁମ୍ବାଇ

ଆଧାର କାର୍ଡ ବର୍ତ୍ତମାନ ସମୟରେ ଏକ ଗୁରୁତ୍ୱପୂର୍ଣ୍ଣ ପରିଚୟପତ୍ର ପାଲଟିଛି। ସରକାରୀ କାର୍ଯ୍ୟ ହେଉ ଅବା ବ୍ୟକ୍ତିଗତ ସବୁ କ୍ଷେତ୍ରରେ ଆଧାର କାର୍ଡର ଆବଶ୍ୟକତା ରହିଛି। କିନ୍ତୁ ଏବେ ଏହି ଆଧାର କାର୍ଡ ମୁମ୍ବାଇ ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନ ବନ୍ଦର



ବାହାରେ ବୁଲୁଥିବା କୁକୁରଙ୍କ ପାଇଁ ଜରୁରୀ ହୋଇପଡ଼ିଛି। ଏୟାରପୋର୍ଟ ବାହାରେ ଚରାବୁଲା କରୁଥିବା ପାଖାପାଖି ୨୦ କୁକୁରଙ୍କୁ କୁଇକ୍ ରେସ୍ପନ୍ସ (କ୍ୟୁଆର୍) କୋଡ୍ ଥିବା ଆଧାର କାର୍ଡ ପିନ୍ଧାଯାଇଛି।

କୁକୁର ଗଳାରେ ଝୁଲୁଥିବା ସ୍ୱତନ୍ତ୍ର ପ୍ରକାର ଆଧାର କାର୍ଡରେ ସେମାନେ ନେଇଥିବା ଟିକା, ବନ୍ଧ୍ୟାକରଣ ସହିତ ସମସ୍ତ ମେଡିକାଲ୍ ରେକର୍ଡ ଉଲ୍ଲେଖ କରାଯାଇଛି। ଯଦି ଏହି କୁକୁର ଭିତରୁ କେହି ହଜିଯାଏ ତେବେ ଉକ୍ତ ପରିଚୟ ପତ୍ର ଜରିଆରେ ତାକୁ ଖୋଜିହେବ। ତେବେ ବ୍ରିହାନ୍ ମୁମ୍ବାଇ ମ୍ୟୁନିସିପାଲଟି କର୍ପୋରେଶନ ତରଫରୁ ବିମାନବନ୍ଦର ଟର୍ମିନାଲ-୧ ବାହାରେ କୁକୁରମାନଙ୍କ ଟିକାକରଣ କରାଯାଇଛି। କୁକୁର ଆଇକାର୍ଡ ଯୋଗାଇବା ପଛରେ ସିଓନ୍‌ରେ କାର୍ଯ୍ୟରତ ଇଞ୍ଜିନିୟର ଅକ୍ଷୟ ରିଦଲାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତାଙ୍କ ଟିମ୍ ମୁମ୍ବାଇରେ ଥିବା ସବୁ ବୁଲା କୁକୁରଙ୍କ ଟିକାକରଣ କରାଇବା ସହ ସେମାନଙ୍କୁ ଖାଦ୍ୟ ଯୋଗାଉଛନ୍ତି। ବୁଲା କୁକୁରଙ୍କ ଯତ୍ନ ପାଇଁ 'ପଫ୍ରେଣ୍ଡସ୍ ଓଟ୍ ଇନ୍' ଭାବେ ଏକ ୱେବ୍ ସାଇଟ୍ ପରିଚାଳନା କରାଯାଉଛି। ବୁଲା କୁକୁରଙ୍କ ଗୁରୁତ୍ୱକୁ ଦର୍ଶାଇବା ଉଦ୍ଦେଶ୍ୟରେ ପୂର୍ବରୁ ନଭି ମୁମ୍ବାଇରେ 'ୟାର୍ଡ ଗାର୍ଡ ପ୍ରୋଜେକ୍ଟ' ଲଞ୍ଚ କରାଯାଇଥିଲା। କୁକୁର ଏକ୍ସପର୍ଟ ଗରିମର ତୋମାର ଏବଂ କାଲଭିନ୍ ଗୋଡିନହୋ ଏହାର ପରିଚାଳନା କରୁଥିଲେ। ବିଭିନ୍ନ ପ୍ରାନ୍ତରୁ କୁକୁରଙ୍କୁ ଉଦ୍ଧାର କରି ସେମାନଙ୍କୁ ସନ୍ଦିଗ୍ଧ ବ୍ୟକ୍ତିକୁ ଦେଖି ଭୋକିବା ଭଳି ପ୍ରଶିକ୍ଷଣ ଦିଆଯାଇଥିଲା।

**ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ**

ଯୋଡ଼ା, ୧୮।୭ (ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଯୋଡ଼ା ବାଚୁ ହଟିଂର ବାରେନ ମହାକୁଡ଼। ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ଜଣକ ବିବାହର ପ୍ରତିଶ୍ରୁତି ଦେଇ ନାବାଳିକାଙ୍କୁ ବଳାତ୍କାର କରିଥିବା ନେଇ ପରିବାର ଲୋକେ ଯୋଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ମାମଲା (ନଂ ୨୨୨/୨୩) ରୁଜୁ ହୋଇଛି। ଚମ୍ପୁଆ ଏସଡିପିଓ ରାମରାୟ ମୁର୍ମୁ ଏହାର ତଦନ୍ତ କରୁଛନ୍ତି।

# ଅନିଶ୍ଚିତତାରେ ଝାରସୁଗୁଡ଼ା କାର୍ଡିଆକ୍ କେୟାର ହସ୍ପିଟାଲ

- ଲାଗିଥିବା ଯନ୍ତ୍ରାଂଶ ଅନ୍ୟ ମେଡିକାଲକୁ ସ୍ଥାନାନ୍ତର
- ପୁଣି ଟେଣ୍ଡରରେ ୯ ସଂସ୍ଥା ସାମିଲ

ସମ୍ବଲପୁର,୧୮।୭(ଶୁଭାଶିଷ ପାଢ଼ୀ)

ଝାରସୁଗୁଡ଼ା ଜିଲାବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲକ୍ଷ୍ୟରେ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ଉଦ୍ୟମରେ ଜିଲା ସଦର ମେଡିକାଲ ନିକଟରେ ହୃଦ୍‌ରୋଗ ବିଭାଗ (ସୁପର ସ୍ପେଶିଆଲିଟି କାର୍ଡିଆକ୍ କେୟାର ହସ୍ପିଟାଲ) ଖୋଲିବା ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏଥିପାଇଁ ଘରୋଇ କମ୍ପାନୀ ସହଯୋଗରେ ପରିଚାଳନା ବ୍ୟବସ୍ଥା କରାଯାଇଥିଲା। ଏକାଧିକ ଘରୋଇ କମ୍ପାନୀ ମଧ୍ୟ ଏ ନେଇ ଆଗ୍ରହ ପ୍ରକାଶ କରିଥିଲେ। ସରକାର ଓ ଘରୋଇ କମ୍ପାନୀ ମିଳିତ ଭାବେ ହସ୍ପିଟାଲ ପାଇଁ ଆବଶ୍ୟକ ଅତ୍ୟାଧୁନିକ ଯନ୍ତ୍ରପାତି, ସାମଗ୍ରୀ କ୍ରୟ କରିଥିଲେ। ହେଲେ ହସ୍ପିଟାଲ କାର୍ଯ୍ୟକ୍ଷମ ନ ହେବାରୁ ଗୋଟିଏ ପରେ ଗୋଟିଏ ଘରୋଇ କମ୍ପାନୀ ଓହରି ଯାଇଥିଲେ। ଏବେ କିଛିମାସ ହେବ ହସ୍ପିଟାଲ କୋଠାରେ ଲାଗିଥିବା ଯନ୍ତ୍ରାଂଶ ଅନ୍ୟ ମେଡିକାଲକୁ ସ୍ଥାନାନ୍ତର ହୋଇଯାଇଛି। ଫଳରେ ହସ୍ପିଟାଲ କାର୍ଯ୍ୟକ୍ଷମରେ ଅନିଶ୍ଚିତତା ଦେଖାଦେଇଛି। ଏହାକୁ ନେଇ ଜିଲାବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଝାରସୁଗୁଡ଼ା ଜିଲାର ରୋଗୀମାନେ ହୃଦ୍‌ରୋଗ ଚିକିତ୍ସା ପାଇଁ ବୁର୍ଲା ଭିମ୍‌ସାର ଉପରେ


ଝାରସୁଗୁଡ଼ା କାର୍ଡିଆକ୍ କେୟାର ହସ୍ପିଟାଲ ପାଇଁ ନିର୍ମାଣାଧୀନ କୋଠା।

ନିର୍ଭର କରନ୍ତି। ସାଧାରଣତଃ ହୃଦ୍‌ରୋଗୀଙ୍କୁ ତତ୍କାଳ ଚିକିତ୍ସାର ଆବଶ୍ୟକତା ପଡିଥାଏ। ତେଣୁ ଜିଲାରେ ଅତ୍ୟାଧୁନିକ ବ୍ୟବସ୍ଥା ଥାଇ ଏକ ହସ୍ପିଟାଲ ଖୋଲିବା ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏଥିପାଇଁ ପ୍ରାୟ ଏକଶହରୁ ଅଧିକ ଛୋଟବଡ ଉପକରଣ ଅଣାଯାଇଥିଲା। ସାମଗ୍ରୀ ଯୋଗାଇଥିବା କମ୍ପାନୀକୁ ସରକାର ଟଙ୍କା ନ ଦେବାରୁ ଉକ୍ତ କମ୍ପାନୀ ସାମଗ୍ରୀ ନେଇଯାଇଥିବା ଅଭିଯୋଗ ହେଉଛି। ଅନ୍ୟପଟେ ମୂଲ୍ୟବାନ ମେଶିନ ବୁର୍ଲା ଭିମ୍‌ସାର ଓ ରାଉରକେଲାକୁ ସ୍ଥାନାନ୍ତର କରାଯାଇଥିବା ମଧ୍ୟ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏବେ କେବଳ ନିର୍ମାଣ ହୋଇଥିବା କୋଠା ରହିଛି। ହସ୍ପିଟାଲ ଖୋଲିବା ନେଇ ଜନସାଧାରଣ ଯେତିକି ଖୁସି ହୋଇଥିଲେ ଏବେ ତାହା ମଉଳିଯିବାକୁ ବସିଛି। ଏ ସମ୍ପର୍କରେ ସିଡିଏମ୍‌ଓ ଡୋଲମଣି ପଟେଲ କହିଛନ୍ତି, ହସ୍ପିଟାଲ ପାଇଁ ଭିତ୍ତିଭୂମି ନିର୍ମାଣ ହୋଇଥିବାବେଳେ ମେଶିନ କ୍ରୟ କରାଯାଇଥିଲା। ହେଲେ ଠିକାସଂସ୍ଥା କାମ ଆରମ୍ଭ କଲା ନାହିଁ। ଏବେ ନୂତନ ଟେଣ୍ଡରରେ ୯ଟି ସଂସ୍ଥା ଭାଗ ନେଇଛନ୍ତି। ପ୍ରଥମ ପର୍ଯ୍ୟାୟ ଚୟନ ପ୍ରକ୍ରିୟା ଶେଷ ହୋଇଛି। ଉପଯୁକ୍ତ କମ୍ପାନୀ ଏହି ଦାୟିତ୍ୱ ପାଇବେ। ସଚିବ ସ୍ତରରେ ଚୟନ ପ୍ରକ୍ରିୟା କରାଯାଉଛି। ମେଶିନ ଖରାପ ହେବା ଭୟରେ ଅନ୍ୟ ମେଡିକାଲକୁ ସେଗୁଡିକୁ ପଠାଇ ଦିଆଯାଇଛି। ସଂସ୍ଥା ନିଯୁକ୍ତି ପାଇବା ପରେ ସରକାର ପୁଣି ନୂତନ ମେଶିନ ଯୋଗାଇଦେବେ। ହସ୍ପିଟାଲ ଶୀଘ୍ର ଆରମ୍ଭ ହୋଇଯିବ ଓ ରୋଗୀମାନେ ସେବା ପାଇବେ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ୨୦୧୮ ମସିହାରେ ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ହସ୍ପିଟାଲ ପାଇଁ କୋଠା ନିର୍ମାଣ ଆରମ୍ଭ ହୋଇଥିଲା। ଏହି ଅତ୍ୟାଧୁନିକ କୋଠା ପାଇଁ ପ୍ରାୟ ୭୮ କୋଟି ଟଙ୍କା ବ୍ୟୟ ଅଟକଳ ରହିଥିଲା। ଧାର୍ଯ୍ୟ ସମୟ ୨୦୨୦ ରହିଥିବା ବେଳେ କାମ ସମ୍ପୂର୍ଣ୍ଣ ହେବାକୁ ୨୦୨୨ ମାର୍ଚ୍ଚ ପର୍ଯ୍ୟନ୍ତ ଲାଗିଥିଲା। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଏକ ଉଚ୍ଚସ୍ତରୀୟ ଟିମ୍ ମେଡିକାଲ ପରିଦର୍ଶନ କରିଥିଲେ। ସମସ୍ତ କୋଠ ଦେଖିବା ପରେ ଖୁବ୍‌ଶୀଘ୍ର ଏହି ମେଡିକାଲ ଲୋକାର୍ପଣ କରାଯିବ ବୋଲି କହିଥିଲେ। ହେଲେ ଆଜି ପର୍ଯ୍ୟନ୍ତ ଏହା କାର୍ଯ୍ୟକ୍ଷମ ହୋଇପାରି ନାହିଁ।

# ରାଜ୍ୟରେ କମୁଛି ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା

- ଚଳିତବର୍ଷ ୨୭୦ ଆକ୍ରାନ୍ତ ଚିହ୍ନଟ
- ଖୋର୍ଦ୍ଧା ଜିଲାରେ ସର୍ବାଧିକ ୧୪୦

ଭୁବନେଶ୍ୱର,୧୮।୭(ଅଭିଜିତ୍ ଦାସ)

ମୌସୁମୀ ଆରମ୍ଭରୁ ରାଜ୍ୟରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାବେଳେ ବର୍ତ୍ତମାନ ଏହା ଧୀରେ ଧୀରେ କମିବାରେ ଲାଗିଛି। ଗତବର୍ଷ ମୌସୁମୀ ଆରମ୍ଭରୁ ରାଜ୍ୟରେ ୫ ଶହରୁ ଅଧିକ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ତେବେ ଚଳିତବର୍ଷ ୨୭୦ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଜନସ୍ୱାସ୍ଥ୍ୟ ବିଭାଗରୁ ମିଳିଥିବା ତଥ୍ୟ ଅନୁଯାୟୀ, ଚଳିତ ବର୍ଷ ଜୁଲାଇ ମଧ୍ୟଭାଗ ସୁଦ୍ଧା ୧୩ ହଜାର ନମୁନା ସଂଗ୍ରହ କରାଯାଇଥିବାବେଳେ ୨୭୦ ଡେଙ୍ଗୁ ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇଛି। ତେବେ ବର୍ତ୍ତମାନ ସୁଦ୍ଧା କୌଣସି ଡେଙ୍ଗୁ ଆକ୍ରାନ୍ତଙ୍କର ମୃତ୍ୟୁ ହୋଇନାହିଁ।

ବିଭାଗୀୟ ତଥ୍ୟ ଅନୁଯାୟୀ, ଗତବର୍ଷ ଜୁଲାଇରେ ବିଭିନ୍ନ ସରକାରୀ ଚିକିତ୍ସାଳୟରେ ୭୨୪୬ ଜଣଙ୍କ ରକ୍ତ ନମୁନା ପରୀକ୍ଷା ହୋଇଥିବାବେଳେ ସେଥିରୁ ୫୦୧ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିଲେ। ଗତବର୍ଷ ଭଳି ଚଳିତବର୍ଷ ମଧ୍ୟ ଖୋର୍ଦ୍ଧା ଜିଲାରେ ସର୍ବାଧିକ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ଖୋର୍ଦ୍ଧା ଜିଲାର ଅଧିକାଂଶ ଡେଙ୍ଗୁ ରୋଗୀ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ଚିହ୍ନଟ ହୋଇଛନ୍ତି। ଚଳିତବର୍ଷ ଖୋର୍ଦ୍ଧା ଜିଲାରେ ୧୪୦ ଜଣ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଅନ୍ୟ ଜିଲାଗୁଡ଼ିକରେ ଆକ୍ରାନ୍ତଙ୍କ ସଂଖ୍ୟା ୨୦ ତଳକୁ ରହିଛି। ବାଲେଶ୍ୱରରେ ୧୮, କଟକରେ ୧୫, ପୁରୀରେ ୧୪, ଯାଜପୁରରେ ୧୨, ଜଗତ୍‌ସିଂହପୁର ଓ ନୟାଗଡ଼ରେ ୧୦ ଜଣ ଲେଖାଏ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ସେହିପରି ଅନୁଗୋଳ, ବରଗଡ଼, ବଲାଙ୍ଗୀରରେ ଜଣେ ଲେଖାଏ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ବୌଦ୍ଧ, କନ୍ଧମାଳ, ମାଲକାନଗିରି, ନବରଙ୍ଗପୁର, ସମ୍ବଲପୁର ଓ ସୁବର୍ଣ୍ଣପୁର ଜିଲାରେ ଗୋଟିଏ ବି ଡେଙ୍ଗୁ ଆକ୍ରାନ୍ତ ନେଇ ରିପୋର୍ଟ ଆସିନାହିଁ। ଜନସ୍ୱାସ୍ଥ୍ୟ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଶୁଭାଶିଷ ମହାନ୍ତି କହିଛନ୍ତି, ପୂର୍ବ ବର୍ଷଠାରୁ ଚଳିତ ବର୍ଷ ଡେଙ୍ଗୁ ସ୍ଥିତି କମ୍ ଥିବାବେଳେ ଚଳିତ ବର୍ଷ ୧୩ ହଜାରରୁ ଊର୍ଦ୍ଧ୍ୱ ଟେଷ୍ଟିଂ କରାଯାଇଛି। ରାୟଗଡ଼ା, ମାଲକାନଗିରି, କୋରାପୁଟ ଭଳି ବିଭିନ୍ନ ଉପାନ୍ତ ଅଞ୍ଚଳରେ ଚଳିତବର୍ଷ ଡେଙ୍ଗୁ ମୁକାବିଲା ଲାଗି ତିନିଗୁଣାରୁ ଅଧିକ ରକ୍ତ ନମୁନା ସଂଗ୍ରହ କରାଯାଇଛି। କୌଣସି ଡେଙ୍ଗୁ ରୋଗୀଙ୍କର ମୃତ୍ୟୁ ହୋଇ ନାହିଁ। ସହରଗୁଡ଼ିକରେ ବିଭିନ୍ନ ସ୍ଥାନରେ ମଶାଧୂଆଁ ଓ ଔଷଧ ସିଞ୍ଚନ କରାଯାଉଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୪୨ରୁ ଊର୍ଦ୍ଧ୍ୱ ସ୍ଥାନରେ ପରୀକ୍ଷଣ କେନ୍ଦ୍ର ଖୋଲାଯିବା ସହ ବ୍ୟାପକ ବ୍ୟବସ୍ଥା କରାଯାଇଛି।

**ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES — Mining Happiness

**CORRIGENDUM**

The E-auction Notice (19.07.2023-141st & 142nd E-auction) of Iron Ore CLO & Iron Ore Fines published in the "Dharitri and The Times of India" Dt.13.07.2023 is rescheduled to be held on dt.20.07.2023 from 11.00 AM to 2.00 PM.
For details, please visit the website of MSTC i.e. www.mstcecommerce.com.

OIPR- GM (S&M)

# ବିଏସ୍‌କେୱାଇ ହିତାଧିକାରୀ ଖବରଦାତାଙ୍କୁ ସ୍ୱାସ୍ଥ୍ୟବୀମା ଯୋଜନାରେ ସାମିଲ ଦାବି


ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକଙ୍କୁ ସଂଘ ପକ୍ଷରୁ ଦାବିପତ୍ର ଦିଆଯାଉଛି।

ଭୁବନେଶ୍ୱର, ୧୮।୭ (ବନ୍ଦନା ସେଠୀ)

ରାଜ୍ୟରେ କାର୍ଯ୍ୟରତ ଖବରଦାତାମାନଙ୍କ ବିଭିନ୍ନ ଦାବି ନେଇ ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ସଭାପତି ବିଭୂତି ଭୂଷଣ କରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛି। ଏଥିସହ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ସରୋଜ କୁମାର ସାମଲଙ୍କୁ ଭେଟି ବିହିତ ପଦକ୍ଷେପ ଗ୍ରହଣ ପାଇଁ ଦାବି ଜଣାଇଛି। ଖବରଦାତାମାନଙ୍କୁ ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନାରେ ଯୋଡ଼ିବା ପାଇଁ ଏବେ ଅନ୍‌ଲାଇନ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ମାତ୍ର ଏଥିରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ହିତାଧିକାରୀ ଥିବା ଖବରଦାତାମାନେ ଆବେଦନ କରି ନ ପାରିବା ଭଳି ବ୍ୟବସ୍ଥା ରହିଛି। ଏକ ଆକଳନରୁ ଜଣାପଡ଼ିଛି କି, ଏହି ଧାରାରେ ସମଗ୍ର ରାଜ୍ୟର ପ୍ରାୟ ତିରିଶ ଭାଗ ଖବରଦାତା ଆବେଦନ ପାଇଁ ଅଯୋଗ୍ୟ ବିବେଚିତ ହେବେ, ଯାହାକି ପୂର୍ବରୁ ବୀମା ତାଲିକାରେ ଥିବା ଖବରଦାତାମାନଙ୍କୁ ବ୍ୟଥିତ କରିଛି। ପ୍ରସ୍ତୁତ ତାଲିକା ଖବରଦାତାମାନଙ୍କ ଚିହ୍ନଟ ସଂକ୍ରାନ୍ତ ଏକ ଡାଟାବେସ୍ ସଦୃଶ। ତେଣୁ ଏହି ତାଲିକାରୁ ବହୁ ସଂଖ୍ୟକ ଖବରଦାତା ବାଦ୍ ପଡ଼ିଲେ ସରକାର ରାଜ୍ୟରେ କାର୍ଯ୍ୟରତ ଖବରଦାତାମାନଙ୍କର ଏକ ପୂର୍ଣ୍ଣାଙ୍ଗ ତାଲିକା ପାଇବାରୁ ବଞ୍ଚିତ ହେବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଖବରଦାତାମାନଙ୍କ ସହ ତାଙ୍କ ମାତାପିତାଙ୍କୁ ବୀମାଭୁକ୍ତ କରିବା, ଅବସରକାଳୀନ ଭତ୍ତା ପ୍ରଦାନ ଆଦି ବିଷୟ ପ୍ରତି ନିର୍ଦ୍ଦେଶକଙ୍କୁ ଅବଗତ କରାଯାଇଛି। ବିଭାଗୀୟ ନିର୍ଦ୍ଦେଶକ ସଂପୃକ୍ତ ପ୍ରସଙ୍ଗରେ ବିହିତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପ୍ରତିନିଧି ମଣ୍ଡଳୀରେ ସଂଘର ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, କୋଷାଧ୍ୟକ୍ଷ ରାଜେନ ଚୌଧୁରୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଲଲାଟେନ୍ଦୁ ସେନାପତି ପ୍ରମୁଖ ସାମିଲ ଥିଲେ।

# ବିଧାନସଭା ସଦସ୍ୟଙ୍କୁ ନେଭା ଆପ୍ଲିକେଶନ ସମ୍ବନ୍ଧୀୟ ପ୍ରଶିକ୍ଷଣ

ଭୁବନେଶ୍ୱର, ୧୮।୭(ସୁନିତ୍ ମିଶ୍ର)

ଓଡ଼ିଶା ବିଧାନସଭାକୁ ସମ୍ପୂର୍ଣ୍ଣ ପେପରଲେସ୍‌ରେ ପରିଣତ କରିବା ସହ ସମସ୍ତ କାର୍ଯ୍ୟ ଡିଜିଟାଲ୍ ମାଧ୍ୟମରେ ସମ୍ପାଦନ ଉଦ୍ଦେଶ୍ୟରେ ସବୁ ସଦସ୍ୟ, ଅଧିକାରୀ ଏବଂ କର୍ମଚାରୀଙ୍କୁ ନେଭା ଆପ୍ଲିକେଶନ ସମ୍ବନ୍ଧୀୟ ପ୍ରଶିକ୍ଷଣ ଦିଆଯାଇଛି। ଏହି କ୍ରମରେ ମଙ୍ଗଳବାର ବିଧାନସଭା ସଦସ୍ୟମାନଙ୍କ ପାଇଁ ନେଭା ସେବା କେନ୍ଦ୍ରଠାରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକାରୀ ବାଚସ୍ପତି ରଜନୀକାନ୍ତ ସିଂ ଏହାକୁ ଉଦ୍‌ଘାଟନ କରି ଉପସ୍ଥିତ ବିଧାୟକଙ୍କୁ କହିଛନ୍ତି ଯେ, ଉଭୟ ସଂସଦ ଏବଂ ବିଭିନ୍ନ ରାଜ୍ୟର ବିଧାନସଭାଗୁଡ଼ିକୁ ପେପରଲେସ କରି ଡିଜିଟାଲ୍ ଉପାୟରେ ପରିଚାଳିତ କରିବା ପାଇଁ ନ୍ୟାଶନାଲ ଇ-ବିଧାନ ଭଳି ଏକ ଜାତୀୟସ୍ତରୀୟ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହା ଏକ ଜାତୀୟସ୍ତରର କାର୍ଯ୍ୟକ୍ରମ। ଆସନ୍ତା ଦିନରେ ଦେଶବ୍ୟାପୀ ଏହା କାର୍ଯ୍ୟକାରୀ ହେବ। ଓଡ଼ିଶା ବିଧାନସଭାର ସମସ୍ତ କାର୍ଯ୍ୟ ଡିଜିଟାଲ୍ ପଦ୍ଧତିରେ ନେଭା ଆପ୍ଲିକେଶନ୍ ଜରିଆରେ ସମ୍ପାଦିତ ହେବ। ଏଣୁ ଏହି ବ୍ୟବସ୍ଥାରେ ବିଧାନସଭା ସହ ସମ୍ପୃକ୍ତ ସମସ୍ତଙ୍କୁ ଅଭ୍ୟସ୍ତ ହେବାକୁ ପଡ଼ିବ। ଏହି ଆପ୍ଲିକେଶନ ଜରିଆରେ ସାଧାରଣ ନାଗରିକ ମଧ୍ୟ ବିଧାନସଭାର ସମସ୍ତ କାର୍ଯ୍ୟକ୍ରମ ବିଷୟରେ ଅବଗତ ହୋଇପାରିବେ। ଆସନ୍ତା ଦିନରେ ଏହି ଆପ୍ଲିକେଶନ ଜରିଆରେ ବିଧାନସଭାର ପ୍ରଶାସନିକ କାର୍ଯ୍ୟ ମଧ୍ୟ ସରଳ ହୋଇପାରିବା ନେଇ ଆଲୋଚନା ହୋଇଛି।

# ଟିଟିପିଏସ୍ ପ୍ଲାଣ୍ଟ ସମ୍ପ୍ରସାରଣ ସମସ୍ୟାର ସମାଧାନ କରାଯିବ: ଶକ୍ତିମନ୍ତ୍ରୀ

ଭୁବନେଶ୍ୱର, ୧୮।୭(ସୁନିତ୍ ମିଶ୍ର)

ଏନ୍‌ଟିପିସି ଅଧୀନ ଟିଟିପିଏସ୍ ପ୍ଲାଣ୍ଟର ସମ୍ପ୍ରସାରଣ ଓ ଏଥିରେ ବାଧକ ସୃଷ୍ଟି କରୁଥିବା ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ସୂଚନା ମୁତାବକ ଟିଟିପିଏସ୍‌ର ୧୩୨୦ ମେଗାୱାଟ୍ ଓ ୧୧୮୪୩.୭୫ କୋଟି ଟଙ୍କା ମୂଲ୍ୟର ଟିଟିପିଏସ୍ ଷ୍ଟେଜ୍-୩ର ପ୍ରକଳ୍ପ କାର୍ଯ୍ୟରେ ୨୦୨୩ ଜୁନ୍ ସୁଦ୍ଧା ୬୦୦ କୋଟି ଟଙ୍କା ବ୍ୟୟ ହୋଇଥିବା ବେଳେ ବିଭିନ୍ନ କାରଣ ଯୋଗୁ ପ୍ରକଳ୍ପ କାର୍ଯ୍ୟ ଅଗ୍ରଗତିରେ ମନ୍ଥର ସ୍ଥିତି ଉପୁଜିଛି। ଟିଟିପିଏସ୍ ପ୍ଲାଣ୍ଟ ମଧ୍ୟ ଦେଇ ଯାଇଥିବା ଜଗନ୍ନାଥପୁର-ଆନନ୍ଦବଜାର ରାସ୍ତା ସମ୍ପୂର୍ଣ୍ଣ ବନ୍ଦ କରିବା, ପ୍ଲାଣ୍ଟ ଏରିଆକୁ ନିଷିଦ୍ଧାଞ୍ଚଳ ଘୋଷଣା କରିବା, ଓଡ଼ିଶା ସରକାରଙ୍କ ରୋଡ୍ ଏବଂ ବିଲ୍ଡିଂ ବିଭାଗ ପକ୍ଷରୁ ରେଳ ଓଭର ବ୍ରିଜ୍ କାର୍ଯ୍ୟ ସମାପ୍ତ କରିବା ଉପରେ ଦୃଷ୍ଟି ଆକର୍ଷଣ କରାଯାଇଛି। ଏହାଦ୍ୱାରା ସୁନ୍ଦରଗଡ଼ ଜିଲା ଅନ୍ତର୍ଗତ ଏନ୍‌ଟିପିସିର ୮୦୦ ମେଗାୱାଟ୍ ବିଶିଷ୍ଟ ଦର୍ଲିପାଲି ଷ୍ଟେଜ୍-୨ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ। ଏହା ବ୍ୟତୀତ ଟିଟିପିଏସ୍ ପ୍ରବେଶ ଦ୍ୱାର ସନ୍ନିକଟ ପ୍ରତିସପ୍ତାହରେ ୨ ଥର ଆନନ୍ଦବଜାର ହାଟ ଯୋଗୁ ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏଣୁ ହାଟକୁ ଅନ୍ୟତ୍ର ଉଠାଇ ନେବାକୁ ସ୍ଥିର ହୋଇଛି। ଅନୁଗୋଳ ଓ ସମ୍ବଲପୁର ଜିଲାପାଳ ଅକ୍ଟୋବର ସୁଦ୍ଧା ଏ ସମସ୍ତ ସମସ୍ୟାର ସମାଧାନ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ପାୱାର ପ୍ଲାଣ୍ଟରୁ ନିର୍ଗମନ ହେଉଥିବା ପାଉଁଶର ସଦୁପଯୋଗ ପାଇଁ ଏକ ନିର୍ଦ୍ଦିଷ୍ଟ ଯୋଜନା ପ୍ରଣୟନ ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଉଚ୍ଚସ୍ତରୀୟ ବୈଠକରେ ଏନ୍‌ଟିପିସିର ବରିଷ୍ଠ ଅଧିକାରୀ, ଶକ୍ତି ବିଭାଗର ବରିଷ୍ଠ ଅଧିକାରୀ, ଅନୁଗୋଳ ଓ ସୁନ୍ଦରଗଡ଼ ଜିଲାପାଳଙ୍କ ପ୍ରତିନିଧିଗଣ ଉପସ୍ଥିତ ଥିଲେ।

**ODISHA JOINT ENTRANCE EXAMINATION-2023 (OJEE-2023)**
**PUBLIC NOTICE REGARDING OJEE WEB COUNSELLING FOR 2023-24**

**No: OJEE /332** **Date: 17.07.2023**

**No.h-14:** This is for the information of all concerned that OJEE Web-Based Counselling Process for Lateral Entry courses for **B.Tech and B.Pharm** is going to start from **19th July, 2023.** Similarly, Web-based counselling process for Technical/Professional Postgraduate courses like **MBA, MCA, M. Tech, M. Arch and M. Plan** will commence from **20th July, 2023.**

Interested candidates having valid OJEE 2023 Rank (OJEE conducted in May, 2023) / CAT/MAT/ XAT/ ATMA/ CMAT/NIMCET score/rank are advised to visit OJEE websites (www.ojee.nic.in/ www.odishajee.com) and see the detail **Tentative Counselling Schedule** for these courses.

They are further advised to carefully go through the documents, **"Counselling Brochure"** and **"Step-by-Step Procedure"**, available in the website to get detailed information about the entire counselling process.

Sd/-
Chairman, OJEE, ODISHA
OIPR-14020/11/0015/2324

**BHUBANESWAR MUNICIPAL CORPORATION**
**E-PROCUREMENT NOTICE**
E-Mail Id: ee2@bmc.gov.in

No. C-839:-
1. Bid Reference No. : BMC-EED-III-07/2023-24 Dt........
2. Tender Call Notice No. : No.33627 Dt. 17.07.2023
3. No. of Work : 14 Nos.
4. Bid Value : Rs.5,10,049.00 to Rs.38,43,196.00
5. Period of Completion : 60 to 90 Days

Date and Time Schedule

| Start | End | Opening |
|---|---|---|
| 11.00 A.M. of 19.07.23 | 5 P.M. of 29.07.23 | 11.00 A.M. 31.07.23 |

6. Tender details: Can be seen from the procurement portal: https://www.tendersodisha.gov.in. BMC website https://www.bmc.gov.in

Sd./- Executive Engineer, Div-III
Bhubaneswar Municipal Corporation
OIPR-13002/11/0086/2324

**BHUBANESWAR MUNICIPAL CORPORATION**
**Tender for Parking Package / Individual Parking lots in BMC area**
No. 33283/Date: 14.07.2023
XXII (L) 11/22

No. C-838:- Sealed tenders addressed to Commissioner, BMC in prescribed format are invited from interested parties through Registered Post /Speed Post / Courier only for Operation of 3 Packages consisting of 13 parking lots and 12 Individual parking lots for one year. The Tender should be accompanied by EMD and Tender Document Cost in the form of Bank Draft drawn in favour of Commissioner, Bhubaneswar Municipal Corporation, Bhubaneswar. The details of the tender are available in BMC/Zone Office notice boards and BMC Website - http://bmc.gov.in

**The important dates & information are as follows:-**

| | | |
|---|---|---|
| 1. | Date of Issue of Tender Paper: | 17.07.2023 |
| 2. | Last date for sale of Tender Paper at BMC Office: | 09.08.2023 (During office hour) |
| 3. | Pre-bid Meeting | 26.07.2023 (@ 12.30 PM in Conference Hall, 4th Floor, BMC) |
| 4. | Last date for submission of Tender Paper: | 10.08.2023 (up to 4.00 P.M.) |
| 5. | Earnest Money Deposit (EMD): | 10% of Offset Price |
| 6. | Tender Cost (Non-refundable) : | Rs. 500/- (Rupees Five hundred only) |
| 7. | Opening of tender papers: | 10.08.2023 (@ 5.00 PM) |

Sd./- Deputy Commissioner (Revenue)
Bhubaneswar Municipal Corporation
OIPR-13002/11/0085/2324

**OFFICE OF THE EXECUTIVE ENGINEER**
**QUALITY CONTROL (R&B) DIVISION**
**O.M.P. SQUARE, CUTTACK-3**
( E-mail: eegcctctg.gmail.com)
**"1ST CORRIGENDUM TO NIT-No.01/QC, CTC/2023-24**
E-mail: eegcctctg.gmail.com
**Bid Identification No.01/QC, CTC/2023-24**

**No.B-498:** Tender for the work **"supply of various laboratory equipment/ machineries at Central Laboratory (R&B) Cuttack under Quality Control (R&B) Division, Cuttack"** due to unavoidable Circumstances the Critical dates of above tender has been changed which may be read as given bellow.

1. Availability of bid document on of in the website : From 10.00 A.M. of dt 17.07.2023 to 5.00 PM dt.31.07.2023 instead of From 10.00 A.M of dt. 10.07.2023 to 5.00 PM of dt.24.07.2023
2. Date of opening of Bid : Dt.01:08.2023 at 11.30 AM instead of dt. 25.07.2023

All other terms and conditions shall however remain unaltered as thereof in the original application notice.

Sd./-Superintending Engineer
OIPR-34119/11/0002/2324 Quality Control (R&B) Division, Cuttack

**OFFICE OF THE SUPERINTENDING ENGINEER**
**KENDRAPARA (RandB) DIVISION-I, KENDRAPARA**
No.B-491: E-Mail I.D.-eernbkdp@gmail.com
Tel.(06727)-220268, Fax No.(06727)-220862
**GOVERNMENT OF ODISHA "e" procurement Notice**
**e-Procurement Notice for ROAD and Building works**
**Bid Identification No. S.E., R n B KDP- 12/ 2023-24**

1. No. of work :-1 no. of Electrical Project
2. Estimated Cost :-Rs.71.69 lakhs (Approximately)
3. Period of completion :-01 (One) Calendar Month
4. Date and time of sale and receipt of bid document :-From 10.00 A.M. of 19/07/2023 to 5 PM of 29/07/2023
5. Last date / time of receipt of bids :-5 PM of 29/07/2023
6. Date and time of Opening of Bids :-11.00 AM of 31/07/2023
7. Name and address of the Officer Inviting Bid :-Superintending Engineer, Kendrapara (RndB) Division-I, Kendrapara

Further details with any addendum, corrigendum, cancellation can be seen from the State Govt. portal **"https://tendersorissa.gov.in.**

Sd./- (Er. S.K. Nayak)
Superintending Engineer,
Kendrapara (RandB) Division-I
OIPR-34097/11/0006/2324

See Career Appointment on every Wednesday & Saturday

**GOVERNMENT OF ODISHA** No.A-350:
**DEPARTMENT OF WATER RESOURCES**
**OFFICE OF THE**
**CHIEF ENGINEER & BASIN MANAGER,**
**SUBARNAREKHA & BUDHABALANGA BASIN,**
**AT/PO:- LAXMIPOSI, DIST:-MAYURBHANJ**
Mail Id. cebmsbb2019@gmail.com
Government of Odisha "e" PROCUREMENT NOTICE
Bid Identification No. 07/ 23-24 of CEBM, SBB, Laxmiposi

| | | |
|---|---|---|
| 1 | Name of Work | a) Raising and Strengthening of Talapada Saline Embankment,<br>b) Raising and Strengthening to Sanadhandadi TRE.<br>c) Raising and Strengthening of Solpata Bahabalpur Saline Embankment. (Extension North)<br>d) Raising and Strengthening of Panchupada to Panchupada Gochar Saline Embankment,<br>e) Raising and Strengthening of Inchudi Saline Embankment,<br>f) Raising and Strengthening of Uladi to Badahandadi Saline Embankment. |
| 2 | Estimated Cost | a.) Rs.6,99,99,728.00<br>b) Rs.6,99,61,087.00<br>c) Rs. 6,99,64,816.00<br>d) Rs. 6,99,98,997.00<br>e) Rs. 6,99,99,728.00<br>f) Rs.6,99,99,385.00 |
| 3 | Bid Security/ E.M.D. | a) Rs. 7,00,000/-<br>b) Rs.6,99,700/-<br>c) Rs. 6.99.700/-<br>d) Rs. 7,00,000/-<br>e) Rs. 7,00,000/-<br>f) Rs. 7,00,000 |
| 4 | Period of Completion | 11 (Eleven) Calendar Months |
| 5 | Class of Contractor | "A" Class & "Special" Class |
| 6 | Date & Time of availability of bid document in the portal | 20.07.2023 at 10.00 AM |
| 7 | Last date/time for receipt of bid in the portal | 03.08.2023 up to 5.00 PM |
| 8 | Name & Address of the O.I. T | Chief Engineer & Basin Manager, O/o. the CE&BM, Subarnarekha & Budhabalanga Basin, Laxmiposi, Mayurbhanj |

Further details can be seen from the e-Procurement Portal **"https://tendersodisha.gov.in.**

Sd./- Chief Engineer & Basin Manager
OIPR-32074/11/0018/2324

**OFFICE OF THE GENERAL MANAGER**
**WATCO DIVISION, KEONJHAR- 758001**
Ph No.06766-254096, e-Mail:-eephkjr@gmail.com
**NATIONAL COMPETITIVE BIDDING**
No.C-827: **THROUGH e- Procurement**
Invitation For Bids (IFB) No. WATCOKJR-01/2023-24 dt.13.07.2023

1. Name of the Work : Repair & renovation of W/S, S/I & S/D works of IDRC at Ranki Keonjhar
2. Estimated Cost : Rs.68.15 Lakh
3. Period of Completion : 90 Days
4. Date & Time of Availability of Bid Document in the Portal : 10 hours of dt.19.07.2023 to 17 hours of dt.29.07.2023
5. Last date/time of receipt of Bids in the Portal : Dt.29.07.2023 at 17.00 hours
6. Date and time of opening of Bids : Dt.31.07.2023 at 11 hours
7. Name and address of the Officer Inviting Bid : The General Manager WATCO Division, Keonjhar 758001, Odisha Ph.06766-254096 e-Mail:eephkjr@gmail.com

Further details can be seen from the website www.tendersorissa.gov.in.

Sd./- General Manager
OIPR-13215/11/0001/2324 WATCO Division, Keonjhar

**Government of Odisha**
**Housing & Urban Development Department**
File No.PT1-HUD-OE-MISC-0004-2021 No.13955/HUD,Dated 13.07.2023
**TENDER CALL NOTICE**

**No.C-838:** 1.Sealed tenders/quotations on plain paper/ letter pad are invited by the undersigned from the local authorized Dealers/ Suppliers and Registered Firms having their own office/ shop at Bhubaneswar only, with valid GST Registration No., Income Tax clearance up to last assessment year/ copy of the last year return filed before the Income Tax Authorities, Valid PAN and **EMD of Rs.1000/- in shape account payee demand draft, fixed deposit receipt, banker's cheque, bank guarantee from any of the commercial banks in an acceptable form drawn in favour of Under Secretary to Government/ H & UD Department** for supply of **Original and Compatible 77A model cartridge (with Chip) for the printer** HP LaserJet Pro M329DW for official use in Housing and Urban Development Department.

The tender complete in all respect should reach before the undersigned on or before **24.07.2023 by 2.00 P.M** and the received tenders will be opened on the same day at **4.00 P.M** in the presence of the Tenderer or their authorized representative, if they so desire. In case this day is declared a Holiday for any reason, the quotations will be received and opened on the next working day at the scheduled time.

The tender will valid up to 31.12.2023. The incomplete tender or tenders received after the scheduled date and time shall be rejected.

The undersigned reserves the right to reject all or any tender received without assigning any reason thereof.

**Sd./- Under Secretary to Government**
OIPR-13001/11/0024/2324

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................


କମ୍ଳେଶ
ପରିବାରବର୍ଗ


ବୁବୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବଜରଙ୍ଗ, ଭିନେଶଙ୍କୁ ସିଧାସଳଖ ଏଣ୍ଟ୍ରି

## ଏସିଆନ ଗେମ୍ସ

**ନୂଆଦିଲ୍ଲୀ, ୧୮।୭ (ପି.ଟି.)** ଅଲିମ୍ପିକ ପଦକ ବିଜେତା ବଜରଙ୍ଗ ପୁନିଆ ଓ ବିଶ୍ୱ ଚାମ୍ପିୟନଶିପ୍ ପଦକ ବିଜେତା ଭିନେଶ ଫୋଗଟ୍‌ଙ୍କୁ ଏସିଆନ ଗେମ୍ସ ପାଇଁ ସିଧାସଳଖ ଏଣ୍ଟ୍ରି ଦେଇଛି ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍ଆଇ)ର ଆଡହକ୍ ପ୍ୟାନେଲ। ଜାତୀୟ ମୁଖ୍ୟ କୋଚ୍‌ମାନଙ୍କ ବିନା ପରାମର୍ଶରେ ମଙ୍ଗଳବାର ଏହି ନିଷ୍ପତ୍ତି ନିଆଯାଇଛି। ଭାରତୀୟ ଅଲିମ୍ପିକ ଆସୋସିଏଶନ ଦ୍ୱାରା ଗଠିତ ଏହି ଆଡହକ୍ କମିଟି ତରଫରୁ ଏକ ସର୍କୁଲାର ଜାରି କରାଯାଇଛି। ପୁରୁଷ ଫ୍ରିଷ୍ଟାଇଲ ୬୫କେଜି ଏବଂ ମହିଳା ୫୩କେଜି ଶ୍ରେଣୀ ପାଇଁ ଚୟନ କାର୍ଯ୍ୟ ସରିଛି, କିନ୍ତୁ ସମସ୍ତ ୬ଟି କାଟେଗୋରିର ପ୍ରତ୍ୟେକ ୩ ଷ୍ଟାଇଲ ପାଇଁ ସିଲେକ୍ସନ ଟ୍ରାଏଲ ଅନୁଷ୍ଠିତ ହେବ। ଆଡହକ୍ ପ୍ୟାନେଲ ସର୍କୁଲାରରେ ବଜରଙ୍ଗ ଓ ଭିନେଶଙ୍କ ନାମ ଉଲ୍ଲେଖ କରାଯାଇନାହିଁ। ପ୍ୟାନେଲର ଅନ୍ୟତମ ସଦସ୍ୟ ଅଶୋକ ଗର୍ଗ କିନ୍ତୁ ସ୍ପଷ୍ଟ କରିଛନ୍ତି ଯେ, ଦୁଇଜଣ କୁସ୍ତି ଯୋଦ୍ଧାଙ୍କୁ ଟ୍ରାଏଲ୍ସରୁ ଛାଡ଼ କରାଯାଇଛି। ଏସିଆନ ଗେମ୍ସ ଚାଇନିଜ୍ ସହର ହାଙ୍ଗଝୋଠାରେ ସେପ୍ଟେମ୍ବର ୨୩ରୁ ଆରମ୍ଭ ହେବ। ଏଥିପାଇଁ କୁସ୍ତି ଦଳ ମନୋନୟନ ଲାଗି ହେବାକୁ ଥିବା ଟ୍ରାଏଲ୍ସର ୪ ଦିନ ପୂର୍ବରୁ ଆଡହକ ପ୍ୟାନେଲ ଏହି ନିଷ୍ପତ୍ତି ନେଇଛି। ଗ୍ରୀକୋ-ରୋମାନ ଏବଂ ମହିଳା ଫ୍ରିଷ୍ଟାଇଲ ଟ୍ରାଏଲ୍ସ ଜୁଲାଇ ୨୨ରେ ଏବଂ ପୁରୁଷ ଫ୍ରିଷ୍ଟାଇଲ ଟ୍ରାଏଲ୍ସ ୨୩ରେ ନୂଆଦିଲ୍ଲୀସ୍ଥିତ ଆଇଜି ଷ୍ଟାଡିୟମରେ ହେବ। ବ୍ରିଜଭୂଷଣଙ୍କ ଗିରଫ ଦାବିରେ ଯନ୍ତରମନ୍ତରରେ ଧାରଣାରେ ବସିଥିବା ୬ କୁସ୍ତିଯୋଦ୍ଧାଙ୍କ ମଧ୍ୟରେ ୬୫କେଜି କୁସ୍ତିଯୋଦ୍ଧା ବଜରଙ୍ଗ ଅନ୍ୟତମ। ସେ ବର୍ତ୍ତମାନ କିରଗିଜସ୍ତାନର ଇସିକୁଲ୍‌ଠାରେ ଟ୍ରେନିଂ ନେଉଛନ୍ତି। ଜାକର୍ତ୍ତା ଏସିଆନ ଗେମ୍ସ ୨୦୧୮ରେ ସ୍ୱର୍ଣ୍ଣ ବିଜେତା ୫୩ କେଜି ଶ୍ରେଣୀ କୁସ୍ତିଯୋଦ୍ଧା ଭିନେଶ ବର୍ତ୍ତମାନ ହଙ୍ଗେରୀର ବୁଦାପେଷ୍ଟଠାରେ ଟ୍ରେନିଂ ନେଉଛନ୍ତି। ବଜରଙ୍ଗ ଓ ଭିନେଶ ଟ୍ରାଏଲ୍ସରୁ ଛାଡ଼ ପାଇଥିବାରୁ ଅନ୍ୟ କେତେକ ସାଥୀ ପ୍ରତିଯୋଗୀ ଏହାକୁ ଉଚିତ ମଣୁ ନାହାନ୍ତି। ସେମାନେ କୋର୍ଟକୁ ଯିବା ଲାଗି ଧମକ ଦେଇଛନ୍ତି।

# ସାତ୍ୱିକ-ଚିରାଗ ଦ୍ୱିତୀୟ ରାଉଣ୍ଡରେ

**ୟେଓସୁ, ୧୮।୭ (ପି.ଟି.):** ଭାରତର ଷ୍ଟାର ଡବଲ୍ସ ଯୋଡ଼ି ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟି କୋରିଆ ଓପନ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ବିଶ୍ୱର ୩ ନମ୍ବର ଯୋଡ଼ି ପ୍ରଥମ ରାଉଣ୍ଡରେ ଥାଇଲାଣ୍ଡର ସୁପାକ୍ ଜୋମ୍‌କୋହ ଓ କିଟ୍ଟିନୁପଙ୍ଗ କେଦ୍ରେନଙ୍କୁ ୨୧-୧୬, ୨୧-୧୪ରେ ହରାଇ ଦେଇଛନ୍ତି।


## ଜନ୍ମଦିନ ଶୁଭେଚ୍ଛା






**ଅହମ୍ (ବୁବୁ)**
ବଙ୍ଗାଳ, ବ୍ରହ୍ମଗିରୀ, ପୁରୀ
ଆଜି ତୋର ଜନ୍ମଦିନ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ ପାଇଁ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଶୁଭେଚ୍ଛା ସହ: ବାବା, ମାମା, ମାମୁ, ମାଇଁ, ଆଈ
ଧ-୦୮୪୧


# ଭାରତର କ୍ରମାଗତ ଦ୍ୱିତୀୟ ପରାଜୟ

**ୱିସବାଡେନ (ଜର୍ମାନୀ), ୧୮।୭:** ସମ୍ପ୍ରତି ଜର୍ମାନୀ ଗସ୍ତରେ ଥିବା ଭାରତୀୟ ମହିଳା ହକି ଦଳ କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଛି। ନିଜର ପ୍ରଥମ ମ୍ୟାଚରେ ଚାଇନାଠାରୁ ହାରିଥିବା ଭାରତ ମଙ୍ଗଳବାର ଦ୍ୱିତୀୟ ମ୍ୟାଚରେ ଘରୋଇ ଜର୍ମାନୀଠାରୁ ୧-୪ ଗୋଲରେ ପରାସ୍ତ ହୋଇଛି। ଭାରତ ପକ୍ଷରୁ ଯୁବ ଖେଳାଳି ବୈଷ୍ଣବୀ ଭିଠାଲ ଫାଲ୍‌କେ ୨୯ତମ ମିନିଟରେ ଗୋଟିଏ ଗୋଲ ଦେଇଥିଲେ। ଅନ୍ୟପକ୍ଷରେ ଜର୍ମାନୀର ନିକ୍ ଲୋରେଞ୍ଜ୍ ୬ଷ୍ଠ ଓ ୫୯ତମ ମିନିଟରେ ଏବଂ ଜେଟ୍ ଫ୍ଲେସ୍କୁଜ ୧୪ ଓ ୪୩ତମ ମିନିଟରେ ୨ଟି ଲେଖାଏ ଗୋଲ ଦେଇ ଦଳକୁ ବିଜୟୀ କରିଥିଲେ। ଜର୍ମାନୀ ଆରମ୍ଭରୁ ଆକ୍ରମଣାତ୍ମକ ଖେଳି ପ୍ରଥମ କ୍ୱାର୍ଟରରେ ୨ଟି ଗୋଲ ଦେଇ ଭାରତକୁ ବ୍ୟାକ୍‌ଫୁଟକୁ ଠେଲି ଦେଇଥିଲେ।


**CLASSIFIED DISPLAY** ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

ଲୋନ୍! ଲୋନ୍! ଲୋନ୍!
Global Finance (Govt. Regd)
ସମସ୍ତ ସରକାରୀ ଯୋଜନା ଅଧୀନରେ ଆଧାରକାର୍ଡ, ପର୍ସନାଲ, ପ୍ରପର୍ଟି, ବିଜ୍‌ନେସ୍ ଲୋନ୍ ପାଆନ୍ତୁ।
2% ସୁଧ 40% ଛାଡ଼
(ମହିଳାଙ୍କ ପାଇଁ ବିଶେଷ ରିହାତି)
(ସିବିଲ ଖରାପ ହୋଇଥିଲେ ମଧ୍ୟ)
ଯୋଗାଯୋଗ କରନ୍ତୁ
9473748805

TODAY & TOMORROW IN BHUBANESWAR
32 Year's of experience
FULL REFUND ON FAILURE
PERMANENT SOLUTION WITHOUT STONE



BUSINESS ? SERVICE ? EDUCATION ? MARRIAGE?Any Problem In Life/ VASTU ?
ONLY ONE RELIABLE NAME IN ASTROLOGICAL WORLD
SRABANI DEBNATH
Call On- 9830040240
Bring this paper cutting and get special offer !


**ପାଠକଙ୍କ ପାଇଁ ସୂଚନା :** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

**୩୬ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**✓ ଗୋବିନ୍ଦ ଚନ୍ଦ୍ର ମହାନ୍ତି**
ଗ୍ରାମ: ମଧୁଶାସନ, ପାଟକୁରା, କେନ୍ଦ୍ରାପଡା
ତିରୋଧାନ : ୨୭.୦୭.୧୯୮୭
ତୁମର ଏ ୩୬ତମ ଶ୍ରାଦ୍ଧବାର୍ଷିକୀରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ଚରଣ କମଳରେ ଶ୍ରଦ୍ଧା ସୁମନ ଅର୍ପଣ କରୁଛୁ ।
-: ଶୋକ ସନ୍ତପ୍ତ :-
ବନ୍ଧୁ ଓ ପରିବାରବର୍ଗ
ଧ-୦୮୫୫

**ତୃତୀୟ ଶ୍ରାଦ୍ଧବାର୍ଷିକୀ**



**ସ୍ୱ ଶ୍ରୀ ଧରଣୀଧର ଜେନା**
"ପୁଣ୍ୟତୋୟା", ବି.ଜେ.ବି ନଗର
ଆବିର୍ଭାବ-୦୯,ଏପ୍ରିଲ,୧୯୫୭
ତିରୋଧାନ- ୨୨, ଜୁଲାଇ, ୨୦୨୦
ଆପଣଙ୍କ ଯିବାର ତିନିବର୍ଷ ବିତିଗଲା ପରେ ମଧ୍ୟ ଆପଣଙ୍କ ଅମଳିନ ସ୍ମୃତି ଆମମାନଙ୍କ ମନ ମଧ୍ୟରେ ଚିର ଉଜ୍ଜୀବିତ । ଆପଣଙ୍କର ଅମର ଆତ୍ମା ପ୍ରଭୁଙ୍କର ସର୍ବଦା ଶରଣାଗତ ହେଉ। ଆପଣଙ୍କର ଆଶୀର୍ବାଦ ଆମର କାମ୍ୟ ।
ଶୋକସନ୍ତପ୍ତ: ପୁତ୍ର: ତାନୁ, ବୋହୂ: ପିପି ଏବଂ ପରିବାରବର୍ଗ ।
ଧ-୦୮୩୯

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଶତ୍ରୁଘ୍ନ ତରାଇ**
(ପୂର୍ବତନ ମୁଖ୍ୟଯନ୍ତ୍ରୀ, ଜଳସଂପଦ ବିଭାଗ)
ଆବିର୍ଭାବ: ୦୭.୦୧.୧୯୫୭
ତିରୋଧାନ : ୧୪.୦୮.୨୦୦୭
ଆଜି ତିଥିରେ ଆପଣ ଆମ୍ଭମାନଙ୍କୁ ଛାଡ଼ି ଚାଲିଯିବାର ୧୬ ବର୍ଷ ବିତିଗଲା । ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଉପଦେଶ ସର୍ବଦା ଆମର ଆଦର୍ଶ ହୋଇ ରହିବ । ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ପାଦପଦ୍ମରେ ପ୍ରାର୍ଥନା । ଆପଣଙ୍କ ଅଦୃଶ୍ୟ ପବିତ୍ର ଆତ୍ମା ଆମ୍ଭମାନଙ୍କୁ ସର୍ବଦା ଆଶୀର୍ବାଦ ପ୍ରଦାନ କରୁଥାଉ । ଏହି ଶ୍ରାଦ୍ଧବାର୍ଷିକରେ ଭକ୍ତିପୂତ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ।
ଶୋକସନ୍ତପ୍ତ:
ଆତ୍ମୀୟସ୍ୱଜନ ଓ ପରିବାରବର୍ଗ
ଧ-୦୮୪୮

# Classified Everyday

**0674-2580101, 2549949**


MATRIMONIAL

## BRIDE WANTED

Bengali Kayastha boy 35, 6'2", Bank Manager require qualified girl. 7381091234, 9778719428. D-74891


REAL ESTATE

## SALE

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft., 3,60,000/-, ଛତାବର 1200sqft., 3,00,000/-, ନଖରା- 300/-. 7978663279. D-74883

ଭୁବନେଶ୍ୱର କଣ୍ଟାବାଡ଼ ଛକରେ **immediate** ଘର କଲାଭଳି ପ୍ଲଟ୍ **road,** ଇଲେକ୍ଟ୍ରିସିଟି ଥାଇ ମିଳୁଛି। **Owner-9090963952. D-74886**

Duplex sale at Bhubaneswar @ 57 Lakhs only. Contact- 9777433701. D-74893

C.V. Raman ଛକରୁ 3 Km. ଦୂରରେ BIIT College backside 30 ft. Road ଥାଇ ପ୍ଲଟ୍ ମିଳୁଅଛି। 7978676652. D-74889

ଫୁଲନଖରା ତ୍ରିନାଥବଜାର ନିକଟରେ 11,00,000/- ଘରବାରି ପ୍ଲଟ୍ Electricity ସହିତ ନେଇ ଘରକରନ୍ତୁ- 9776846520. D-74892

**A gharabari plot with 5 feet compound wall, steel gate, 10feet Coconut Tree 4 sides of 6000sft. NH side Adaspur road 6 K.M. from Phulanakhara, 11K.M. to BBSR, Middle of CTC & BBSR in a Complex with high profile Atmosphere & Educated 7 Families with electricity & water supply. If u want self independent & peacefully life. 7809525452. D-75010**

ଭୁବନେଶ୍ୱର ଉପକଣ୍ଠ ଭିଙ୍ଗାରପୁର ଛକ ପାଖରେ ସଙ୍ଗେସଙ୍ଗେ ଘର କଲାଭଳି **SC Plot 976000** ରେ **ବିକ୍ରିହେବ, 9439832956, 9337513276. D-0833**

Puri Senapati Bagicha stthitiban gharabadi plot with compound wall, front road for sale. Contact: 8895729136, 9437281290. D-0804

ଜୟଦେବ ବିହାରରୁ ନନ୍ଦନକାନନ ରୋଡ୍ ରଘୁନାଥପୁରରେ 2/3BHK complet eflat ବିକ୍ରିହେବ। 9776866520. D-74890

**Email** ମାଧ୍ୟମରେ କ୍ଲାସିଫାଏଡ୍‌କୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com


CONSTRUCTION

**Construct your Dream home @ 460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-0627




3BHK 1300sqft. VSS Nagar with Office/ Ambience/ Parking, Ground Floor for Office. 7873657633. D-0852

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**




Newly open SPA positively health benefits with expert therapist. 9040286886. D-75130

Full body massage in homely atmosphere in all therapy. Mob: 8114881641. D-73436

**Body massage by experience, good looking therapist @999/-. (Bhubaneswar) 9078484455. D-0759**

Ayurbedic full body massage pain relax gents ladies therapies. 9178041864. D-75009

Spa Kerala body Massage only best Therapist @699/- Bhubaneswar. 9337672475. D-0854

Newly open SPA positively health benefit with expert. Contact : 7749976301. D-74554

Newly opened (one 8 SPA)/ (Salon Service) with export therapist. 9938843929. D-75131

Asribada Panchakarma herbal SPA Kesharimall, Bhubaneswar. Contact : 8926173473. D-75011

## AFFIDAVIT

By virtue of an affidavit sworn before the Executive Magistrate, Bhubaneswar, on 03.12.2020 I, Shri Abhijet Chakraborti, of 260/ 1393, Cuttack Road, Bhubaneswar-6, declare that, I have changed my name spelling to Abhijet Chakraaborti for all purpose. D-0856

Before Notary Public Berhampur, I Pratap Chandra Panda (60) year, S/o Raghunath Panda 201, Binayak Residency Hillpatna MainRoad, P.O.- Berhempur, P.S- Gosaninuagam, Ganjam, my actual name as per my Pan Card AQOPP5387K and Aadhaar Card xxxxxxxx2507 as Pratap Chandra Panda but in my Passport vide No.- K4989980 wrongly mentioned as Protap Chandra Panda. I swear this affidavit before Regional Passport Office Bhubaneswar for providing correction of my name as Pratap Chandra Panda for issuance of New Passport in my Favour. D-0858

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## LEGAL NOTICE

IN THE COURT OF CIVIL JUDGE (J.D), DEOGARH.
Cs.No.1 of 2022.
Kalicharan Das.... ......Plaintiff
Vrs
S.Kanhu Ranjan Prusty & another ....... Defendants
NOTICE
under order-5, rule-20 (1-A) of CPC
To,
S. Kanhu Ranjan Prusty, S/o-Padmanava Prusty, residing at Patia Z-1,415,Tower House No-1201, Bhubaneswar, 751024.

Take Notice that the plaintiff has filed suit against you for declaration of the sale deed as null and void. Inspite of summons you both did not appear before Court on the date fixed. There by take notice through paper publication to appear before Court on16.8.23 fixed by the Court, unless exparte order will be passed against you.

Civil Judge (J.D), Deogarh.
D-0859

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

DRAFT NOTICE
IN THE COURT OF THE ADDL. SENIOR CIVIL JUDGE, DHENKANAL.
C.S. No.591/2014.
Bishakha Sahoo and others ...Plaintiffs.
Versus
Bijaya Kumar Behera and others .... Defendants.

Petition U/or.5, Rule-20 of C.P.C.

Take notice that the above plaintiffs have instituted this case as against (1) Bijaya Kumar Behera, son of Late Chintamani Behera, At- Laxmi Bazar, P.S.- Town, Dist.- Dhenkanal, (2) Usharani Mishra, W/o. Girish Prasad Dash, (3) Jayakrishna Khilar, Son of Damodar Khilar, (3) Bandana Behera, W/o. Trilochan Behera, (4) Sumitra Dehury, W/o. Krushna Chandra Sahoo, all are of Banamali Prasad, P.S.- Town, Dist.- Dhenkanal, (5) Deepak Kumar Sahoo, S/o. Nityananda Sahoo of Village- Ranapasi, P.S.- Sadar, (6) Swarnalata Rath, W/o. Unknown, At- Nayabhagirathipur, P.S.- Motanga, (7) Nalini Kumar Satpathy, S/o. Unknown, At-Nuagada, P.S.- Gondia, (8) Sambit Kumar Panigrahi, S/o. Unknown, At/P.O.- Khankar, P. S.- Gondia, (9) Alaka Nayak, W/o. Unkown, At/PO.- Nuagan, P. S.- Gondia, (10) Arnapurna Patra, W/o. Unknown, At-Nuagan, P.S.- Gondia, (11) Manasi Satapathy, W/o. Sandip Kumar Satpathy, At- Borapada Khamar, P.S.- Sadar, (12) Khirod Kumar Behera, S/o.- Unknown, At-Kathagada, P.S.- Sadar, (13) Subash Chandra Jena, S/o. Golaka Bihari Jena, (14) Ganeswar Bhal, S/o. Khageswar Bhal. Both are of Village- Bedhapal, P.S.- Kamakhyanagar, Dist.- Dhenkanal, (15) Priyatama Mahakhud, W/o.- Unknown, At-Jubuli town, P.S.- Town (16) Padmanav Rout, S/o. Unknown, At/P.O.- Jiral, P.S.- Kamakhyanagar, (17) Ranjita Das, W/o.- Unknown, At/P.O.- Neulapoi, P.S.- Gondia, (18) Satyabhama Das, W/o. Unknown, At/P.O.- Joranda, P.S Gondia, (19) Shibaram Khuntia, S/o. Bhramarbar Khuntia, At/P.O.- Mathakaragola, P.S.- Kamakhy anagar, Dist.- Dhenkanal, (20) Giridhari Jena, Son of Hrushikesh Jena, (21) Nirmal Kumar Jena, S/o. Lochan Jena, Both are of village- Bedhapal, P.S. Kamakhyanagar, Dist.- Dhenkanal, (22) Anshuman Nanda, S/o. Unknown, At-Janardanpur Sasan, P.S.- Hindol, (23) Paramananda Mishra, son of Unknown, At-Borapada, P.S.- Sadar, (24) Diptimayee Panigrahi, W/o. Unknown, At/P.O.- Banasingh, P.S.- Gondia, Dist.- Dhenkanal, (25) Dharanidhar Sahoo, S/o. Unknown, At-Latadeipur, P.S.- Gondia, (26) Rashimitarani Dash, W/o. Unknown, At-Gudianali, Dhenkanal Town, P.S.- Town, (27) Upendra Kumar Sahu, S/o. Unknown, At-Kusida, P.O./P.S. Gondia, (28) Bijaya Kumar Satapathy, S/o. Unknown, At- Barsingha, P.S.- Gondia, (29) Pratap Chandra Dash, S/o. Unknown, At/P.O.- Ambabahali, P.S.- Gondia, (30) Susanta Kumar Dash, S/o Unknown, At/P.O.- Khankar, P.S.- Gondia, Dist.- Dhenkanal, (31) Sunanda Pattnaik, W/o. Unknown, At-Mahavir Bazar, P.S.- Town, Dist.- Dhenkanal, (32) Golap Manjari Mohanty, W/o. Unknown, (33) Jasobantha Panigrahi, (34) Bimal Chandra Panigrahi Both are sons of Unknown, (35) Sanjayalaxmi Satapathy, S/o. Not known, At/P.O.- Banasingha, P.S.- Gondia, (36) Namitarani Pani, W/o. Unknown, At/P.O.- Ambabahali, P.S.- Gondia, (37) Anusaya Samal, W/o. Unknown, At/P.O.- Bedhapal, P.S.- Kamakhyanagar, (38) Juli Pattnaik, W/o. Unknown, At- Jubuli Town, P.S.- Town, P.O./Dist.- Dhenkanal, (39) Sushanta Kumar Satpathy, S/o. Unknown at Khamar Sahi, P.S.- Town, (40) Ashok Kumar Kar, S/o. Unknown of Village- Santhapur, P.S. Gondia, (41) Dillip Kumar Satpathy, Son of Unknown At- Nayabhagirathipur, P.S.- Motanga, (42) Ramesh Kumar Panda, S/o.Unknown, At-Borapada, P.S.- Sadar, Dist.- Dhenkanal, (43) Padmabati Barik, W/o. Banamali Barik, At-Banamali Prasad, P.S.- Town, Dhenkanal), (44) Debendra Sahoo, S/o. Pravakar Sahoo, At- Jubuli Town P.S.- Town. All are of district.-Dhenkanal, (45) Kishore Chandra Barik, S/o. Unknown, At-Sector-6, Block- H, PO/P.S./Dist.- Sundargarh. (46) Birendra Kumar Barik, S/o. Unknown, At.Katarpada, P.S.- Samal, Dist.- Angul, (47) Suresh Kumar Sahoo, S/o. Unknown, At- Sogar, P.O./P.S.- Narsinghpur, Dist.- Cuttack, (48) Sunil Kumar Sahoo, S/o. Unknown, At- Flat No. 201, Infocity, Patia, Bhubaneswar, (49) Monalisha Satapathy, W/o. Subhasish Satapathy, At/P.O./P.S. Mangalbag, Dist.- Cuttack, (50) Surendra Kumar Parida, S/o. Jaladhar Parida, At-Haritha, P.S. Badamba, Dist. Cuttack, (51) Anima Sahoo, W/o. Suryakanta Parida, At-Haritha, Baramba, Dist.- Cuttack, (52) Gagan Kumar Kar, S/o. Satrughna Kar, At/P.O.- Gobindpur, P.S.- Sadar, Dist.- Dhenkanal, Upendra Nath Mishra, S/o. Godabarisha Mishra, At/P.O.- 68 (P) Arnapurna House, 3rd Floor, Rasulgarh, Bhubaneswar, P.S.- Bargarh, Dist.- Khurdha. and others for partition of the suit property coming under Hal Khata No.1 of Village- Banamali Prasad, Hal Khata No. 240 of Village- Gobindapur, Hal Khata No. 32 of Village- Borapada Khamar and Hal Khata No.472 of Village-Dhenkanal Town under P.S. Sadar, Dist. Dhenkanal along with the cancellation of Sale Deed as per schedule- B and F of the plaint, wherein you are directed to make your appearance and file written statement if any in person or through your authorised Representative on dtd. 24.07.2023 positively failing which this matter can be adjudicated in your absence as per due procedure of law.

Place: Dhenkanal.
Date : 18.03.2023
Sd./- By order of the Court of ACJ (SD), Dhenkanal
D-74080

## ଆଖୁରେ ଅଗବିନ୍ଧା ପୋକ ଦମନ

ଅତ୍ୟଧିକ ବର୍ଷା ପରେ ଶୁଖିଲା ପାଗ ଅଧିକ ଦିନ ରହିଲେ ଅଗବିନ୍ଧା ପୋକର ପ୍ରାଦୁର୍ଭାବ ବଢ଼ିଥାଏ । ସଅଳ କାଣ୍ଡବିନ୍ଧା ଓ ଅଗବିନ୍ଧା ପୋକର ଦମନ ପାଇଁ ହେକ୍ଟର ପ୍ରତି ୧୨୫୦ ମି.ଲି. ଫିପ୍ରୋନିଲ୍/କ୍ଲୋରୋଣ୍ଟ୍ରାନିଲିପ୍ରୋଲ୍ ୩୭୫ ମି.ଲି., ୫୦୦ ଲିଟର ପାଣିରେ ମିଶାଇ ଫସଲ ଉପରେ ସିଞ୍ଚନ କରନ୍ତୁ । ସଅଳ କାଣ୍ଡବିନ୍ଧା କୀଟ ଦମନ ପାଇଁ ହେକ୍ଟର ପ୍ରତି ୨୦ଟି ହିସାବରେ ଟ୍ରାଇକୋକାର୍ଡ ଫସଲରେ ବାନ୍ଧନ୍ତୁ । ପ୍ରତି କନ୍ଦାରେ ଫିପ୍ରୋନିଲ୍ ଦାନାଦାରର ୩–୪ଟି ଦାନା ପ୍ରୟୋଗ କରନ୍ତୁ। ଶେଷ ଦଫା ସାର ପ୍ରୟୋଗ କରା ନ ହୋଇଥିଲେ ହେକ୍ଟର ପ୍ରତି ୬୬ କି.ଗ୍ରା. ଯବକ୍ଷାରଜାନ ସାର ୧୨୦ ଦିନ ମଧ୍ୟରେ ପ୍ରୟୋଗ କରନ୍ତୁ । ଆଖୁ ଫସଲରେ ଯବକ୍ଷାରଜାନ ଜାତୀୟ ସାରକୁ ୧୨୦ ଦିନ ପରେ ପ୍ରୟୋଗ କରାଯିବା ଉଚିତ ନୁହେଁ । ଜମିରେ ଅଧିକ ପାଣି ହେଲେ ନିଷ୍କାସନ ବ୍ୟବସ୍ଥା କରନ୍ତୁ । ଫସଲ ୪–୫ ମାସର ହୋଇଥିଲେ ଭେଳା ବନ୍ଧା କାମ କରନ୍ତୁ ।



## ସଅଳ କିସମ ମୁଗଚାଷ

ଆଭ୍ୟନ୍ତରୀଣ ଜିଲାରେ ନିଗିଡ଼ା ଜମିରେ ସଅଳ କିସମ ମୁଗ (ଧଉଳି, ଦୁର୍ଗା, କାମଦେବ, ଆଇପିଏମ୍ ୦୨–୩, ଆଇପିଏମ୍ ୦୨–୧୪), ବିରି (ସାରଳା, ପ୍ରସାଦ, ଉଜାଲା, ମାହୁରି, କାଶୀ), ହରଡ଼ (ଉପାସ, ଆଶା, ଲକ୍ଷ୍ମୀ), ବରଗୁଡ଼ି (ଉତ୍କଳ ମାଣିକ, କାଶୀ କାଞ୍ଚନ) ଆଦି ଶୀଘ୍ର ଧାଡ଼ିରେ ବୁଣି ଦିଅନ୍ତୁ । ବିହନକୁ ଫିମ୍ପିନାଶକ ଔଷଧ ଓ ଜୀବାଣୁ କଲ୍‌ଚର ଉପଚାର କରି ବୁଣନ୍ତୁ । ୧୦ କି.ଗ୍ରା. ମଞ୍ଜିକୁ ପ୍ରତି ୨୦୦ ଗ୍ରାମ୍ ରାଇଜୋବିୟମ୍ ଓ ୨୫୦ ଗ୍ରାମ୍ ଫସ୍‌ଫରସ୍ ଜୀବାଣୁସାର (ପିଏସ୍‌ବି) ସହ ଗୋଳାଇ ବୁଣନ୍ତୁ । ଘାସମରା ବିଷ ପେଣ୍ଡିମେଥାଲିନ୍ ହେକ୍ଟର ପ୍ରତି ୦.୭୫ କି.ଗ୍ରା. କିମ୍ବା ଅକ୍ସିଫ୍ଲୋରୋଫେନ୍ ୦.୦୩ କି.ଗ୍ରା. ମଞ୍ଜି ବୁଣିବା ପରଦିନ ଜମିରେ ପ୍ରୟୋଗ କରନ୍ତୁ। ଘାସମରା ବିଷ ପ୍ରୟୋଗ କରି ନ ଥିଲେ ବୁଣିବାର ୩ ସପ୍ତାହ ପରେ କୋଡ଼ାଖୋସାକରି ଘାସ ବାଛିଦିଅନ୍ତୁ ।



## କୁକୁଡ଼ାଙ୍କୁ ରାଣୀକ୍ଷେତ ରୋଗ ହେଲେ...

କୁକୁଡ଼ାଙ୍କୁ ରାଣୀକ୍ଷେତ ରୋଗ ହେଲେ ତାହାର ପ୍ରତିଷେଧକ ପାଇଁ ୫ ଦିନରୁ ୭ ଦିନର କୁକୁଡ଼ା ଚିଆଁଙ୍କୁ ଲାସୋଟା ଟିକା ଦିଅନ୍ତୁ । ୨୧ ଦିନର କୁକୁଡ଼ାଙ୍କୁ ଲାସୋଟା (ବୁଷ୍ଟର) ଟିକା ଦିଅନ୍ତୁ । ୫୬ ଦିନର କୁକୁଡ଼ାଙ୍କୁ ଆର୍ ଟୁ ବି ଟିକା ଦିଅନ୍ତୁ । ୧୧୨ଦିନର କୁକୁଡ଼ାଙ୍କୁ ଆର୍ ଟୁ ବି ବୁଷ୍ଟର ଟିକା ଦିଅନ୍ତୁ । ବର୍ତ୍ତମାନ କୁକୁଡ଼ା ଗୃହର ଭିତର ଉତ୍ତାପ ଦିନରେ ପାଖାପାଖି ୩୫୦ ରୁ ୪୦୦ ସେଲ୍‌ସିୟସ୍ ରହୁଥିଲେ କୁକୁଡ଼ା ଚିଆଁ ପାଳନ ପାଇଁ ଏହାଠାରୁ ଅଧିକ ଉତ୍ତାପ ଦିଅନ୍ତୁ ନାହିଁ ଏବଂ ଗୃହର ଝରକାରେ ଓଦା ଅଖା ଓହଳାଇବା ବ୍ୟବସ୍ଥା କରନ୍ତୁ। ଟିଣ, ଆଜବେଷ୍ଟସ୍ କିମ୍ବା ସିମେଣ୍ଟ ଛାତ ଥିଲେ ତାହା ଉପରେ ନଡ଼ା ପକାଇବାର ବ୍ୟବସ୍ଥା କରନ୍ତୁ । ଘର ଅଗଣାରେ ପାଳନ କରୁଥିବା ସବୁ କୁକୁଡ଼ାଙ୍କୁ ୨ ମାସ ବେଳକୁ ଓ ତା' ପରେ ୬ ମାସ ଅନ୍ତରରେ ଆର୍ ଟୁ ବି ଟିକା ଦିଅନ୍ତୁ। ଏହା ଫଳରେ ରାଣୀକ୍ଷେତ ରୋଗ ହେବ ନାହିଁ ।



# ବର୍ଷାଦିନିଆ ଘାସଚାଷ


ଡା. ବୀରକିଶୋର ପରିଡ଼ା

ଗୋରୁ ହେଉଛନ୍ତି ଗୃହପାଳିତ ତୃଣଭୋଜୀ ପ୍ରାଣୀ । ତେଣୁ କଥାରେ ଅଛି – 'ଟୀରଣ ସୁନ୍ଦର ଗାଈ'। ଗୋରୁଙ୍କର ମୁଖ୍ୟ ଖାଦ୍ୟ ହେଲା ସବୁଜ ଖାଦ୍ୟ ବା ଘାସ । ଏହି ତନ୍ତୁଜାତୀୟ ସବୁଜ ଖାଦ୍ୟ ଖାଇ ହଜମ କରିବା ପାଇଁ ସେମାନଙ୍କର ପାକସ୍ଥଳୀ ୪ଗୋଟି ଚାମ୍ବର ବା କୋଠରି – ରୁମେନ, ରେଟିକୁଲମ୍, ଓମାଜମ୍ ଓ ଆବୋମାଜସ୍‌କୁ ନେଇ ଗଠିତ । ତନ୍ତୁଜାତୀୟ ସବୁଜ ଘାସକୁ ବିଘଟନ କରି ହଜମ କରିବା ପାଇଁ ତନ୍ମଧ୍ୟରେ ଥିବା ଅଣୁଜୀବ ବା ମାଇକ୍ରୋଫ୍ଲୋରା (ଉପକାରୀ ଜୀବାଣୁ) ଓ ଫନା (ଏକକୋଷୀ ଜୀବ) ସାହାଯ୍ୟ କରନ୍ତି । ଦେଖାଯାଇଛି ଯେ, ଗୋପାଳନ ପାଇଁ ମୋଟ ଖର୍ଚ୍ଚର ଶତକଡ଼ା ୬୦ ରୁ ୬୫ ଭାଗ ଖାଦ୍ୟରେ ଖର୍ଚ୍ଚ ହୋଇଥାଏ । ଭଲ ସବୁଜ ଖାଦ୍ୟ ଖାଇଲେ ଗୋରୁଙ୍କର ସ୍ୱାସ୍ଥ୍ୟ ଭଲ ରହେ ଏବଂ ଦୁଆଁଳିଆ ଗାଈ ଭଲ କ୍ଷୀର ଦିଅନ୍ତି । ସବୁଜ ଖାଦ୍ୟରେ ଜୀବସାର 'କ' ଓ ଖାଦ୍ୟସାର ଭରପୂର ରହିଥିବାରୁ ଗୋରୁ ଏହା ଖାଇବାକୁ ବେଶ୍ ଭଲ ପାଆନ୍ତି ଏବଂ ସହଜରେ ହଜମ କରିପାରନ୍ତି । ଗାଈ ବା ଛଡ଼ାଙ୍କୁ ସବୁଜ ଗୋଖାଦ୍ୟ ଖାଇବାକୁ ଦେଲେ ସେମାନଙ୍କର ପ୍ରଜନନ ଦକ୍ଷତା ବୃଦ୍ଧିପାଇବା ଯୋଗୁ ସେମାନେ ଖୁବ୍ ଶୀଘ୍ର ଠିକ୍ ସମୟରେ ଗରମରେ ଆସି ଗର୍ଭବତୀ ହୁଅନ୍ତି । ଏହା ସହ ସେମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବୃଦ୍ଧି ପାଇଥାଏ ।

ବର୍ଷାଦିନିଆ ଗୋଖାଦ୍ୟ ଫସଲ ଚାଷକୁ ସାଧାରଣତଃ ୩ ଭାଗରେ ବିଭକ୍ତ କରାଯାଇଥାଏ । ୧. ଋତୁକାଳୀନ ଫସଲ, ୨. ସବୁଦିନିଆ ଫସଲ, ୩. ଗୋଖାଦ୍ୟ ଗଛ।

**ଋତୁକାଳୀନ ଫସଲ :** ଏ ପ୍ରକାର ସବୁଜ ଗୋଖାଦ୍ୟ ଫସଲକୁ ବର୍ଷା ଓ ଶୀତକାଳୀନ ଫସଲ ହିସାବରେ କରାଯାଏ । ଖରିଫ ବା ବର୍ଷାଋତୁରେ ସବୁଜଘାସ ଫସଲର ମାନ ବା ନିହିତ ଖାଦ୍ୟସାର ହିସାବରେ ୨ ଭାଗରେ ବିଭକ୍ତ । ଯଥା– (୧) ଶସ୍ୟଜାତୀୟ ଫସଲ ଯଥା –ମକା, ବାଜରା, ଜୁଆର (ଜହ୍ନା), ଟିଓସେଣ୍ଟ, ଗଡ଼ଗଡ଼ (କଏକ୍ସ) ଇତ୍ୟାଦି। (୨) ଛୁଇଁଜାତୀୟ ଫସଲ ଯଥା – ବରଗୁଡ଼ି, ଡଙ୍ଗରରାଣୀ, ଗୁଆଁର ଇତ୍ୟାଦି।

**ସବୁଦିନିଆ ଫସଲ :** ଏହି ପ୍ରକାର ସବୁଜ ଗୋଖାଦ୍ୟ ଫସଲକୁ ବର୍ଷା ସାରା ଅମଳକରି ଗୋରୁଙ୍କୁ ଖୁଆଯାଇପାରିବ। ଏହି ପ୍ରକାର ଫସଲ ମଧ୍ୟ ୨ ଭାଗରେ ବିଭକ୍ତ। (୧) ଶସ୍ୟଜାତୀୟ ଫସଲ ଯଥା – ସଙ୍କର ହାତିଆ, ଏନ୍‌ବି–୨୧, ସିଓ –୧, ସିଓ–୩, କଙ୍ଗୋସିଗ୍‌ନାଲ, ମୋଲାସେସ୍, ହିମିଡିକୋଲା, ପାରା ଘାସ ଫସଲ ଇତ୍ୟାଦି। (୨) ଛୁଇଁଜାତୀୟ ଫସଲ ଯଥା– ବରଗୁଡ଼ି, ଷ୍ଟାଇଲୋ, ସେଣ୍ଟ୍ରୋ, ସିରାଟ୍ରୋ ଇତ୍ୟାଦି।






"ଗୋପାଳନ ପାଇଁ ମୋଟ ଖର୍ଚ୍ଚର ଶତକଡ଼ା ୬୦ ରୁ ୬୫ ଭାଗ ଖାଦ୍ୟରେ ଖର୍ଚ୍ଚ ହୋଇଥାଏ । ଭଲ ସବୁଜ ଖାଦ୍ୟ ଖାଇଲେ ଗୋରୁଙ୍କର ସ୍ୱାସ୍ଥ୍ୟ ଭଲ ରହେ ଏବଂ ଦୁଆଁଳିଆ ଗାଈ ଭଲ କ୍ଷୀର ଦିଅନ୍ତି । ସବୁଜ ଖାଦ୍ୟରେ ଜୀବସାର 'କ' ଓ ଖାଦ୍ୟସାର ଭରପୂର ରହିଥିବାରୁ ଗୋରୁ ଏହା ଖାଇବାକୁ ବେଶ୍ ଭଲ ପାଆନ୍ତି ଏବଂ ସହଜରେ ହଜମ କରିପାରନ୍ତି । ଗାଈ ବା ଛଡ଼ାଙ୍କୁ ସବୁଜ ଗୋଖାଦ୍ୟ ଖାଇବାକୁ ଦେଲେ ସେମାନଙ୍କର ପ୍ରଜନନ ଦକ୍ଷତା ବୃଦ୍ଧିପାଇବା ଯୋଗୁ ସେମାନେ ଖୁବ୍ ଶୀଘ୍ର ଠିକ୍ ସମୟରେ ଗରମରେ ଆସି ଗର୍ଭବତୀ ହୁଅନ୍ତି । ଏହା ସହ ସେମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବୃଦ୍ଧି ପାଇଥାଏ ।"

**ଗୋଖାଦ୍ୟ ଗଛ :** ସୁବାବୁଲ, ବାର୍ଡଲୁସର୍ନ, କଞ୍ଚନ, ବଡ଼ଚାଖୁଣ୍ଡା ଇତ୍ୟାଦି।

**ମୃତ୍ତିକା ଓ ଜଳବାୟୁ :** ଉଚ୍ଚ ନିଗିଡ଼ା ବାଲିଆ ଦୋରସା ମାଟିରେ ହାତିଆ ଘାସ, ଗିନି ଘାସ, ମକା, ବାଜରା, ଜୁଆର ଘାସ ଚାଷ ପାଇଁ ବେଶ୍ ଉପଯୋଗୀ। ପାଣି ଜମୁଥିବା ଓଦା ସନ୍ତସନ୍ତିଆ ସ୍ଥାନରେ ପାରା ଘାସ ଲଗାଇଲେ ଭଲ। ବାଲିଆ ଦୋରସା ମାଟିରେ ବରଗୁଡ଼ି, ଗୁଆଁର, ଦୀନନାଥ ପ୍ରଭୃତି ଘାସ ଫସଲ କଲେ ଭଲ ହୁଏ । ଲୁଣିମାଟି ଅଞ୍ଚଳରେ ବାଜରା, ରୋଡସ, ଜୁଆର ଆଦି ଘାସ ଫସଲ କରିବା ଉଚିତ । ଜଳଛାୟା ଅଞ୍ଚଳରେ ଷ୍ଟାଇଲୋ ଚାଷ ଭଲ ହୁଏ। ଉଷ୍ମ ଓ ଆର୍ଦ୍ର ଜଳବାୟୁ ସବୁଦିନିଆ ଓ କେତେକ ଋତୁକାଳୀନ ଘାସ ଚାଷ ପାଇଁ ଅନୁକୂଳ। ଜଳବାୟୁ ଓ ମାଟିରେ ଉଷ୍ମତା ଦୃଷ୍ଟିରୁ ବର୍ଷା ଓ ଖରାଦିନେ ସବୁଦିନିଆ ଘାସ ଚାଷରୁ ଅଧିକ ଅମଳ ମିଳେ।

**ଜମି ପ୍ରସ୍ତୁତି :** ହାତିଆ ଓ ଗିନି ଘାସ ଫସଲ ପାଇଁ ପ୍ରଥମେ ୩/୪ ଓଡ଼ ଗଭୀର ଚାଷ କରିବାକୁ ପଡ଼ିଥାଏ । ତା'ପରେ ଜମିକୁ ମଇଦେଇ ମାଟିକୁ ସମତୁଲ କରାଯାଏ । ମାଟି ସମତୁଲ ହେବା ପରେ ଧାଡ଼ିକୁ ଧାଡ଼ି ୩ ଫୁଟ ଓ ଗଛକୁ ଗଛ ୨.୫ ଫୁଟ ବ୍ୟବଧାନରେ ୧୫ ସେ.ମି. ଗଭୀରତାର ଗର୍ତ୍ତ ଖୋଳି ସେଥିରେ ଏକର ପ୍ରତି ୧୦ ଗାଡ଼ି ଶଢ଼ା ଗୋବର ଖତ ଦେଇ ଜମି ପ୍ରସ୍ତୁତକରି ରଖାଯାଏ । ଏହାପରେ ବର୍ଷା ଆରମ୍ଭରେ ସେହି ଗର୍ତ୍ତ ବା ମନ୍ଦାରେ କାଣ୍ଡ ବା ମୂଳ ଖଣ୍ଡଗୁଡ଼ିକୁ ତେରଛା ଭାବରେ ଲଗାଯାଏ । କିନ୍ତୁ ପାରା ଘାସ ଜମିହୁଡ଼ା, କେନାଲ ବା ପୋଖରୀ ବନ୍ଧ, ସନ୍ତସନ୍ତିଆ ବା ପାଣି ଜମୁଥିବା ସ୍ଥାନରେ ପୋତିଦେଲେ ତାହା ଆପେ ଆପେ ମାଡ଼ିଯାଏ। ମକା, ବାଜରା, ଜୁଆର, ମିଠାସୁଡାନ, ଏସ୍‌ପିଚେରୀ, ବରଗୁଡ଼ି ଇତ୍ୟାଦି ପାଇଁ କେବଳ ମାଟି ବା ଜମିକୁ ୩/୪ ଓଡ଼ ହଳକରି ମାଟିକୁ ଗୁଣ୍ଡ କରିବାକୁ ପଡେ। ଚାଷ ସମୟରେ ମାଟିରୁ ସମସ୍ତ ଅନାବନା ଘାସ ବାଛି ବାହାର କରିଦେବା ଦରକାର। ଷ୍ଟାଇଲୋ ଫସଲ ସବୁ ମୃତ୍ତିକାରେ ଚାଷ କରିହେବ । ଡାଲୁ ବା ଗଡ଼ାଣିଆ ଜମିରେ ମଞ୍ଜି ବୁଣିବା ପୂର୍ବରୁ ଜମିକୁ ଛୋଟ ଛୋଟ ପରିରେ ଭାଗ କରିବା ଆବଶ୍ୟକ ।

**ଖତସାର :** ସବୁଦିନିଆ ଘାସ ଫସଲ ଜମିରେ ୪–୫ ବର୍ଷ ପର୍ଯ୍ୟନ୍ତ ରହୁଥିବାରୁ ଅଧିକ ଖତସାରର ଆବଶ୍ୟକ ହୋଇଥାଏ। ମନ୍ଦାଗୁଡ଼ିକ ବା ଜମିରେ ଏକର ପିଛା ୧୦/୧୨ ଶଗଡ଼ ବା ୪ ଟ୍ରାକ୍ଟର ଟ୍ରଲି ଗୋବରଖତ ବା କମ୍ପୋଷ୍ଟ ଦିଆଯାଏ । ଏଥିସହ ଏକର ପ୍ରତି ୧୦୦ କି.ଗ୍ରା. ସିଙ୍ଗଲ ସୁପର ଫସଫେଟ୍ ଓ ୧୫ କି.ଗ୍ରା. ପଟାସ ସାର ଦେବାକୁ ପଡ଼ିଥାଏ। ପ୍ରଥମ ଲଗାଇବାର ୩୦ ଦିନ ମଧ୍ୟରେ ଓ ପ୍ରତିଥର ଘାସ ଫସଲ ଅମଳକରି ନେଲା ପରେ ଏକର ପିଛା ୫୦ କି.ଗ୍ରା. ୟୁରିଆ ସାର ପ୍ରୟୋଗ କରାଯାଏ । ଗୁହାଳର ଆବର୍ଜନା ମିଶା ପାଣି ଓ ଗୋମୂତ୍ର ପାରାଘାସ କିଆରିରେ ଛାଡ଼ିଦେଲେ ପାରା ଫସଲ ଭଲ ହୁଏ । ଅନ୍ୟାନ୍ୟ ସବୁଜ ଗୋଖାଦ୍ୟ ଫସଲ ଯଥା – ମକା, ବାଜରା, ଜୁଆର ଇତ୍ୟାଦି ପାଇଁ ୫ ରୁ ୧୦ ଶଗଡ଼ ଗୋବର ଖତ ଦରକାର । ଚାଷ ପୂର୍ବରୁ ଏହାକୁ ବିଛାଇ ଜମିଚାଷ କରାଯାଏ। ମଞ୍ଜି ବୁଣିବା ପୂର୍ବରୁ ୬୦ କି.ଗ୍ରା. ଆମୋନିୟମ୍ ସଲ୍‌ଫେଟ୍ ବ୍ୟବହାର କରିବା ଆବଶ୍ୟକ । ଗଛର ଉଚ୍ଚତା ଆଣ୍ଠୁଏ ବା ୩ ସପ୍ତାହ ହୋଇଗଲେ ଆଉ ୬୦ କି.ଗ୍ରା. ଆମୋନିୟମ୍ ସଲ୍‌ଫେଟ୍ ସାର ଏକର ପିଛା ଜମିରେ ପକାନ୍ତୁ । ବରଗୁଡ଼ି, ଗୁଆଁର ଆଦି ବୁଣିବା ପୂର୍ବରୁ ୫ ଶଗଡ଼ ଗୋବରଖତ ଓ ୨୫ କି.ଗ୍ରା. ଆମୋନିୟମ ସଲ୍‌ଫେଟ୍ ସାର ଏକର ପିଛା ଜମିରେ ପ୍ରୟୋଗ କରନ୍ତୁ । ଷ୍ଟାଇଲୋ ଫସଲ ପାଇଁ ଏକର ପ୍ରତି ୧୦ ଗାଡ଼ି ଖତ, ୮ କି.ଗ୍ରା. ଯବକ୍ଷାରଜାନ, ୨୪ କି.ଗ୍ରା. ଫସ୍‌ଫରସ୍ ଓ ୮ କି.ଗ୍ରା. ପଟାସ୍ ସାର ଶେଷ ଓଡ଼ ଚାଷ ବେଳେ ପ୍ରୟୋଗ କରନ୍ତୁ। ପ୍ରତିଥର ଫସଲ ଅମଳ କରିବା ପରେ ଏକର ପ୍ରତି ୮ କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କଲେ ଅଧିକ ଫସଲ ମିଳେ। (କ୍ରମଶଃ..)

–ଅତିରିକ୍ତ ନିର୍ଦ୍ଦେଶକ (ପ୍ରାଣୀ ସମ୍ପଦ ବିକାଶମ), ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ
ମୋ : ୯୪୩୭୬୦୭୩୧୨

## କଲମୀ ଗଛ ରୋପଣ

ଆମ୍ବ, ନଡ଼ିଆ, ପିଜୁଳି, ସପେଟା, ଲିଚୁ, ପଣସ, ସଜନା, ଅମୃତଭଣ୍ଡା, କମଳା, ଲେମ୍ବୁ ଆଦିର ଉନ୍ନତ ବା ସଙ୍କର କିସମ ଗଛ କିମ୍ବା କଲମୀ ଗଛ ଆଣି ଅନୁମୋଦିତ ପ୍ରଣାଳୀରେ ରୋପଣ କରନ୍ତୁ । କଲମୀ ଚାରାର ମାଆ ଗଛ ଅଂଶରୁ ବାହାରୁଥିବା ସମସ୍ତ ଗଜା ଡାଳକୁ ନଷ୍ଟ କରିଦିଅନ୍ତୁ । ଫଳ ବଗିଚାରୁ ଘାସ ଓ ଅନାବନା ଗଛ ନଷ୍ଟ କରି ସଫାସୁତୁରା ରଖନ୍ତୁ । ପ୍ରଥମ ଦଫା ସାରକୁ ଏହି ସମୟରେ ଗଛମୂଳରେ ପ୍ରୟୋଗ କରନ୍ତୁ । ଦରକାର ଅନୁଯାୟୀ ଫଳ ଗଛରେ କାଟଛାଣ୍ଟ କରନ୍ତୁ ଓ ବୋର୍ଡୋପେଷ୍ଟକୁ ପ୍ରଲେପ ଦିଅନ୍ତୁ । ଗଛ ମୂଳରୁ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ ।



## ମିଶ୍ରିତ ଚାଷ ଦେଇଛି ପରିଚୟ


ନିଜ ପରିବା ବାଡିରେ ଶୁକଦେବ ।

### ସଫଳ ଚାଷୀ
### ଶୁକଦେବ ଶିଅଳ

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ମଇତାପୁର ପଞ୍ଚାୟତ ଅଧୀନ ରାମବିନ୍ଧା ଗ୍ରାମର ଶୁକଦେବ ଶିଅଳ। ମିଶ୍ରିତ ଚାଷ କରି ସେ ସ୍ଥାନୀୟ ଅଞ୍ଚଳରେ ପ୍ରେରଣାର ଉତ୍ସ ସାଜିଛନ୍ତି। ସେ ନିଜର ୨ଏକର ୧୬ଗୁଣ୍ଠ ଜମିରେ ଫସଲ ଚାଷକରି ସଫଳତା ହାସଲ କରିଛନ୍ତି। ଏଥିରୁ ଉପାର୍ଜିତ ଅର୍ଥରେ ସେ ପରିବାର ଚଳାଇବା ସହ ଚାଷରେ ମଧ୍ୟ ବିନିଯୋଗ କରୁଛନ୍ତି। ନିଜର ଏଭଳି ଆଭିମୁଖ୍ୟ ବିଷୟରେ ଶୁକଦେବ କହନ୍ତି, "ମୁଁ ୧ଏକର ଜମିରେ ଧାନ ଚାଷ କରିଛି। ଅବଶିଷ୍ଟ ୧୬ଗୁଣ୍ଠ ଜମିରେ ପୋଖରୀ ଓ ଅବଶିଷ୍ଟ ୧ଏକର ଜମିରେ ବିଭିନ୍ନ କିସମର ଫଳ ଓ ପନିପରିବା ଚାଷ ହେଉଛି । ବିଭିନ୍ନ ପରିବା ମଧ୍ୟରେ ଭେଣ୍ଡି, କଲରା, ଖମ୍ବଆଳୁ, ବୋଇତାଳୁ, ବାଇଗଣ, ଜହ୍ନି, ବିଭିନ୍ନ ଶାଗ, କାକୁଡି, ହଳଦୀ, ଲଙ୍କା, ଓଲ, ସଜନା, କଦଳୀ, ଲେମ୍ବୁ, ଅମୃତଭଣ୍ଡା ଓ ବିଭିନ୍ନ ଫଳ ମଧ୍ୟରେ ନାଡକୋଳି, ସପେଟା, ପାନ, ଗୁଆ, ପିପ୍ପଳି, ଆମ୍ବ, ପଣସ, ଅଁଳା, କରମଙ୍ଗା, ପିଜୁଳି ଇତ୍ୟାଦି ଲଗାଯାଇଛି। ଏହି ଫସଲଗୁଡିକର ସୁରକ୍ଷା ପାଇଁ ମନ୍ଦାର ଫୁଲର ବାଡ କରାଯାଇଛି । କେବଳ ସେତିକି ନୁହେଁ, ଘର ଚାରିପଟେ ଆକାଶୀ ଗଛ ମଧ୍ୟ ଲଗାଇଛି। ପ୍ରତ୍ୟେକ ଗଛଗୁଡିକ ପାଣି ପାଇବା ପାଇଁ ଚାରିପଟେ ନାଳ କରାଯାଇଛି । ଏହି ଚାଷ ମୋତେ ଆଜି ଏକ ନୂତନ ପରିଚୟ ଦେଇଛି। ଯଦି ଜଣେ ଯୋଜନା ମୁତାବକ ପରିଶ୍ରମ କରନ୍ତି, ତେବେ ତାହା କଦାପି ବୃଥା ଯିବନାହିଁ ବୋଲି କହିବି।" ଏଭଳି ଚାଷରୁ ସେ ନିଜେ ତ ଲାଭବାନ୍ ହୋଇଛନ୍ତି, ତା'ସହ ଅନ୍ୟ କେତେକ ବ୍ୟକ୍ତିଙ୍କୁ ମଧ୍ୟ ସ୍ୱରୋଜଗାରକ୍ଷମ କରାଇବାରେ ସକ୍ଷମ ହୋଇଛନ୍ତି। "ଇଚ୍ଛା ଥିଲେ ଉପାୟ ବଳେ ବଳେ ଆସେ। ନିଜର ଚେଷ୍ଟା ଦ୍ୱାରା ଆଜି ମୋତେ ଯେଉଁ ସଫଳତା ମିଳିଛି ତାହାକୁ ଆଧାର କରି ଆଗକୁ ଆଗଉଛି। ମୋ ମତରେ ଆଜିକାଲି ଚାଷ ଦ୍ୱାରା ଜଣେ ସମ୍ପୂର୍ଣ୍ଣ ଭାବରେ ଆତ୍ମନିର୍ଭରଶୀଳ ହୋଇପାରିବ ବୋଲି କହନ୍ତି ଶୁକଦେବ।"

–ସନ୍ତୋଷ କୁମାର ନାୟକ

## ମାଛ ଯାଆଁଳ ଛାଡୁଥିଲେ..

ମାଛଚାଷ ପାଇଁ ପୋଖରୀ ଠିକ୍ ଭାବେ ପ୍ରସ୍ତୁତ ହେଲାପରେ ସଘନ ମାଛଚାଷ ପାଇଁ ବିଭିନ୍ନ ପ୍ରକାର ଯାଆଁଳ ନିର୍ଦ୍ଦିଷ୍ଟ ପରିମାଣ ଓ ଅନୁପାତରେ ଛଡ଼ାଯାଏ। ଜାତିଆ ମାଛ ଯଥା– ରୋହି, ଭାକୁର, ମିରିକାଳି ଏବଂ ବିଦେଶୀମାଛ ରୁପାପେଟୀ (ସିଲ୍‌ଭର କାର୍ପ), ଜଳଖାଇ (ଗ୍ରାସ୍‌କାର୍ପ), ବିଲାତି ରୋହିକୁ ଏକା ସାଙ୍ଗରେ ଚାଷ କରାଯାଏ । କାରଣ ବିଭିନ୍ନ ପ୍ରକାର ମାଛ ଜଳର ବିଭିନ୍ନ ସ୍ତରରୁ ବିଭିନ୍ନ ପ୍ରକାର ଖାଦ୍ୟ ଆହରଣ କରିଥାନ୍ତି। ଭାକୁର ଓ ସିଲ୍‌ଭର କାର୍ପ ଜଳର ଉପର ସ୍ତରରୁ, ରୋହି ଓ ଗ୍ରାସ୍‌କାର୍ପ ମଝି ସ୍ତରରୁ ଏବଂ ମିରିକାଳି ଓ ବିଲାତି ରୋହି ଜଳର ତଳସ୍ତରରୁ ସେମାନଙ୍କ ଖାଦ୍ୟ ସଂଗ୍ରହ କରିଥାନ୍ତି । ଫଳରେ ସେମାନେ ପରସ୍ପରର କ୍ଷତି ନ କରି ପୋଖରୀର ସମସ୍ତ ସ୍ତର ଉପଯୋଗ କରି ସୁଚାରୁ ରୂପେ ବଢ଼ିଥାନ୍ତି । ଏଣୁ ପୋଖରୀରେ ମିଳୁଥିବା ଖାଦ୍ୟ ଓ ସ୍ଥାନର ପୂର୍ଣ୍ଣ ବିନିଯୋଗ ହୋଇଥାଏ । ଏହି ପ୍ରଣାଳୀରେ ହେଉଥିବା ମାଛଚାଷକୁ ସଘନ ମାଛଚାଷ କୁହାଯାଏ । କିନ୍ତୁ ଗୋଟିଏ ପ୍ରଜାତିର ମାଛ ଛାଡ଼ିଲେ କେବଳ ଗୋଟିଏ ନିର୍ଦ୍ଦିଷ୍ଟ ସ୍ତରର ଖାଦ୍ୟ ବ୍ୟବହାର ହେବ ଏବଂ ଅନ୍ୟ ଦୁଇ ସ୍ତରର ଖାଦ୍ୟ ବ୍ୟବହାର ହୋଇପାରିବ ନାହିଁ । ଫଳରେ ମାଛ ଉତ୍ପାଦନ କମିଯିବ । ତେଣୁ ସର୍ବଦା ସଘନ ପ୍ରଣାଳୀରେ ୩ ଟି, ୪ଟି କିମ୍ବା ଆବଶ୍ୟକତା ଅନୁସାରେ ସମସ୍ତ ୬ଟି ପ୍ରଜାତିର (୩ ଟି ଜାତୀୟ ଏବଂ ୩ ଟି ବିଦେଶୀ) ମାଛଚାଷ କଲେ ଅଧିକ ଉତ୍ପାଦନ ମିଳିପାରିବ ।



## ତଳି କିଆରି ପ୍ରସ୍ତୁତି

ଅନୁମୋଦିତ ପ୍ରଣାଳୀରେ ତଳିଘରା ପ୍ରସ୍ତୁତ କରନ୍ତୁ । ଏକ ହେକ୍ଟର ଜମି ପାଇଁ ୨୫ ଡେସିମିଲି ଜମିରେ ତଳି ପକାନ୍ତୁ । ତଳି କିଆରିକୁ ଭଲ ଭାବରେ ଚାଷକରି ସେଥିରେ ୪୦ ଝୁଡ଼ି ଖତ ଦେଇ ୧ ମିଟର ଓସାର ଏବଂ ୧୫ ସେ.ମି. ଉଚ୍ଚ ପଟାଳି କରନ୍ତୁ । ପଟାଳି ଗୁଡ଼ିକର ଲମ୍ବା ସୁବିଧା ଅନୁଯାୟୀ କରନ୍ତୁ । ଦୁଇ ପଟାଳି ମଝିରେ ୩୦ ସେ.ମି. ଓସାର ନାଳ ଛାଡ଼ିବେ, କାରଣ ସେହି ନାଳଦେଇ ବେଶି ବର୍ଷା ହେଲେ ପାଣି ନିଗିଡ଼ିଯିବ ଏବଂ ଯିବା ଆସିବା ମଧ୍ୟ କରିହେବ । ତଳିଘରାରେ ୫ କି.ଗ୍ରା. ଫସ୍‌ଫରସ୍ ଓ ୫ କି.ଗ୍ରା. ପଟାସ ଖାଦ୍ୟସାରକୁ ଭଲ ଭାବରେ ପଟାଳିଗୁଡ଼ିକରେ ମିଶାଇ ସେଥିରେ ୫ ସେ.ମି. ଛଡ଼ାରେ ଧାଡ଼ି ଧାଡ଼ି କରି ବିହନ ବୁଣି ଘୋଡ଼ାଇ ଦିଅନ୍ତୁ । ବର୍ଷା ନ ହେଲେ ପଟାଳିରେ ପାଣି ସିଞ୍ଚିବେ । ବିହନକୁ ଫିମ୍ପିନାଶକରେ ବିଶୋଧନକରି ପଟାଳିରେ ବୁଣନ୍ତୁ । ସହଳ କିସମର ଧାନତଳି ୨୦–୨୨ ଦିନର ଓ ବିଳମ୍ବ କିସମ ଧାନତଳି ୨୫–୩୦ ଦିନର ହେଲେ ରୋଇ ଦିଅନ୍ତୁ । ବୁଣାଧାନ ୩୦–୪୫ ଦିନ ହୋଇଥିଲେ ବେଉଷଣ କାମ ଶୀଘ୍ର ସାରି ଦିଅନ୍ତୁ ଓ ଅନୁମୋଦିତ ସାର ପ୍ରୟୋଗ କରନ୍ତୁ । ଜମିରେ ୫ ସେ.ମି. ପାଣି ରଖି ଗୋଜି ଲଙ୍ଗଳ ଦ୍ୱାରା ବେଉଷଣ କରନ୍ତୁ । ଗଛ ସଂଖ୍ୟା ଅଧିକ ଥିଲେ ସଘନ ବେଉଷଣ କରନ୍ତୁ । ବେଉଷଣ ସମୟରେ ସମସ୍ତ ଅନୁମୋଦିତ ଫସ୍‌ଫରସ୍ ଓ ପଟାସ୍ ଖାଦ୍ୟସାର ସହ ଅର୍ଦ୍ଧେକ ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ଧଣିଚା ବୁଣାଯାଇଥିଲେ ହେକ୍ଟର ପ୍ରତି ୫୦୦ ଗ୍ରାମ୍ ୨,୪–ଡି ସୋଡିୟମ୍ ସଲ୍ଟ ପ୍ରୟୋଗକରି ଧଣିଚା ମରିଗଲା ପରେ ଜମିରେ ଚାଷକରି ମାଟିରେ ମିଶାଇ ଦିଅନ୍ତୁ କିମ୍ବା ଧଣିଚାକୁ (ଫୁଲ ହେବା ପୂର୍ବରୁ) ସିଧାସଳଖ ହଳ ଦ୍ୱାରା ମାଟିରେ ମିଶାଇ ଦିଅନ୍ତୁ। ଏହା ଧଣିଚା ବୁଣାର ୬ ରୁ ୭ ସପ୍ତାହ ବେଳକୁ କରାଯାଏ। ଜୁଲାଇ ମଧ୍ୟଭାଗରୁ ଧାନ ରୋଇବା ଆରମ୍ଭ କରନ୍ତୁ। ଜମି କାଦୁଅ ପାଇଁ ଟ୍ରାକ୍ଟର ଚାଳିତ ପଡଲର ବ୍ୟବହାର କରନ୍ତୁ ଏବଂ ଟ୍ରାକ୍ଟର ଚାଳିତ ଧାନରୁଆ ଯନ୍ତ୍ର ସାହାଯ୍ୟରେ ଧାନ ରୋଇଲେ ଶ୍ରମଜନିତ ଖର୍ଚ୍ଚ କମାଇପାରିବେ । ଧାନରୁଆ ଯନ୍ତ୍ର ପାଇଁ ପଲିଥିନ୍‌ରେ ମ୍ୟାଟ୍ ତଳିଘରା କରି ତଳି ଉତାରନ୍ତୁ । ସଘନ ଧାନଚାଷ (ଶ୍ରୀ ପ୍ରଣାଳୀ) ପାଇଁ ଖାଦ୍ୟସାର ପରିପୂର୍ଣ୍ଣ (ଜୈବିକ ଖତ) ତଳିଘରା କରି ତଳି ଉତାରନ୍ତୁ। ଆବଶ୍ୟକ ସ୍ଥଳେ ଡ୍ରମ୍ ସିଡ୍‌ର ବ୍ୟବହାରକରି କାଦୁଅ ଜମିରେ ଗଜା ହୋଇଥିବା ଧାନ ବୁଣନ୍ତୁ ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ଜୁଲାଇ ୧୯/୨୦୨୩ Bhubaneswar, Wednesday, July 19/ 2023







କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜିମ୍ନାଷ୍ଟିକ୍ସ ହାଇପରଫର୍ମାନ୍ସ ସେଣ୍ଟର ଓ ହକି ହାଇପରଫର୍ମାନ୍ସ ସେଣ୍ଟରର ନୂଆ କମ୍ପ୍ଲେକ୍ସ ଉଦ୍‌ଘାଟନ କରୁଛନ୍ତି। କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ସହ ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ ଇଣ୍ଡିଆ, ଟାଟା ଗ୍ରୁପ୍ ଓ ରାଜ୍ୟ ସରକାରଙ୍କ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

# 'ଓଡ଼ିଶାର ସ୍ପୋର୍ଟିଂ ଇକୋସିଷ୍ଟମ ସୁଦୃଢ଼ ହୋଇଛି'

- ■ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କଳିଙ୍ଗରେ ଜିମ୍ନାଷ୍ଟିକ୍ସ, ହକି ହାଇ ପରଫର୍ମାନ୍ସ ସେଣ୍ଟର ଉଦ୍‌ଘାଟିତ
- ■ ଟାଟା ଗ୍ରୁପ୍ ସହଯୋଗରେ ଆର୍ଚେରୀ ଓ ସ୍ପୋର୍ଟ୍ସ କ୍ଲାଇମ୍ବିଂ ହାଇ ପରଫର୍ମାନ୍ସ ସେଣ୍ଟର ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା
- ■ ଏଏମ୍/ଏନ୍ଏସ୍ ସହ ପାର୍ଟନରଶିପ୍‌ରେ ହୋଇଛି ଜିମ୍ନାଷ୍ଟିକ୍ସ ହାଇପରଫର୍ମାନ୍ସ ସେଣ୍ଟର
- ■ ଏସିଆନ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଓଡ଼ିଆ ଜିମ୍ନାଷ୍ଟ ରାକେଶ ପାତ୍ର ଓ ତପନ ମହାନ୍ତିଙ୍କୁ ୧୦ ଲକ୍ଷ ଲେଖାଏ ଆର୍ଥିକ ପୁରସ୍କାର

ଭୁବନେଶ୍ୱର, ୧୮।୭
(ତପନ ସ୍ୱାଇଁ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମରେ ଜିମ୍ନାଷ୍ଟିକ୍ସ ହାଇପରଫର୍ମାନ୍ସ ସେଣ୍ଟର ଓ ହକି ହାଇପରଫର୍ମାନ୍ସ ସେଣ୍ଟରର ନୂଆ କମ୍ପ୍ଲେକ୍ସ ଉଦ୍‌ଘାଟନ କରିଛନ୍ତି। ଓଡ଼ିଶା ସରକାର ଓ ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ ଇଣ୍ଡିଆର ମିଳିତ ଉଦ୍ୟମରେ ଜିମ୍ନାଷ୍ଟିକ୍ସ ହାଇପରଫର୍ମାନ୍ସ ସେଣ୍ଟର ପ୍ରତିଷ୍ଠା ହୋଇଛି। ସେହିପରି ହକି ହାଇପରଫର୍ମାନ୍ସ ସେଣ୍ଟର ସରକାର ଏବଂ ଟାଟା ଷ୍ଟିଲ୍ ଓ ଟାଟା ଟ୍ରଷ୍ଟର ପାର୍ଟନରଶିପ୍‌ରେ ପ୍ରତିଷ୍ଠା ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏସିଆନ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଦୁଇ ଓଡ଼ିଆ ଜିମ୍ନାଷ୍ଟ ରାକେଶ ପାତ୍ର ଓ ତପନ ମହାନ୍ତିଙ୍କୁ ୧୦ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରିଥିଲେ।

"କ୍ରୀଡ଼ାରେ ଉତ୍କର୍ଷ ପାଇଁ ଓଡ଼ିଶା ଭାଗୀଦାରି ମଡେଲକୁ ଅନୁସରଣ କରୁଛି। ନୂଆ ହକି ହାଇପରଫର୍ମାନ୍ସ ସେଣ୍ଟର ଓ ଜିମ୍ନାଷ୍ଟିକ୍ସ ହାଇପରଫର୍ମାନ୍ସ ସେଣ୍ଟର ଉଦ୍‌ଘାଟନ ହେବାଦ୍ୱାରା ଓଡ଼ିଶାର ସ୍ପୋର୍ଟିଂ ଇକୋସିଷ୍ଟମ ଅଧିକ ଦୃଢ଼ ହୋଇଛି। ଏହା ଆଥ୍‌ଲେଟଙ୍କ ସାମର୍ଥ୍ୟ ବଢ଼ାଇବା ସହ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାଗୁଡ଼ିକରେ ଭଲ ପ୍ରଦର୍ଶନରେ ସହାୟକ ହେବ। ଏହି ଦୁଇ ନୂଆ ସେଣ୍ଟର ଲୁକ୍କାୟିତ ପ୍ରତିଭାଙ୍କୁ ଖୋଜି ବାହାର କରିବା ସହ ପଦକ ବିଜୟୀ ଆଥ୍‌ଲେଟରେ ପରିଣତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ" ବୋଲି ମୁଖ୍ୟମନ୍ତ୍ରୀ ନିଜ ବକ୍ତବ୍ୟରେ ପ୍ରକାଶ କରିଛନ୍ତି। ଭାରତୀୟ ଜିମ୍ନାଷ୍ଟଙ୍କ ଉଦ୍ଦେଶ୍ୟରେ ଜିମ୍ନାଷ୍ଟିକ୍ସ ହାଇପରଫର୍ମାନ୍ସ ସେଣ୍ଟରକୁ ଉତ୍ସର୍ଗ କରିବା ସହ ମୁଖ୍ୟମନ୍ତ୍ରୀ ଆହୁରି କହିଲେ, "ଜିମ୍ନାଷ୍ଟିକ୍ସର ବିକାଶ ପାଇଁ ଓଡ଼ିଶା ପ୍ରତିଶ୍ରୁତିବଦ୍ଧ। ଆମ ରାଜ୍ୟ ଏବଂ ଏଏମ୍/ଏନ୍ଏସ୍ ଇଣ୍ଡିଆ ମିଳିତଭାବେ ଜିମ୍ନାଷ୍ଟିକ୍ସର ବିକାଶ ପାଇଁ ଆଗେଇ ଆସିବାରେ ମୁଁ ଆନନ୍ଦିତ। ଏହି ପାର୍ଟନରଶିପ୍ ଦୀର୍ଘଦିନଧରି ରହିବ ଏବଂ ଦେଶରେ ଜିମ୍ନାଷ୍ଟିକ୍ସ ଇକୋସିଷ୍ଟମରେ କମ୍ପନ ସୃଷ୍ଟି କରିବ"। ସେହିପରି ହକି ହାଇପରଫର୍ମାନ୍ସ ସେଣ୍ଟର ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଲେ ଯେ "ଏଚ୍‌ପିସିରେ ଏପରିକି ତୃଣମୂଳ ସ୍ତରରେ ହକିର ବିକାଶ ପାଇଁ ଟାଟା ଗ୍ରୁପ୍ ସହ ଆମର ଭାଗୀଦାରିରେ ମୁଁ ବହୁତ ଖୁସି। ଏହା ପ୍ରତିଭାଙ୍କୁ ଉପଯୁକ୍ତ ଟ୍ରେନିଂ ସହ ଜାତୀୟ ଦଳ ପାଇଁ ଏଲିଟ ଖେଳାଳିରେ ପରିଣତ କରିପାରିବ। ଉତ୍କୃଷ୍ଟ ଏବଂ ଆଧୁନିକ ଭିତ୍ତିଭୂମି ସହ ଆଥ୍‌ଲେଟମାନେ ଯେପରି ଅଧିକ ଉତ୍କର୍ଷ ଲାଭ କରିପାରିବେ ସେ ଦିଗରେ କାର୍ଯ୍ୟକରିବୁ"। ଭାରତରେ ଜିମ୍ନାଷ୍ଟିକ୍ସର ବିକାଶ ଏବଂ ଓଡ଼ିଶାକୁ ଜିମ୍ନାଷ୍ଟିକ୍ସ ଏକ୍ସିଲେନ୍ସର ଜାତୀୟ ସେଣ୍ଟରଭାବେ ପରିଣତ କରିବା ପାଇଁ ଓଡ଼ିଶା ଏଏମ୍/ଏନ୍ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇପରଫର୍ମାନ୍ସ ସେଣ୍ଟର ପ୍ରତିଷ୍ଠା ହୋଇଛି। ଗତ ଏପ୍ରିଲରେ ମୁଖ୍ୟମନ୍ତ୍ରୀଙ୍କ ଜାପାନ ଗସ୍ତ ଅବସରରେ ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ ସହ ଏମ୍‌ଓୟୁ ସ୍ୱାକ୍ଷର ହୋଇଥିଲା।

ହକି ହାଇପରଫର୍ମାନ୍ସ ପ୍ରୋଗ୍ରାମ ୨୦୧୯ରେ ଆରମ୍ଭ ହୋଇଥିଲା। ଏଥିରେ ବର୍ତ୍ତମାନ ୫୦ ବାଳିକା ଓ ୫୦ ବାଳକ ବିଶେଷଜ୍ଞ କୋଚ୍‌ଙ୍କଠାରୁ ଟ୍ରେନିଂ ନେଉଛନ୍ତି। ଆଗକୁ ଏହି ସଂଖ୍ୟା ବଢ଼ିବ। ୨୦୧୯ରୁ ଓଡ଼ିଶା ଦେଶରେ ହାଇପରଫର୍ମାନ୍ସ ସେଣ୍ଟରର ହବ୍‌ରେ ପରିଣତ ହେବାରେ ଲାଗିଛି। ଏବେ ଓଡ଼ିଶାରେ ଶୁଟିଂ, ହକି, ବ୍ୟାଡ୍‌ମିଣ୍ଟନ, ଭାରୋତ୍ତୋଳନ, ଆଥ୍‌ଲେଟିକ୍ସ, ସ୍ପୋର୍ଟ୍ସ ସାଇନ୍ସ, ସୁଇମିଂ, ଫୁଟବଲ, ଜିମ୍ନାଷ୍ଟିକ୍ସର ହାଇପରଫର୍ମାନ୍ସ ସେଣ୍ଟର ଏବଂ ସ୍ପୋର୍ଟ୍ସମ୍ୟାନେଜମେଣ୍ଟର ସେଣ୍ଟର ଅଫ୍ ଏକ୍ସିଲେନ୍ସ ଉପଲବ୍ଧ। ଟାଟା ଗ୍ରୁପ୍‌ର ସହଯୋଗରେ ଆଗାମୀ ଦିନରେ ଏଠାରେ ଆର୍ଚେରୀ ଓ ସ୍ପୋର୍ଟ୍ସ କ୍ଲାଇମ୍ବିଂର ନୂଆ ହାଇପର୍ଫର୍ମାନ୍ସ ସେଣ୍ଟର ପ୍ରତିଷ୍ଠା ହେବ ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ ଘୋଷଣା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ଉନ୍ନୟନ କମିଶନର ଅନୁ ଗର୍ଗ, କ୍ରୀଡ଼ା ଓ ଯୁବସେବା ବିଭାଗ ସଚିବ ଆର. ଭିନିଲ କ୍ରିଷ୍ଣା, ଏଏମ୍/ଏନ୍ଏସ୍ ଇଣ୍ଡିଆର ଡେପୁଟି ଡାଇରେକ୍ଟର (ଏଚ୍‌ଆର ଓ ଆଡ୍‌ମିନିଷ୍ଟ୍ରେଶନ) କେଜି କୁବୋଟା, ଟାଟା ଷ୍ଟିଲ୍ କର୍ପୋରେଟ ସେବା ଉପସଭାପତି ଚାଣକ୍ୟ ଚୌଧାରୀ, ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।




ରାକେଶ ପାତ୍ର ଓ ତପନ ମହାନ୍ତିଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚେକ୍ ପ୍ରଦାନ କରୁଛନ୍ତି।




# କୃଷ୍ଣଙ୍କ କୀର୍ତ୍ତିମାନ, ଓଡ଼ିଶାକୁ ୪ ପଦକ



କୃଷ୍ଣଚନ୍ଦ୍ର ସାହୁ



ନାରାୟଣ ସେଠୀ



ସୁଜିତ କୁମାର ଗିରି



ଗୀତାଞ୍ଜଳି ନାୟକ

**ଜାତୀୟ ମାଷ୍ଟର୍ସ ଶକ୍ତି ଉତ୍ତୋଳନ**

ଭୁବନେଶ୍ୱର, ୧୮।୭
(ତପନ ସ୍ୱାଇଁ)

ଆନ୍ଧ୍ରପ୍ରଦେଶର ରାଜମଠାରେ ଅନୁଷ୍ଠିତ ଜାତୀୟ ମାଷ୍ଟର୍ସ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶା ୪ଟି ପଦକ ହାସଲ କରିଛି। ୧୩ ଜଣିଆ ଦଳର ଅନ୍ୟତମ ସଦସ୍ୟ କୃଷ୍ଣଚନ୍ଦ୍ର ସାହୁ ମୋଟ ୫୩୫ କେଜି ଉତ୍ତୋଳନ କରି ରୌପ୍ୟ ପଦକ ପାଇଛନ୍ତି। ସେ ସ୍କ୍ୱାଟ୍‌ରେ ୨୨୫ କେଜି ଉତ୍ତୋଳନ କରି ମାଷ୍ଟର-୨ର ୮୩କେଜି ବର୍ଗରେ ଜାତୀୟ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଏହାଛଡ଼ା ମାଷ୍ଟର ବର୍ଗରେ ସେ ତୃତୀୟ ଶ୍ରେଷ୍ଠ ଶକ୍ତି ଉତ୍ତୋଳକ ବିବେଚିତ ହୋଇଛନ୍ତି। ମହିଳା ମାଷ୍ଟର-୨ର ୮୪ କେଜି ବର୍ଗରେ ଗୀତାଞ୍ଜଳି ନାୟକ ରୌପ୍ୟ ପଦକ ପାଇଛନ୍ତି। ସେ ୨୩୦ କେଜି ଉତ୍ତୋଳନ କରିଛନ୍ତି। ମାଷ୍ଟର-୨ର ୫୯କେଜିରେ ସୁଜିତ କୁମାର ଗିରି ମୋଟ ୩୩୨.୫ କେଜି ଉତ୍ତୋଳନ କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେହିପରି ମାଷ୍ଟର-୩ର ୬୬କେଜି ବିଭାଗରେ ନାରାୟଣ ସେଠୀ ୨୫୫ କେଜି ଉତ୍ତୋଳନ କରି ବ୍ରୋଞ୍ଜ ପଦକ ପାଇଛନ୍ତି। ମାଷ୍ଟର-୧ ବର୍ଗର ୭୬ କେଜିରେ ୩୧୫ କେଜି ଉତ୍ତୋଳନ କରି ସମିଷ୍ଠା ସେନାପତି ୪ର୍ଥ ସ୍ଥାନରେ ରହି ଅଳ୍ପକେ ପଦକ ହାସଲରୁ ବଞ୍ଚିତ ହୋଇଛନ୍ତି। ଦଳ ସହ କୋଚ୍ ରାକେଶ ଶତପଥୀ ଓ ମ୍ୟାନେଜର ସତ୍ୟଜିତ ପଟ୍ଟନାୟକ ଆନ୍ଧ୍ର ଯାତ୍ରା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଓଡ଼ିଶା ରାଜ୍ୟ ଶକ୍ତି ଉତ୍ତୋଳନ ସଂଘ ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ ଓ ଅନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି।

# ଦ୍ୱିତୀୟ ଟେଷ୍ଟ ପାଇଁ ୱେଷ୍ଟଇଣ୍ଡିଜ ଦଳ

ପୋର୍ଟ ଅଫ୍ ସ୍ପେନ୍, ୧୮।୭(ପି.ଟି.)

ଗୁରୁବାରଠାରୁ ଆରମ୍ଭ ହେବାକୁ ଥିବା ଭାରତ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟ ପାଇଁ ୱେଷ୍ଟଇଣ୍ଡିଜ ଦଳ ଘୋଷଣା କରାଯାଇଛି। ଏଥିରେ ବ୍ୟାଟିଂ ଅଲ୍‌ରାଉଣ୍ଡର ରାମନ ରିଫରଙ୍କ ସ୍ଥାନରେ ବୋଲିଂ ଅଲରାଉଣ୍ଡର କେଭିନ ସିନ୍‌କ୍ଲେୟାର ସ୍ଥାନ ପାଇଛନ୍ତି। ଡୋମିନିକାଠାରେ ଭାରତ ବିପକ୍ଷରେ ଏକ ଇନିଂସରେ ପରାଜୟ ବରଣ କରିଥିବା ୱେଷ୍ଟଇଣ୍ଡିଜ ଦଳରେ ଏହି ଏକମାତ୍ର ପରିବର୍ତ୍ତନ କରାଯାଇଛି। ସିନ୍‌କ୍ଲେୟାର ୭ ଅନ୍ତର୍ଜାତୀୟ ଦିନିକିଆ ଓ ୬ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି। ଏପର୍ଯ୍ୟନ୍ତ ଗୋଟିଏ ହେଲେ ଟେଷ୍ଟ ମ୍ୟାଚ ଖେଳି ନାହାନ୍ତି। ହେଲେ ଦଳର କେହି ଯଦି ଇଞ୍ଜୁରି ହୁଅନ୍ତି ତେବେ ସେ ଦଳରେ ସ୍ଥାନ ପାଇବେ। ଚଳିତ ବର୍ଷ ପ୍ରାରମ୍ଭରେ ବାଂଲାଦେଶ 'ଏ' ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୱେଷ୍ଟଇଣ୍ଡିଜ 'ଏ' ପାଇଁ ସେ ଅଗ୍ରଣୀ ଉଇକେଟ ହାସଲକାରୀ ବୋଲର ଥିଲେ। ସେ ଆହୁରି ମଧ୍ୟ ଜିମ୍ବାୱେରେ ଅନୁଷ୍ଠିତ ଆଇସିସି ୱାର୍ଲ୍ଡ କପ୍ କ୍ୱାଲିଫାୟରରେ ୱେଷ୍ଟଇଣ୍ଡିଜ ତରଫରୁ ଖେଳିଥିଲେ। ୱେଷ୍ଟଇଣ୍ଡିଜ ଦଳ ଅବଶ୍ୟ ଭାରତରେ ହେବାକୁଥିବା ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିପାରି ନ ଥିଲା। ଗୁରୁବାରଠାରୁ ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ୧୦୦ତମ ଟେଷ୍ଟ ମ୍ୟାଚ ଆରମ୍ଭ ହେବ।

**ୱେଷ୍ଟଇଣ୍ଡିଜ ଦଳ:** କ୍ରେଗ୍ ବ୍ରାଥୱେଟ୍ (ଅଧିନାୟକ), ଜର୍ମେନ ବ୍ଲାକଉଡ୍ (ଉପଅଧିନାୟକ), ଆଲିକ୍ ଅଥାଞ୍ଜେ, ଟାଗେନାରିନ୍ ଚନ୍ଦରପଲ, ରକ୍ଷିମ୍ କର୍ନୱାଲ, ଜୋଶୁଆ ଡା ସିଲ୍‌ଭା (ଉଇକେଟକିପର), ଶାନନ ଗାବ୍ରିଏଲ୍, ଜାସନ ହୋଲ୍ଡର, ଅଲ୍‌ଜାରି ଯୋଶେଫ୍ , କିର୍କ ମ୍ୟାକେଞ୍ଜି, କେଭିନ୍ ସିନ୍‌କ୍ଲେୟାର, କେମର ରୋଚ୍ ଓ ଜୋମେଲ ୱାରିକାନ।




# ଗିନିଜ ୱାର୍ଲ୍ଡ ରେକର୍ଡରେ ସାତ୍ୱିକଙ୍କ ସ୍ମାଶ୍



ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ

ସୋକା(ଜାପାନ),୧୮।୭(ପି.ଟି.)

ବ୍ୟାଡ୍‌ମିଣ୍ଟନରେ ଜଣେ ପୁରୁଷ ଖେଳାଳି ହିସାବରେ ଭାରତର ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଦ୍ରୁତତମ ସ୍ମାଶ୍ ପାଇଁ ଗିନିଜ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଛନ୍ତି। ତାଙ୍କ ସ୍ମାଶ୍‌ର ସ୍ପିଡ୍ ଘଣ୍ଟାପ୍ରତି ୫୬୫ କିଲୋମିଟର ରେକର୍ଡ କରାଯାଇଛି। ନିକଟରେ ତାଙ୍କ ପାର୍ଟନର ଚିରାଗ ଶେଟ୍ଟିଙ୍କ ସହ ଇଣ୍ଡୋନେସିଆ ଓପନ ସୁପର ୧୦୦୦ ଜିତିଥିବା ସାତ୍ୱିକ ଦୀର୍ଘ ଦଶନ୍ଧି ତଳର ରେକର୍ଡକୁ ଭାଙ୍ଗି ଦେଇଛନ୍ତି। ପୂର୍ବରୁ ଏହି ରେକର୍ଡ ମାଲେସିଆର ତାନ ବୁନ୍ ହିଅଙ୍ଗ୍‌ଙ୍କ ନାମରେ ରହିଥିଲା। ୨୦୧୩ ମେ'ରେ ସେ ଘଣ୍ଟା ପ୍ରତି ୪୯୩ କିଲୋମିଟର(ଘଣ୍ଟା ପ୍ରତି ୩୦୬.୩୪ ମାଇଲ) ସ୍ମାଶ କରି ରେକର୍ଡ ପ୍ରତିଷ୍ଠା କରିଥିଲେ। ସାତ୍ୱିକଙ୍କ ସ୍ମାଶ ଫର୍ମୁଲା ଏକ ୱାନ କାର୍‌ରେ ସର୍ବାଧିକ ସ୍ପିଡ୍ ରେକର୍ଡ ଘଣ୍ଟା ପ୍ରତି ୩୭୨.୬ କିଲୋମିଟରକୁ ଅତିକ୍ରମ କରିଯାଇଛି। ଜଣେ ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ଭାବେ ଦ୍ରୁତତମ ସ୍ମାଶ କରିବାରେ ଗିନିଜ ୱାର୍ଲ୍ଡରେକର୍ଡ ମାଲେସିଆର ତାନ୍ ପିଅର୍ଲିଙ୍କ ନାମରେ ରହିଛି। ତାଙ୍କ ସ୍ମାଶର ସ୍ପିଡ୍ ଘଣ୍ଟା ପ୍ରତି ୪୩୮ କିଲୋମିଟର (ପ୍ରାୟ ୨୭୨ ମାଇଲ) ରେକର୍ଡ କରାଯାଇଥିବା ଜାପାନର କ୍ରୀଡ଼ା ସରଞ୍ଜାମ ପ୍ରସ୍ତୁତକାରୀ କମ୍ପାନୀ ୟୋନେକ୍ସ ତରଫରୁ ଘୋଷଣା କରାଯାଇଛି। ଗିନିଜ ୱାର୍ଲ୍ଡ ରେକର୍ଡର ଅଫିସିଆଲ ଜଜ୍‌ମାନଙ୍କ ଉପସ୍ଥିତିରେ ସ୍ପିଡ୍‌ର ମାପ କରାଯାଇଥିଲା। ସାତ୍ୱିକଙ୍କ ସ୍ମାଶ୍‌ର ମାପ ଜାପାନର ସାଇତାମା ଅନ୍ତର୍ଗତ ସୋକାସ୍ଥିତ ୟୋନେକ୍ସ ଫ୍ୟାକ୍ଟ୍ରି ଜିମ୍ନାସିୟମରେ କରାଯାଇଥିଲା।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ